ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୨୪/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Monday, January 24/2022 ★★

୧୮ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ନାଡାଲ କ୍ୱାର୍ଟରଫାଇନାଲରେ**

ସ୍ପେନ୍‌ର ରାଫାଲ ନାଡାଲ ଅଷ୍ଟ୍ରେଲିଆନ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୨

**୨ ଜଣଙ୍କ ପାଇଁ ୪ କୋଟି ଦରିଦ୍ର: ରାହୁଲ**

୨ ଜଣ ଶିଳ୍ପପତିଙ୍କ ସମ୍ପତ୍ତି ବଢ଼ାଇବା ପାଇଁ ଦେଶର ୪ କୋଟି ଲୋକଙ୍କୁ ଦରିଦ୍ର କରି ଦିଆଯାଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।



# ବିବାହ ବାତିଲ କଲେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

**ୱେଲିଂଟନ୍, ୨୩।୧**

ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡରେ ନୂଆ କଟକଣା ଲାଗୁ ହୋଇଥିବାବେଳେ ଏହାକୁ କଡ଼ାକଡ଼ି ପାଳନ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ। କୋଭିଡ୍ ପ୍ରକୋପ କମି ନ ଥିବାରୁ ସେ ନିଜ ବିବାହକୁ ଦ୍ୱିତୀୟ ଥର ପାଇଁ ବାତିଲ କରିଛନ୍ତି। କରୋନା ମହାମାରୀ ଯୋଗୁ ଦେଶବାସୀ ଅସୁବିଧାରେ ପଡ଼ିଛନ୍ତି। କଟକଣା

## ଓମିକ୍ରନ କଟକଣା

ଲାଗୁ ହୋଇଥିବାରୁ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡୁଛି। ଏପରି ସମୟରେ ସେ ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ୪୧ ବର୍ଷୀୟା ଜେସିଣ୍ଡା କହିବା ସହ ନିଜ ବିବାହକୁ ବାତିଲ କରୁଥିବା ରବିବାର ଘୋଷଣା କରିଛନ୍ତି। ତେବେ କେଉଁଦିନ ତାଙ୍କ ବାହାଘର ହେବାକୁ ସ୍ଥିର ହୋଇଥିଲା ସେ ନେଇ ଜେସିଣ୍ଡା କିଛି ସୂଚନା ଦେଇନାହାନ୍ତି। ଜେସିଣ୍ଡା ୨୦୧୯ରେ ତାଙ୍କ ଦୀର୍ଘ ଦିନର ପୁରୁଷ ବନ୍ଧୁ ତଥା ଟିଭି ହୋଷ୍ଟ କ୍ଲର୍କ ଗେଫୋର୍ଡଙ୍କ ସହ ନିର୍ବନ୍ଧ କରିଥିଲେ। ୨୦୨୧ରେ ଉଭୟଙ୍କ ବିବାହ ହେବାର ଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଜେସିଣ୍ଡା ଏହାକୁ ବାତିଲ କରିଥିଲେ। ଉଭୟଙ୍କର ଜଣେ ୨ ବର୍ଷର ଝିଅ ଅଛନ୍ତି। ୪୪ ବର୍ଷୀୟ ଗେଫୋର୍ଡ ଏକ ଟିଭିରେ ଫିସିଂ ଡକ୍ୟୁମେଣ୍ଟାରି କରୁଥିବାବେଳେ ରେଡିଓରେ ମଧ୍ୟ ସେ କାର୍ଯ୍ୟରତ। ତାଙ୍କ ଡକ୍ୟୁମେଣ୍ଟାରି ଶୋ ଫିସ୍ ଅଫ୍ ଦ ଡେ ନ୍ୟାଶନାଲ ☞ପୃଷ୍ଠା-୪



ଜେସିଣ୍ଡା ଆର୍ଡେନ

# ବନ୍ଧୁକ ଦେଖାଇ ଭୁଲ୍ ମାଗିଲା ହରିୟାଣା ପୋଲିସ

### ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆସି ଫସିଲା

**ବାହାନଗା, ୨୩।୧(ଡି.ଏନ.ଏ.)**

ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗରେ ଫେରାର ଥିବା ବାଲେଶ୍ୱର ବାହାନଗା ଅଞ୍ଚଳର ୨ଯୁବକଙ୍କୁ ଗିରଫ କରିବାକୁ ଆସି ହରିୟାଣା ପୋଲିସ ହଟହଟା ହୋଇଛି। ଅଭିଯୁକ୍ତଙ୍କୁ ନ ପାଇ ସେମାନଙ୍କ ପରିବାର ଲୋକଙ୍କୁ ଖନ୍ତାପଡ଼ା ଥାନାକୁ ଆଣିଥିବାରୁ ପୋଲିସ ଟିମ୍ ସ୍ଥାନୀୟ ଲୋକଙ୍କ ବିରୋଧର ଶିକାର ହୋଇଛି। ପରିସ୍ଥିତି ଏପରି ହୋଇଥିଲା ଯେ, ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ପୋଲିସ ବନ୍ଧୁକ ଦେଖାଇ ଭୟଭୀତ କରିବାକୁ ପଛାଇ ନ ଥିଲା। ଏହାକୁ ନେଇ ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହ ପୋଲିସ ଏବଂ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଖବରପାଇ ସଦର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଶେଷରେ ହରିୟାଣା ପୋଲିସ ଭୁଲ୍ ମାଗି ଥାନାକୁ ଆଣିଥିବା ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ଛାଡ଼ିଥିଲା। ଏହି ଘଟଣା ପରେ ହରିୟାଣା ପୋଲିସ ଟିମ୍ ଫେରି ଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀ ଗ୍ରାମର ଲିପୁ ରାଉତ ନାମକ ଯୁବକ ହରିୟାଣାର ଏକ ଲୁଗା କମ୍ପାନୀରେ କାମ କରୁଥିଲେ। ସେହି କମ୍ପାନୀରୁ ଲକ୍ଷାଧିକ ଟଙ୍କା ହେରଫେର କରି ସେ ଏବେ ଫେରାର ଅଛନ୍ତି। ୨ମାସ ତଳେ ହରିୟାଣା ପୋଲିସ ଲିପୁଙ୍କୁ ଗିରଫ କରିବାକୁ ଆସିଥିଲା। ତାଙ୍କୁ ନ ପାଇ ତାଙ୍କ ମା’ ବାପାଙ୍କୁ ଧରି ଥାନାକୁ ନେଇ ପଚରାଉଚୁରା କରି ଛାଡି ଦେଇଥିଲା। ଉକ୍ତ ଘଟଣାରେ ହରିୟାଣା ପୋଲିସର ଏକ ୪ଜଣିଆ ଟିମ୍ ପୁନର୍ବାର ରବିବାର ଭୋର ସମୟରେ ପହଞ୍ଚି ଲିପୁଙ୍କୁ ଖୋଜିଥିଲେ। ତାଙ୍କୁ ନ ପାଇବାରୁ ଖନ୍ତାପଡ଼ା ପୋଲିସ ସହାୟତାରେ ମା’ ହରପ୍ରିୟା ରାଉତଙ୍କୁ ଉଠାଇ ନେଇଥିଲେ। ଏହାସହ ଗ୍ରାମର ରଞ୍ଜନ ଦାସଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର ହୋଇଥିବାରୁ ତାଙ୍କୁ ମଧ୍ୟ ନ ପାଇ ତାଙ୍କ ୧୮ବର୍ଷର ପୁଅକୁ ଥାନାକୁ ନେଇଯାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଷଠୀ ଗ୍ରାମର କେତେଜଣ ଲୋକ ଥାନାରେ ପହଞ୍ଚି କେଉଁ ଆଧାରରେ ଏମାନଙ୍କୁ ସୂର୍ଯ୍ୟୋଦୟ ପୂର୍ବରୁ ଉଠାଇ ଅଣାଯାଇଛି ବୋଲି ପଚାରିବାରୁ ପୋଲିସ ଅଧିକାରୀ ଉତ୍ତ୍ୟକ୍ତ ହୋଇପଡିଥିଲେ। ଏପରି କି ଏକ ୱେବଚ୍ୟାନେଲର ଖବରଦାତା ନାରାୟଣ ମହାନ୍ତି ଏ ସମ୍ପର୍କିତ ଖବର ସଂଗ୍ରହ କରୁଥିବାବେଳେ ହରିୟାଣା ପୋଲିସ୍ ତାଙ୍କୁ ଗାଳିଗୁଲଜ କରି ବନ୍ଧୁକ ଦେଖାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏହାକୁ ନେଇ ଥାନା ପରିସରରେ ପୋଲିସ ଓ ଲୋକଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ବିଷୟରେ ଏକ ଭିଡିଓ ସୋସିଆଲ ମିଡିଓ ଓ ଫେସବୁକ୍‌ରେ ଭାଇରାଲ ହେବାପରେ ଅନ୍ୟ ଖବରଦାତାମାନେ ଘଟଣାସ୍ଥଳରେ ପହଞ୍ଚି ହଇଗୋଳ କରିଥିଲେ। ପରେ ଖବରଦାତାଜଣକ ହରିୟାଣାର ଗୁରୁଗାଁଓରୁ ଆସିଥିବା ପୋଲିସ ଅଧିକାରୀ ଏସ୍.କେ.ମଙ୍ଗଳଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଖନ୍ତାପଡା ପୋଲିସ୍ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବାଲେଶ୍ୱର ସଦର ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ସଦର ଥାନାଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ହରିୟାଣା ପୋଲିସ୍ ଏସ୍.କେ ମଙ୍ଗଳ ସଦର ଏସ୍‌ଡିପିଓ ତ୍ରିପାଠୀଙ୍କ ଉପସ୍ଥିତିରେ ଖବରଦାତାଙ୍କୁ ଭୁଲ୍ କ୍ଷମା ମାଗିବାରୁ ସମସ୍ୟାର ସମାଧାନ ହୋଇଥିଲା। ପରେ ପୋଲିସ ଲିପୁଙ୍କ ମା’ ହରପ୍ରିୟା ରାଉତ ଓ ରଞ୍ଜନଦାସଙ୍କ ପୁଅକୁ ସନ୍ଧ୍ୟାରେ ଛାଡି ହରିୟାଣା ଫେରି ଯାଇଥିଲା।




ହରିୟାଣା ପୋଲିସ ଖବରଦାତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଉଛନ୍ତି।

**ଯୁକ୍ତ ୨ ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ**

୫

**ଗଛରେ ଚଢ଼ିଲା ଭାଲୁ**

୫

# ୨,୨୦,୪୧୪ କାଏମ, ୮,୬୪୮ ନାକଚ

### ୨୫ ତାରିଖ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମୋଟ ୨,୨୦, ୪୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ୮,୬୪୮ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ୧, ୫୬, ୭୫୩ ଜଣ ୱାର୍ଡ ମେମ୍ବର, ୩୨, ୮୬୦ ସରପଞ୍ଚ, ୨୭, ୦୩୪ ଜଣ ସମିତି ସଭ୍ୟଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜ୍ୟରେ ମୋଟ ୩, ୭୬୭ ଜଣଙ୍କ ଜିଲା ପରିଷଦ ପ୍ରାର୍ଥୀତ୍ୱ କାଏମ ରହିଛି। ୨୫ ତାରିଖ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ଥିବାବେଳେ ସେହିଦିନ ହିଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିଦିନ ସନ୍ଧ୍ୟାରେ ହିଁ କେତେଜଣ ପ୍ରାର୍ଥୀ ରଣାଙ୍ଗନରେ ରହିଲେ ଜଣାପଡ଼ିବ।

ଗତ ୧୭ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ନାମାଙ୍କନ ପ୍ରକ୍ରିୟାରେ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ୱାର୍ଡ ମେମ୍ବର, ସମିତି ସଭ୍ୟ, ସରପଞ୍ଚ ଓ ଜିଲା ପରିଷଦ ସଦସ୍ୟ ପାଇଁ ମୋଟ ୨, ୨୯, ୦୬୨ ଜଣ ନାମାଙ୍କନ ଦାଖଲ କରିଥିଲେ। ଏଥିରେ ମୋଟ ୧, ୬୨, ୨୯୭ ଜଣ ୱାର୍ଡ ମେମ୍ବର, ୨୮, ୧୫୩ ଜଣ ପଞ୍ଚାୟତ ସମିତି ସଭ୍ୟ, ୩୪, ୬୧୩ ଜଣ ସରପଞ୍ଚ ଏବଂ ୩,୯୯୯ଜଣ ଜିଲା ପରିଷଦ ସଦସ୍ୟ ପାଇଁ ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୫୫୪୪ ୱାର୍ଡ ମେମ୍ବର, ୧୧୧୯ ସମିତି ସଭ୍ୟ, ୧୭୫୩ ସରପଞ୍ଚ ଏବଂ ୨୩୨ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ବିଭିନ୍ନ କାରଣରୁ ନାକଚ ହୋଇଯାଇଛି। ଶନିବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା କରାଯାଇଥିବା ବେଳେ ଶେଷରେ ରବିବାର ସୁଦ୍ଧା ମୋଟ ୮,୬୪୮ଜଣଙ୍କ ନାମାଙ୍କନ ପତ୍ର ନାକଚ ହେବା ସହ ୨, ୨୦, ୪୧୪ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି।

ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ରାଜ୍ୟରେ ମୋଟ ୯୧, ୯୧୩ ୱାର୍ଡ ମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ସମିତି ସଭ୍ୟ ଏବଂ ୮୫୩ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟ ଗ୍ରହଣ ହେବ। ଭୋଟ ଗ୍ରହଣ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ହେବ। ପୂର୍ବରୁ ଭୋଟ ଗ୍ରହଣ ସକାଳ ୭ଟାରୁ ଦିନ ୧୨ଟା ମଧ୍ୟରେ ହେଉଥିଲା। ଭୋଟ ଗ୍ରହଣ ଅବଧିକୁ ୧ ଘଣ୍ଟା ବୃଦ୍ଧି କରାଯାଇଛି।

| ପ୍ରାର୍ଥୀପତ୍ର | କାଏମ | ଖାରଜ |
|---|---|---|
| ୱାର୍ଡ ମେମ୍ବର | ୧,୫୬, ୭୫୩ | ୫,୫୪୪ |
| ସରପଞ୍ଚ | ୩୨, ୮୬୦ | ୧,୭୫୩ |
| ସମିତି ସଭ୍ୟ | ୨୭, ୦୩୪ | ୧,୧୧୯ |
| ଜିଲା ପରିଷଦ ସଭ୍ୟ | ୩, ୭୬୭ | ୨୩୨ |



**ଆଜିର ସମ୍ପାଦକୀୟ**

**ଭାଙ୍ଗିବା ପ୍ରକ୍ରିୟା ଚାଲିବ**

**ଆଜିର ମନ୍ତବ୍ୟ**

“ ସ୍ୱାଧୀନତା ପରେ ବହୁ ମହାନ ବ୍ୟକ୍ତିଙ୍କ ଅବଦାନ ସମେତ ଦେଶର ସଂସ୍କୃତି ଓ ମୂଲ୍ୟବୋଧକୁ ଲିଭାଇଦେବା ପାଇଁ ଉଦ୍ୟମ ହୋଇଥିଲା। ଦେଶ ଏବେ ଅତୀତ ଭୁଲ୍‌ର ସଂଶୋଧନ କରୁଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ୧୩ ଜିଲାକୁ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ଦୁଇଦିନ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ବି ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ବାଲେଶ୍ୱର, ଚାନ୍ଦବାଲି, ☞ପୃଷ୍ଠା-୪




# କେନ୍ଦ୍ର ପ୍ରସ୍ତାବକୁ ୭ ରାଜ୍ୟର ବିରୋଧ

କେନ୍ଦ୍ର ସରକାର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କ୍ୟାଡର ରୁଲ୍ସ, ୧୯୫୪ରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ତାହା ହେଲା ଉକ୍ତ ରୁଲ୍ସର ରୁଲ୍ ୬ରେ ଏକ ନୂଆ ନିୟମ ଯୋଡ଼ାଯିବ। ପ୍ରସ୍ତାବିତ ସଂଶୋଧନ ବଳରେ ରାଜ୍ୟ ସରକାରମାନଙ୍କ ସଂରକ୍ଷଣକୁ ଅଣଦେଖା କରି କେନ୍ଦ୍ର ଯେକୌଣସି ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଅବସ୍ଥାପିତ କରିପାରିବ। ଅମଲାତନ୍ତ୍ରୀମାନଙ୍କୁ ସେମାନଙ୍କ ବିନା ସମ୍ମତିରେ ଡେପୁଟେଶନରେ ନିଆଗଲେ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ରର ଦୟାରେ ଚଳିବାକୁ ପଡ଼ିବ। ଫଳରେ ଅଫିସରମାନଙ୍କ କାର୍ଯ୍ୟଦକ୍ଷତା ଓ ରାଜ୍ୟ ପ୍ରତି ଥିବା ଉତ୍ତରଦାୟିତ୍ୱ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ପଶ୍ଚିମବଙ୍ଗ, ରାଜସ୍ଥାନ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ତାମିଲନାଡୁ ଓ କେରଳ କେନ୍ଦ୍ରର ଏହି ଯୋଜନାକୁ ବିରୋଧ କରିଛନ୍ତି।

## ଆଇଏଏସ୍ କ୍ୟାଡର ରୁଲ୍ସରେ ସଂଶୋଧନ

**ନୂଆଦିଲ୍ଲୀ,୨୩।୧(ଆଇଏଏନ୍ଏସ୍)**

କେନ୍ଦ୍ର ସରକାରଙ୍କ କାର୍ମିକ ଓ ତାଲିମ ବିଭାଗ ଜାନୁୟାରୀ ୧୨ରେ ସମସ୍ତ ରାଜ୍ୟକୁ ଚିଠି ଲେଖି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କ୍ୟାଡର ରୁଲ୍ସ, ୧୯୫୪ରେ ସଂଶୋଧନ ଆଣିବା ନେଇ ନିଜ ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇଛି। କେନ୍ଦ୍ରର ପ୍ରସ୍ତାବିତ ସଂଶୋଧନକୁ ୭ ଅଣଭାଜପା ରାଜ୍ୟ ବିରୋଧ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ରାଜସ୍ଥାନର ଅଶୋକ ଗେହଲଟ୍, ଝାଡ଼ଖଣ୍ଡର ହେମନ୍ତ ସୋରେନ, ଛତିଶଗଡ଼ର ଭୂପେଶ ବଘେଲ, କେରଳର ପିନାରାୟୀ ବିଜୟନ୍ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଆଇଏଏସ୍ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନେବା ପାଇଁ ନିୟମରେ ପରିବର୍ତ୍ତନ ଅଣାଗଲେ ରାଜ୍ୟଗୁଡ଼ିକର ପ୍ରଶାସନ ପ୍ରଭାବିତ ହେବ ବୋଲି ୬ ମୁଖ୍ୟମନ୍ତ୍ରୀ ନିଜ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାର ମଧ୍ୟ ଏହା ବିରୋଧରେ କେନ୍ଦ୍ର ନିକଟରେ ନିଜ ପ୍ରତିବାଦ ଜଣାଇବାକୁ ଯାଉଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦୁଇଥର ପତ୍ର ଲେଖିସାରିଲେଣି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଜାନୁୟାରୀ ୧୩ରେ ପଠାଇଥିବା ପତ୍ରରେ ସଂଶୋଧନକୁ ନେଇ ଆଗକୁ ନ ବଢ଼ିବା ପାଇଁ ମୋଦିଙ୍କୁ ଅନୁରୋଧ କରିଥିଲେ। ସେହିପରି ୨୦ ତାରିଖରେ ପଠାଇଥିବା ଚିଠିରେ ଉଲ୍ଲେଖ କରିଥିଲେ, ଆଇଏଏସ୍ କ୍ୟାଡର ରୁଲ୍ସକୁ ନେଇ କେନ୍ଦ୍ରର ଚିଠା ସଂଶୋଧନ ପୂର୍ବ ତୁଳନାରେ ଆହୁରି ନିଷ୍ଠୁର। ଏହା ଭାରତର ସଙ୍ଘୀୟ ନୀତିର ଭିତ୍ତିଭୂମି ଓ ସମ୍ବିଧାନର ମୌଳିକ ଢାଞ୍ଚାର ପରିପନ୍ଥୀ। ଏଥିରେ ସେ ଆହୁରି ଉଲ୍ଲେଖ କରିଥିଲେ ☞ପୃଷ୍ଠା-୪



**ସଂକ୍ଷେପରେ**

## ୨ ଜଣଙ୍କ ପାଇଁ ୪ କୋଟି ଦରିଦ୍ର



**ନୂଆଦିଲ୍ଲୀ,୨୩।୧:** କେବଳ 'ଆମର ଦୁଇ' ପ୍ରଭାବରେ ଦେଶର ୪ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ଭିତରକୁ ଠେଲିହୋଇ ଯାଇଛନ୍ତି ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭରସା କରି ଭାଜପା ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଲଢୁଥିବାବେଳେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଟୁଇଟ୍ କରିଛନ୍ତି, ୪ କୋଟି କେବଳ ସଂଖ୍ୟା ନୁହେଁ, ବରଂ ଏମାନେ ମଣିଷ। ଟୁଇଟରରେ ରାହୁଲ ଲେଖିଛନ୍ତି, କେବଳ 'ଆମର ଦୁଇ' ପାଇଁ ବିକାଶ ଉଛୁଳିଛି। କିନ୍ତୁ ଆମର ୪ କୋଟି ଭଉଣୀ ଓ ଭାଇ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଉନ୍ନତ ସୁବିଧା ପାଇବାକୁ ଯୋଗ୍ୟ ବୋଲି ସେ ଟୁଇଟ୍ କରିଛନ୍ତି। ଏଥିରେ ରାହୁଲ ହ୍ୟାଶ୍‌ଟ୍ୟାଗ୍ 'ବିଜେପି ଫେଲ୍ସ ଇଣ୍ଡିଆ' ବ୍ୟବହାର କରିଛନ୍ତି। ଅକ୍ସଫାମ୍‌ର ଏକ ରିପୋର୍ଟ ସମ୍ପର୍କରେ ଅବତାରଣା କରି ରାହୁଲ ଏକ ତୁଳନାତ୍ମକ ପ୍ରଭେଦ ଆଙ୍କିଛନ୍ତି, ଯହିଁରେ ୨୦୨୧ରେ କେବଳ ଦୁଇଜଣ ବଡ଼ ବ୍ୟବସାୟୀଙ୍କ ସମ୍ପତ୍ତି ବହୁ ବିଲିୟନ୍ ଡଲାର ବୃଦ୍ଧି ପାଇଥିବା ଦର୍ଶାଯାଇଛି। ୨୦୨୦ରେ ମହାମାରୀ କରୋନା ଆସିବା ପରେ ୪ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

## ନିର୍ବାଚନ କମିଶନଙ୍କୁ ଫେରାଦ ହେବ କଂଗ୍ରେସ

**ସଂରକ୍ଷିତ ଆସନରେ ସାଧାରଣ ବର୍ଗର ପ୍ରାର୍ଥୀ ପ୍ରସଙ୍ଗ**

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଜଗତ୍‌ସିଂହପୁର ଜିଲା ବାଲିକୁଦା ଜୋନ୍ ନଂ.୨ ଜିଲା ପରିଷଦ ଆସନ ପାଇଁ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ନ ହେଲେ କଂଗ୍ରେସ ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେବ। ଏନେଇ ପିସିସି ସାଧାରଣ ସମ୍ପାଦକ ଲଲାଟେନ୍ଦୁ ମହାପାତ୍ର ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇ କହିଛନ୍ତି, ଉକ୍ତ ସିଟ୍‌ଟି ଅନୁସୂଚିତ ଜାତିବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ସଂରକ୍ଷିତ ଆସନରେ ଶାସକ ବିଜେଡି ପକ୍ଷରୁ ଜଣେ ସାଧାରଣ ବର୍ଗର ଲୋକଙ୍କୁ ପ୍ରାର୍ଥୀ କରାଯାଇଛି। ପ୍ରାର୍ଥୀ ହୋଇଥିବା ଜଟାଧାରୀ ଦାସଙ୍କ ଜାତି କୈବର୍ତ୍ତ - ବୈଷ୍ଣବ, ଯାହା ଅନୁସୂଚିତ ଜାତି ତାଲିକାରେ ନାହିଁ। କିନ୍ତୁ ଡଙ୍କକତା କରି ଏକ ସଂରକ୍ଷଣ ବର୍ଗର ପ୍ରାର୍ଥୀଙ୍କ ଅଧିକାରକୁ ଛଡ଼ାଇ ନେବା ପାଇଁ ବିଜେଡିର ହୀନ ଉଦ୍ୟମ ସମ୍ପୂର୍ଣ୍ଣ ନିନ୍ଦନୀୟ। ପୁନଶ୍ଚ ପ୍ରାର୍ଥୀ ହୋଇଥିବା ଦାସ ଆବେଦନ କରିଥିବା ଜାତି ପ୍ରମାଣପତ୍ରକୁ ତହସିଲଦାର ନାକଚ କରିବା ସତ୍ତ୍ୱେ ସେ ବହୁ ପୁରୁଣା ମିଥ୍ୟା ଜାତି ପ୍ରମାଣପତ୍ର ଦାଖଲ କରିଛନ୍ତି। ଏନେଇ କଂଗ୍ରେସ ପକ୍ଷରୁ ରିଟର୍ନିଂ ଅଫିସରଙ୍କ ପାଖରେ ଅଭିଯୋଗ କରାଯାଇ ପ୍ରାର୍ଥୀପତ୍ର ତୁରନ୍ତ ନାକଚ କରାଯିବାକୁ ଦାବି କରାଯାଇଛି। ଯଦି ଉକ୍ତ ପ୍ରାର୍ଥୀତ୍ୱକୁ ନାକଚ ନ କରନ୍ତି, ତାହା ହେଲେ କଂଗ୍ରେସ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହେବ ବୋଲି ମହାପାତ୍ର କହିଛନ୍ତି।

# ଯୋଗୀଙ୍କ ଧ୍ରୁବୀକରଣ ରାଜନୀତି

**ହଜ୍ ହାଉସ୍ ବନାମ ମାନସରୋବର ଭବନ**

**ଲକ୍ଷ୍ନୌ,୨୩।୧**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ଗାଜିଆବାଦରେ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗାଜିଆବାଦରେ ହଜ୍ ହାଉସ୍ ନିର୍ମାଣ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ଭାଜପା ସରକାର କୈଳାସ ମାନସରୋବର ଭବନ ନିର୍ମାଣ କରିଛନ୍ତି। ଏଠାରେ ଯୋଗୀ ଇନ୍ଦିରାପୁରମ୍‌ରେ ମାନସରୋବର ଭବନ କଥା କହିଛନ୍ତି,



ଗାଜିଆବାଦରେ ନିର୍ବାଚନ ପ୍ରଚାର କରୁଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

ଯାହାକି କୈଳାସ ମାନସରୋବର ଯାତ୍ରା କରୁଥିବା କାଉଡ଼ିଆମାନଙ୍କ ପାଇଁ ନିର୍ମାଣ କରାଯାଇଛି। ଅନ୍ୟପକ୍ଷେ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିବାବେଳେ ୨୦୧୬ରେ ହଜ୍ ହାଉସ୍ ନିର୍ମାଣ କରିଥିଲେ। ୭ ମହଲା ବିଶିଷ୍ଟ ଆଲା ହଜ୍‌ରତ୍ ହଜ୍ ହାଉସ୍‌ରେ ପ୍ରତିବର୍ଷ ମାସେରୁ ଦୁଇମାସ ପାଇଁ ୮,୦୦୦ରୁ ୧୦,୦୦୦ ଲୋକ ରହିପାରିବା ଭଳି ସୁବିଧା କରାଯାଇଛି। ବର୍ଷର ଅବଶିଷ୍ଟ ସମୟରେ ସେଠାରେ କୋଚିଂ କ୍ଲାସ୍ ଚାଲିଥାଏ।

ଯୋଗୀ ପୂର୍ବରୁ ମଧ୍ୟ ଅଖିଳେଶଙ୍କୁ ଏପରି ଟାର୍ଗେଟ କରିସାରିଛନ୍ତି। ଗତ ନଭେମ୍ବରରେ ଯୋଗୀ ଅଯୋଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଥିଲେ, ଆଗେ ଲୋକଙ୍କ ଅର୍ଥକୁ ସମାଧି ନିର୍ମାଣ ପାଇଁ ଖର୍ଚ୍ଚ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ସରକାର ମନ୍ଦିରଗୁଡ଼ିକର ଉନ୍ନତୀକରଣ ପାଇଁ ପାଣ୍ଠି ବିନିଯୋଗ କରୁଛନ୍ତି। ଏହାର ମାସକ ପରେ ମୁସଲମାନ ସମୁଦାୟକୁ ଟାର୍ଗେଟ କରି ଯୋଗୀ କହିଥିଲେ ସମାଜବାଦୀ ପାର୍ଟିକୁ ଅବ୍ବାଜାନ (ବାପା) କହୁଥିବା ଲୋକେ ସବୁ ରାଶନ ଖାଇଯାଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ତୁଷ୍ଟୀକରଣ ରାଜନୀତିର କୌଣସି ସ୍ଥାନ ନାହିଁ।

## କେନ୍ଦ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କଲା ବିଜେଡି

**ବାରିପଦା ଅଫିସ,୨୩।୧**

ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଦୁଇ ଅଧିକାରୀଙ୍କୁ ଏମ୍‌ପି ତଥା କେନ୍ଦ୍ର ଜଳ ଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ ମାଡ଼ ମାରିବା ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ୩ ଦିନ ମଧ୍ୟରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ତାଙ୍କୁ ବହିଷ୍କାର କରା ନ ଗଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ପ୍ରକାଶ ଯେ, ଏମ୍‌ପି ପ୍ରତିନିଧିଙ୍କ ହାତପାଣ୍ଠି ବିନିଯୋଗକୁ ନେଇ ସମୀକ୍ଷା କରିବାକୁ ମନ୍ତ୍ରୀ ଟୁଡୁ ଦୁଇ ଅଧିକାରୀଙ୍କୁ ଡାକି ନିଜସ୍ୱ କାର୍ଯ୍ୟାଳୟରେ ମାଡ଼ ମାରିଥିଲେ। ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ମଧ୍ୟ ଆହତ ହୋଇ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୫୦/୨୨) ରୁଜୁ ହୋଇଛି। ହେଲେ ତଦନ୍ତକୁ ସାମ୍ନା ନ କରିବା ପାଇଁ ମନ୍ତ୍ରୀ ଟୁଡୁ ଜିଲା ଗସ୍ତର ଦିନକ ପୂର୍ବରୁ ବାତିଲ କରି ଦିଲ୍ଲୀକୁ ଫେରିଯାଇଛନ୍ତି। ରାଜ୍ୟ ରାଜନୀତିରେ ଏଭଳି ଘଟଣା ଘଟି ନ ଥିବାବେଳେ ବାରମ୍ବାର କେନ୍ଦ୍ରମନ୍ତ୍ରୀଙ୍କ ଏପରି ଆଚରଣକୁ ଜିଲାବାସୀ ନାପସନ୍ଦ କରୁଛନ୍ତି ବୋଲି ମନ୍ତ୍ରୀ ମାରାଣ୍ଡି କହିଛନ୍ତି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସରକାରୀ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଜିଲା ଅଧିକାରୀଙ୍କୁ ମାଡ଼ ମାରି ହାତ ଭାଙ୍ଗିଦେବା ଘଟଣା ନେଇ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି।

## ଚାପରେ ନେତାଜୀଙ୍କ ପ୍ରତିମୂର୍ତ୍ତି ଗଢୁଛି ଭାଜପା



କୋଲକାତା: ନେତାଜୀ ଜୟନ୍ତୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶଙ୍ଖ ଫୁଙ୍କୁଛନ୍ତି।

**କୋଲକାତା,୨୩।୧**

ଭାଜପା ଚାପରେ ପଡ଼ି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରୁଛି ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଭାଜପା କ୍ଷମତାକୁ ଆସିଲେ ସୁଭାଷ ବୋଷଙ୍କ ସନ୍ଧାନ ନେଇ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସରକାର ଗଢ଼ିବା ପରେ ସେମାନେ ନେତାଜୀଙ୍କୁ ଭୁଲିଯାଇଛନ୍ତି। ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀ କେଉଁଠି ଅଛନ୍ତି ଆଜି ମଧ୍ୟ ଆମକୁ ଜଣାନାହିଁ। ନେତାଜୀଙ୍କୁ ନେଇ ସମସ୍ତ ଫାଇଲ ପଶ୍ଚିମବଙ୍ଗ ସରକାର ସାର୍ବଜନୀନ କରିଛନ୍ତି। ଏଥିରେ କେନ୍ଦ୍ରର କିଛି ଭୂମିକା ନାହିଁ।

କେନ୍ଦ୍ର ସରକାର ସାଧାରଣତନ୍ତ୍ର ଦିବସ ପ୍ରଜ୍ଞାପନ ମେଢ଼ରୁ ନେତାଜୀଙ୍କ ଷ୍ଟାଚ୍ୟୁକୁ ହଟାଇଦେଇଛନ୍ତି। କେବଳ ଚାପରେ ପଡ଼ି ଏବେ ଦିଲ୍ଲୀରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରୁଛନ୍ତି।

## ଓପିନିୟନ୍ ପୋଲ୍‌କୁ ଏସ୍‌ପିର ବିରୋଧ

**ରୋକ ଲଗାଇବାକୁ ଇସିଙ୍କ ନିକଟରେ ପିଟିଶନ**

**ନୂଆଦିଲ୍ଲୀ,୨୩।୧:** ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଜନମତକୁ ପ୍ରଭାବିତ କରିବା ପାଇଁ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ପକ୍ଷରୁ ଉଦ୍ୟମ ଚାଲିଥିବା ଦର୍ଶାଇ ଓପିନିୟନ୍ ପୋଲ୍ ଉପରେ ରୋକ ଲଗାଇବାକୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ରବିବାର ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି) ପିଟିଶନ ଦାଏର କରିଛି। ୟୁପି ବିଧାନସଭାର ୪୦୩ ଆସନରେ ୭ ପର୍ଯ୍ୟାୟରେ ନିର୍ବାଚନ ହେବ। ଫେବୃୟାରୀ ୧୦,୧୪,୨୦,୨୩,୨୭ ଏବଂ ମାର୍ଚ୍ଚ ୩, ୭ରେ ମତଦାନ ହେବ। ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ। ତେବେ ଏହା ପୂର୍ବରୁ କେତେକ ନ୍ୟୁଜ୍ ଚ୍ୟାନେଲ ବିଭ୍ରାନ୍ତିକର ଖବର ପ୍ରସାରଣ କରୁଛନ୍ତି। ଫଳରେ ସାଧାରଣ ଭୋଟର ପ୍ରଭାବିତ ହେଉଛନ୍ତି ବୋଲି ସମାଜବାଦୀ ପାର୍ଟିର ୟୁପି ରାଜ୍ୟ ସଭାପତି ନରେଶ ଉତ୍ତମ ପତ୍ର ଲେଖିଛନ୍ତି। ତୁରନ୍ତ ଏଭଳି ଚ୍ୟାନେଲଗୁଡ଼ିକ ଉପରେ ରୋକ ଲଗାଇବା ପାଇଁ ଏଥିରେ ସେ ଅନୁରୋଧ କରିଛନ୍ତି।

## ନାମାଙ୍କନ ନାକଚ: ଧାରଣାରେ ସମିତି ସଭ୍ୟା ପ୍ରାର୍ଥୀ

**ନବରଙ୍ଗପୁର,୨୩।୮(ବି.ପ୍ର.)**



ନମିତା ସଗରିଆ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ସମିତି ସଭ୍ୟା ପ୍ରାର୍ଥୀ ନମିତା ସଗରିଆଙ୍କ ନାମାଙ୍କନ ନାକଚ ହେବା ପରେ ସେ ଶନିବାର ରାତି ୮.୩୦ରୁ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ତାଙ୍କ ନିକଟରେ ଅନୁସୂଚିତ ଜାତି ପ୍ରମାଣପତ୍ର ଥିଲେ ସୁଦ୍ଧା ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାଦ୍ ଦିଆଯାଇ ଅନ୍ୟାୟ କରାଯାଉଛି ବୋଲି ନମିତା କହିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଧାରଣାରୁ ଉଠିବେ ନାହିଁ ବୋଲି କହିଛନ୍ତି। ନମିତା ଏବେ ଗର୍ଭବତୀ ଥିବା ଜଣାପଡ଼ିଛି।

କାମତା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ନିମନ୍ତେ ଅନୁସୂଚିତ ଜାତି ସଂରକ୍ଷିତ ଥିବାବେଳେ ନମିତାଙ୍କ ସମେତ ୫ଜଣ ନାମାଙ୍କନ ଦାଖଲ କରିଥିଲେ। ୧୮ରେ ତହସିଲ ପକ୍ଷରୁ ତାଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହା ଆଧାରରେ ସେ କାମତା ସମିତି ସଭ୍ୟ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ନମିତା ହିନ୍ଦୁ ନୁହେଁ, ଅନ୍ୟ ଧର୍ମର ବୋଲି ଅଭିଯୋଗ ଆସିଥିଲା। ତଦନ୍ତ ପରେ ତାଙ୍କୁ ଦିଆଯାଇଥିବା ଜାତିଗତ ପ୍ରମାଣପତ୍ର ନାକଚ କରାଯାଇଛି ବୋଲି ତହସିଲଦାର ପ୍ରଦୀପ କୁମାର କର କହିଛନ୍ତି। ନମିତାଙ୍କ ପ୍ରାର୍ଥୀପତ୍ର ଯାଞ୍ଚବେଳେ ତାଙ୍କ ବାରକୋଡ୍ ଅନ୍‌ଲାଇନରେ ଯାଞ୍ଚ କରାଯାଇଥିଲା। ନମିତାଙ୍କ ଜାତିଗତ ପ୍ରମାଣପତ୍ର ନାକଚ ଥିବା ଦର୍ଶାଯାଇଛି। ଉକ୍ତ ଆଧାରରେ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ତେନ୍ତୁଳିଖୁଣ୍ଟି ନିର୍ବାଚନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ କହିଛନ୍ତି। ନମିତାଙ୍କ ଜାତିଗତ ପ୍ରମାଣପତ୍ର ଏବେ ତଦନ୍ତ ପରିସରଭୁକ୍ତ ରହିଛି। ସେପର୍ଯ୍ୟନ୍ତ ତାଙ୍କ ପ୍ରମାଣପତ୍ର ନାକଚ ହୋଇ ରହିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି। ବିଡିଓ ନମିତାଙ୍କୁ ବୁଝାଶୁଝା କରି ଧାରଣାସ୍ଥଳରୁ ଉଠିବାକୁ ଅନୁରୋଧ କରିବା ସତ୍ତ୍ୱେ ସେ ଧାରଣା ଜାରି ରଖିଛନ୍ତି।

## ପ୍ରଥମ ନୋଟିସରେ ୭, ଦ୍ୱିତୀୟରେ ୮ ନାମ

**ଖମାର,୨୩।୧(ଡି.ଏନ.ଏ.)**

**ପ୍ରାର୍ଥୀପତ୍ର ଯାଞ୍ଚରେ ଚଞ୍ଚକତା ଅଭିଯୋଗ**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ବଡସଡ଼ା ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ଦାଖଲ ହୋଇଥିବା ୮ ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ରବିବାର ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ଲଗାଯାଇଥିବା ଗୋଟିଏ ନୋଟିସରେ ୭ ଜଣଙ୍କ ନାମ ଥିବାବେଳେ ଏହାର ଦୁଇଘଣ୍ଟା ପରେ ୮ ଜଣଙ୍କ ନାମ ଥିବା ଆଉ ଏକ ନୋଟିସ ଲଗାଯାଇଛି। ଫଳରେ ଯାଞ୍ଚ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ୭ ସମିତି ସଭ୍ୟ ପ୍ରାର୍ଥୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ସେମାନେ ବିଡିଓଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବଡ଼ସଡ଼ା ପଞ୍ଚାୟତରୁ ସମିତି ସଭ୍ୟ ପଦବୀ ପାଇଁ ମୋଟ୍ ୮ ଜଣ ଡିଲେଶ୍ୱର ପ୍ରଧାନ, ପ୍ରକାଶ କୁମାର ବିଶ୍ୱାଳ, ବିକାଶ ସ୍ୱାଇଁ, ବୁଲୁ ରାଜହଂସ, ରମେଶ ଚନ୍ଦ୍ର ବେହେରା, ସିପୁନ ଗଡ଼ନାୟକ, ସୌମ୍ୟରଂଜନ ବିଶ୍ୱାଳ ଓ ରଞ୍ଜିତ କୁମାର ବିଶ୍ୱାଳ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ରବିବାର ଯାଞ୍ଚ ପରେ ନିର୍ବାଚନ ଅଧିକାରୀ ତଥା ବିଡିଓଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟାରେ ୭ ଜଣଙ୍କ ନାମ ଥିବା ଏକ ନୋଟିସ ଲଗାଯାଇଥିଲା। ଉକ୍ତ ନୋଟିସରେ କେବଳ ରଞ୍ଜିତ କୁମାର ବିଶ୍ୱାଳଙ୍କ ନାମ ନ ଥିବାରୁ ତାଙ୍କ ପ୍ରାର୍ଥୀପତ୍ର ନାକଚ୍ ହୋଇଯାଇଥିବା ଅନ୍ୟ ପ୍ରାର୍ଥୀମାନେ ଭାବି ନେଇଥିଲେ। ହେଲେ ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ନିର୍ବାଚନ ଅଧିକାରୀ ଦ୍ୱିତୀୟ ନୋଟିସ ଲଗାଇଥିଲେ, ଯେଉଁଥିରେ ରଞ୍ଜିତ କୁମାର ବିଶ୍ୱାଳଙ୍କ ନାମ ସହ ସମସ୍ତ ୮ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜଣାପଡ଼ିଥିଲା। ଏପରି କି ଦ୍ୱିତୀୟ ନୋଟିସରେ ରଞ୍ଜିତଙ୍କ ପୋଷ୍ଟ ଅଫିସ ଠିକଣା ବଡ଼ସଡ଼ା ପରିବର୍ତ୍ତେ ଖମାର ବୋଲି ଲେଖାଯାଇଛି। ତେଣୁ ଯାଞ୍ଚ ପ୍ରକ୍ରିୟାରେ ଚଞ୍ଚକତା କରାଯାଇଥିବା ଅନ୍ୟ ୭ ଜଣ ପ୍ରାର୍ଥୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ବିଡିଓ ଦୀଲିପ କୁମାର ବର କହିଛନ୍ତି, ପ୍ରଥମ ନୋଟିସରେ ତ୍ରୁଟି ରହିଯାଇଥିବାରୁ ଦ୍ୱିତୀୟ ନୋଟିସରେ ସମସ୍ତ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ କରାଯାଇଛି।

## ଭୋଟ ପ୍ରଚାରରେ ଆସି ବିଧାୟକ ହଟହଟା

**ନୟାଗଡ଼ ଅଫିସ,୨୩।୧**

- ବୃତ୍ତଙ୍ଗ ପୋଲ ନ କରିବା ମହଙ୍ଗା ପଡ଼ିଲା
- ୩ ବର୍ଷ ତଳେ ଦେଇଥିଲେ ପ୍ରତିଶ୍ରୁତି

ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କୁ ନିଜ ନିର୍ବାଚନମଣ୍ଡଳୀରେ ବିରୋଧ କରାଯାଇଛି। ରବିବାର ପଞ୍ଚାୟତ ନିର୍ବାଚନ ପାଇଁ ସେ ପ୍ରଚାରକୁ ଆସିଥିବା ବେଳେ ଏହି ଘଟଣା ଘଟିଛି। ଗତ ୩ ବର୍ଷ ତଳେ ବୃତ୍ତଙ୍ଗ ପୋଲ ନିର୍ମାଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ପୋଲ ନିର୍ମାଣ ହୋଇନାହିଁ। ଏହାକୁ ନେଇ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତର ବଣି, ପ୍ରଧାନପଡ଼ା, ସାନମୁଣ୍ଡୁଳୀ ଓ ଗାଡିଆପଡ଼ା ଆଦି ୪ ଗାଁର ଲୋକମାନେ ତାଙ୍କୁ ସମାଲୋଚନା କରିଛନ୍ତି।

ଗତ ବିଧାନସଭା ନିର୍ବାଚନ ସମୟରେ ବୃତ୍ତଙ୍ଗ ପୋଲ ନିର୍ମାଣ ଦାବିରେ ୪ ଗାଁର ଲୋକମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ବେହେରା ଗାଁ ଲୋକମାନଙ୍କୁ ବୁଝାଶୁଝା କରିବା ସହ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ନିଜ ସପକ୍ଷରେ ଭୋଟ ନେବାରେ ସମର୍ଥ ହୋଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ପୋଲ ନିର୍ମାଣ ହୋଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବିଧାୟକଙ୍କ ଉପରେ ଗ୍ରାମବାସୀ ଅସନ୍ତୁଷ୍ଟ ଥିଲେ। ପଞ୍ଚାୟତ ନିର୍ବାଚନ ସେମାନଙ୍କ ପାଇଁ ସୁଯୋଗ ଆଣି ଦେଇଥିଲା। ରବିବାର ବିଧାୟକ ବେହେରା ବଣି, ପ୍ରଧାନପଡ଼ା, ସାନମୁଣ୍ଡୁଳୀ ଓ ଗାଡିଆପଡ଼ା ଗାଁକୁ ଭୋଟ ପ୍ରଚାର ପାଇଁ ଯାଇଥିଲେ। ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ସମ୍ମାନର ସହ ବସାଇ ପୂର୍ବ ପ୍ରସଙ୍ଗ ଦୋହରାଇ ଥିଲେ। ଇତିମଧ୍ୟରେ ୩ ବର୍ଷ ବିତିଛି। ବୃତ୍ତଙ୍ଗ ପୋଲର ନାଁ ଗନ୍ଧ ନାହିଁ। ପୁଣି ଆପଣଙ୍କ ଦେଖାନାହିଁ। ଆପଣ ବିଧାୟକ ହେବା ପରେ ଆମ ପଞ୍ଚାୟତକୁ ଆସି କୌଣସି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିନାହାନ୍ତି। ଭୋଟ ପରେ ଆପଣ ଆମକୁ ଭୁଲି ଯାଇଛନ୍ତି। ଆପଣ ଦେଇଥିବା ଫୋନ ନମ୍ବରରେ କଲ୍ କଲେ ଫୋନ୍ ଲାଗୁନାହିଁ। ଆପଣଙ୍କ ପ୍ରତିନିଧି ଓ ନେତାମାନଙ୍କୁ କହିଲେ ଆମ କଥା କେହି ଶୁଣୁ ନାହାନ୍ତି। ମିଥ୍ୟା ପ୍ରତିଶ୍ରୁତି ଶୁଣି ଆଉ ଭୋଟ ଦେଇ ହେବନି। ଗ୍ରାମବାସୀଙ୍କ ଏପରି କଥା ଶୁଣି ବିଧାୟକ କହିଥିଲେ, ବୃତ୍ତଙ୍ଗ ପୋଲ ନିର୍ମାଣ ପାଇଁ ଅର୍ଥମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଟେଣ୍ଡର ହେବ। ହେଲେ ଲୋକମାନେ ବିଧାୟକଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ସେମାନେ କହିଲେ ଆପଣ ଯଦି ପ୍ରକୃତ ବିଧାୟକ ଆଜି ଟେଣ୍ଡର କରି କାମ ଆରମ୍ଭ କରନ୍ତୁ। ଆମେ ଆପଣଙ୍କ ଦଳର ସବୁ ପ୍ରାର୍ଥୀଙ୍କୁ ଭୋଟ ଦେବୁ। ଶେଷରେ ଭୋଟର ଓ ଗାଁ ଲୋକଙ୍କ ପ୍ରଶ୍ନବାଣରେ ବିଧାୟକ ଅପଦସ୍ଥ ହୋଇ ଗାଁ ଛାଡି ଚାଲି ଆସିଥିଲେ। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ଭିଡ଼ିଓ କରି ଗଣମାଧ୍ୟମକୁ ଦେଇଛନ୍ତି। ଏନେଇ ବିଧାୟକଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ କିଛି ନ କହି ଏହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।



ବିଧାୟକଙ୍କୁ ଜଣେ ମହିଳା ବିଭିନ୍ନ ପ୍ରଶ୍ନ କରୁଛନ୍ତି।




KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

ଧରିତ୍ରୀ
DHARITRI
ସୋମବାର, ୨୪ ଜାନୁୟାରୀ, ୨୦୨୨




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାନସଭାରେ ବୀର ସୁରେନ୍ଦ୍ର ସାଏଙ୍କ ୨୧୩ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୩ ତମ ଜୟନ୍ତୀ ବିଧାନସଭା ପକ୍ଷରୁ ପାଳିତ ହୋଇଛି । ଏହି ଉପଲକ୍ଷେ ତାଙ୍କ ସ୍ମୃତି ପ୍ରତି ଗଭୀର ଓ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କୁ ଏକ ଅନବଦ୍ୟ ଅନିର୍ବାଣ ଶିଖା ରୂପେ ବର୍ଣ୍ଣନା କରି ସ୍ୱାଧୀନତା ସଂଗ୍ରାମରେ ତାଙ୍କର ମହନୀୟ ଅବଦାନ ଥିବା ସ୍ମରଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରୁଖୁରୁରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ଉପଶାସନ ସଚିବ ଶିଶିରକାନ୍ତ ସ୍ୱାଇଁ, ବିଧାନସଭା ନିରାପତ୍ତା ଅଧିକାରୀ ଗୋପାଳ କୃଷ୍ଣ ପ୍ରଧାନ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଶାଶ୍ୱତୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲମ୍ବ ଚାଷ,**
**ଘରେ ଉପାସ ।**

ସାଧାରଣତଃ କମ ସମୟରେ ଭଲ ଅମଳ ମିଳିଲେ ଜୀବିକା ନିର୍ବାହ କରିବା ସହଜସାଧ୍ୟ ହୋଇଥାଏ। ପରନ୍ତୁ ଯେଉଁ ଚାଷରେ ଅମଳ ମିଳିବା ସମୟସାପେକ୍ଷ ସେଭଳି ଚାଷରେ ମନୋନିବେଶ କଲେ ପରିବାର ପ୍ରତିପୋଷଣ କରିବା ଅନେକ ସମୟରେ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲମ୍ପଟ ସନ୍ୟାସୀ, କପଟୀ ଯୋଗୀ,**
**ଦାରୀ ପୁତ୍ରବତୀ, ବଇଦ ରୋଗୀ;**
**ଲାଜୁଆ ଭଣ୍ଡାରୀ, କାଶୁଆ ଚୋର,**
**ବୋଲେ ଦନାଇ ବୁଡ଼େ ୟାଙ୍କ ଘର ।**

ଆମ ସମାଜରେ ଏଭଳି କଳଙ୍କିତ ଓ କପଟୀ ଚରିତ୍ରର ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କର ପ୍ରଭୂତ କ୍ଷତି ସାଧନ କରିଥାନ୍ତି। ତେବେ ପରିଶେଷରେ ସେମାନେ ନିଜ କୃତକର୍ମର ଫଳ ହିଁ ଭୋଗ କରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଜେଡିରେ ଗୁମ୍ମା ବ୍ଲକ ପୂର୍ବତନ ଅଧ୍ୟକ୍ଷା

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଥିବାବେଳେ ଦଳଡ଼ିଆଁ ଚାଲିଛି। ବିଜେଡିର ସାଙ୍ଗଠନିକ ଶକ୍ତି ବଢୁଛି। ବିରୋଧୀ ଦଳ ପରିତ୍ୟାଗ କରି ଶଙ୍ଖ ଫୁଙ୍କୁଛନ୍ତି। ଏହିକ୍ରମରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଗୁମ୍ମା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ମରିୟମ ରଇତ ଭାଜପା ଛାଡି ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ମରିୟମଙ୍କ ସହିତ ତାଙ୍କ ସମର୍ଥକ ଦେବଚନ୍ଦ୍ର ପ୍ରଧାନ ଅନ୍ୟମାନେ ବିଜେଡିରେ ସାମିଲ୍ ହୋଇଛନ୍ତି। ଗଜପତି ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଯୁବ ବିଜେଡି କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଜେଡିକୁ ଅତନୁ ସ୍ୱାଗତ କରିଥିଲେ। ସୋମବାର ଶତାଧିକ ସମର୍ଥକ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଗଜପତି ଜିଲାରେ ବିଜେଡିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ମରିୟମ କହିଛନ୍ତି। ଏହାଦ୍ୱାରା ଦଳ ଅଧିକ ସୁଦୃଢ ହେବ ବୋଲି ବିଧାୟକ ଅତନୁ ପ୍ରକାଶ କରିଛନ୍ତି।

# ୭.୯୨ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୫ ଗିରଫ

**ଜଟଣୀ,୨୩।୧(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ(ଜଟଣୀ) ରେଳ ଷ୍ଟେଶନରୁ ଆରପିଏଫ୍‌ର ଏସଟିଏଫ୍ ଟିମ୍ ୭୯ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଫୁଲବାଣୀ ଅଞ୍ଚଳର ସୁବଳ କାହ୍ନାର, ଫିରିଗାଁର ବିଜୟ କାହ୍ନାର, ଡାଡାକି ଅଞ୍ଚଳର ଧର୍ମେନ୍ଦ୍ର ମଲ୍ଲିକ ଓ ବିଶୋ ବିହ୍ୱାଣି ଏବଂ ଧୋଡାତୋଟା ଅଞ୍ଚଳର ବିନୟ କାହ୍ନାର। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ଲକ୍ଷ ୯୨ହଜାର ଟଙ୍କା ହେବ। ଜିଆରପି ପୋଲିସ ଏକ ମାମଲା (ନଂ.୯/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୨୧ତାରିଖ ରାତିରେ ଆରପିଏଫ ଏସଟିଏଫ୍‌ର ଏସ୍‌ଆଇ ହରେନ୍ଦ୍ର ସିଂ, ସି.ଆର.ବି. ସିଂଙ୍କ ନେତୃତ୍ୱରେ ଏକ ଟିମ୍ ପକ୍ଷରୁ ରେଳ ଷ୍ଟେଶନ ପରିସରରେ ଯାତ୍ରୀଙ୍କ ଆସବାବପତ୍ର ଏବଂ ପରିତ୍ୟକ୍ତ ସାମଗ୍ରୀର ଯାଞ୍ଚ କରାଯାଉଥିଲା। ଏହି ସମୟରେ ୫ଜଣଙ୍କ ଉପରେ ଆରପିଏଫ୍ ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ଧରି ଆଣି ପଚରାଉଚରା କରିଥିଲା। ଏଥିସହ ତାଙ୍କ ନିକଟରେ ଥିବା ୯ଟି ବ୍ୟାଗ ଜବତ କରିଥିଲା। ପଚରାଉଚରା ବେଳେ ସେମାନେ ଫୁଲବାଣୀରୁ ରୋଡ ଯୋଗେ ଜଟଣୀ ଆସି ଟ୍ରେନ ପାଇଁ ଅପେକ୍ଷା କରିଥିଲେ। ଏଠାରେ ଟ୍ରେନରେ ଗଞ୍ଜେଇକୁ ମଧ୍ୟପ୍ରଦେଶର ବିନା ଅଞ୍ଚଳକୁ ଚାଲାଣ କରିଥାନ୍ତେ ବୋଲି ସ୍ୱୀକାର କରିବା ପରେ ସେମାନଙ୍କୁ ଗିରଫ କରାଯାଇ ଖୋର୍ଦ୍ଧାରୋଡ ଜିଆରପି ଥାନାର ଜିମା ଦିଆଯାଇଥିଲା।




ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ ।

# ନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୩।୧(ଡି.ଏନ.ଏ.)**

ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇ ରବିବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଏପରି ଏକ ଦୁଃଖଦ ଘଟଣା ଘଟିଛି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୂର ଗ୍ରାମରେ। ଉକ୍ତ ଗ୍ରାମର ସଞ୍ଜୟ ପ୍ରଧାନଙ୍କ ପୁଅ ତନ୍ମୟ(୧୬) ସକାଳେ ସାଙ୍ଗମାନଙ୍କ ସହ ଗ୍ରାମ ନିକଟସ୍ଥ ବଡ଼ଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜା ଖୋଜି କରି ପ୍ରାୟ ଏକ ଘଣ୍ଟା ପରେ ରାଧାଦେଇପୁର ନିକଟରେ ନଦୀରୁ ତନ୍ମୟଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତନ୍ମୟଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।


## classifieds Everyday
0674-2580101, 2549302



**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

**30’ ରାସ୍ତା, ଘରବାରି, boundary plot ଗୁଡ଼ିଆପୋଖରୀ Puri-NH ଭୁବନେଶ୍ୱର @8,99lakhs (ready for construction). 9437691481.** D-71783

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିତାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି। 9938016295. D-71782

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.-550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.-1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.-1300/-. 7539895510.** D-71780

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ଦୂରତାରେ ଭିଙ୍ଗାରପୁରରେ **100Nos 3BHK duplex with modern facilities. 9658122456, 8327785834.** D-71781

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774



Single double rooms at Sisupalgad, Tankapani, Bhubaneswar. Ph- 9437764734, 9556856822. D-70766

TO-LET 3000sqft. AC Hall 2nd, 3rd & Roof-top (1400sqft.) at Unit-6, Capital Hospital road ideal for Gym/Fitness Centre (Rs.50/-sqft.). 3shops 600sqft. on Ground Floor. Good parking space Unit-4, near Fish market, BBSR. For Medicine shops/clinics & other commercials. Contact: 7008603209, 7788830886, 7609990515. D-22925

3BHK independent marble (Ground), 2Toilet, Pujaghar, Samantarapur, Bhubaneswar. (Family/ Office/ Executive- 7682848145). D-22910



Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

Newly Open Saikrupa Panchakarma Spa positively health benefits with Expert. 8984068077. D-22888



Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-22905

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅନ୍ତର୍ଜାତୀୟ ସ୍ତରରେ ପରାକ୍ରମତାର ପରିଚୟ ଦେଇଛନ୍ତି ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ: ଭାଜପା

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଦୀର୍ଘ ୨୦୦ ବର୍ଷ ପୂର୍ବେ ବ୍ରିଟିଶ ସାମ୍ରାଜ୍ୟକୁ ପ୍ରତିହତ କରିବା ପାଇଁ ଅଦ୍ଭୁତ ରଣକୌଶଳ ଜରିଆରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଯେଉଁ ଲଢ଼େଇ ଆରମ୍ଭ ହୋଇଥିଲା, ଏ ଜାତି ସେହି ମହାନ୍ ପରାକ୍ରମୀ ସେନାନୀଙ୍କ ନିକଟରେ ଚିର କୃତଜ୍ଞ । ସେହିପରି ଦେଶମାତୃକାର ସେବା କରିବା ଓ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ବିଳାସପୂର୍ଣ୍ଣ ଜୀବନଯାପନକୁ ପରିତ୍ୟାଗ କରି ଆଗେଇ ଆସିଥିବା ଉଚ୍ଚଶିକ୍ଷିତ, ମେଧାବୀ, ବିଚକ୍ଷଣ ବୁଦ୍ଧି, ଜ୍ଞାନର ଅଧିକାରୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପରାକ୍ରମତାର ପରିଚୟ ଦେଇଥିଲେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ସେହି ଦୁଇ ମହାନ୍ ଓଡ଼ିଆ ବରପୁତ୍ରଙ୍କ ଜନ୍ମ ଜୟନ୍ତୀକୁ ଦେଶବ୍ୟାପୀ ପରାକ୍ରମ ଦିବସ ଭାବେ ପାଳନ କରାଯାଉଥିବାରୁ ଆମେ ସମସ୍ତେ ଗର୍ବିତ । ଏହି ଅବସରରେ ସମୀର ରବିବାର ଭୁବନେଶ୍ୱରର ରସୁଲଗଡ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ଏବଂ ଭିଏସ୍‌ଏସ୍ ନଗରଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ପରାକ୍ରମ ଦିବସ ପାଳନ ଅବସରରେ ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ତରଫରୁ କରୋନା କଟକଣା କାରଣରୁ ଏକ ଆଲୋଚନାଚକ୍ର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ର ପ୍ରସ୍ତାବକୁ ୭...

ଯେ, ସର୍ବଭାରତୀୟ ସେବା ହେଉଛି ରାଜ୍ୟ ପ୍ରଶାସନିକ କଳର ମେରୁଦଣ୍ଡ। କେନ୍ଦ୍ର ସରକାର ଆଇଏଏସ୍ (କ୍ୟାଡର) ରୁଲ୍ସରେ ପରିବର୍ତ୍ତନ କଲେ ଆଇଏଏସ୍ ଅଧିକାରୀମାନଙ୍କୁ ସେମାନଙ୍କ ବିନା ସମ୍ମତିରେ ନିଜ ପାଖକୁ ଡେପୁଟେଶନରେ ନେଇପାରିବେ। ଫଳରେ ଅମଲାତନ୍ତ୍ରୀମାନେ ସ୍ୱାଧୀନତା ଓ ମନୋବଳ ହରାଇଦେବେ। ଏଥିସହ ରାଜ୍ୟ ସରକାରମାନେ କେନ୍ଦ୍ରର ଦୟାରେ ଆଇଏଏସ୍ ଅଧିକାରୀମାନଙ୍କୁ ନିଜ ପାଖରେ ରଖିପାରିବେ। ଫଳରେ ସେମାନଙ୍କ ପ୍ରଦର୍ଶନ, କାର୍ଯ୍ୟଦକ୍ଷତା ଓ ରାଜ୍ୟ ସରକାରଙ୍କ ପ୍ରତି ରହିଥିବା ଉତ୍ତରଦାୟିତ୍ୱ ବହୁଳ ଭାବେ ପ୍ରଭାବିତ ହେବ ବୋଲି ମମତା ଆଶଙ୍କା ବ୍ୟକ୍ତ କରିଥିଲେ। ସେହିପରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମୋଦିଙ୍କୁ ପଠାଇଥିବା ଚିଠିରେ ପ୍ରସ୍ତାବିତ ସଂଶୋଧନକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ସୋରେନଙ୍କ ମତରେ କେନ୍ଦ୍ର ସରକାର ସଙ୍ଘୀୟ ସହଯୋଗିତାକୁ ଅଣଦେଖା କରି ଏକତରଫା ନିଷ୍ପତ୍ତି ନେବା ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିଯୋଗୁ ଦେଶର ସଙ୍ଘୀୟ ବ୍ୟବସ୍ଥା ଦୁର୍ବଳ ହୋଇଯିବ। ତେଣୁ ପ୍ରଧାନମନ୍ତ୍ରୀ ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାହାର କରନ୍ତୁ ବୋଲି ସୋରେନ ଦାବି କରିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ମଧ୍ୟ କେନ୍ଦ୍ରର ଉପରୋକ୍ତ ପ୍ରସ୍ତାବକୁ ବିରୋଧ କରି ମୋଦିଙ୍କୁ ଚିଠି ଲେଖିଛନ୍ତି। ଉଭୟଙ୍କ ମତରେ କେନ୍ଦ୍ର ଅତ୍ୟଧିକ ମାତ୍ରାରେ କ୍ଷମତାର କେନ୍ଦ୍ରୀକରଣ କରୁଛି, ଯାହାକି ସର୍ବଭାରତୀୟ ସେବା ଅଧିକାରୀମାନଙ୍କ ମନୋବଳ ଓ ସ୍ୱାଧୀନତାକୁ ନଷ୍ଟ କରିଦେବ। ଇତିମଧ୍ୟରେ ରବିବାର କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଧ୍ୟ କେନ୍ଦ୍ରର ଉପରୋକ୍ତ ନିଷ୍ପତ୍ତି ବିରୋଧରେ ମୋଦିଙ୍କ ନିକଟକୁ ପତ୍ର ଲେଖି ପ୍ରତିବାଦ ଜଣାଇଛନ୍ତି। ପ୍ରସ୍ତାବିତ ସଂଶୋଧନ ଆଇଏଏସ୍ ଅଧିକାରୀମାନଙ୍କ ମନରେ ଭୟ ସୃଷ୍ଟି କରିବ ବୋଲି ବିଜୟନ୍ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ଷ୍ଟାଲିନ୍‌ଙ୍କ ମତରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଙ୍ଘୀୟ ସହଯୋଗିତା ପାଇଁ ଏହା ଅପୂରଣୀୟ କ୍ଷତି ଆଣିଦେବ। ତେଣୁ ପ୍ରସ୍ତାବକୁ ପ୍ରତ୍ୟାହାର କରାଯାଉ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମଧ୍ୟ ଏହାର ପ୍ରତିବାଦରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ପତ୍ର ଲେଖିବାକୁ ଯାଉଛନ୍ତି। ଏଠାରେ କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବା ଦ୍ୱାରା ଅଧିକାରୀମାନଙ୍କ ଦୃଷ୍ଟିକୋଣ ଏବଂ ସର୍ବଭାରତୀୟ ସେବାର ମିଶନ ଅଗ୍ରସର ହେବ। ତେଣୁ ଏହାକୁ ବିରୋଧ କରିବା ଅନୁଚିତ।

### ବିବାହ ବାତିଲ କଲେ ...

ଜିଓଗ୍ରାଫିକ୍ ଚ୍ୟାନେଲରେ ପ୍ରସାରିତ ହେଉଛି। ନିର୍ବାଚିତ ହୋଇ ଶାସନରେ ଥିବାବେଳେ ସନ୍ତାନ ପ୍ରସବ କରିବାରେ ଜେସିଣ୍ଡା ହେଉଛନ୍ତି ବିଶ୍ୱର ଦ୍ୱିତୀୟ ନେତ୍ରୀ। ପ୍ରଥମେ ୧୯୯୦ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ କ୍ଷମତାରେ ଥିବାବେଳେ ମା’ ହୋଇଥିଲେ। କୋଭିଡ୍ ସଂକ୍ରମଣକୁ ସଫଳତାର ସହ ମୁକାବିଲା କରିପାରିଥିବାରୁ ୨୦୨୦ ଅକ୍ଟୋବରରେ ଜେସିଣ୍ଡା ବହୁମତ ପାଇ ପୁଣି ଶାସନକୁ ଫେରିଥିଲେ।

ଉଲ୍ଲେଖଯୋଗ୍ୟ, ନ୍ୟୁଜିଲାଣ୍ଡରେ କୌଣସି ଉତ୍ସବ ବା ସମାରୋହରେ ଟିକା ନେଇଥିଲେ ବି ଶହେରୁ ଊର୍ଦ୍ଧ୍ୱ ଲୋକ ସାମିଲ ହେବା ଉପରେ କଟକଣା ରହିଛି। ଦେଶରେ ୧୨ ବର୍ଷ ବୟସରୁ ଊର୍ଦ୍ଧ୍ୱ ପ୍ରାୟ ୯୪ ପ୍ରତିଶତ ଲୋକଙ୍କ ଟିକାକରଣ ସମ୍ପୂର୍ଣ୍ଣ ହୋଇସାରିଛି। ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ ୫୬ ପ୍ରତିଶତ ବୁଷ୍ଟର ଡୋଜ୍ ନେଇସାରିଛନ୍ତି। ମହାମାରୀ ଆରମ୍ଭ ହେବାଠାରୁ ନ୍ୟୁଜିଲାଣ୍ଡରେ ୧୫,୧୦୪ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୨ ଜଣଙ୍କ ମୃତ୍ୟୁ ଘଟିଛି।

### ୧୩ ଜିଲାକୁ ...

ବାରିପଦା, ଝାରସୁଗୁଡ଼ା, ସୁନ୍ଦରଗଡ଼, ହୀରାକୁଦ, ସୋନପୁରରେ ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ସର୍ବାଧିକ ବର୍ଷା ହୋଇଛି। ସେପଟେ ରାଜ୍ୟରେ ପୁଣି ରାତିର ତାପମାତ୍ରା ହ୍ରାସ ପାଇବ। ବର୍ଷା ପାଇଁ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇବ। ତେବେ ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୧୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବାକି ସବୁଠି ତାପମାତ୍ରା ୨୦ ଡିଗ୍ରୀ ତଳେ ରହିଥିଲା। ଏଥିସହ ବିଭିନ୍ନ ସ୍ଥାନରେ କୁହୁଡ଼ି ହୋଇଥିଲା। ବାଲେଶ୍ୱର, ଚାନ୍ଦବାଲି, ପାରାଦୀପ, ଅନୁଗୋଳ ଓ ବାରିପଦାରେ ଘନ କୁହୁଡ଼ି ଦେଖାଯାଇଥିଲା। ସେହିଭଳି ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଅନୁଗୋଳ, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଏବଂ ମଙ୍ଗଳବାର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକରେ କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କର କର୍ମତତ୍ପରତା, ବନ୍ଧୁମିଳନ, ଦୂରଯାତ୍ରା, ଅର୍ଥ ସଂଗ୍ରହଜନିତ ସମୟ ଅତିବାହିତ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ହେବ। ବନ୍ଧୁଙ୍କ ସହାୟତାରେ ନୂଆ ଯୋଜନା ଆରମ୍ଭକୁ ମନ ବଳାଇବେ। ରାସ୍ତାକାମ, ଘର ତିଆରି କିମ୍ବା ଯାନବାହନ, କଳକବ୍ଜା ସମ୍ବନ୍ଧୀୟ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ**
ସମ୍ପର୍କୀୟଙ୍କ ପ୍ରେରଣାରେ ଧର୍ମକାର୍ଯ୍ୟ, ଆଧ୍ୟାତ୍ମିକତା, ଦେବାର୍ଚ୍ଚନା କରିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ମିଳିବା ସହ କୌଣସି ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି। ଭଲ କଥା କହୁଥିଲେ ମଧ୍ୟ ପ୍ରିୟବ୍ୟକ୍ତିଙ୍କ ଚିନ୍ତାଧାରା ଭିନ୍ନ ପ୍ରକାରର ରହିପାରେ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବା ସହ ସ୍ଥଗିତ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ କାମ ମଧ୍ୟ ଅଟକିବ ନାହିଁ। ପୁରୁଣା କଥାକୁ ବେଶି ମାଜିବା ଠିକ୍ ହେବନି, ଯାହାକି କଳହର କାରଣ ହେବ। ବିଶେଷ ସମସ୍ୟା ଦେଖାନଦେଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।

**କର୍କଟ**
ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ କାର୍ଯ୍ୟବ୍ୟସ୍ତତା ହେତୁ ଘରେ ବିଶେଷ ସମୟ ରହିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। ଅଫିସରୁ ଫେରିବା ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ସ୍ଥାନୀୟ ଲୋକମାନଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ।

**ସିଂହ**
ଆଜି କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପିଲାମାନଙ୍କ ଦାୟିତ୍ୱହୀନତା ସକାଶେ, କାର୍ଯ୍ୟହାନି ଯୋଗୁ ମନ ଠିକ୍ ରହିବ ନାହିଁ।

**କନ୍ୟା**
ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାରଣ ନଥାଇ ଅନ୍ୟମାନେ ଦୋଷ ଦେଇପାରନ୍ତି। ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ । ଯାତ୍ରା ସମୟରେ ନିଜର ଅନ୍ୟମନସ୍କତା କାରଣରୁ କେତେକ ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ।

**ତୁଳା**
ବନ୍ଧୁଙ୍କ ସାହାଯ୍ୟ, ସହଯୋଗରୁ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ। ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ନିଜର ଘରୋଇ କାମ ସକାଶେ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇନେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି।

**ବିଛା**
ଆଜି ସକାଳୁ ସକାଳୁ ସାଙ୍ଗସାଥୀମାନଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ରାସ୍ତାରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ବିଶେଷତଃ କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଆଜି ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣାଓଟରା ଲାଗିବ। ବିବାଦୀୟ ଘଟଣାରେ, ପରିବହନରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। ସମସ୍ୟା ରହିଥିଲେ ମଧ୍ୟ ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମକର**
ଶାରୀରିକ ସୁସ୍ଥତା ପୂର୍ବପରି ବଳବତ୍ତର ରହିବ। କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, କଳା ସାହିତ୍ୟରେ, ପରିବାର ଭିତରେ, ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଡିପ୍ରେସନ ଲାଗି ରହିବା କାରଣରୁ ନିଜକୁ ନ୍ୟୂନ ମନେ କରିପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇ ପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ଭଲ ରହିବ ଓ ସ୍ଥଗିତ କାମ ସହଜେ ସମ୍ପନ୍ନ ହେବାରେ ଅସୁବିଧା ନାହିଁ। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୫,୦୫,୨୬,୩୯୩ | ୫୬,୧୧,୭୬୫ | ୨୭,୮୯,୫୮,୩୮୨ |
| ଭାରତ | ୩,୯୨,୩୭,୨୬୪ | ୪,୮୯,୪୨୨ | ୩,୬୫,୬୦,୬୫୦ |
| ଓଡ଼ିଶା | ୧୨,୦୪,୬୬୦ | ୮୫୨୦(+୫୩) | ୧୧,୨୧,୬୦୮ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପିକ୍‌ଅପ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଭବାନୀପାଟଣା,୨୩।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କାପସରା ଛକ ନିକଟରେ ରବିବାର ଅପରାହ୍ଣରେ ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁନାଗଡ଼ ଥାନା ବନମାଳୀପୁରର ମସିମ ଖାନ୍ ଓ ଚଞ୍ଚରାବାଡିର ଚନ୍ଦ୍ରଶେଖର ନାଏକ। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ଣରେ ମସିମ ଓ ଚନ୍ଦ୍ରଶେଖର ଏକ ବାଇକ୍ (ନଂ.ଓଡି୧୮ଏ-୬୦୧୭) ଯୋଗେ ଭବାନୀପାଟଣାରୁ ଜୁନାଗଡ଼କୁ ଫେରୁଥିଲେ। ଏହି ସମୟରେ କାପସରା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ(ନଂ. ଓଆର୍‌୨୪ଏ-୫୦୦୮) ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ରାସ୍ତାରେ ଛିଟିକି ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଯୋଗୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଢେଙ୍କାନାଳ ଅଫିସ, ୨୩।୧: ଢେଙ୍କାନାଳ ଜିଲା କପିଳାସ ରେଞ୍ଜ୍ ଗୋପାଳପୁର ଗ୍ରାମରେ ରବିବାର ଭୋର୍‌ରେ ଦନ୍ତହାତୀ ଆକ୍ରମଣରେ ଫକୀର ନାଏକ (୭୦)ଙ୍କ ମୃତ୍ୟୁ ଘଟିଛି। ଫକୀର ଘର ପଛପାଖ ବାଡ଼ିକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସୂଚନା ପାଇ କପିଳାସ ରେଞ୍ଜ୍ କର୍ମଚାରୀ, ଗଁଦିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ.୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, କପିଳାସ ରେଞ୍ଜ୍‌ର ଦେଓଗାଁ ସମେତ ଯୋରନ୍ଦା, ହିନ୍ଦୋଳ ରେଞ୍ଜ, ମହାବିରୋଡ ରେଞ୍ଜ୍‌ରେ ଗୋଠଛଡ଼ା ଦନ୍ତା ବୁଲୁଛନ୍ତି। ଶୀତଦିନେ ଦନ୍ତାହାତୀ ଅଧିକ ହିଂସ୍ର ହୋଇଥାଆନ୍ତି। ତେଣୁ ସମ୍ପୃକ୍ତ ଅଞ୍ଚଳବାସୀ ସକାଳ ୬ଟା ପୂର୍ବରୁ ଘରୁ ନ ବାହାରିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ଏହାକୁ ଗୁରୁତ୍ୱର ସହ ନେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ମୃତକଙ୍କ ପରିବାରକୁ ସୋମବାର ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଯୁକ୍ତ୨ ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୩।୧(ବ୍ୟୁରୋ)

- ଜାନୁୟାରୀ ଶେଷ ସୁଦ୍ଧା ଅନୁଧ୍ୟାନ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ପରୀକ୍ଷା କେନ୍ଦ୍ର ପାଇଁ ୬ ମାନଦଣ୍ଡ ନିର୍ଦ୍ଧାରଣ
- ବିଦ୍ୟୁତ୍ ସମସ୍ୟା ଥିଲେ ସୋଲାର ବ୍ୟବସ୍ଥା କରାଯିବ

କରୋନା ପାଇଁ ଗତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। କିନ୍ତୁ ଚଳିତବର୍ଷ ମାଟ୍ରିକ ପରୀକ୍ଷା ନ ହେଲେ ବିକଳ୍ପ ପଦ୍ଧତିରେ ଫଳ ପ୍ରକାଶ ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଯୁକ୍ତ୨ ପାଇଁ ସେଭଳି କୌଣସି ବିକଳ୍ପ ବ୍ୟବସ୍ଥା ହୋଇ ନ ଥିବାରୁ ଏଥର ଅଫ୍‌ଲାଇନ୍‌ରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ପ୍ରାୟତଃ ନିଶ୍ଚିତ ହୋଇଯାଇଛି। ଇତିମଧ୍ୟରେ ଏହି ପରୀକ୍ଷା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ସବୁ ପରୀକ୍ଷା କେନ୍ଦ୍ର ଅନୁଧ୍ୟାନ କରି ଜାନୁୟାରୀ ଶେଷ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ବିଦ୍ୟୁତ୍ ସମସ୍ୟା ରହିଥିବ ସେଠାରେ ସୋଲାର ଭଳି ବିକଳ୍ପ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଯେଉଁସବୁ ସ୍କୁଲ ଉପାନ୍ତ ଅଞ୍ଚଳ ମଧ୍ୟରେ ରହିଛି ଏବଂ ଯଦି ସମ୍ପୃକ୍ତ ଅଞ୍ଚଳକୁ କୌଣସି ବିଦ୍ୟୁତ ସଂଯୋଗ ପହଞ୍ଚି ନ ଥିବ କିମ୍ବା ବିଦ୍ୟୁତ ସମସ୍ୟା ରହିଥିବ, ସେସବୁ ଅଞ୍ଚଳରେ ଥିବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ସୋଲାର ବ୍ୟବସ୍ଥାକୁ ବିକଳ୍ପ ଭାବେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ସେହିପରି ଯେଉଁ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା ରହିବା ଭଳି ଆଇରନ୍ ଚେଷ୍ଟ, ପାଚେରୀ, ସିସି କ୍ୟାମେରା ବ୍ୟବସ୍ଥା ନ ଥିବ ସେହି ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯିବ ନାହିଁ। ଏହାର ଜିଲାୱାରୀ ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ଚୂଡ଼ାନ୍ତ ପରୀକ୍ଷା କେନ୍ଦ୍ରର ତାଲିକା କରାଯିବ। ଏଥିସହ ପରୀକ୍ଷା କେନ୍ଦ୍ର ପାଇଁ ୬ଟି ମାନଦଣ୍ଡକୁ ଅଗ୍ରାଧିକାର ଦିଆଯାଇଛି। ଆବଶ୍ୟକ ଭିତ୍ତିଭୂମି ସହ ପାଚେରୀ, ମୁଖ୍ୟ ଫାଟକ ଓ ସ୍କୁଲ ଫାଟକରେ ଗେଟ୍ ବ୍ୟବସ୍ଥା, କରିଡର, ଶ୍ରେଣୀଗୃହରେ ସିସି କ୍ୟାମେରା, ବିଦ୍ୟୁତ ସଂଯୋଗ, ଲାଇଟ୍, ଫ୍ୟାନ୍, ପିଇବା ପାଣିର ବ୍ୟବସ୍ଥା ଥିବା ବାଧ୍ୟତାମୂଳକ କରାଯାଇଛି। ବିଶେଷକରି କୋଭିଡ୍ କଟକଣା ସହ ପରୀକ୍ଷାର୍ଥୀଙ୍କ ଲାଗି ମୌଳିକ ସୁବିଧା ଓ ବିଦ୍ୟୁତ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗତ କିଛିବର୍ଷ ହେବ ବିଦ୍ୟୁତ ସଂଯୋଗ ନ ଥିବା ଓ ବାରମ୍ବାର ବିଦ୍ୟୁତକାଟ ପାଇଁ ପରୀକ୍ଷା ସହ ଖାତାଦେଖାରେ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଥିଲା। ତେଣୁ ଏଥର ପ୍ରଥମ ପର୍ଯ୍ୟାୟ ଅନୁଧ୍ୟାନ ରିପୋର୍ଟରେ କେଉଁ କଲେଜରେ ବିଦ୍ୟୁତ ବ୍ୟବସ୍ଥା ରହିଛି ଏବଂ କେଉଁଠି ସମସ୍ୟା ରହିଛି ତାହାର ତାଲିକା ପ୍ରସ୍ତୁତ କରାଯିବ। ବିଦ୍ୟୁତ ସମସ୍ୟା ରହିଥିଲେ ବିକଳ୍ପ ବ୍ୟବସ୍ଥା ଭାବେ ସୋଲାର ବ୍ୟବସ୍ଥା କରାଯିବ। ସେଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନର ଟଙ୍କା ବ୍ୟୟ କରାଯିବ। ଏନେଇ ପ୍ରାଥମିକ ସ୍ତରରେ କେତେ ଖର୍ଚ୍ଚ ହେବ ତାହା ସ୍ପଷ୍ଟ ହୋଇନାହିଁ। ଜାନୁୟାରୀରେ ଅନୁଧ୍ୟାନ ରିପୋର୍ଟ ମିଳିବା ପରେ ବଜେଟ ପ୍ରସ୍ତୁତ କରାଯାଇ ଫେବୃୟାରୀ ଦ୍ୱିତୀୟ ସପ୍ତାହ ମଧ୍ୟରେ ଏହି ବିଦ୍ୟୁତ୍ ବ୍ୟବସ୍ଥା କରାଯିବ। ସେହିପରି ଏଥର ପରୀକ୍ଷା ପୂର୍ବରୁ ଜିଲାୱାରୀ ମକ୍‌ଡ୍ରିଲ୍ ମଧ୍ୟ ହେବ, ଯେଉଁଥିରେ ପ୍ରଥମଥର ପାଇଁ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ରହିବେ ବୋଲି ନିଷ୍ପତ୍ତି ହୋଇଛି। ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିର୍ଦ୍ଦେଶ ଦେଇଛନ୍ତି।

## ବୟସ ହୋଇ ନ ଥିବାରୁ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଖାରଜ

ଡେରାବିଶ,୨୩।୧(ସ୍ୱ.ପ୍ର.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସରିଯିବା ପରେ ଶନିବାର ଏହାର ଯାଞ୍ଚ ପରେ ରବିବାର ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ ବ୍ଲକର ୨୬ ପଞ୍ଚାୟତରେ ବିଭିନ୍ନ ପଦ ପଦବୀ ପାଇଁ ଦାଖଲ କରାଯାଇଥିବା ପ୍ରାର୍ଥିପତ୍ର ମଧ୍ୟରୁ ଜଣେ ସରପଞ୍ଚ ପ୍ରାର୍ଥୀଙ୍କୁ ବୟସ ହୋଇ ନ ଥିବାରୁ ଖାରଜ କରାଯାଇଛି। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ନିର୍ବାଚନ ଅଫିସର ଦାୟିତ୍ୱରେ ଥିବା ଅଧିକାରୀମାନେ ଦାଖଲ କରାଯାଇଥିବା ନାମାଙ୍କନ ପତ୍ର ଯାଞ୍ଚ ବେଳେ ନହଙ୍ଗ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ରଶ୍ମିତା ମଲ୍ଲିକ ନାମ୍ନୀ ପ୍ରାର୍ଥିନୀଙ୍କ ବୟସ ୨୧ ବର୍ଷ ପୂରଣ ହୋଇ ନ ଥିବାରୁ ଅଧିକାରୀ ତାଙ୍କ ନାମାଙ୍କନ ପତ୍ରକୁ ନାକଚ କରିଦେଇଥିଲେ। ଏହାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ଏପରି କି ଉକ୍ତ ପ୍ରାର୍ଥିନୀଙ୍କ ସମର୍ଥକମାନେ ଏହାର ବିରୋଧ କରି ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କ ସହିତ ବଚସା କରିଥିଲେ। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରେ ସରପଞ୍ଚ ପ୍ରାର୍ଥୀଙ୍କ ବୟସ କମ୍ ଥିବାରୁ ତାଙ୍କ ପ୍ରାର୍ଥିପତ୍ରକୁ ଖାରଜ କରାଯାଇଛି ବୋଲି ସେ କହିଛନ୍ତି।

## ଗଛରେ ଭାଲୁ, ଗ୍ରାମବାସୀ ଆତଙ୍କିତ



ଗଛ ଉପରେ ବସିଥିବା ଭାଲୁ।

ଉମରକୋଟ, ୨୩।୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁନାବେଡ଼ା ପଞ୍ଚାୟତ ନାୟକଗୁଡ଼ା ୟୁଭି-୧୧ ବଙ୍ଗୀୟ ଗ୍ରାମର ଏକ ନିମ୍ବ ଗଛରେ ଭାଲୁଟିଏ ବସିଛି। ଏହାକୁ ଦେଖି ଗ୍ରାମବାସୀ ଏବେ ଭୟରେ। ଘଟଣାସ୍ଥଳରେ ଉମରକୋଟ ବନ ବିଭାଗ ପହଞ୍ଚି ଭାଲୁକୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛି। ଏଥିସହ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସତର୍କ କରାଯାଉଛି।

ସୂଚନାନୁଯାୟୀ, ଭାଲୁଟି ଶନିବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସିଥିଲା। ସକାଳେ ଜଙ୍ଗଲକୁ ଫେରି ନ ପାରିବାରୁ ଗଛ ଉପରକୁ ଚଢ଼ିଯାଇଥିଲା। ଭାଲୁକୁ ଦେଖିବାକୁ ଗଛ ତଳେ ଗ୍ରାମବାସୀଙ୍କ ଭିଡ଼ ଜମିଛି। କେହି ଏକାକୀ ଚାଷ କରିବାକୁ କିମ୍ବା ଗାଇ ଚରାଇବାକୁ ଜଙ୍ଗଲକୁ ଯାଉନାହାନ୍ତି। ଘଟଣାସ୍ଥଳରେ ଉମରକୋଟ ବନ ବିଭାଗ ପହଞ୍ଚି ଭାଲୁକୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛି। ଉଦ୍ଧାର ପରେ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଉମରକୋଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଭାଲୁଟି ଗଛ ଉପରେ ବସି ରହିଛି।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନବୀନ ନିବାସରେ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ଟ୍ରକ୍ ଓଲଟି ଦମ୍ପତିଙ୍କ ସମେତ ୩ ମୃତ, ୪ ଗୁରୁତର

ବାରିପଦା ଅଫିସ, ୨୩।୧



ଓଲଟି ପଡ଼ିଥିବା ଟ୍ରକ୍।

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବିଦ୍ରୁଛକରେ ଶନିବାର ମର୍ମନ୍ତୁଦ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ପୁରୁସାହି ନିକଟରେ ରବିବାର ଅପରାହ୍ଣରେ ଟ୍ରକ୍ ଓଲଟି ଦମ୍ପତିଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକମାନେ ହେଲେ ବେସରପାଣି ଲୋଧାସାହିର ଜନି ଭକ୍ତା, ତାଙ୍କ ସ୍ୱାମୀ ଦୋଉରା ଭକ୍ତା ଓ କେନ୍ଦୁଝରୀ ଗାଁର ବୃଦ୍ଧ ସୋନଫାଗୁ ମାଝି।

ସୂଚନା ଅନୁଯାୟୀ, ଶିମିଳିପାଳ ସଂଲଗ୍ନ ଇଲାକାରେ ଥିବା ବେସରପାଣି ଲୋଧାସାହି ଓ କେନ୍ଦୁଝରୀ ଗ୍ରାମର ଲୋକେ କେନ୍ଦୁଆ ପଞ୍ଚାୟତକୁ ରାଶନ ଚାଉଳ ନେବାକୁ ଆସିଥିଲେ। ଚାଉଳ ନେଇ ସେମାନେ ଉକ୍ତ ଟ୍ରକ୍‌ରେ ଘରକୁ ଫେରୁଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଜନିଙ୍କ ମୃତ୍ୟୁ ହୋଇଥିବା ବେଳେ ଦୋଉରାଙ୍କ ସମେତ ୬ଜଣ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଦୋଉରା ଓ ସୋନଫାଗୁଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ମଧୁସ୍ମିତା ମହାନ୍ତି କହିଛନ୍ତି।

## ଆଜି ବନିତାଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର

ନବରଙ୍ଗପୁର,୨୩।୧(ବି.ପ୍ର.)

କ୍ଷୁଦ୍ର ଗ୍ରହ ଆବିଷ୍କାର କରିଥିବା ନବରଙ୍ଗପୁରର ବନିତା ଦାସ ସମ୍ମାନ ଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ୨୦୨୨ ପାଇଁ ମନୋନୀତ ହୋଇଛନ୍ତି। ସେ ସୋମବାର ଦିନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଧ୍ୟପ୍ରଦେଶର ଅନୁପପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଏନ୍‌ଆଇସିରେ ଭର୍ଚୁଆ ପ୍ଲାଟ୍‌ଫର୍ମରେ ବାର୍ତ୍ତାଳାପ କରିବେ। ସେମାନଙ୍କୁ ପୁରସ୍କାର ସ୍ୱରୁପ ୧ ଲକ୍ଷ ଟଙ୍କା ଓ ଇ-ସାର୍ଟିଫିକେଟ ପ୍ରଧାନମନ୍ତ୍ରୀ ପ୍ରଦାନ କରିବେ।

ବନୀତା ଜାନୁଆରୀ ୨୦୨୧ରେ ଖାଗୋଲାଲା ଆଷ୍ଟ୍ରୋଏଡ ସର୍ଚ୍ଚ ଅଭିଯାନ (କେଏଏସ୍‌ସି)ରେ ଯୋଗ ଦେଇଥିଲେ। ସେଠାରେ ପିଲମାନଙ୍କୁ ଆଷ୍ଟ୍ରୋଏଡ ଚିହ୍ନଟ ତାଲିମ ଦିଆଯାଇଥିଲା। ସେ ହାୱାଇରେ ଅବସ୍ଥିତ ଏକ ଟେଲିସ୍କୋପ ବ୍ୟବହାର କରି ଏକ ଆଷ୍ଟ୍ରୋଏଡ ଆବିଷ୍କାର କରିଥିଲେ। ନାସା, ହାର୍ଡିନ୍-



ବନିତା ଦାସ

ସିମନ୍ସ ୟୁନିଭରସିଟି ଏବଂ ଆନ୍ତର୍ଜାତୀୟ ଜ୍ୟୋର୍ତିବିଜ୍ଞାନ ସନ୍ଧାନ ସହଯୋଗରେ ଉକ୍ତ ଗ୍ରହକୁ ସ୍ୱୀକୃତି ଦିଆଯାଇଛି। ଉକ୍ତ କ୍ଷୁଦ୍ର ଗ୍ରହକୁ ବନୀତାଙ୍କ ନାମରେ ନାମିତ ମଧ୍ୟ କରାଯାଇଛି। ବନୀତା ନବରଙ୍ଗପୁର ଜିଲା ଗାଦୁଆଗୁଡ଼ା ସାହି ବନବାହରି ଦାସ ଓ ଅନୀତାଙ୍କ ଝିଅ। ସେ ଏବେ ମଧ୍ୟପ୍ରଦେଶର ଅନୁପୁରର ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି।

## ରେଳ ଧାରଣାରୁ ମୃତଦେହ ଜବତ

ଯୋଡ଼ା,୨୩।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ୬ ନମ୍ବର ୱାର୍ଡ ବାବୁ ହଟିଙ୍ଗ ନିକଟରେ ଥିବା ରେଳ ଧାରଣାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ଉକ୍ତ ମୃତଦେହ ଯୋଡ଼ା ସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାର ଶବ ଗୃହରେ ରଖାଇଛି। ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

## ଡକାୟତି ଯୋଜନା ବେଳେ ଚଢ଼ାଉ: ୩ ଗିରଫ, ମାରଣାସ୍ତ୍ର ଜବତ

ରାଉରକେଲା ଅଫିସ,୨୩।୧

ରାଉରକେଲା ଉଦିତନଗର ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦିତନଗର ଥାନା ଶୀତଳପଡାର ସୁରେନ୍ଦ୍ର ସିଂହ(୨୬), ତୋଫାନ ଚୌଧୁରୀ(୩୩) ଓ ଅନୀଲ ରାଉତ(୩୦)। ସେମାନଙ୍କଠାରୁ ୨ଟି ସ୍କୁଟି, ୨ଟି ପିସ୍ତଲ, ଗୁଳି, ଖଣ୍ଡା ଏବଂ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଉଦିତନଗର ଥାନାରେ ଦଫା ୩୯୯, ୪୦୨ ଆଇପିସି ଓ ୨୫ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୧୫/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଉଦିତନଗର ଓ ଟାଙ୍ଗରପାଲି ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

ସୂଚନା ଅନୁସାରେ, ଶନିବାର ରାତିରେ ଉଦିତନଗର ଥାନା ଅଧୀନ ଶୀତଳପଡା ଡ଼ମ୍ପିଂ ୟାର୍ଡ ଅଞ୍ଚଳରେ ୭ଜଣ ଦୁର୍ବୃତ୍ତ ଏକ ଗହଣା ଦୋକାନ ଏବଂ ଅନ୍ୟ ଜଣେ ବ୍ୟବସାୟୀଙ୍କ ଘରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଉଦିତନଗର ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରି ସୁରେନ୍ଦ୍ର, ତୋଫାନ ଓ ଅନୀଲଙ୍କୁ କାବୁ କରିଥିଲା। ଅନ୍ୟ ୪ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ସୂଚନା ଦେଇଛନ୍ତି।

## ଚାକିରି ସ୍ଥାୟୀ ନ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା




କୁଚେଇପଦର ଡାକ୍ତରଖାନାରେ ତାଲା ପକାଇ ବିଭୀଷଣ ଧାରଣାରେ ବସିଛନ୍ତି।

ରାୟଗଡା ଅଫିସ, ୨୩।୧

ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଆର୍‌ଆଇ କାର୍ଯ୍ୟାଳୟରେ ଚାବି ପକାଇଲେ ଜମିହରା ହିତାଧିକାରୀ। ଚାକିରି ନିୟମିତ କରିବାକୁ ବାରମ୍ବାର ଦାବି କରି ବିଫଳ ହେବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ତାଲା ପକାଇଦେବାରୁ ରୋଗୀ ସେବାରେ ବାଧା ଦେଖାଦେଇଛି। ୨୦୦୧ରେ କୁଚେଇପଦରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍‌ଆଇ ନୂତନ ଅଫିସ ଗୃହ ନିର୍ମାଣ ପାଇଁ ବିଭୀଷଣ ହରିଜନ ସରକାରଙ୍କୁ ଏକ ଏକର ଜମି ପ୍ରଦାନ କରିଥିଲେ। ଏହି ବାବଦରେ ତାଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ଏହି ପଦବୀକୁ ନିୟମିତ କରିବା ପାଇଁ ସେ ବିଭିନ୍ନ ସମୟରେ ଦାବି କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ରବିବାର ସେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍‌ଆଇ ଅଫିସରେ ତାଲା ପକାଇଛନ୍ତି। ଦୋରାଗୁଡ଼ ଥାନା ପୋଲିସ ପହଞ୍ଚି ତାଙ୍କୁ ବୁଝାଶୁଝା କରିବା ପରେ ସେ ତାଲା ଖୋଲିଛନ୍ତି।

## ନିର୍ମାଣାଧୀନ ଘରୁ ୫୬୪ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଜବତ

ନବରଙ୍ଗପୁର,୨୩।୧(ବି.ପ୍ର.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କେଶରୀଗୁଡ଼ାସ୍ଥିତ ଏକ ନିର୍ମାଣାଧୀନ ବେସରକାରୀ କୋଠାରେ ମଧ୍ୟାହ୍ନଭୋଜନ ଚାଉଳ ଗଚ୍ଛିତ ଥିବା ଅଭିଯୋଗ ପାଇ ନବରଙ୍ଗପୁର ତହସିଲଦାର ଓ ପୋଲିସ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ଉକ୍ତ କୋଠାର ୨ ବଖରା ଘରୁ ୫୬୪ ବସ୍ତା ଚାଉଳ ଜବତ ହୋଇଛି। ପରେ ଉକ୍ତ କୋଠାକୁ ପ୍ରଶାସନ ସିଲ୍ କରି ନବରଙ୍ଗପୁର ଏବିଇଓ ଜିମା ଦେଇଛନ୍ତି। ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନ କରିବାକୁ ଲିଜ୍ ପାଇଥିବା ବ୍ୟକ୍ତିଙ୍କ ସହଯୋଗୀ ମୃତ୍ୟୁଞ୍ଜୟ ମହାନ୍ତି କହିଛନ୍ତି ଯେ, ରବିବାର ଛୁଟି ଥିବାରୁ ଶନିବାର ବିଭିନ୍ନ ସ୍କୁଲ ପାଇଁ ଉଠାଯାଇଥିବା ୪୫୦ ବସ୍ତା ଚାଉଳ ସେଠାରେ ରଖାଯାଇଥିଲା। ସୋମବାର ସେହି ଚାଉଳ ନନ୍ଦାହାଣ୍ଡି ଓ ପାପଡ଼ାହାଣ୍ଡି ବ୍ଲକ୍‌ର ବିଭିନ୍ନ ସ୍କୁଲକୁ ଯାଇଥାନ୍ତା। ୨ ବର୍ଷ ହେବ ଏଠାରେ ଚାଉଳ ରଖାଯାଇ ବ୍ଲକର ବିଭିନ୍ନ ସ୍କୁଲ୍‌କୁ ପଠାଯାଉଥିବା ସେ କହିଛନ୍ତି।



ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ବିଦ୍ୟାଳୟ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ଅନୁପାତରେ ଡିଇଓଙ୍କଠାରୁ ଆଲଟମେଣ୍ଟ ଚିଠି ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ କେଉଁ ଗୋଦାମରୁ ଚାଉଳ ଉଠାହେବ ତାହାର ଅନୁମତିପତ୍ର ପାଇ ଡିଲର ଚାଉଳ ଉଠାଇ ସିଧାସଳଖ ସ୍କୁଲକୁ ଯୋଗାଇବାର ନିୟମ ରହିଛି। ଉପରୋକ୍ତ ଘଟଣାରୁ ଏହାର ଉଲ୍ଲଂଘନ କରାଯାଉଥିବା ସ୍ପଷ୍ଟ ବାରି ହେଉଛି। ସେହିଭଳି ବସ୍ତା ପିଛା ୫ରୁ ୭ କିଲୋ ଚାଉଳ କମ୍ ଆସୁଥିବା ନେଇ ଶିକ୍ଷକମାନେ ବହୁବାର ପ୍ରଶାସନ ଓ ଡିଇଓଙ୍କ ନିକଟରେ ଅଭିଯୋଗ କରୁଥିଲେ। ଏହି ବେସରକାରୀ କୋଠାର ୨ଟି ବଖରାରୁ ୫୬୪ ବସ୍ତା ଚାଉଳ ମିଳିଛି। ସରକାରୀ ଅନୁମତି ପାଇଥିବା ଚାଉଳର ଗେଟ୍‌ପାସରେ ୪୫୦ ରହିଛି। ଏହି ଦୁଇଟି ଗଣନାକୁ ଆଧାର କଲେ ସେଠାରେ ଅଧିକ ୧୧୪ ବସ୍ତା ଚାଉଳ ରହିଛି। ଏହା ସେଠାକୁ କିପରି ଆସିଲା ତାହା ଏବେ ସନ୍ଦେହ ଘେରରେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବା ଚାଉଳ ବସ୍ତା ଓ କୋଠାରେ ଥିବା ଚାଉଳ ବସ୍ତା ମଧ୍ୟରେ ଅନ୍ତର ଥିବାରୁ ତାହାକୁ ସିଲ୍ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ସିଲ୍ ପରେ ଉକ୍ତ କୋଠାର ଚାବି ମୋତେ ଦିଆଯାଇଛି ବୋଲି ଏବିଇଓ ନମିତା ଘଡ଼େଇ କହିଛନ୍ତି। ଅଭିଯୋଗ ପାଇ ଥାନାଧିକାରୀ ତାରିକ ଅହମ୍ମଦଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଥିଲି। ଗୋଟିଏ କୋଠାର ଦୁଇ ବଖରାରେ ମୋଟ୍ ୫୬୪ ବସ୍ତା ଚାଉଳ ରହିଛି। ସେଥି ମଧ୍ୟରେ ମଧ୍ୟାହ୍ନଭୋଜନ ପାଇଁ ଉଠିଥିବା ୪୫୦ ବସ୍ତା ଚାଉଳ ସହ ଅଧିକ ୧୧୪ ବସ୍ତା ରହିଛି। କୋଠାକୁ ସିଲ୍ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏହାର ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ତହସିଲଦାର ରବୀନ୍ଦ୍ର ରାଉତ କହିଛନ୍ତି।

ଭଗବାନଙ୍କ ସହିତ ମିଳନରେ ଯେଉଁ ନିଶା ଲାଗେ- ତାହା ଯେ କୌଣସି ସୁରା ବା ମଦ୍ୟପାନର ନିଶାଠାରୁ ଅଧିକ ଆନନ୍ଦ ଓ ଉନ୍ମାଦନା ଦିଏ। —ଶ୍ରୀମା

# ଭାଙ୍ଗିବା ପ୍ରକ୍ରିୟା ଚାଲିବ

ନୂଆ ଇତିହାସ ସୃଷ୍ଟି କରିବା ଲାଗି ଚାହୁଁଥିବା ବ୍ୟକ୍ତି ପୁରୁଣା ଇତିହାସକୁ ସମ୍ମାନ ଦେବା କଥା। କିନ୍ତୁ ଆଜିର ମୋଦି ସରକାର ଅତୀତକୁ ଭୁଲିଯାଇ ଭିନ୍ନ ଧରଣର ଇତିହାସ ସୃଷ୍ଟି କରିବାକୁ ଚାହୁଁଛନ୍ତି। ପୂର୍ବସୂରୀମାନେ ଯାହା କରିଥିଲେ ତାହା ସବୁ ଭୁଲ୍ ଥିଲା ବୋଲି ପ୍ରମାଣ କରିବା ଲାଗି ଇତିହାସକୁ ଚୂରମାର କରିଦେବାର ପ୍ରୟାସ ଜାରି ରହିଛି। ଅନେକ ସମୟରେ ମୋଦି କହୁଛନ୍ତି, ବିଗତ ୭୦ ବର୍ଷ ଭିତରେ ଯାହା ହୋଇ ନ ଥିଲା ତାହା ଅଳ୍ପ କେଇଟା ବର୍ଷରେ ତାଙ୍କ ସରକାର କରି ଦେଖାଇଛନ୍ତି। କିନ୍ତୁ ଏଠାରେ ଯେଉଁ ୭୦ ବର୍ଷ କଥା କୁହାଯାଉଛି, ତାହା ନେହେରୁ, ଇନ୍ଦିରା କିମ୍ବା ରାଜୀବମାନେ କରିନାହାନ୍ତି। ଗରିବ ଓ ଶ୍ରମିକ ଶ୍ରେଣୀ ହିଁ ଗଢ଼ିଛନ୍ତି ସବୁକିଛି ଓ ସେମାନଙ୍କ ଦ୍ୱାରା ରଚନା କରାଯାଇଛି ଇତିହାସ। ଯୁଦ୍ଧରେ ଶ୍ରେୟ ଯାଏ ଜେନେରାଲଙ୍କୁ, କିନ୍ତୁ ଗୁଳି ଖାଇ ପ୍ରାଣ ହରାନ୍ତି ସାଧାରଣ ଅପରିଚିତ ସୈନିକ। ଆଜି ସେହିମାନଙ୍କ କାର୍ଯ୍ୟକୁ ଅସ୍ୱୀକାର କରାଯିବା ଅର୍ଥ ନିଜ ପିତୃତ୍ୱକୁ ଅସ୍ୱୀକାର କରିବା। ଯେଉଁ ଜାତି ନିଜ ମାତାପିତାଙ୍କୁ ସ୍ୱୀକାର କରିବାକୁ ଅନିଚ୍ଛୁକ, ସେହି ଜାତିକୁ ପୃଥିବୀରେ କେହି ବିଶ୍ୱାସ କରିବେ ନାହିଁ। ଏହି କ୍ରମରେ ଦେଖିଲେ ଜାନୁୟାରୀ ୨୧ରେ ଅମର ଯବାନ ଜ୍ୟୋତିକୁ ଜାତୀୟ ଯୁଦ୍ଧ ସ୍ମାରକୀର ଅନନ୍ତ ଜ୍ୟୋତି ସହ ମିଶାଇ ଦିଆଯାଇଛି। କୁହାଯାଉଛି ଯେ, ମୋଦି ସରକାରଙ୍କ ଦ୍ୱାରା ୨୫ ଫେବୃୟାରୀ ୨୦୧୯ରେ ସ୍ଥାପିତ ନ୍ୟାଶନାଲ ୱାର୍ ମେମୋରିଆଲ୍ ବା ଜାତୀୟ ଯୁଦ୍ଧ ସ୍ମାରକୀକୁ ଦେଖିବା ପାଇଁ କୌଣସି ଦର୍ଶକ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେଥିରେ ବିଚଳିତ ହୋଇ ଅମର ଯବାନ ଜ୍ୟୋତିକୁ ସବୁଦିନ ସକାଶେ ଲିଭାଇ ଦେବା ହୋଇଗଲା ମୁଖ୍ୟ କାରଣ। ଉଲ୍ଲେଖଯୋଗ୍ୟ ଯେ, ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ୧୯୭୨ରୁ ଦୀର୍ଘ ୫୦ ବର୍ଷ ଧରି ଅମର ଯବାନ ଜ୍ୟୋତି ଜଳି ଆସୁଥିଲା। ଏହା ୧୯୭୧ ଭାରତ ଓ ପାକିସ୍ତାନ ଯୁଦ୍ଧରେ ପ୍ରାଣ ହରାଇଥିବା ଭାରତୀୟ ସୈନ୍ୟଙ୍କୁ ସମ୍ମାନ ଦେବା ପାଇଁ ଆରମ୍ଭ ହୋଇଥିଲା। ମନେପକାଇ ଦିଆଯାଇପାରେ ଯେ, ଭାରତୀୟ ସେନାର ବୀରତ୍ୱ ଯୋଗୁ ପାକିସ୍ତାନକୁ ଦୁଇ ଖଣ୍ଡ କରାଯାଇ ନୂତନ ଦେଶ ବାଂଲାଦେଶ ସୃଷ୍ଟି କରାଯାଇଥିଲା। ସେହି ସମୟରେ କଂଗ୍ରେସର ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଯୁଦ୍ଧ ଇନ୍ଦିରା ଗାନ୍ଧୀ ଲଢ଼ି ନ ଥିଲେ। ହେଲେ ପ୍ରାଣବଳି ଦେଇଥିଲେ ଭାରତର ଅଧିକାଂଶ ପ୍ରାନ୍ତରର ସାଧାରଣ ନାଗରିକ। ଆଶ୍ଚର୍ଯ୍ୟର କଥା ଯେ, ଗୁଜରାଟର କୌଣସି ସୈନିକ ଏବଂ କମାଣ୍ଡର ସେହି ଯୁଦ୍ଧରେ ଯୋଗ ଦେଇଥିବାର ଐତିହାସିକ ପ୍ରମାଣ ନାହିଁ। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ବ୍ରିଟିଶ ଶାସକଙ୍କ ଦ୍ୱାରା ନିର୍ମିତ ଇଣ୍ଡିଆ ଗେଟ୍‌ର ଦେହସାରା ସେହି ଭାରତୀୟ ସୈନିକଙ୍କ ନାମ ଲେଖାଯାଇଛି, ଯେଉଁମାନେ ପ୍ରଥମ ବିଶ୍ୱଯୁଦ୍ଧ ଓ ଅନ୍ୟାନ୍ୟ ଯୁଦ୍ଧରେ ପ୍ରାଣ ହରାଇଥିଲେ।

କୁହାଯାଉଛି ଅମର ଯବାନ ଜ୍ୟୋତିକୁ ଅନନ୍ତ ଜ୍ୟୋତି ସହ ମିଶାଇ ଦିଆଯିବା ଏକ ପ୍ରତୀକାତ୍ମକ ପଦକ୍ଷେପ, ଯାହାକୁ ନେଇ ବିବାଦ ସୃଷ୍ଟି ହେବା କଥା ନୁହଁ। ସରକାରଙ୍କ ଯୁକ୍ତି ହେଉଛି ସବୁ ଶହୀଦଙ୍କୁ ଗୋଟିଏ ସ୍ଥାନରେ ସମ୍ମାନ ଦିଆଯିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବିରୋଧୀ ସମାଲୋଚନା କରି କହୁଛନ୍ତି, ମୋଦି ସରକାର ପୁରୁଣା ଶାସନ ସମୟରେ ରଚାଯାଇଥିବା କୀର୍ତ୍ତିକୁ ମାଟିରେ ମିଶାଇ ଦେଇ ନିଜ ଅହଂଭାବକୁ ଦେଖାଇବା ଲାଗି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। କିନ୍ତୁ ସେଥିରେ କିଛି ନୂତନତ୍ୱ ଥିବା ଭଳି ମନେହେଉ ନାହିଁ। କେବଳ ଇତିହାସକୁ ଲିଭାଇବା ସକାଶେ ଏଭଳି ପଦକ୍ଷେପ ନିଆଯାଇଛି। ଯୁଦ୍ଧ ଲଢ଼ିଥିବା ଅନେକ ବୟସ୍କ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଅନ୍ୟ ଦେଶଗୁଡ଼ିକରେ ମୃତ ସୈନିକଙ୍କ ନିମନ୍ତେ ଏକରୁ ଅଧିକ ସ୍ମାରକୀ ରହିଛି, ଯେଉଁଥିରେ ସର୍ବଦା ଜ୍ୟୋତି ଜଳୁଛି। ବାଂଲାଦେଶ ଯୁଦ୍ଧକୁ ସମ୍ମାନ ଦେବାର ଅର୍ଥ ନୁହେଁ, ଯେ କାର୍‌ଗିଲ ଶହୀଦଙ୍କୁ ଅସମ୍ମାନିତ କରାଯାଉଛି। ସେହିଭଳି ଗଲ୍‌ୱାନ ଶହୀଦଙ୍କୁ ସମ୍ମାନିତ କରିବାର ଅର୍ଥ ନୁହେଁ, ୧୯୬୨ ଭାରତ-ଚାଇନା ଯୁଦ୍ଧର ଭାରତୀୟ ବୀରମାନଙ୍କୁ ଅସମ୍ମାନିତ କରାଯିବ। ଗଣତାନ୍ତ୍ରିକ ଦେଶରେ ରାଜନୈତିକ ନେତୃତ୍ୱର ପରିବର୍ତ୍ତନ ଘଟିବା ଅବଶ୍ୟମ୍ଭାବୀ। ପୂର୍ବରୁ ଯେଉଁ ଦଳ ଭୋଟ୍ ପାଉଥିଲା, ଆଜି ସେ ପରାଜିତ। ଆଜି ଯିଏ ଭୋଟ୍ ପାଉଛନ୍ତି, ସିଏ ଆସନ୍ତାକାଲି ପରାଜିତ ହେବେ ନାହିଁ ବୋଲି କେହି କହିପାରିବେ ନାହିଁ। ଭାରତର ସାଧାରଣ ନାଗରିକ ହିଁ ସବୁବେଳେ ରହିଛି। ସେହି ଭୋଟର ହାତରେ ସାମ୍ବିଧାନିକ କ୍ଷମତା ରହିଛି, ଯାହାଦ୍ୱାରା ରାଜନୈତିକ ପଟ ପରିବର୍ତ୍ତନ ସମ୍ଭବ ହେଉଛି। ଦୁର୍ଭାଗ୍ୟର ବିଷୟ, ଯେକୌଣସି ନେତା ବା ଦଳ କ୍ଷମତାକୁ ଆସୁଛନ୍ତି, ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆସିଯାଉଛି। ସମସ୍ତେ ନିଜକୁ ଦୀର୍ଘାୟୁ ବା ଅମର ଭାବି ସବୁବେଳେ କ୍ଷମତାରେ ରହିବେ ବୋଲି ଚିନ୍ତା କରନ୍ତି। ସେଥିପାଇଁ ଜନସାଧାରଣଙ୍କୁ ବିଭିନ୍ନ ଉପାୟରେ ଏବଂ ଅସତ୍ୟ କହି ବାଟବଣା କରିବାକୁ ଚେଷ୍ଟା କରନ୍ତି।

ଏକ କୃତଜ୍ଞ ଦେଶ ତା'ର ଶହୀଦଙ୍କୁ ଯଥାମାନ୍ୟ ଦେବା ଉତ୍ତମ ପଦକ୍ଷେପ। କିନ୍ତୁ ଇତିହାସବଦଳାଇଓଗୋଟିଏଜ୍ୟୋତିକୁଲିଭାଇଆଉଏକଜ୍ୟୋତିକୁପ୍ରୋତ୍ସାହନଦିଆଯିବା ଦ୍ୱାରା ଇତିହାସକୁ ଗୋଡ଼ରେ ଦଳି ଦେଲା ଭଳି ପ୍ରତୀୟମାନ ହେଉଛି। ମନେରଖିବାକୁ ହେବ ଯେ, ଏହାଦ୍ୱାରା ଯେଉଁ ନୂତନ ଇତିହାସ ସୃଷ୍ଟି କରାଯାଉଛି, ତାହା ମଧ୍ୟ ଚିରସ୍ଥାୟୀ ରହିବ ନାହିଁ। ଆଗାମୀ ଦିନରେ ଯେଉଁମାନେ କ୍ଷମତାକୁ ଆସିବେ ସେମାନେ ବାସ୍ତବ ଇତିହାସକୁ ଦଳିମକଚି ନିଜ ଇତିହାସକୁ ସର୍ବୋଚ୍ଚରେ ରଖିବାକୁ ଚେଷ୍ଟା କରିବେ। ଏହା ଏକ ନିରନ୍ତର ପ୍ରକ୍ରିୟା ହୋଇଯାଉଛି, ଯାହା ଏହି ଜାତି ସକାଶେ ଅତ୍ୟନ୍ତ କ୍ଷତିକାରକ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜାନୁୟାରୀ ୧୯୯୭

- ଆଫଗାନିସ୍ତାନର ତାଲିବାନ ଉଗ୍ରପନ୍ଥୀମାନେ କାବୁଲର ଉତ୍ତରରେ ବିରୋଧୀ ମାସୁଦ୍ ସୈନ୍ୟଙ୍କ କବଳରେ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସହରକୁ ଦଖଲ କରି ନେଇଛନ୍ତି।
- ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ବିସ୍ଫୋରକ ସାମଗ୍ରୀ ବୋଝେଇ ହୋଇ ଭାରତୀୟ ଜଳସୀମା ମଧ୍ୟରେ ପ୍ରବେଶ କରିଥିବା ପାକିସ୍ତାନୀ ଜାହାଜ ଗୁଜରାଟ ଉପକୂଳରେ ଜବତ।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | | 3 | | | 1 |
| | | | | | | | 6 | 7 |
| | 5 | | | 6 | | | 3 | |
| 3 | | 7 | | | 5 | | 4 | |
| 5 | 9 | | 8 | | | | | 3 |
| | | 1 | | | | 5 | | |
| | | | | | | 2 | | |
| | 4 | | | 9 | | | | |
| | | 3 | | 7 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 4 | 7 | 3 | 5 | 1 | 8 | 6 |
| 6 | 5 | 7 | 4 | 1 | 8 | 9 | 3 | 2 |
| 8 | 3 | 1 | 6 | 9 | 2 | 4 | 7 | 5 |
| 4 | 8 | 3 | 2 | 6 | 1 | 7 | 5 | 9 |
| 1 | 9 | 2 | 8 | 5 | 7 | 6 | 4 | 3 |
| 7 | 6 | 5 | 3 | 4 | 9 | 2 | 1 | 8 |
| 3 | 7 | 6 | 9 | 8 | 4 | 5 | 2 | 1 |
| 5 | 4 | 8 | 1 | 2 | 6 | 3 | 9 | 7 |
| 2 | 1 | 9 | 5 | 7 | 3 | 8 | 6 | 4 |

ଗତ କାଲିର ଉତ୍ତର

# ଭୁବନେଶ୍ୱରରେ ଉତ୍ପାତ ଦର୍ଶନ



ସହଦେବ ସାହୁ

ସାରଳାଦାସଙ୍କ ମହାଭାରତର ମୂଷଳୀ ପର୍ବରେ 'ଦ୍ୱାରିକାରେ ନାନା ଉତ୍ପାତ ଦର୍ଶନ...' ଅଧ୍ୟାୟରେ ଉଲ୍ଲେଖ ଅଛି ଯେ ଅତିଶୟ ସାମାଜିକ ବିଶୃଙ୍ଖଳା ଦେଖାଦେବାରୁ 'କେବଣ ମତେ ଯେ ସମସ୍ତ କ୍ଷୟ କରାଇବି' ଭାବି ଶ୍ରୀକୃଷ୍ଣ 'କୋକୁଆ' ଭୟ ଭିଆଇଲେ, ପରସ୍ପର ହଣାହଣି ଫଳରେ ବହୁତ ମୃତ୍ୟୁ ଘଟିଲା, ଅବଶିଷ୍ଟ ଲୋକେ ଦୁର୍ବଳ ହୋଇଗଲେ। ଯାଦବମାନେ ସାମାଜିକ ଦୂରତା ରକ୍ଷା କଲେନାହିଁ, ଘରଘେରରେ ରହିବାର ସଂସ୍କୃତି ଭୁଲି ବାହାରେ ବୁଲିଲେ, ଗଣ୍ଡଗୋଳ କଲେ। ଯାଦବମାନଙ୍କ ଆଗରେ ଥିଲା ପଘା, ଲଉଡ଼ି ବା ବାଡ଼ି। ସମସ୍ତେ ପିଟାପିଟି ଓ ବାଡ଼ାବାଡ଼ିରେ ଲାଗିଗଲେ। ବାଡ଼ାବାଡ଼ିରେ ଶ୍ରୀକୃଷ୍ଣଙ୍କ ପ୍ରିୟ କଦମ୍ବ ଗଛର ଛାଲି ଉତୁରିଗଲା ତ ତହିଁରୁ କାଦମ୍ବରୀ କ୍ଷୀର ବୋହିଲା, ଦ୍ୱାରକାର ଭେଣ୍ଡିଆମାନେ 'ଆପ୍ୟାନ କଲେ ପାଇଣ ତା ସ୍ୱାଦୁ'। ଯାଦବମାନଙ୍କ ସୁପ୍ରିମୋ ଶ୍ରୀକୃଷ୍ଣ କାହାକୁ ରୋକିପାରିଲେ ନାହିଁ, 'ଫ୍ରି ଫର୍ ଅଲ୍' ହୋଇଗଲା, ସମସ୍ତେ ହେଲେ ମାତାଲ, ସାହିପଡ଼ିଶାପଣିଆ ଭୁଲିଗଲେ।

୪୦୦୦ ବର୍ଷ ପରେ ଏକାମ୍ରନଗରୀରେ ତଦ୍ରୂପ ଅବକ୍ଷୟ ବା ଉତ୍ପାତ ପରିଲକ୍ଷିତ ହେଉଛି। ୨୦୨୦ଦଶକରେ 'କରୋନା' ହେଉଛି କୋକୁଆର ଆଧୁନିକ ସଂସ୍କରଣ। କୋକୁଆ କଟକଣା ଥିଲା ଘରେ ରହିବା, କରୋନା କଟକଣା ତଦ୍ରୂପ, ତା' ଛଡ଼ା ଘର ବାହାରେ ସାମାଜିକ ଦୂରତା। କୋକୁଆ ଶ୍ରୀକୃଷ୍ଣଙ୍କ କଳ୍ପନାରୁ ସୃଷ୍ଟ, କରୋନା ଚାଇନାର ଲାବରେଟୋରିରୁ ସୃଷ୍ଟ ଏବଂ ସ୍ତନ୍ୟପାୟୀ ପ୍ରାଣୀର ମାଂସ ଜରିଆରେ ବ୍ୟାପ୍ତ। କରୋନା ଭୂତାଣୁ ଏକ ମୃତପ୍ରାୟ କୋଷ; ମଣିଷଦେହକୋଷର ସାଙ୍ଗ ପାଇଲେ ଜୀବନ୍ତ ହୋଇଉଠେ, ମଣିଷ-କୋଷକୁ ହତ୍ୟା କରି ତା' ସ୍ଥାନ ମାଡ଼ିବସେ, କୋଷ-ବିହୁନେ ମଣିଷ ନାଶ! ମଣିଷରୁ ମଣିଷକୁ ଡିଏଁ, (ଡାକ୍ତରୀଭାଷାରେ ମଣିଷ ଏହାର ବାହକ ବା 'ଭେକ୍ଟର'), ମଣିଷର ନାକ ଓ ପାଟିରୁ ବାହାରୁଥିବା ବାମ୍ଫ ଭିତରେ ଏହା ବଢ଼େ। ଶ୍ୱାସରେ ବା କଥାରେ ନାଳ ବା ଆର୍ଦ୍ର କଣିକା ସାଙ୍ଗରେ ଦୁଇ ମିଟର ଯାଏ ଡେଇଁପାରେ, ଆଉ ଜଣେ ମଣିଷ ନ ପାଇଲେ ମାଟିରେ ପଡ଼ିଯାଇ ନିଷ୍କ୍ରିୟ ହୋଇଯାଏ। ରୋଗ ରୋକିବାର ଅସ୍ତ୍ର ହେଉଛି ସୋସିଆଲ୍ ଡିଷ୍ଟାନ୍ସିଂ, ପରସ୍ପରଠାରୁ ଦୁଇ ମିଟର ଦୂରତା ରଖିବା। କାଳେ କିଏ ତୁମ ଆଗରୁ ତୁମ ବାଟରେ ତା'ର ଶ୍ୱାସର ବା ପାଟିର ବାମ୍ଫ ଛାଡ଼ିଯାଇଥିବ! ତେଣୁ ନାକ ଓ ପାଟିକୁ ଘୋଡ଼ାଇ ରଖ, ମାସ୍କ ପିନ୍ଧ ଯେପରି ପବନରେ ଭାସୁଥିବା କୌଣସି କଣିକା ତୁମ ନାକ ବା ପାଟି ଭିତରେ ପଶିବନାହିଁ।

ଯାଦବ ଭେଣ୍ଡିଆମାନେ ଯେମିତି କୋକୁଆ କଟକଣା ନ ମାନି ଦ୍ୱାରକାର ରାସ୍ତାଘାଟରେ ଗଣ୍ଡଗୋଳ ଭିଆଇଲେ, ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ଅମାନିଆମାନେ କରୋନା କଟକଣାକୁ ନ ମାନି ଧନ ଓ ଇଜ୍ଜତ ଲୁଟ୍ କରୁଛନ୍ତି। ସାମାଜିକ ଦୂରତା ମାନୁଥିବା ଲୋକେ ଘରଭିତରେ ପଶି ରହୁଛନ୍ତି। ଭିଡ଼ କର ନାହିଁ ବୋଲି ପୋଲିସର ତାଗିଦା, ତେଣୁ ରାସ୍ତାଘାଟ ନିଛାଟିଆ। ସଂକ୍ରମଣ ଭୟରେ ପଡ଼ିଶା ବି ପାଖକୁ ଆସିବେ ନାହିଁ। ସହାୟତାର ଅଭାବ ଯେଉଁ ଆବହାୱା ତିଆରି କରୁଛି ତାହା ଅମାନିଆମାନଙ୍କ ଜୁଲୁମକୁ ଉତ୍ସାହିତ କରୁଛି ତ ଖୋଲା ମଦ ଓ ନିଶାର କାରବାର ଅମାନିଆର ବଦମାସୀ-ଇଚ୍ଛାକୁ ବଢ଼ାଉଛି। ଚାରିଆଡ଼େ ଲିକ୍ୱୋର ଶପ୍, ଲୁଚାଛପାରେ ନିଶାବିକ୍ରି ସ୍ଥାନ, ଚୋରାଚାଲାଣରେ ଛୁରି ଆଉ ବନ୍ଧୁକ, ଏସବୁ ଲୁଟ୍ ଓ ବଳାତ୍କାରକୁ ଖୋରାକ ଯୋଗାଉଛି। ସରକାରୀ ନେତାଙ୍କୁ ସୁରକ୍ଷା ଘେରରେ ରଖିବାକୁ ଦଳ ଦଳ ପୋଲିସ୍ ମୁତୟନ, ବିରୋଧୀମାନଙ୍କୁ ଅଟକାଇବାକୁ ମାଇଲିଏ ଦୂରରୁ ପୋଲିସର ଘେର। ତେଣୁ ସାଧାରଣ ଲୋକଙ୍କ ପାଇଁ ଆଇନ ଓ ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ୍ ନଅଣ୍ଟ। ପୁଣି କରୋନା-କଟକଣା ଲାଗୁ କରିବା ଆଳରେ ପୋଲିସ ବଡ଼ ବଡ଼ ଛକମାନଙ୍କରେ ଛକି ରହୁଛନ୍ତି, କେତେକ ଉପୁରି ଆଦାୟରେ ବ୍ୟସ୍ତ ରହୁଛନ୍ତି। ଉପରିସ୍ଥ ଅଧିକାରୀମାନଙ୍କ ନଜର ରହୁଛି ରାଜନେତାମାନଙ୍କ ଭିଡ଼କୁ ସମ୍ଭାଳିବା ଉପରେ, ଜନସମ୍ମୁଖରେ ନିନ୍ଦିତ ହୋଇଥିବା ମନ୍ତ୍ରୀମାନଙ୍କ ଆବାସ ଜଗିବା ଉପରେ। ଅନ୍ୟପକ୍ଷରେ ସାମାଜିକ ଦୂରତା ରକ୍ଷା କରୁଥିବା ଲୋକ ପଡ଼ୋଶୀ ଘରେ କିଛି ଘଟିଲେ ତା' ପ୍ରତି ନଜର ରଖୁନାହିଁ। ଲୁଣ୍ଠନ ଧନର ହେଉ କି ଇଜ୍ଜତର, ସବୁ ସହଜ ହେଉଛି – ଉଦ୍ଧାର କରିବାକୁ କେହି ନ ଆସିବାର ସମ୍ଭାବନା ଅପରାଧୀର ଅପରାଧ-ପ୍ରବଣତା ବଢ଼ାଉଛି।

ସରକାର ଯେ ପୋଲିସ୍‌କୁ ତ୍ୱରିତ ଅପରାଧ ଜାଗାରେ ପହଞ୍ଚିବାର ସୁବିଧା କରିନାହାନ୍ତି ତାହା ନୁହେଁ। ନିମ୍ନ ସ୍ତରର ପୋଲିସ କର୍ମଚାରୀମାନଙ୍କ ମୋବିଲିଟି (ଭ୍ରମଣ)ଭତ୍ତା ବଢ଼ିଛି। ୨୦୧୯ରେ କରୋନାଭାଇରସ୍ ଚିନ୍ତା ଆସିବା ପୂର୍ବରୁ ଓଡ଼ିଶା ସରକାର ଏଏସ୍‌ଆଇ, ଏସ୍‌ଆଇ ଓ ଇନ୍ସପେକ୍ଟରମାନଙ୍କ ମୋବିଲିଟି ଭତ୍ତା ୭୦୦ ଟଙ୍କାରୁ ୧୦୫୦ଟଙ୍କାକୁ ଏବଂ କନଷ୍ଟେବଲ୍, ସିପାହି, ହାବିଲଦାର ଓ ତତ୍ତୁଲ୍ୟ ପଦବୀର କର୍ମଚାରୀମାନଙ୍କ ପାଇଁ ମାସିକ ୧୫୦ ଟଙ୍କାରୁ ୩୦୦ ଟଙ୍କାକୁ ବଢ଼ାଇ ଦେଇଛନ୍ତି। କିନ୍ତୁ ବଳାତ୍କାର, ହତ୍ୟା, ଡକାୟତି ଓ ଛିନ୍‌ତାଇ ଭଳି ଅପରାଧ ବହୁଳ ପରିମାଣରେ ବଢ଼ିଛି। ରାତ୍ରି କର୍ଫ୍ୟୁ ବଳବତ୍ତର ଥିଲା ବେଳେ ଦୋକାନ ଭିତରୁ, ଘର ଭିତରୁ, ଏଟିଏମ୍ କିଓସ୍କରୁ ଲୁଟ ହେଉଛି। ଖୋଲା ଘରେ ପଶି ଘରଲୋକଙ୍କ ମୁହଁ ବନ୍ଦ କରି ହାତ ଗୋଡ଼ ବାନ୍ଧି ଡକାୟତି କରାହେଉଛି, କାରଣ ଘରପାଖ ରାସ୍ତା କେବଳ ଜନଶୂନ୍ୟ ନୁହେଁ ପୋଲିସଶୂନ୍ୟ ବି। ଦିଗ୍‌ବଳୟରେ ପିସିଆର୍ ଭ୍ୟାନ୍, ତଥାପି ଅମାନିଆ ଓ ବଦମାସ୍‌ମାନେ ଚିନ୍ତାଶୂନ୍ୟ।

ଯାଦବମାନଙ୍କ ହାତରେ ଲଉଡ଼ି ଯେଭଳି କାମ ଦେଉଥିଲା, ଭୁବନେଶ୍ୱରର ଅମାନିଆ ଭେଣ୍ଡିଆମାନଙ୍କ ହାତରେ ବନ୍ଧୁକ ଓ ଛୁରି ସେହିଭଳି କାମ ଦେଉଛି। ପୁଣି ଅଛି ଅତି ଦ୍ରୁତଗାମୀ ପଲ୍‌ସାର୍ ବାଇକ୍। ରାଜନୈତିକ ଦଳମାନେ ଯେପରି ଅଯଥାର୍ଜିତ ପୁଞ୍ଜିକୁ ନିବେଶ କରି ନିର୍ବାଚନ ଜିତୁଛନ୍ତି, ସେମାନଙ୍କ ନୀତିକୁ 'ନୀତି'ମାନଙ୍କର ରାଜା କହୁଛନ୍ତି, ସେହି ମର୍ମରେ ଅପରାଧ-ବ୍ୟବସାୟରେ ଲାଗିଥିବା ଲୋକେ ଛୁରି ବନ୍ଧୁକ ପଲ୍‌ସାର୍ ଆଦିରେ ପୁଞ୍ଜିନିବେଶ କରିବାକୁ ଅର୍ଥନୀତି-ଶାସ୍ତ୍ର ଅନୁମୋଦିତ ବୋଲି କହୁଛନ୍ତି! ଅର୍ଥନୀତି-ଶାସ୍ତ୍ର ଆମୋରାଲ୍, ଏହାର ଅର୍ଥ ନୈତିକତା ବିବର୍ଜିତ। ମଣିଷ ଚାଲାଣ ଧରାଯାଉନାହିଁ, ଗଞ୍ଜେଇ ଚାଲାଣ ଧରାଯାଉଛି। ଗାଈ ଛେଳି ନେଉଥିବା ଗାଡ଼ି ଧରାହେଉଛି, ରାସ୍ତାରୁ ପିଲା ବା ମହିଳା ଉଠାଇନେଉଥିବା ଗାଡ଼ିକୁ, କଳା-କାଚ-ଝରକା ବନ୍ଦ କରି ଦଉଡ଼ୁଥିବା ଗାଡ଼ିକୁ ଧରାହେଉନାହିଁ। ଛିନ୍‌ତାଇ ଅପରାଧରେ ଅତି ଦ୍ରୁତଗାମୀ ପଲ୍‌ସାର୍ ବାଇକ୍ ବ୍ୟବହାର ହେଉଛି ତ ତାହାର ଲଗ୍ ବୁକ୍ ମଝିରେ ମଝିରେ ଯାଞ୍ଚ ହେଉନାହିଁ କାହିଁକି? ରେସିଂରେ ଭାଗ ନେଉନା ତ ଓଡ଼ିଶାର ଯେକୌଣସି ସହରରେ ଏତେ ବେଗରେ ଯିବା ଦୁଇଚକିଆ ଗାଡ଼ି ରଖିବା କ'ଣ ଦରକାର? ପୋଲିସ୍ କାହିଁକି ସେ ବାଇକ୍‌ଗୁଡ଼ିକର ଲଗ୍ ବୁକ୍ ତନଖି କରୁନାହିଁ? ମଝିରେ ମଝିରେ ବେଆଇନ ବନ୍ଧୁକ ଧରିବା ପାଇଁ ଚଢ଼ାଉ ହେଉନାହିଁ କାହିଁକି? ବ୍ୟାଙ୍କରେ ପ୍ରତି ଏକାଉଣ୍ଟରୁ ୱିଥ୍‌ଡ୍ରୟାଲ୍ କରୁଥିବା ବ୍ୟକ୍ତିର ଆଧାର ନମ୍ବର ବ୍ୟାଙ୍କ ପାଖରେ ନ ଥିଲେ ତାକୁ ମନାକରାଯାଉ। ସବୁ ୱିଥ୍‌ଡ୍ରୟାଲ୍‌ର ବିବରଣୀ ବ୍ୟାଙ୍କ୍‌ର କମ୍ପ୍ୟୁଟରରେ ରହୁ ଏବଂ ଗ୍ରାହକର ଅଭିଯୋଗ ସତ୍ୟ ପ୍ରମାଣ ହେଲେ ଦୋଷୀବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଅପରାଧ ଘଟିଥିବା ସ୍ଥାନ ଥାନାସୀମା ଭିତରେ ଘଟିନାହିଁ ଆଳରେ ଏତଲାକାରୀକୁ ଫେରାଇ ନ ଦିଆଯାଉ କି ପୋଲିସ୍ ତତ୍ତ୍ୱାବଧାନ ବନ୍ଦ ନ ହେଉ। କାଗଜପତ୍ର ଠିକ୍ ନାହିଁ ବା ଯଥେଷ୍ଟ ପଇସା ନାହିଁ ବୋଲି ରୋଗୀ ବା ଆହତକୁ ହସ୍ପିଟାଲ୍ ଲେଉଟାଇଦେବା ଧର୍ତ୍ତବ୍ୟ ଅପରାଧ ହେଉ। ଏପରି ବଖାଣିବାର କାରଣ ଯଦି ଆମେ ଶୀଘ୍ର ପରିସ୍ଥିତି ନ ସମ୍ଭାଳୁ ତେବେ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀରେ ଉତ୍ପାତ ଦ୍ୱାରିକାର ଉତ୍ପାତକୁ ବଳିଯିବ।

sahadevas@yahoo.com

# ଏ ଉତ୍ସବ କ'ଣ ଶିଶୁସୁଲଭ



ଶୁଭନାରାୟଣ ଶତପଥୀ

ସନ୍ଧ୍ୟାବେଳ। କେହି ଜଣେ ବ୍ୟକ୍ତି ରମାକାନ୍ତବାବୁଙ୍କ ଦୁଆର ଠକ୍‌ଠକ୍ କଲେ। ରମାକାନ୍ତ ବାବୁଙ୍କ ସହଧର୍ମିଣୀ ରମାମଣୀ ମ୍ୟାଡାମ ଯାଇ ଦେଖନ୍ତି ତ ଜଣେ ଯୁବକ ତାଙ୍କ ଗେଟ୍ ସାମ୍ନାରେ ଠିଆ ହୋଇଛନ୍ତି। ଯୁବକଜଣକ ରମାମଣୀ ମ୍ୟାଡାମଙ୍କୁ ପଚାରିଲେ, ରମାକାନ୍ତ ମଉସା ନାହାନ୍ତି କି? ମ୍ୟାଡାମ ସଙ୍ଗେସଙ୍ଗେ ତାଙ୍କୁ ଘର ଭିତରକୁ ଡାକିଲେ ଓ ବସିବାକୁ କହିଲେ ମ୍ୟାଡାମ। ଯୁବକ ଜଣକ ଖଣ୍ଡେ ନିମନ୍ତ୍ରଣ କାର୍ଡ ମ୍ୟାଡାମଙ୍କ ହାତକୁ ବଢ଼ାଇଦେଇ କହିଲେ, ଆପଣମାନେ ସପରିବାରେ ଆମ ଘରକୁ ଯିବେ। ମ୍ୟାଡାମ କାର୍ଡଟିକୁ ଖୋଲି ପଢ଼ିଲେ। ସିଧା ଚାଲିଗଲେ ବେଡ୍‌ରୁମ ଆଡକୁ। ଶାଶୁ ପଚାରିଲେ ବୋହୂଙ୍କୁ ଆଲୋ କି ନିମନ୍ତ୍ରଣ? ଶାଶୁଙ୍କ କାନରେ ମ୍ୟାଡାମ କ'ଣ ଚୁପ୍‌ଚୁପ୍ କରି କହିଦେଲେ। ଶାଶୁ ତୁରନ୍ତ କହି ଉଠିଲେ, ଆରେ ନିଲଠା, ହଗିଗଲା ବେଳେ ପିନ୍ଧିଛୁ ମଠା? ସ୍ଥାନ କାଳ ନ ଜାଣି ଲୋକର ନିର୍ଲଜ୍ଜ ଫେସନକୁ ସମାଲୋଚନା କରୁଥିଲେ ଶାଶୁ। ସେ ଜାଣିଛନ୍ତି ଅଯଥା ଦାୟିତ୍ୱ ହିଁ ଦୁଶ୍ଚିନ୍ତାର କାରଣ। ଏହା ସମସ୍ତଙ୍କୁ ଅସୁବିଧାରେ ପକାଏ। କିଛି ସମୟ ପରେ ରମାକାନ୍ତ ବାବୁ ଆସି ପହଞ୍ଚିଲେ। ନିମନ୍ତ୍ରଣ କାର୍ଡଟି ତାଙ୍କ ହାତକୁ ବଢ଼ାଇଦେଲେ ମ୍ୟାଡାମ ରମାମଣୀ ଓ କହିଲେ ପଢ଼। କାର୍ଡଟି ପଢ଼ିବା ସମୟରେ ରମାକାନ୍ତ ବାବୁଙ୍କ ଝିଅ ସେହି ରୁମ୍‌କୁ ପଶିଆସିଲା। ହଠାତ୍ ବାପାଙ୍କ ହାତରୁ ନିମନ୍ତ୍ରଣ କାର୍ଡଟିକୁ ଆଣି ଦେଖି ଉତ୍ସୁକତାର ସହ ପଢ଼ିବାକୁ ଚେଷ୍ଟା କଲା। ପଢ଼ିସାରିବା ପରେ ସେହି ଘର ଟେବୁଲ ଉପରେ କାର୍ଡଟିକୁ ରଖିଦେଇ ସେଠାରୁ ଚାଲିଗଲା ଝିଅ। ରମାକାନ୍ତ ବାବୁ ଓ ତାଙ୍କ ସହଧର୍ମିଣୀ ପରସ୍ପରକୁ ଅବାକ୍ ହୋଇ ଚାହିଁ ରହିଥାନ୍ତି। ଏହି ସମୟରେ ଫୋନ୍ ବାଜିଉଠିଲା। ମ୍ୟାଡାମ କହିଲେ ଏଇ ନିଅ ସୀତାକାନ୍ତ ବାବୁ ଫୋନ୍ କରିଛନ୍ତି। ରମାକାନ୍ତବାବୁ ଗମ୍ଭୀର ସ୍ୱରରେ ପଚାରିଲେ ଆରେ ଏ ଭୋଜି ପାଇଁ କେତେ ଲୋକଙ୍କୁ ନିମନ୍ତ୍ରଣ କରିଛୁ? ସେପଟୁ ଉତ୍ତର ଆସିଲା ପ୍ରାୟ ପାଞ୍ଚଶହ ହେବ। ରମାକାନ୍ତ ବାବୁ କହିଲେ ଏଥିପାଇଁ ଏମିତି କାର୍ଡ ବାଣ୍ଟିବା କ'ଣ ଦରକାର। ସମାଜର ସ୍ଥିତିକୁ ଦେଖି ତୁ କ'ଣ କିଛି ବୁଝିପାରୁନୁ। ଏସବୁ ଏମିତି କ'ଣ ଡାକବାଜି କରି ପାଳନ କରାଯାଏ? ଘର ଓ ପଡ଼ୋଶୀର କିଛି ମହିଳାଙ୍କୁ ନେଇ ସେ କାମ ସାରିଦେଇଥିଲେ କ'ଣ ହୋଇ ନଥାନ୍ତା? ସୀତାକାନ୍ତ ବାବୁ କହିଲେ- ହଁ ଯେ, କିନ୍ତୁ ମୋ ସ୍ତ୍ରୀର ଏକା ଜିଦ୍ ଆଜିକାଲି ଏମିତି ହେଲାଣି। ବାସ୍ତବରେ ନିମନ୍ତ୍ରଣ କାର୍ଡଟିରେ ଲେଖାଯାଇଥିଲା 'ଆଗାମୀ ଅମୁକ ତିଥି ବାର ତାରିଖ ଦିନ ମୋ ଝିଅ ଅମୁକର ପ୍ରଥମ ରଜୋବତୀ ଉତ୍ସବ ଅନୁଷ୍ଠିତ ହେଉଛି। ଏଣୁ ସପରିବାରେ ଆପଣ ଯୋଗଦାନ କରି ମୋ ଝିଅକୁ ଆଶୀର୍ବାଦ ପ୍ରଦାନ କରିବାହେବେ।' ଉତ୍ସବ ଦିନ ସୀତାକାନ୍ତବାବୁ ଓ ତାଙ୍କ ସ୍ତ୍ରୀ ସ୍ୱାଗତ କରୁଥାନ୍ତି ଅତିଥି ଅଭ୍ୟାଗତଙ୍କୁ। ତେବେ ସେହି ସ୍ଥାନରେ କିଛି ସହଅତିଥି ପ୍ରଶ୍ନର ଉତ୍ତର ଦେଇପାରୁ ନ ଥାନ୍ତି ସେମାନଙ୍କ ଅଭିଭାବକ। ରମାକାନ୍ତବାବୁ ଓ ତାଙ୍କ ସହଧର୍ମିଣୀ ଏପରି ପରମ୍ପରାର ଘୋର ବିରୋଧୀ। ଏଣୁ ତାଙ୍କ ପିଲାମାନଙ୍କୁ ଏସବୁ ବିଷୟରେ କାହାରିକୁ

**ଜାତୀୟ ବାଳିକା ଦିବସ ଉପଲକ୍ଷେ**

ଜଣାଇବା ଉଚିତ ମଣିଲେ ନାହିଁ। ତାଙ୍କ ମତରେ ଏହା ଏକ ଶାରୀରିକ ଗଠନ ଓ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ। ଏହାକୁ ସାର୍ବଜନୀନ ଉତ୍ସବର ମାନ୍ୟତା ଦେବାର କୌଣସି ଆବଶ୍ୟକତା ନାହିଁ।

ବାସ୍ତବରେ ଆଜିକାଲି ଗାଁରୁ ସହର ପର୍ଯ୍ୟନ୍ତ ଅନେକ ସ୍ଥାନରେ ନିମନ୍ତ୍ରଣ କାର୍ଡ ବାଣ୍ଟି ରଜୋବତୀ ଉତ୍ସବ ପାଳନ କରାଗଲାଣି। ଓଡ଼ିଆଘରର ରୀତିନୀତି ଚାଲିଚଳଣି, ସଂସ୍କୃତି ଅନୁସାରେ ଏପରି ଉତ୍ସବକୁ ସାମାଜିକ ସ୍ୱୀକୃତି ମିଳି ନ ଥିଲେ ମଧ୍ୟ ଆଧୁନିକ ସାମାଜିକ ପରିଦୃଶ୍ୟରେ ଏହାର ଗ୍ରହଣୀୟତା ଧୀରେ ଧୀରେ ବଢ଼ିବାକୁ ଲାଗିଛି। ଅନୁକରଣପ୍ରିୟଙ୍କ କ୍ଷେତ୍ରରେ ଏପରି ଉତ୍ସବ ପାଳନକୁ ଏଡାଇ ଦିଆଯାଇ ନ ପାରେ। ତେବେ ରକ୍ଷଣଶୀଳ ପରିବାର ଏହାକୁ ଗ୍ରହଣ କରିପାରୁ ନ ଥିବା ସହ ସର୍ବସାଧାରଣଙ୍କ ଅବଗତିରେ ଏହି ଉତ୍ସବ ପାଳନ କରିବାକୁ ଚାହାନ୍ତି ନାହିଁ। ଯଦିଓ ଭାରତରେ ଓ ବିଦେଶରେ କେତେକ ସ୍ଥାନରେ ଏମିତି ଉତ୍ସବ ପାଳନ କରାଗଲାଣି, ତେବେ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀରେ ଏହି ଉତ୍ସବ ସମ୍ବନ୍ଧରେ ସମସ୍ତେ ଜାଣିବା, ଜଣାଇବା, ଭୋଜିକୁ ଯିବା, ଉପହାର ନେବା ଆଦି କାର୍ଯ୍ୟରେ ଯୋଗଦେବାକୁ ଲଜ୍ଜାବୋଧ କରନ୍ତି ଲୋକେ। ବିଶେଷକରି ଏ ଖବର ଜାଣିଥିବା ସାଙ୍ଗସାଥୀ, ଯୁବତୀଯୁବକଙ୍କ ମଧ୍ୟରେ ଏହା ସେହି ସମୟରେ ପ୍ରମୁଖ ଆଲୋଚନାର ବିଷୟ ପାଲଟିଯାଏ। ତେଣୁ ଏହି ଘଟଣାକୁ ଏକ ବଡ଼ ଭୋଜି ଉତ୍ସବର ରୂପଦେବା ପରିବର୍ତ୍ତେ ସମ୍ପୃକ୍ତ ଝିଅଟିକୁ ମାନସିକ ସାନ୍ତ୍ୱନା, ପରାମର୍ଶ ଦେବା, ସାଧାରଣ ଜୀବନଶୈଳୀର ଅଂଶ, ରଜୋବତୀ ହେବାର ଲକ୍ଷଣ ଓ ସ୍ୱସ୍ୱାସ୍ଥ୍ୟ ପରିଚାଳନା ବିଷୟରେ ସଚେତନ କରାଇବା ଅତି ଆବଶ୍ୟକ। ପୋଷକତତ୍ତ୍ୱଯୁକ୍ତ ଖାଦ୍ୟର ସୁବନ୍ଦୋବସ୍ତ ପାଇଁ ପରିବାର ଲୋକେ ଚେଷ୍ଟା କରିବା ଉଚିତ। ତା' ମନରେ ଉଠୁଥିବା ଅନେକ ପ୍ରଶ୍ନର ସମାଧାନ କରି ଓ ଅନାବଶ୍ୟକ ଚାପ ସୃଷ୍ଟି କରିବା ପରିବର୍ତ୍ତେ ଏହି ଦିନକୁ ତା' ପାଇଁ ସ୍ମରଣୀୟ ଦିନରେ ରୂପାନ୍ତରିତ କରାଯାଇପାରେ। ତେବେ ଝିଅଟି ଅପରିପକ୍ୱ ମାନସିକତାରେ ଉପହାର ଗ୍ରହଣ କରିବା ଓ ଅତିଥିମାନଙ୍କ ଆଗମନରେ ଖୁସିହେବା ସ୍ୱାଭାବିକ କଥା। ଏଥିପାଇଁ ବାହାରର ଅତିଥି ନିମନ୍ତ୍ରଣ ବ୍ୟତୀତ ପଡ଼ୋଶୀ ବନ୍ଧୁବାନ୍ଧବ ସମ୍ପର୍କୀୟଙ୍କ ଭିତରେ ଏ ଉତ୍ସବକୁ ସୀମିତ ରଖାଯାଇପାରେ, ଯାହା ଉକ୍ତ ଝିଅଟିର ମାନସିକ ବିକାଶରେ ସହାୟକ ହେବ। ଉତ୍ସବ ହେଉ, ଆଧୁନିକତାକୁ ଗ୍ରହଣ କରାଯାଉ, ସୁବ୍ୟବସ୍ଥିତ ପରମ୍ପରା ବି ବଞ୍ଚିରହୁ କିନ୍ତୁ ପୁରୁଣା ଚିନ୍ତାଧାରାର ଦ୍ୱାହିଦେଇ ଝିଅଟିର ପ୍ରତ୍ୟେକ ବିଷୟରେ ମାତାପିତା, ସମାଜ, ଅଭିଭାବକ, ସାଙ୍ଗସାଥୀ, ପଡ଼ୋଶୀ ନିଜନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୁଲି ନ ଯାଆନ୍ତୁ, ଯାହା ପରବର୍ତ୍ତୀ ସମୟରେ ଅନ୍ୟ ଏକ ବଡ଼ ବିପଦକୁ ଜନ୍ମ ଦେବ।

ତେବେ ପରିପକ୍ୱ ଚିନ୍ତାଧାରାରେ କିଛି ପ୍ରଶ୍ନ ଆନ୍ଦୋଳିତ କରେ ଯେପରିକି ଏ ସମ୍ବନ୍ଧରେ ଝିଅ ଓ ତା'ର ସାଙ୍ଗସାଥୀ, ସାନବଡ଼ ଭାଇଭଉଣୀଙ୍କ ମାନସିକତା ଓ ଏହାର ପ୍ରଭାବ ସମାଜ ଉପରେ କ'ଣ ପଡ଼ିବ? ଏ ଉତ୍ସବ ଆଡମ୍ବରପୂର୍ଣ୍ଣ ଓ ପ୍ରଦର୍ଶନଯୁକ୍ତ ହେବାର ଆବଶ୍ୟକତା କେତେ ଅଛି? ଏ ସମ୍ବନ୍ଧରେ ଗୋପନୀୟତା କିମ୍ବା ପ୍ରଚାରପ୍ରସାର, କେଉଁଟା ଆମ ପରମ୍ପରାକୁ ସୁସ୍ଥ ପ୍ରମାଣିତ କରିବ? ପରବର୍ତ୍ତୀ ସମୟରେ ଏହା ଖବରକାଗଜରେ ଜନ୍ମଦିନ, ସ୍ମୃତି ବିଜ୍ଞାପନ ଭଳି ଏହାର ପ୍ରକାଶନ ହେବ ନି ତ? ବୋଧହୁଏ, ଏପରି ଉତ୍ସବ ନିମନ୍ତେ ନିମନ୍ତ୍ରଣ କାର୍ଡ ବଣ୍ଟନ, ବାହ୍ୟ ଅତିଥି ନିମନ୍ତ୍ରଣ ସହ ଭବିଷ୍ୟତରେ ରଜୋବତୀ ବାର୍ଷିକୀ ପାଳନକୁ ମଧ୍ୟ ଏଡାଇ ଦେଇହେବ ନାହିଁ। ଏଣୁ ଗୋଟିଏ ଚିରାଚରିତ ପ୍ରଥାର ପରିବର୍ତ୍ତନ କରିବା ପୂର୍ବରୁ ଏହାର ସାମାଜିକ, ସାଂସ୍କୃତିକ, ଭାବଗତ ଓ ମନସ୍ତାତ୍ତ୍ୱିକ ପ୍ରଭାବ ଓ ଦିଗଗୁଡ଼ିକୁ ବିଶ୍ଳେଷଣ ବା ତର୍ଜମା କରିବା ଜରୁରୀ। ଲୋକଦେଖାଣିଆ ପରମ୍ପରାକୁ ଗ୍ରହଣ କରିବା ସମୟରେ ଶିଶୁକନ୍ୟାମାନଙ୍କର ଅଧିକାର, ଯତ୍ନ ଓ ସୁରକ୍ଷାକୁ କେତେ ଅଗ୍ରାଧିକାର ଦେଉଛେ ଏବଂ ସେମାନଙ୍କର ପରିବେଶକୁ କେତେ ମାତ୍ରାରେ ଶିଶୁ ସୁଲଭ କରିପାରୁଛେ ତାହାର ମୂଲ୍ୟାଙ୍କନ କରିବା ଜରୁରୀ। ଏହାର ସାମାଜିକ ଓ ଆଇନଗତ ପରିଧିକୁ ନିଶ୍ଚିତ କରି ସରକାରୀ ନିୟମାବଳୀ ପ୍ରସ୍ତୁତ ହେବା ଆବଶ୍ୟକ। ଏହିଉତ୍ସବପାଳନରପରିସରଶିଶୁକନ୍ୟାଙ୍କ ପ୍ରତି ସାମାଜିକ ବା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିପଦ ସୃଷ୍ଟି କରୁନାହିଁ ବୋଲି ମାତାପିତା ନିଶ୍ଚିତ ହେବା ଉଚିତ, ନଚେତ ଏହା ଆଗାମୀ ସମୟକୁ ଦୁଃସମୟରେ ପରିଣତ କରିବାର ସମ୍ଭାବନାକୁ ଜନ୍ମ ଦେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଗୁଆପତ୍ର ସହ ତା' ଖୋଳପାକୁ ଆମେ ଜାଳିଦେଉଛେ କିମ୍ବା ଫିଙ୍ଗି ଦେଉଛେ। କିନ୍ତୁ କେରଳର ଏବେ ଦମ୍ପତି ସେଥିରୁ କପ୍, ପ୍ଲେଟ୍, ଚାମଚ ସହିତ ଗ୍ରୋ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ଦେବକୁମାର ନାରାୟଣନ୍ ପେସାରେ ଜଣେ ଇଞ୍ଜିନିୟର। ସେ ଓ ତାଙ୍କ ପତ୍ନୀ ସରନ୍ୟା ଏସ୍.ଭି. ଏବେ ଏହି କାର୍ଯ୍ୟ କରୁଛନ୍ତି। ଦେବକୁମାର ୟୁଏଇରେ ଚାକିରି କରିଥିଲେ। ସେଠାରୁ ଚାକିରି ଛାଡ଼ି ୨୦୧୮ରେ କେରଳର କସାରଗଡ଼କୁ ଫେରିବା ପରେ 'ପାପଲା' ଷ୍ଟାର୍ଟଅପ୍ ମାଧ୍ୟମରେ ଏଭଳି ଜିନିଷମାନ ତିଆରି କରୁଛନ୍ତି। 'ପାପଲା' ଅର୍ଥ କମ୍ ପେପର୍ ଓ କମ୍ ପ୍ଲାଷ୍ଟିକ୍ ବୋଲି କୁହନ୍ତି ସରନ୍ୟା। ଏହି ଦମ୍ପତି କସାରଗଡ଼ ଓ କର୍ଣ୍ଣାଟକର ବିଭିନ୍ନ ସ୍ଥାନରୁ ଗୁଆ ପତ୍ର ସହ ଖୋଳପା ସଂଗ୍ରହ କରି ଏହି ଜିନିଷ ପ୍ରସ୍ତୁତ କରିବାରେ ଲଗାଉଛନ୍ତି। ସେମାନେ ମଧ୍ୟ ଏ ବାବଦରେ ଗୁଆ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେଉଛନ୍ତି। ଫଳରେ ସେମାନେ ଲାଭ ପାଉଛନ୍ତି ଓ ଅପରପକ୍ଷରେ ପ୍ଲାଷ୍ଟିକ ବ୍ୟବହାର ମଧ୍ୟ କମ୍ କରାଯାଇପାରୁଛି ବୋଲି କୁହନ୍ତି ଦେବକୁମାର। ଏହି କାର୍ଯ୍ୟରେ ୮ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ମଧ୍ୟ ସାବୁନ ଖୋଳ, ଟୋପି ଓ ବିଞ୍ଚଣା ତିଆରି କରୁଛନ୍ତି। ଏହାଦ୍ୱାରା ମାସକୁ ସେ ଏହିସବୁ ଜିନିଷରୁ ୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କପ୍, ପ୍ଲେଟ୍, ଚାମଚ ଆଦି ଜିନିଷର ମୂଲ୍ୟ ୧.୫୦ ଟଙ୍କାରୁ ୧୦ ଟଙ୍କା ଥିବାବେଳେ ଗ୍ରୋ ବ୍ୟାଗ୍‌ର ଖଣ୍ଡ ପ୍ରତି ଦାମ୍ ୪୦ ଟଙ୍କା ରଖାଯାଇଛି।

## ଚିରନ୍ତନୀ

ଦୂର ଗାଆଁ କୋଳେ ବୁଡୁଥିଲା ମୋର
ଗୋଧୂଳି-ବେଳ
ଶିଶୁସାଥି ମେଳେ ବସୁଥିଲା କେତେ
ସୁଖର ହାଟ
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀ ତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନେତାଙ୍କ ପାଟିରେ ଲଗାମ ରହିବା ଆବଶ୍ୟକ

ମହାଶୟ,

ଫେସବୁକ୍, ଟୁଇଟର, ନେଟଫ୍ଲିକ୍ସ, ଆମାଜନ ପ୍ରାଇମ ଭିଡିଓ ଭଳି ଓଭରଦିଟପ ପ୍ଲାଟଫର୍ମ ଓ ଡିଜିଟାଲ ନିଉଜ ଉପରେ ସରକାର ଲଗାମ ଲଗାଇବା ପାଇଁ ଗତବର୍ଷ ଗାଇଡ୍‌ଲାଇନ ଜାରି କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଭାରତରେ ରାଜନେତା ମାନେ ଘୃଣ୍ୟ ମନ୍ତବ୍ୟ ଦେଇଚାଲିଛନ୍ତି। ଏପରି ନିକଟ ଅତୀତରେ ''ସୁଲ୍ଲିଡିଲ୍ସ'' ପରେ ''ବୁଲ୍ଲିବାଇ'' ନାମକ ଆପ୍ ସାମନାକୁ ଆସିବା ପରେ ଚିନ୍ତା ବୃଦ୍ଧି ପାଇଛି; ଯଦ୍ୱାରା ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାଙ୍କ ବିରୋଧରେ ଏହା ବୃଦ୍ଧି ପାଉଥିବାରୁ ଏହାକୁ ନେଇ ଜାତିସଂଘ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଛି। ବିଶେଷକରି ମୁସଲମାନ ମହିଳାଙ୍କୁ ସାମାଜିକ ଗଣମାଧ୍ୟମରେ ନିଲାମ ବିଜ୍ଞାନକୁ ଜାତିସଂଘ ନିନ୍ଦା କରାଯାଇଥିବା ବେଳେ ଏହାଦ୍ୱାରା ସମଗ୍ର ବିଶ୍ୱରେ ଭାରତର ମାନ ହ୍ରାସ ପାଉଛି। ଧର୍ମ ଓ ସମ୍ପ୍ରଦାୟ ସମେତ ମହିଳାଙ୍କୁ ଅପମାନିତ କଲାଭଳି କାର୍ଯ୍ୟକୁ ସହ୍ୟ କରାଯିବ ନାହିଁ ବୋଲି ଜାତିସଂଘର ଆୟୋଗ ଅଧକ୍ଷା କହିଥିବାରୁ ସରକାର ଅଡୁଆରେ ପଡ଼ିବା ସ୍ୱାଭାବିକ। ଅନ୍ୟପଟେ ମୋଦି ସରକାର ଆସିବା ପରଠାରୁ ରାଜନେତାମାନେ ଅଧିକ ଘୃଣ୍ୟ ମନ୍ତବ୍ୟ ଦେଉଥିବାରୁ ଅଧିକ ମାତ୍ରାରେ ଭାଜପା ନେତାମାନେ ଘୃର୍ଣ୍ଣିତ ହେଉଛନ୍ତି। ଏଣୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଆଧାରିତ ଅଶାଳୀନ ମନ୍ତବ୍ୟ ଦେବାରେ ଆମ ରାଜନେତାମାନେ ନିଜ ପାଟିରେ ଲଗାମ ଦେବା ଆବଶ୍ୟକ।

– ବିଷ୍ଣୁ ପ୍ରସାଦ ମହାରଣା
ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୨୪ ଜାନୁୟାରୀ, ୨୦୨୨ Sambalpur, Monday, January 24/2022

# ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**କେପ୍ ଟାଉନ୍, ୨୩।୧**

ଭାରତ ବିପକ୍ଷ ଦିନିକିଆ କ୍ରିକେଟ ସିରିଜକୁ ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚରେ ଘରୋଇ ଦଳ ୪ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ଦଳ ୩-୦ରେ ସିରିଜ ଜିତିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡି'କକ୍‌ଙ୍କ ଶତକ ସହାୟତାରେ ୪୯.୫ ଓଭରରେ ୨୮୭ ରନ କରିଥିଲା। ଜବାବରେ ଭାରତ ଏକଦା ବିଜୟର ନିକଟତର ହୋଇଥିଲେ ହେଁ ୪୯.୨ ଓଭରରେ ୨୮୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ଏହି ରୋମାଞ୍ଚକ ମ୍ୟାଚରେ ୨୦ଟି ଉଇକେଟର ପତନ ଘଟିଥିଲା।

୨୮୮ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ମାତ୍ର ୧୯ ରନରେ ଅଧିନାୟକ ଲୋକେଶ ରାହୁଲ (୯ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଶିଖର ଧାୱନ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟ ଯୋଡ଼ିରେ ୯୮ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଫର୍ମରେ ଥିବା ଧାୱନ ୭୩ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୬୧ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଋଷଭ ପନ୍ତ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିବା ଭାରତକୁ ଶକ୍ତ ଝଟ୍‌କା ଦେଇଥିଲା। ଭଲ ଖେଳୁଥିବା ବିରାଟ କୋହଲି ପ୍ରତିପକ୍ଷ ସ୍ପିନର କେଶବ ମହାରାଜଙ୍କ ଟର୍ନ କରୁଥିବା ଏକ ବଲ୍‌କୁ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସେ ୮୪ ବଲ୍‌ରୁ ୫ ଚୌକା ସହ ୬୫ ରନ କରିଥିଲେ। ଶ୍ରେୟାସ ଆୟାର ଓ ଚଳିତ ସିରିଜରେ ପ୍ରଥମଥରପାଇଁ ଖେଳିବା ସୁଯୋଗ ପାଇଥିବା ସୂର୍ଯ୍ୟକୁମାର ଯାଦବ ଇନିଂସକୁ ଆଗେଇ ନେବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୩୯ ରନ ଯୋଗ ହେବାପରେ ଆୟାର ଘରୋଇ ଦ୍ରୁତ ବୋଲର ସିସନ୍ଦା ମାଗଲାଙ୍କ ଶିକାର ହୋଇଥିଲେ। ସୂର୍ଯ୍ୟକୁମାର ମଧ୍ୟ ୩୨ ବଲ୍‌ରୁ ୩୯ (୪ ଚୌକା, ୧ ଛକା)ରନ କରି ପ୍ୟାଭିଲିୟନ ଫେରିଥିଲେ। ୨୧୦ ରନରେ ୬ଷ୍ଠ ଉଇକେଟ ପଡ଼ିବାରୁ ଭାରତର ଚିନ୍ତା ବଢ଼ିଥିଲା। ଜୟନ୍ତ ଯାଦବ ମଧ୍ୟ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଶେଷ ଭାଗରେ ଦୀପକ ଚହର ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ଆଶା ଉଜ୍ଜୀବିତ କରିଥିଲେ। ସେ ୩୪ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରିବା ସହିତ ୭ମ ଉଇକେଟ ଯୋଡ଼ିରେ ଯଶପ୍ରୀତ ବୁମ୍‌ରାଙ୍କ ସହ ୩୧ ବଲ୍‌ରୁ ୫୫ ରନର ମୂଲ୍ୟବାନ ପାର୍ଟନରଶିପ୍ ଗଢ଼ିଥିଲେ। ଏକଦିବସୀୟ କ୍ରିକେଟରେ ଏହାଥିଲା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ଚହରଙ୍କ ଇନିଂସ ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲା। ସେ ଆଉଟ ହେବା ବେଳକୁ ଭାରତ ୧୭ ବଲ୍‌ରୁ ୧୦ ରନ ଆବଶ୍ୟକ କରୁଥିଲା। ମାତ୍ର ୫ ରନ ମଧ୍ୟରେ ଭାରତ ଅବଶିଷ୍ଟ ୨ଟି ଯାକ ଉଇକେଟ ହରାଇଥିଲା। ଫଳରେ ଭାରତ ଇନିଂସ ୨୮୩ ରନରେ ସୀମିତ ରହି ଯାଇଥିଲା।


ଶତକ ହାସଲ ଅବସରରେ କ୍ୱିଣ୍ଟନ ଡି'କକ୍।

### ଡି'କକ୍‌ଙ୍କ ଶତକ

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡି'କକ୍‌ଙ୍କ ଶତକ ସହାୟତାରେ ସମ୍ମାନଜନକ ସ୍କୋର କରିଥିଲା। ଟପ୍ ଅର୍ଡରର ୩ ବ୍ୟାଟର ବିଫଳ ହୋଇଥିଲେ ହେଁ ଡି'କକ୍ ଗୋଟିଏ ପଟରେ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ସ୍ଥିତି ସମ୍ଭାଳି ନେଇଥିଲେ। ୧୩୦ଟି ବଲ୍ ଖେଳିଥିବା ଡି'କକ୍ ୧୨ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୧୨୪ ରନ କରିଥିଲେ। ମିଡିଲ ଅର୍ଡରରେ ରସି ଭାନ୍ ଡର୍ ଡୁସେନ ୫୨ ଏବଂ ଡେଭିଡ ମିଲର ୩୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଡି'କକ୍ ଓ ଡୁସେନଙ୍କ ୪ର୍ଥ ଉଇକେଟ ଯୋଡ଼ିରେ ୧୪୩ ବଲ୍‌ରୁ ୧୪୪ ରନର ଭାଗୀଦାରି ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା ଓ ଦୀପକ ଚହର ୨ଟି ଲେଖାଏ ଏବଂ ଯୁଜବେନ୍ଦ୍ର ଚହଲ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୨୮୭/ଅଲ୍‌ଆଉଟ (କ୍ୱିଣ୍ଟନ ଡି'କକ୍-୧୨୪, ରସି ଭାନ୍ ଡର୍ ଡୁସେନ ୫୨, ଡେଭିଡ ମିଲର-୩୯, ପ୍ରସିଦ୍ଧ କ୍ରିଷ୍ଣା-୩/୫୯, ଦୀପକ ଚହର-୨/୫୩, ଯଶପ୍ରୀତ୍ ବୁମ୍‌ରା-୨/୫୨, ଯୁଜବେନ୍ଦ୍ର ଚହଲ-୧/୪୭)।

ଭାରତ ୪୯.୨ ଓଭରରେ ୨୮୩/ଅଲଆଉଟ (ବିରାଟ କୋହଲି-୬୫, ଶିଖର ଧାୱନ-୬୧, ଦୀପକ ଚହର-୫୪, ସୂର୍ଯ୍ୟକୁମାର ଯାଦବ-୩୯, ଶ୍ରେୟାସ ଆୟାର-୨୬, ଆଣ୍ଡିଲେ ଫେଲୁକ୍ୱାୟୋ-୩/୪୦, ଲୁନ୍‌ଗି ଏନ୍‌ଗିଡ଼ି-୩/୫୮, ଡ୍ୱେନ ପ୍ରିଟୋରିୟସ-୨/୫୪, ସିସନ୍ଦା ମାଗଲା-୧/୬୯, କେଶବ ମହାରାଜ-୧/୩୯)

# ରିଜୱାନ, ବିମଣ୍ଟ ଟି୨୦ କ୍ରିକେଟର ଅଫ୍ ଦି ଇୟର

**ଦୁବାଇ, ୨୩।୧(ପି.ଟି.)**

ପାକିସ୍ତାନ ଉଇକେଟକିପର ବ୍ୟାଟର ମହମଦ ରିଜୱାନ ଓ ଇଂଲଣ୍ଡର ଟାମି ବିମଣ୍ଟ ଯଥାକ୍ରମେ ୨୦୨୧ ବର୍ଷ ପାଇଁ ଆଇସିସି ପୁରୁଷ ଓ ମହିଳା କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ୨୦୨୧ରେ ପୁରୁଷ କ୍ରିକେଟର କ୍ଷୁଦ୍ରତମ ଫର୍ମାଟରେ ରିଜୱାନଙ୍କ ରାଜୁତି ଦେଖିବାକୁ ମିଳିଥିଲା। ସେହିପରି ମହିଳା ଅନ୍ତର୍ଜାତୀୟ ଟି୨୦ରେ ବିମଣ୍ଟ ଉକ୍ତ ବର୍ଷ ତୃତୀୟ ସର୍ବୋଚ୍ଚ ରନ ସଂଗ୍ରହକାରୀ ବ୍ୟାଟର ହୋଇପାରିଥିଲେ। ରିଜୱାନ ୨୯ଟି ମ୍ୟାଚ ଖେଳି ୧,୩୨୬ ରନ ସଂଗ୍ରହ କରିଥିଲେ। ତାଙ୍କର ଆଭରେଜ ୭୩.୬୬ ଏବଂ ଷ୍ଟ୍ରାଇକ୍‌ରେଟ୍ ୧୩୪.୮୯ ରହିଥିଲା। ବ୍ୟାଟିଂ ବ୍ୟତୀତ ସେ ଭଲ ଉଇକେଟ କିପିଂ ମଧ୍ୟ କରିଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଟି୨୦ ବିଶ୍ୱକପ୍ ବେଳେ ପାକିସ୍ତାନର ସେମିଫାଇନାଲ ପ୍ରବେଶରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଟୁର୍ନାମେଣ୍ଟରେ ସେ ତୃତୀୟ ସର୍ବୋଚ୍ଚ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ସେ ଆହୁରି ମଧ୍ୟ ଲାହୋରଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିଲେ। ସେ ତାଙ୍କ ଫର୍ମ ଜାରି ରଖି କରାଚୀଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚମତ୍କାର ୮୭ ରନ ସଂଗ୍ରହ କରିଥିଲେ। ରିଜୱାନ ଆହୁରି ମଧ୍ୟ ଭାରତ ବିପକ୍ଷ ବିଶ୍ୱକପ୍ ଓପନରେ ୫୫ ବଲ୍‌ରେ ଅପରାଜିତ ୭୯ ରନ କରିଥିଲେ। ଯାହାଫଳରେ ଗ୍ଲୋବାଲ ଇଭେଣ୍ଟରେ ପାକିସ୍ତାନ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ରେକର୍ଡ ପ୍ରଥମ ବିଜୟ ହାସଲ କରିଥିଲା। ଆଗାମୀ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ରିଜୱାନଙ୍କଠାରୁ ଆଉ ଏକ ଭଲ ପ୍ରଦର୍ଶନ ଆଶା କରୁଛି।

ଅନ୍ୟପକ୍ଷରେ ବିମଣ୍ଟ ଗତବର୍ଷ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଦଳର ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ। ବିଦେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଲୋ ସ୍କୋରିଂ ସିରିଜରେ ବିମଣ୍ଟ ଟପ୍ ସ୍କୋରର ହୋଇ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ତିନୋଟି ମ୍ୟାଚରେ ୧୦୨ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ଏକ ସୀମିତ ଓଭର ସିରିଜ ଟୁର୍‌ରେ ଆସିଥିବା ବେଳେ ବିମଣ୍ଟ ଏହି ଦଳ ବିପକ୍ଷରେ ପୁଣି ତାଙ୍କ ପ୍ରଭାବୀ ବ୍ୟାଟିଂ ଦୋହରାଇ ଥିଲେ।


ମହମ୍ମଦ ରିଜୱାନ ଓ ଟାମି ବିମଣ୍ଟ।

# ସେମିରେ ରେଲୱେ, ରାମେଶ୍ୱର ସ୍ପୋର୍ଟିଂ

**ଭଣ୍ଡାରିପୋଖରୀ, ୨୩।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆରେ ୧୬ତମ ଆନ୍ତଃଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ରବିବାର ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ନାୟକ ଓ ରଘୁନାଥପୁର କ୍ରିକେଟ କ୍ଲବ ସଭାପତି ବିଶ୍ୱନାଥ ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ସିସି ଯାଜପୁର ସହ ରେଲୱେ ଟିମ୍ ଭଦ୍ରକ ଏବଂ ସୂର୍ଯ୍ୟଶିଖା ଭଦ୍ରକ ସହ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ରେଲୱେ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଏମ୍‌ସିସି ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ୍ କରି ମ୍ୟାଚ୍ ହାରିଥିଲା। ଫଳରେ ରେଲୱେ ଟିମ୍ ଭଦ୍ରକ ସେମିଫାଇନାଲରେ ପ୍ରବେଶ କରିଥିଲା। ସାହିଲ ଖାଁ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭଦ୍ରକର ସୂର୍ଯ୍ୟଶିଖାକୁ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିରେ ପ୍ରବେଶ କରିଛି। ରାମେଶ୍ୱର ୧୮ ଓଭରରେ ୭ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ସୂର୍ଯ୍ୟଶିଖା ୧୪୪ ରନ୍ କରି ଅଲଆଉଟ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଏମ୍. ଗୌତମ ଗୋପାଳଙ୍କୁ ବିଶ୍ୱନାଥ ମାଝି ଓ ଅନ୍ତର୍ଯ୍ୟାମୀ ନାୟକ ପୁରସ୍କୃତ କରିଥିଲେ।


ମ୍ୟାନ ଅଫ୍ ଦି ମ୍ୟାଚ୍ ଏମ୍. ଗୌତମ ଗୋପାଳଙ୍କୁ ପୁରସ୍କୃତ କରାଯାଉଛି।

# ନାଡାଲ, ବାର୍ଟି କ୍ୱାର୍ଟରଫାଇନାଲରେ

**ମେଲବୋର୍ନ, ୨୩।୧ (ଏପି)**

ସ୍ପେନର ରାଫାଲ ନାଡାଲ ୧୪ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ସେ ଆଡ୍ରିଆନ ମାନାରିନୋଙ୍କୁ ୭-୬ (୧୪), ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ସେ ପୁରୁଷ ବିଭାଗରେ ୨୧ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ରେକର୍ଡଠାରୁ ଆଉ ତିନୋଟି ବିଜୟ ପଛରେ ରହିଛନ୍ତି। ନାଡାଲ କ୍ୱାର୍ଟରଫାଇନାଲରେ ଡେନିସ ଶାପୋଭାଲୋଭଙ୍କୁ ଭେଟିବେ। ମାର୍ଗାରେଟ୍ କୋର୍ଟ ଆରେନାରେ କାନାଡ଼ାର ଏହି ୨୨ବର୍ଷୀୟ ଖେଳାଳି ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଆଲେକ୍‌ଜାଣ୍ଡର ଜେଭରେଭଙ୍କ ବିପକ୍ଷରେ ୬-୩, ୭-୬ (୫), ୬-୩ରେ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନରେ ସେ ପ୍ରଥମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ନମ୍ବର ୱାନ ଖେଳାଳି ଆଶଲେ ବାର୍ଟି କ୍ରମାଗତ ଚତୁର୍ଥ ବର୍ଷ ପାଇଁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଆମେରିକାର ୨୦ ବର୍ଷୀୟା ଆମାଣ୍ଡା ଆନିସିମୋଭାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ୧୯୭୮ ପରେ ଅଷ୍ଟ୍ରେଲିଆର ପ୍ରଥମ ମହିଳା ଖେଳାଳି ହିସାବରେ ନିଜ ଦେଶରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସୂଚନାଯୋଗ୍ୟ, ଆନିସିମୋଭା ତୃତୀୟ ରାଉଣ୍ଡରେ ଗତଥର ଚାମ୍ପିୟନ ନାଓମି ଓସାକାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବାର୍ଟି ବର୍ତ୍ତମାନ ୨୧ତମ ସିଡ୍ ଜେସିକା ପେଗୁଲାଙ୍କ ସହ ମୁକାବିଲା କରିବେ, ଯିଏକି ୫ମ ସିଡ୍ ମାରିଆ ସାକାରିଙ୍କୁ ୭-୬(୦), ୬-୩ରେ ହରାଇ ଦେଇଛନ୍ତି। ଫ୍ରେଞ୍ଚ ଓପନ ଚାମ୍ପିୟନ ବାରବୋରା କ୍ରେଜିସୋଭା ତାଙ୍କର ଗତ ୪ଟି ଗ୍ରାଣ୍ଡସ୍ଲାମ ଇଭେଣ୍ଟରେ ତୃତୀୟ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ଦୁଇଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି।

ସପ୍ତମ ଦିବସ ଖେଳର ଅନ୍ତିମ ମ୍ୟାଚରେ ୱିମ୍ବେଲଡନ ରନର୍ସଅପ୍ ମାଟେଓ ବରେଟେନି ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ୧୯ତମ ସିଡ୍ ପାବ୍‌ଲୋ କାରେନୋ ବଷ୍ଟାଙ୍କୁ ହରାଇ ଦେଇଛନ୍ତି। ୭ମ ସିଡ୍ ବରେଟେନି କ୍ୱାର୍ଟରଫାଇନାଲରେ ୧୭ ନମ୍ବର ଖେଳାଳି ଗେଲ୍ ମନଫିଲ୍ସଙ୍କୁ ଭେଟିବେ।


ରାଫାଲ ନାଡାଲ

# ସାନିଆ-ରାଜୀବ କ୍ୱାର୍ଟରଫାଇନାଲରେ

**ମେଲବୋର୍ନ, ୨୩।୧ (ପି.ଟି.)**

ଭାରତର ସାନିଆ ମିର୍ଜା ଓ ତାଙ୍କ ଆମେରିକାନ ପାର୍ଟନର ରାଜୀବ ରାମ୍ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର କୋର୍ଟ-୩ରେ ଅଣସିଡ୍ ଇଣ୍ଡୋ-ଆମେରିକାନ ଯୋଡ଼ି ଅଷ୍ଟ୍ରେଲିଆର ଇଲେନ୍ ପେରେଜ ଓ ନେଦରଲାଣ୍ଡ୍ସର ମାର୍ଟୱି ମିଡଲକ୍ୟାପ୍‌ଙ୍କୁ ୭-୬ (୮/୬), ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ମିର୍ଜା ଓ ରାମ୍ ବର୍ତ୍ତମାନ ସାମ୍ ଷ୍ଟୋସୁର ଓ ମାଥ୍ୟୁ ଇବ୍‌ଡେନ୍ ଏବଂ ଜେମି ଫୋର୍ଲିସ ଓ ଜାସନ କୁବଲର ମଧ୍ୟରେ ଖେଳାଯିବାକୁ ଥିବା ଅଲ୍ ଅଷ୍ଟ୍ରେଲିଆନ ଦ୍ୱିତୀୟ ରାଉଣ୍ଡ ମ୍ୟାଚର ବିଜେତାଙ୍କୁ ଭେଟିବେ। ମିର୍ଜା ଓ ରାମ୍ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସର୍ବିୟାର ଆଲେକ୍‌ଜାଣ୍ଡର କ୍ରୁନିକ୍ ଏବଂ ନିକୋଲା କାସିକ୍‌ଙ୍କୁ ହରାଇ ଦେଇଥିଲେ। ଚଳିତ ସପ୍ତାହ ଆରମ୍ଭରେ ୬ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ମିର୍ଜା ମହିଳା ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇ ସାରିଛନ୍ତି। ସୂଚନାଯୋଗ୍ୟ, ମିର୍ଜା ୨୦୨୨ ସିଜନ ପରେ ଟେନିସରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି।

## ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ

# ଖେଳାଳି ଆସିବା ଆରମ୍ଭ

**ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓପନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସୁପର ୧୦୦ ଟୁର୍ନାମେଣ୍ଟରେ ୧୮ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବିନା ଦର୍ଶକରେ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ରବିବାରଠାରୁ ଖେଳାଳିମାନେ ଆସିବା ଆରମ୍ଭ ହୋଇଛି। କୋଭିଡ ଗାଇଡ୍‌ଲାଇନ୍ ଅନୁସାରେ ଖେଳାଳି ଓ ଅଫିସିଆଲମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କର ନାମ ପଞ୍ଜୀକରଣ ସହ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଛି। ବିଡବ୍ଲ୍ୟୁଏଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଅୟୋଜନ ହେବାକୁ ଯାଉଛି। ଆଗାମୀ ବଡ଼ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭେନ୍ୟୁର ଉନ୍ନତୀକରଣ କରାଯାଇଛି। ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିବାକୁ ଏବଂ ସେମାନେ ଯେପରି ସ୍ମରଣୀୟ ସ୍ମୃତି ନେଇ ଫେରିବେ ସେଥିପାଇଁ ସିଲ୍‌ଭର ସିଟି ପ୍ରସ୍ତୁତ।



ଭୁବନେଶ୍ୱରରେ ରବିବାର ପହଞ୍ଚିଥିବା ଖେଳାଳିମାନେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୨୪/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Monday, January 24/2022 | ପୃଷ୍ଠା-୧



**ସିନ୍ଧୁଙ୍କୁ ଟାଇଟଲ**

ପି.ଭି. ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୦୮

୦୬

**ପ୍ରଶଂସକଙ୍କୁ ଶାହରୁଖଙ୍କ ସ୍ୱତନ୍ତ୍ର ଉପହାର**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଜଣେ ବିଦେଶୀ ପ୍ରଶଂସକଙ୍କୁ ଏକ ବିଶେଷ ଉପହାର ପଠାଇଛନ୍ତି।



## ଉପରାଷ୍ଟ୍ରପତିଙ୍କୁ କରୋନା



ଏମ୍. ଭେଙ୍କାୟା ନାଇଡୁ

**ନୂଆଦିଲ୍ଲୀ,୨୩।୧ (ପି.ଟି.):** ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉପରାଷ୍ଟ୍ରପତି ଦ୍ୱିତୀୟ ଥର ପାଇଁ କରୋନା ଆକ୍ରାନ୍ତ ହୋଇଛନ୍ତି। ହାଇଦ୍ରାବାଦରେ ଥିବା ଭେଙ୍କାୟା ସଂକ୍ରମିତ ଜଣାପଡ଼ିବା ପରେ ନିଜକୁ ଗୋଟିଏ ସପ୍ତାହ ଲାଗି ଆଇସୋଲେଶନରେ ରଖିଛନ୍ତି ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ମଧ ସଙ୍ଗରୋଧରେ ରହିବା ସହ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଇଛନ୍ତି। ବୁଧବାର ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉପରାଷ୍ଟ୍ରପତି ଯୋଗ ଦେଇ ନ ପାରନ୍ତି।

## ଗିରଫ କରିବା ଲାଗି ଇଡିକୁ ଦିଲ୍ଲୀ ମନ୍ତ୍ରୀଙ୍କ ଆହ୍ୱାନ



ସତ୍ୟେନ୍ଦ୍ର ଜୈନ

**ନୂଆଦିଲ୍ଲୀ,୨୩।୧ (ପି.ଟି.):** ଆର୍ଥିକ ଅପରାଧ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀର ସ୍ୱାସ୍ଥ୍ୟ ଓ ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରିପାରନ୍ତି ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି। ଆସନ୍ତା ମାସରେ ପଞ୍ଜାବ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପାକୁ ସହାୟତା କରିବା ଲାଗି ଦିଲ୍ଲୀର ଏଏପି ମନ୍ତ୍ରୀଙ୍କୁ ଗିରଫ କରାଯିବା ନେଇ ଏକ ସୂତ୍ରରୁ ସେ ଜାଣିବାକୁ ପାଇଥିବା କେଜ୍‌ରିୱାଲ କହିଥିଲେ। ତେବେ ତାଙ୍କ ଦଳର ନେତା ଓ କର୍ମୀମାନେ କୌଣସି ଭୁଲ୍ କରି ନ ଥିବାରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଭୟ କରନ୍ତି ନାହିଁ। ଜୈନଙ୍କୁ ଗିରଫ କଲେ ଏଏପି ପଛକୁ ଘୁଞ୍ଚିଯିବ ନାହିଁ। ନିର୍ବାଚନ ଲଢ଼ିବାକୁ ଆମେ ପ୍ରସ୍ତୁତ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନିୟନ୍ତ୍ରିତ କେନ୍ଦ୍ର ସରକାରଙ୍କୁ ମନ୍ତ୍ରୀ ଜୈନ୍ ସମାଲୋଚନା କରିଛନ୍ତି। ସେ ଗିରଫ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ପୂର୍ବରୁ ଇଡି ଦୁଇଥର ତାଙ୍କ ଘରେ ଚଢ଼ାଉ କରି ବିଫଳ ହୋଇଥିଲା। ଏହା କେବଳ ରାଜନୀତି ପାଇଁ। ତାଙ୍କୁ ଗିରଫ କରିବା ଲାଗି ଜୈନ ଆହ୍ୱାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ପରାଜିତ ହେବ ବୋଲି ଭାଜପା ଅନୁଭବ କରିବା ପରେ ବିରୋଧୀଙ୍କୁ ଅସୁବିଧାରେ ପକାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଏଏପି ଆବାହକ କେଜ୍‌ରିୱାଲ କହିଛନ୍ତି।



ହିମାଚଳ ପ୍ରଦେଶର ଲହୁଆଲ ସ୍ପିତି ଜିଲା ସିସୁଠାରେ ରବିବାର ଜଣେ ବ୍ୟକ୍ତି ନିଜ ଘର ଉପରୁ ବରଫ ସଫା କରୁଛନ୍ତି।

# ଗୋଷ୍ଠୀ ସଂକ୍ରମଣ ସ୍ତରରେ ଓମିକ୍ରନ୍

## ଭାରତରେ ବିଏ.୨ ସବ୍‌ଭାରିଆଣ୍ଟକୁ ନେଇ ଚିନ୍ତା

**ନୂଆଦିଲ୍ଲୀ,୨୩।୧ (ପି.ଟି.)**

କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ବିଭିନ୍ନ ଦେଶରେ ମହାମାରୀର ତୃତୀୟ ଲହର ଆଣିବା ସହ ଖୁବ୍ କମ୍ ଦିନ ମଧ୍ୟରେ ଶତାଧିକ ଦେଶକୁ ସଂକ୍ରମିତ ହୋଇଛି। ଏବେ ଭାରତରେ ଓମିକ୍ରନକୁ ନେଇ ତୃତୀୟ ଲହର ଜୋର ଧରିଥିବାବେଳେ ଦୈନିକ ସଂକ୍ରମଣ ୩ ଲକ୍ଷ ଅତିକ୍ରମ କରିଛି। ଦେଶରେ ଓମିକ୍ରନ୍ ଭାରିଆଣ୍ଟ ଗୋଷ୍ଠୀ ସଂକ୍ରମଣ ସ୍ତରରେ ପହଞ୍ଚିଥିବା ଆଇଏନ୍‌ଏସ୍‌ଏସିଓଜି (ଭାରତୀୟ ସାର୍ସ-କୋଭ-୨ ଜେନେଟିକ୍ସ କନସୋର୍ଟିୟମ) ପକ୍ଷରୁ କୁହାଯାଇଛି। କେତେକ ମେଟ୍ରୋ ସହରରେ ନୂଆ ଭାରିଆଣ୍ଟ ସଂକ୍ରମଣ ଅନ୍ୟ ଭାରିଆଣ୍ଟକୁ ଟପିଗଲାଣି। ସେଠାରେ ନୂଆ ମାମଲା ଅତି ଦ୍ରୁତ ବେଗରେ ବଢ଼ିଚାଲିଛି। ଏଥିସହିତ ଓମିକ୍ରନ୍‌ର ଆଉ ଏକ ଦ୍ରୁତ ସଂକ୍ରାମକ ସବ୍-ଭାରିଆଣ୍ଟ ବିଏ.୨ କେତେକ ଭାଗରେ ବହୁ ସଂଖ୍ୟାରେ ଚିହ୍ନଟ ହେଲାଣି।



ଏହାକୁ ନେଇ ଦେଶରେ ଚିନ୍ତା ବଢ଼ିଯାଇଛି। କେତେକ ୟୁରୋପୀୟ ଦେଶରେ ବିଏ.୨ ଦ୍ରୁତ ସଂକ୍ରମିତ ହେଉଛି। ତେଣୁ ଭାରତରେ ମହାମାରୀର ଏକ ବଡ଼ ଲହର ଆସିପାରେ ବୋଲି ଆଶଙ୍କା କରାଯାଉଛି।

ଆଇଏନ୍‌ଏସ୍‌ଏସିଓଜିର ଜାନୁୟାରୀ ୧୦ ବୁଲେଟିନ୍ ଅନୁଯାୟୀ ଦେଶରେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ଅଧିକାଂଶ ଓମିକ୍ରନ୍ ମାମଲା ଲକ୍ଷଣବିହୀନ କିମ୍ବା ସାମାନ୍ୟ ଲକ୍ଷଣଯୁକ୍ତ। ☞ପୃଷ୍ଠା-୩

## ରାଜ୍ୟରେ ଖସୁଛି ସଂକ୍ରମଣ ହାର

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

- ୮,୫୨୦ ଚିହ୍ନଟ, ୬ ମୃତ
- ଗୁରୁତର ରୋଗୀଙ୍କ ସଂଖ୍ୟା କମ୍: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ରାଜ୍ୟରେ କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଛି। ଆକ୍ରାନ୍ତଙ୍କ ସଂଖ୍ୟା ଓ ସଂକ୍ରମଣ ହାର ବି ହ୍ରାସ ପାଉଛି। ଗତ ୧୯ ତାରିଖ ବୁଧବାର ସର୍ବାଧିକ ୧୧,୬୦୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ହାର ୧୬.୭% ଛୁଇଁଥିଲା। ହେଲେ ଏହାପରଠାରୁ ଲଗାତର କମି ଚାଲିଛି। ଗୁରୁବାର ସଂକ୍ରମଣ ହାର ୧୩.୯୬%, ଶୁକ୍ରବାର ୧୩.୨୧% ରହିଥିବାବେଳେ ଶନିବାର ଏହା ୧୨.୮୮କୁ ଖସି ଆସିଥିଲା। ସେହିଭଳି ଗତ ୨୪ ଘଣ୍ଟାରେ ରାଜ୍ୟରେ ୭୨,୫୨୪ ନମୁନା ପରୀକ୍ଷା କରାଯାଇଥିବାବେଳେ ୮,୫୨୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୧୧.୭୪%କୁ ହ୍ରାସ ପାଇଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୯୩୭ ଜଣ ଅଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨,୬୬୨ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୯୩୨, କଟକ ୭୮୯, ଅନୁଗୋଳ ୧୪୨, ବାଲେଶ୍ୱର ୩୪୬, ବରଗଡ଼ ୧୪୧, ଭଦ୍ରକ ୧୧୨, ବଲାଙ୍ଗୀର ୨୧୭, ଜଗତ୍‌ସିଂହପୁର ୧୬୫, ଯାଜପୁର ୨୫୩, ଝାରସୁଗୁଡ଼ା ୧୧୮, କଳାହାଣ୍ଡି ୨୨୬, କେନ୍ଦ୍ରାପଡ଼ା ୧୩୪, କେନ୍ଦୁଝର ୧୨୬, କୋରାପୁଟରୁ ୧୫୭, ମୟୂରଭଞ୍ଜ ୧୮୦, ନବରଙ୍ଗପୁର ୧୯୨, ନୟାଗଡ଼ ୨୧୬, ନୂଆପଡ଼ା ୧୯୯, ପୁରୀ ୧୪୯, ରାୟଗଡ଼ା ୧୮୭, ସମ୍ବଲପୁର ୧୨୭ ଓ କନ୍ଧମାଳରୁ ୧୦୦ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୧୨,୦୪,୬୬୦ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, କଟକ ଓ କନ୍ଧମାଳରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ କରୋନା ମୃତ୍ୟୁ ୮,୫୨୦କୁ ବୃଦ୍ଧି ପାଇଛି।

ଅପରପକ୍ଷେ ରାଜ୍ୟରେ ସଂକ୍ରମଣ ପିକ୍ ଛୁଇଁଛି କି ନାହିଁ ଜାଣିବା ପାଇଁ ଆଉ କିଛିଦିନ ଲାଗିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଗତ ୧୨ ତାରିଖଠାରୁ ସଂକ୍ରମଣ ଧୀରେ ଧୀରେ କମିବା ଆରମ୍ଭ କରିଛି। ହେଲେ ନମୁନା ପରୀକ୍ଷା କମି ନାହିଁ। ଦୈନିକ ଏହା ୭୦ ହଜାର ଉପରେ ରହିଛି। ତେଣୁ ଆମର ପିକ୍ ଛୁଇଁଛି ନା ନାହିଁ ଏଥିପାଇଁ ଆଉ ୨ରୁ ୪ ଦିନ ଅପେକ୍ଷା କରିବାକୁ ପଡ଼ିବ। ସେହିଭଳି ଦ୍ୱିତୀୟ ଲହରରେ ଅନେକ ବିଶେଷଜ୍ଞ ଆକଳନ କରିଥିଲେ ଜୁଲାଇରେ କମିବ। କିନ୍ତୁ ଏହା କମିବାକୁ ଅକ୍ଟୋବର ଲାଗିଥିଲା। ସେମିତି ତୃତୀୟ ଲହର କେବେ କମିବ, ଏବେ କହିହେବ ନାହିଁ। କିନ୍ତୁ ଆସନ୍ତା କିଛି ଦିନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଦେଶ ଅପେକ୍ଷା ଭଲ ସ୍ଥିତିରେ ଅଛୁ। ପଜିଟିଭିଟି ଅପେକ୍ଷା ଆମର ଗୁରୁତର ରୋଗୀଙ୍କ ସଂଖ୍ୟା ମଧ କମ୍ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ବେଆଇନ ଲିଙ୍ଗ ନିରୂପଣ ଘଟଣା: ଆଉ ଜଣେ ଗିରଫ

### ରାଞ୍ଚିକୁ ଲମ୍ବିଛି ଚେର

**କଟକ ଅଫିସ, ୨୩।୧**

ବେଆଇନ ଲିଙ୍ଗ ନିରୂପଣ ମାମଲାରେ ଆଲ୍‌ଫା ହେଲ୍‌ଥ କେୟାର୍‌ର ୪ କର୍ମଚାରୀଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିବାବେଳେ ରବିବାର ଆଉ ଜଣଙ୍କୁ ଗିରଫ କରାଯାଇଛି। ଫଳରେ ମୋଟ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ଗିରଫ ଅଭିଯୁକ୍ତ ହେଲେ ମାନସ ରଞ୍ଜନ ପଣ୍ଡା (୩୮)। ତାଙ୍କ ଘର ଯାଜପୁର ଜିଲା ବରୀର ସାହୁପଡ଼ା ଅଞ୍ଚଳରେ ହୋଇଥିବାବେଳେ ସେ କଟକର ମଧୁପାଟଣା ଥାନା ଅନ୍ତର୍ଗତ ନେତାଜୀ ନଗରରେ ରହୁଥିଲେ। ମାନସ ରାଞ୍ଚିରୁ ସେକେଣ୍ଡ୍ ହ୍ୟାଣ୍ଡ୍ ଅଲ୍‌ଟ୍ରା ସାଉଣ୍ଡ ମେଶିନ୍ ଆଣି ଆଲ୍‌ଫା ହେଲ୍‌ଥ୍ କେୟାର୍‌କୁ ଦେଇଥିବା ପୋଲିସକୁ ପ୍ରମାଣ ମିଳିଛି।

ପୂର୍ବରୁ ଗିରଫ ଅଭିଯୁକ୍ତମାନେ ହେଲେ ଲାବ ମାଲିକ ପ୍ରସନ୍ନ କୁମାର ସାହୁ ଓ କର୍ମଚାରୀ ବସନ୍ତ କୁମାର ବର୍ଦ୍ଧନ, ସନ୍ତୋଷ କୁମାର ଲେଙ୍କା, ହୃଷୀକେଶ ସାହୁ। ମାନସ ଗତ ୧୦ ବର୍ଷ ଧରି ବିଭିନ୍ନ ମେଡିକାଲ ସାମଗ୍ରୀ ଯୋଗାଣ କରିଆସୁଥିବା ପୋଲିସ କହିଛି। ମାନସ ୩ ଲକ୍ଷ ୫୦ ହଜାର ଟଙ୍କାରେ ମେଶିନ ପ୍ରସନ୍ନଙ୍କୁ ବିକ୍ରି କରିଥିଲେ। ଏହି ସବୁ



ମାନସ ରଞ୍ଜନ ପଣ୍ଡା

ମେଶିନ୍ ବିନା କାଗଜପତ୍ରରେ ରାଜ୍ୟ ବାହାରୁ ଆସୁଥିଲା ବୋଲି ମାନସ ପୋଲିସ୍ ନିକଟରେ ସ୍ୱୀକାର କରିଥିବା ମଙ୍ଗଳାବାଗ୍ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଆଉ କିଏ କିଏ ସଂପୃକ୍ତ ଅଛନ୍ତି ସେନେଇ ପୋଲିସ ଖୋଳତାଡ଼ ଜାରିରଖିଛି। ସୂଚନାଥାଉକି ଆଲ୍‌ଫା ହେଲ୍‌ଥ କେୟାର୍‌ରେ ଲିଙ୍ଗ ନିରୂପଣ ହେଉଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ସେଠାରେ ଚଢାଉ କରାଯାଇ ଲାବ୍‌କୁ ସିଲ୍ କରାଯାଇଥିଲା।

# ଶିଶୁକନ୍ୟାଙ୍କୁ ଉଠାଇନେଇ ବଳାତ୍କାର

**ପୁରୀ ଅଫିସ,୨୩।୧**

ପୁରୀ ଟାଉନ ଥାନା ଅଞ୍ଚଳରେ ରବିବାର ଜଣେ ଶିଶୁକନ୍ୟା(୫)ଙ୍କୁ ବଳାତ୍କାର କରାଯାଇଛି। ଏହି ଲଜ୍ଜାଜନକ ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ପରିବାର ଭଡ଼ାଘରେ ରହନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ଶିଶୁକନ୍ୟା ଜଣକ ଘରେ ଖେଳୁଥିଲେ। ଏହି ସମୟରେ ସେ ଏକା ଥିଲେ। ଏହାର ସୁଯୋଗରେ ତାଙ୍କ ପାଖ ଘରେ ଭଡ଼ା ରହୁଥିବା ମହେଶ୍ୱର ମହାନ୍ତି ଓରଫ ମହି (୩୩) ଶିଶୁକନ୍ୟାଙ୍କୁ ଉଠାଇ ନେଇ ଛାତ ଉପରକୁ ଚାଲିଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ବହୁ ସମୟ ଧରି ଝିଅକୁ ଦେଖିବାକୁ ନ ପାଇବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘରର ଏକ କୋଣରେ ଝିଅ ବସି କାନ୍ଦୁଥିବାର ଦେଖିବାକୁ ପାଇ ପଚାରିବାରୁ ସବୁ କଥା ଜାଣିବାକୁ ପାଇଥିଲେ। ତାଙ୍କ ସମ୍ବେଦନଶୀଳ ସ୍ଥାନରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ତେଣୁ ସେମାନେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍ଗିନ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପରିବାରବର୍ଗ ପୁରୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଉଭୟ ପରିବାର ପଡ଼ିଶା ହୋଇଥିବାବେଳେ ମହେଶ୍ୱର ଏଭଳି ☞ପୃଷ୍ଠା-୩

### ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି



ଘଟଣାସ୍ଥଳରେ ଫରେନ୍‌ସିକ୍ ଅଧିକାରୀ ତଦନ୍ତ କରୁଛନ୍ତି।

# ୩ ବର୍ଷରେ ୯ ଲକ୍ଷ ପର୍ଯ୍ୟଟକ ହ୍ରାସ

- ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ କରୋନା ମାଡ଼
- ପ୍ରଶାସନିକ ଉଦାସୀନତା ବି ଦାୟୀ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୩।୧**

ସମ୍ପ୍ରତି ପର୍ଯ୍ୟଟନର ଗୁରୁତ୍ୱ ବଢିଛି। ଓଡ଼ିଶାରେ ବି ଭରପୂର ପର୍ଯ୍ୟଟନ ସମ୍ବଳ ରହିଛି। ହେଲେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆବଶ୍ୟକ ପ୍ରଚାରପ୍ରସାର ଅଭାବରୁ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆରେ ରହିଛି। ଏହି କାରଣରୁ କେବଳ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଚିଲିକା ହ୍ରଦ ଏବଂ ବିସ୍ତୃତ ବେଳାଭୂମି ବ୍ୟତୀତ ଓଡ଼ିଶାର ଅନ୍ୟ କୌଣସି ପର୍ଯ୍ୟଟନ ସମ୍ବଳ ପର୍ଯ୍ୟଟକମାନଙ୍କୁ ବିଶେଷ ଆକର୍ଷିତ



ଉଦୟଗିରିରେ ଅନ୍ୟରାଜ୍ୟର ପର୍ଯ୍ୟଟକ।

କରିପାରିନାହିଁ। ଏହାବାଦ୍ ଗତ ୩ ବର୍ଷର କରୋନା କଟକଣା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବହୁଳ ଭାବେ ପ୍ରଭାବିତ କରିଛି। ଗତ ୩ ବର୍ଷରେ କେବଳ ଅକ୍ଟୋବରର ତଥ୍ୟକୁ ଅବଲୋକନ କଲେ ପ୍ରାୟ ୯ ଲକ୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। ଅନୁରୂପ ଭାବେ ୯ ହଜାର ବିଦେଶୀ ପର୍ଯ୍ୟଟକ ଭ୍ରମଣରେ ଆସି ନାହାନ୍ତି, ଯାହାକି ପର୍ଯ୍ୟଟନ କ୍ଷେତ୍ର ସହ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ବିପନ୍ନ ହୋଇଛି ବୋଲି ସୂଚନା ମିଳିଛି।

ପ୍ରକୃତି କୋଳରେ ହସୁଥିବା ରାଜ୍ୟ ପର୍ଯ୍ୟଟନ ମାନଚିତ୍ର ସ୍ୱତନ୍ତ୍ର। ଓଡ଼ିଶାର ବିଭିନ୍ନ ଜିଲାରେ ଦୁର୍ଗମ ଘଞ୍ଚ ଜଙ୍ଗଲ ପଥ ଅତିକ୍ରମ କରି ଶୋଭାଭଣ୍ଡାର ଦର୍ଶନରେ ମଣିଷର ମନ ଓ ଆତ୍ମା ଯେଉଁ ନୈସର୍ଗିକ ଶାନ୍ତି ଲାଭ କରେ ତାହା ଅବର୍ଣ୍ଣନୀୟ। ବୌଦ୍ଧ କୀର୍ତ୍ତିରାଜି ସହ ସମୁଦ୍ର କୂଳ ଓ ଐତିହାସିକ କିମ୍ବଦନ୍ତୀ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥାଏ। ଏହିକ୍ରମରେ ୨୦୧୮ ଅକ୍ଟୋବରରେ ଓଡ଼ିଶାକୁ ଦେଶର ୧୪,୦୭,୪୮୨ ଓ ୯,୧୮୧ ବିଦେଶୀ ☞ପୃଷ୍ଠା-୩

## ସଂକ୍ଷେପରେ

### ପିଲାଙ୍କୁ ଘଉଡ଼ାଇବାକୁ ଗୁଳି ଚଳାଇଲେ ମନ୍ତ୍ରୀଙ୍କ ପୁଅ

**ପାଟନା,୨୩।୧:** ଫାର୍ମରେ କ୍ରିକେଟ ଖେଳୁଥିବା କେତେଜଣ ପିଲାଙ୍କୁ ଘଉଡ଼ାଇବା ପାଇଁ ବିହାରର ପର୍ଯ୍ୟଟନ ମନ୍ତ୍ରୀ ତଥା ଭାଜପା ନେତା ନାରାୟଣ ପ୍ରସାଦଙ୍କ ପୁଅ ଫାଙ୍କା ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ରବିବାର ବିହାରର ପଶ୍ଚିମ ଚମ୍ପାରନ ଜିଲା ଅନ୍ତର୍ଗତ ହାର୍ଡିଆ ଗ୍ରାମରେ ଏହି ଗୁଳିକାଣ୍ଡ ଘଟିଛି। ଖବର ଅନୁଯାୟୀ ମନ୍ତ୍ରୀଙ୍କ ପୁଅ ବବ୍‌ଲୁ ପ୍ରସାଦ ନିଜ ଫାର୍ମ ନିକଟରେ ପହଞ୍ଚି ସେଠାରେ କେଉଁମାନେ କ୍ରିକେଟ ଖେଳୁଛନ୍ତି ବୋଲି ସ୍ଥାନୀୟ ଲୋକଙ୍କୁ ପଚାରିଥିଲେ। ସେ କେତେଜଣ ସ୍ଥାନୀୟ ପିଲାଙ୍କୁ ମାଡ଼ ମାରିବା ସହ ପିସ୍ତଲ ବାହାର କରି ଫାଙ୍କା ଗୁଳି ଚଳାଇଥିଲେ। ଏହି ଆକ୍ରମଣରେ କେତେଜଣ ଆହତ ହୋଇଥିବା କୁହାଯାଉଛି। ଖବର ପାଇ ସ୍ଥାନୀୟ ଲୋକେ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ତାଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ବବ୍‌ଲୁଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମନ୍ତ୍ରୀ କହିଛନ୍ତି, ଗ୍ରାମର ଲୋକମାନେ ତାଙ୍କ ଜମିକୁ ଜବରଦଖଲରେ ରଖିଛନ୍ତି। ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କ ପରିବାର ସଦସ୍ୟଙ୍କୁ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ଜାଣିବା ଲାଗି ତାଙ୍କ ପୁଅ ସେଠାକୁ ପିସ୍ତଲ ଓ ରାଇଫଲ ସହ ଯାଇଥିଲେ। ଲୋକମାନେ ତାଙ୍କୁ ଢେଲାମାଡ଼ କରିବା ସହ ଗାଡ଼ି ଭାଙ୍ଗିଥିବା ନାରାୟଣ ପ୍ରସାଦ କହିଛନ୍ତି। କ୍ରିକେଟ ଖେଳୁଥିବା ପିଲାଙ୍କୁ ଆକ୍ରମଣ କରିବା ଅଧିକାର ମନ୍ତ୍ରୀ ପୁଅଙ୍କର ଅଛି କି ବୋଲି ବିରୋଧୀ ଦଳ ଆର୍‌ଜେଡି ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ହସ୍ତକ୍ଷେପ ଲୋଡ଼ିଛି।

### ଚିନ୍ତାବ୍ୟକ୍ତ କଲେ ଫ୍ରାନ୍ସିସ୍

**ଭାଟିକାନ ସିଟି, ୨୩।୧:** ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଆଶଙ୍କା ବଢ଼ିବାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍। ଦେଶର ଶାନ୍ତି ଉପରେ ବିପଦ ସୃଷ୍ଟି କଲା ଭଳି ସ୍ଥିତି ନ ଉପୁଜିବା ନିମନ୍ତେ ବୁଧବାର ଏକ ପ୍ରାର୍ଥନା ଦିବସ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଭେଦ ସୃଷ୍ଟିକାରୀ ସ୍ୱାର୍ଥ ହାସଲ ପରିବର୍ତ୍ତେ ମାନବ ଭାଇଚାରକୁ ଗୁରୁତ୍ୱ ଦେଇ ରାଜନୈତିକ ସ୍ତରରେ ଆଲୋଚନା କରାଯିବାକୁ ସେ ପରାମର୍ଶ ଦେଇଛନ୍ତି।



### ରତନ ଟାଟାଙ୍କୁ ମିଳିବ 'ଆସାମ ବୈଭବ' ସମ୍ମାନ

**ଗୁଆହାଟୀ,୨୩।୧:** ଭାରତର ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ଆସାମ ସରକାର ରାଜ୍ୟର ସର୍ବୋଚ୍ଚ ସମ୍ମାନ 'ଆସାମ ବୈଭବ'ରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ଗୁଆହାଟୀରେ ଏହି ସମ୍ମାନ ପ୍ରଦାନ କରାଯିବାକୁ ଥିବାବେଳେ କୋଭିଡ୍ କାରଣରୁ ରତନ ଟାଟା ବ୍ୟକ୍ତିଗତ ଭାବେ ଯୋଗ ଦେବେନାହିଁ। ତାଙ୍କ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ଗ୍ରହଣ କରିବେ। ଟାଟା ଏଥିପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ପତ୍ର ଲେଖି କୃତଜ୍ଞତା ଜଣାଇଛନ୍ତି।





ତୁଷାରପାତ ଯୋଗୁ ଶିମ୍‌ଲାର ଏକ ପାର୍କିଂ ସ୍ଥଳୀରେ ରବିବାର କାର୍‌ଗୁଡିକ ଉପରେ ବରଫ ଜମି ରହିଛି।

## ମୁସଲମାନ ବୋଲି ମନ୍ତ୍ରୀ ପଦ ଯାଇଛି

**ଲଣ୍ଡନ, ୨୩।୧**

ପାକିସ୍ତାନ ବଂଶୋଦ୍ଭବ ବ୍ରିଟେନର ପୂର୍ବତନ ମନ୍ତ୍ରୀ ନୁସରତ ଗନି ରବିବାର ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଏବଂ ତାଙ୍କ ସରକାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ସହଯୋଗୀଙ୍କର ସମସ୍ୟା ହୋଇଥିଲା। ତାଙ୍କ 'ମୁସଲମାନ ମହିଳା ମନ୍ତ୍ରୀ' ଷ୍ଟାଟସ୍‌କୁ ସେମାନେ ଗ୍ରହଣ କରିପାରୁ ନ ଥିଲେ। ଏଥିଯୋଗୁ ୨୦୨୦ ଫେବୃଆରରେ ତାଙ୍କୁ କଞ୍ଜରଭେଟିଭ୍ ପାର୍ଟି ସରକାରରେ ମନ୍ତ୍ରୀ ପଦରୁ ହଟାଯାଇଥିଲା ବୋଲି ୪୯ ବର୍ଷୀୟା ନୁସରତ କହିଛନ୍ତି। ଥେରେସା ମେ ବ୍ରିଟେନ ପ୍ରଧାନମନ୍ତ୍ରୀ ଥିବାବେଳେ ୨୦୧୮ରେ ନୁସରତଙ୍କୁ ଜୁନିୟର ପରିବହନ ମନ୍ତ୍ରୀ କରାଯାଇଥିଲା। କିନ୍ତୁ ୨୦୨୦ରେ ବୋରିସ୍ ଜନସନ ସରକାର ଗଢ଼ିବା ପରେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇ ଦିଆଯାଇଥିଲା ବୋଲି ଏକ ସାକ୍ଷାତକାରରେ ନୁସରତ ପ୍ରକାଶ କରିଛନ୍ତି।



ବ୍ରିଟେନ୍ ପୂର୍ବତନ ମନ୍ତ୍ରୀ ନୁସରତ ଗନି

ନୁସରତଙ୍କ ଏହି ଅଭିଯୋଗକୁ ଦଳର ମୁଖ୍ୟ ସଚେତକ ମାର୍କ ସ୍ପେନ୍ସର ଖଣ୍ଡନ କରିଛନ୍ତି। ତାଙ୍କ ଏଭଳି ମନ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଅପମାନଜନକ ବୋଲି ସ୍ପେନ୍ସର କହିଛନ୍ତି। ବ୍ୟକ୍ତିଗତ ଭାବେ ସେ ମଧ୍ୟ କେବେ ନୁସରତଙ୍କୁ ଏପରି ଦୃଷ୍ଟିରେ ଦେଖି ନ ଥିବା କିମ୍ବା ତାଙ୍କ ଧର୍ମ ଉପରେ କୌଣସି ଟିପ୍ପଣୀ ଦେଇ ନ ଥିବା ସ୍ପେନ୍ସର ପ୍ରତିକ୍ରିୟା ରଖିଛନ୍ତି। କଞ୍ଜରଭେଟିଭ ପାର୍ଟି ବିରୋଧରେ ପୂର୍ବରୁ ମଧ୍ୟ ଇସ୍‌ଲାମଫୋବିଆ ଅଭିଯୋଗ ଉଠିଥିଲା।

# ୟୁକ୍ରେନ ସରକାରଙ୍କୁ ହଟାଇବାକୁ ଚାହୁଁଛି ରୁଷିଆ

## ବ୍ରିଟେନର ଅଭିଯୋଗ

**ଲଣ୍ଡନ, ୨୩।୧**

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବା ଆଶଙ୍କା ଦିନକୁ ଦିନ ଦୃଢ଼ୀଭୂତ ହେବାରେ ଲାଗିଥିବାବେଳେ କ୍ରେମେଲିନ୍ ନାଁରେ ସଙ୍ଗିନ ଅଭିଯୋଗ ଆଣିଛି ବ୍ରିଟେନ। ୟୁକ୍ରେନରେ ବର୍ତ୍ତମାନ ଥିବା ସରକାରଙ୍କୁ ହଟାଇ ସେଠାରେ ରୁଷିଆ ନିଜ ସପକ୍ଷରେ ଏକ ସରକାର ଗଢ଼ିବାକୁ ଚାହୁଁଛି ବୋଲି ଶନିବାର ବ୍ରିଟେନ ସରକାର ପ୍ରକାଶ କରିଛନ୍ତି। ୟୁକ୍ରେନର ଜଣେ ପୂର୍ବତନ ଲିଡର ୟେଭହେନିୟ ମୁରାୟେଭଙ୍କୁ ଶାସନ ମୁଖ୍ୟ କରିବାକୁ ମସ୍କୋ ଯୋଜନା କରୁଥିବା କୁହାଯାଇଛି। ମୁରାୟେଭ ହେଉଛନ୍ତି ରୁଷିଆ ସପକ୍ଷବାଦୀ ପାର୍ଟି ନାଶିର ମୁଖ୍ୟ। ବର୍ତ୍ତମାନ ୟୁକ୍ରେନ ସରକାରରେ ନାଶି ପାର୍ଟି ନିକଟରେ ଗୋଟିଏ ହେଲେ ବି ଆସନ ନାହିଁ। ତାଙ୍କ ବ୍ୟତୀତ ୟୁକ୍ରେନର ଆଉ କେତେଜଣ ରାଜନେତା ମଧ୍ୟ ରୁଷିଆ ଗୋଇନ୍ଦା ସଂସ୍ଥା ସମ୍ପର୍କରେ ରହିଥିବା ବ୍ରିଟେନ ବୈଦେଶିକ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌କୁ ନେଇ ରୁଷିଆ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଗୋଇନ୍ଦା ସୂଚନା ଆଧାରରେ ବ୍ରିଟେନ ସରକାର ଏଭଳି ଅଭିଯୋଗ ଆଣିଛନ୍ତି।



କ୍ରିମିଆର ଏକ ରାଜପଥରେ ରୁଷିଆର ସଶସ୍ତ୍ର ଯାନ।

ଏପରି ଗୋଇନ୍ଦା ସୂଚନା ୟୁକ୍ରେନରେ ଅସ୍ଥିରତା ସୃଷ୍ଟି କରିବାକୁ ରୁଷିଆ କରୁଥିବା ଚକ୍ରାନ୍ତ ଉପରେ ଆଲୋକପାତ କରୁଛି ବୋଲି ବ୍ରିଟେନ ବୈଦେଶିକ ସଚିବ ଲିଜ୍ ଟ୍ରୁସ୍ କହିଛନ୍ତି। ଏପରି ଆକ୍ରମଣାତ୍ମକ ମନୋଭାବରୁ ରୁଷିଆ ଦୂରେଇ ରହିବାକୁ ଟ୍ରୁସ୍ ପରାମର୍ଶ ଦେଇଛନ୍ତି। ଏହା ନ କରି ରୁଷିଆ ୟୁକ୍ରେନ୍‌ରେ ବଳପୂର୍ବକ ଅନୁପ୍ରବେଶ କଲେ ଏକ ବିରାଟ ବଡ଼ ରଣନୈତିକ ଭୁଲ ପାଇଁ ମସ୍କୋକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଟ୍ରୁସ୍ କହିଛନ୍ତି। ଅପରପକ୍ଷେ ବ୍ରିଟେନର ଏହି ଅଭିଯୋଗକୁ ରୁଷିଆ ଖଣ୍ଡନ କରିଛି। ବ୍ରିଟେନ ସରକାର ଏଭଳି ମିଥ୍ୟା ପ୍ରଚାର କରି ୟୁକ୍ରେନ ପାଇଁ ସମସ୍ୟା ବଢ଼ାଉଛନ୍ତି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା ଅଭିଯୋଗ ଆଣିଛନ୍ତି। ବ୍ରିଟେନ ଏଭଳି ଉତ୍ତେଜନାମୂଳକ ପ୍ରଚାରରୁ ନିବୃତ୍ତ ରହୁ ବୋଲି ସେ କହିଛନ୍ତି।

## ପୁଟିନ୍‌ଙ୍କୁ ପ୍ରଶଂସା କରି ନୌସେନା ମୁଖ୍ୟ ବିଦା

**ବର୍ଲିନ, ୨୩।୧**

ୟୁକ୍ରେନ ଓ ରୁଷିଆ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେବା ଜର୍ମାନୀ ନୌସେନା ମୁଖ୍ୟ କେ-ଆଚିମ୍ ସ୍କୋନବାକ୍‌ଙ୍କୁ ମହଙ୍ଗା ପଡ଼ିଛି। ସମାଲୋଚନାର ଶିକାର ହେବା ପରେ ଶନିବାର ରାତିରେ ସେ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଜର୍ମାନୀ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ଥିଙ୍କ-ଟ୍ୟାଙ୍କ ବୈଠକରେ କେ-ଆଚିମ କହିଥିଲେ, ୨୦୧୪ରେ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଦ୍ୱୀପ ଆଉ କେବେ ୟୁକ୍ରେନକୁ ଫେରିପାରିବ ନାହିଁ। ଏଥିସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ସମ୍ମାନ ଦିଆଯିବା ଉଚିତ ଏବଂ ଏହା ସହଜ ମଧ୍ୟ ବୋଲି କହିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରୀ ଏ ନେଇ ଜର୍ମାନୀ ଦୂତାବାସକୁ ସମନ କରିଥିଲେ।



କେ-ଆଚିମ୍ ସ୍କୋନବାକ୍

ପରେ ତତ୍କାଳ ପ୍ରଭାବ ସହ ତାଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନାଯୋଗ୍ୟ, ୟୁକ୍ରେନ ଉପରେ ରୁଷିଆର ସମ୍ଭାବ୍ୟ ଆକ୍ରମଣକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି। ସୀମାନରେ ରୁଷିଆ ସୈନ୍ୟ ମୁତୟନ ବଢ଼ାଇ ଚାଲିଥିବାରୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ୟୁକ୍ରେନକୁ ସାମରିକ ସହାୟତା ପ୍ରଦାନ ଆରମ୍ଭ କରିଛନ୍ତି। ଏପରି ସ୍ଥିତିରେ ଜର୍ମାନୀ ନୌସେନା ମୁଖ୍ୟଙ୍କ ଉପରୋକ୍ତ ମନ୍ତବ୍ୟକୁ ନେଇ ବିବାଦ ଉପୁଜିଥିଲା।

## ୧୪ ଦିନରେ ଶୀର୍ଷ ଛୁଇଁପାରେ ସଂକ୍ରମଣ

### ଆର୍-ଭାଲ୍ୟୁ ୧.୫୭କୁ ହ୍ରାସ

**ନୂଆଦିଲ୍ଲୀ,୨୩।୧ (ପି.ଟି.)**

ଭାରତରେ କୋଭିଡ୍ ସଂକ୍ରମଣର ଆର୍-ଭାଲ୍ୟୁ ଗତ ସପ୍ତାହ (ଜାନୁୟାରୀ ୧୪ରୁ ୨୧)ରେ ୧.୫୭କୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ତୃତୀୟ ଲହର ଆଗାମୀ ୧୫ ଦିନ ମଧ୍ୟରେ ଶୀର୍ଷ ଛୁଇଁବା ଆଶା କରାଯାଉଥିବା ଆଇଆଇଟି ମାଡ୍ରାସର ଗବେଷକମାନେ ଆକଳନ କରିଛନ୍ତି। ଆର୍-ଭାଲ୍ୟୁ କରୋନା ସଂକ୍ରମଣ ହାରକୁ ସୂଚାଇଥାଏ। ୧.୫୭ ଆର୍-ଭାଲ୍ୟୁ ଅର୍ଥ ୧୦୦ ଜଣ ଆକ୍ରାନ୍ତ ଅନ୍ୟ ୧୫୭ ଜଣଙ୍କୁ ସଂକ୍ରମିତ କରିବା କ୍ଷମତା ରହିଛି। ଏହା ୧ ତଳକୁ ଖସିଲେ ସଂକ୍ରମଣ ମହାମାରୀ ଶେଷ ହେଲା ବୋଲି ବିବେଚନା କରାଯିବ। ଡିସେମ୍ବର ୨୫ରୁ ୩୧ ମଧ୍ୟରେ ସଂକ୍ରମଣର ଆର୍-ଭାଲ୍ୟୁ ୨.୯ ଥିବାବେଳେ ଜାନୁୟାରୀ ୧ରୁ ୬ ମଧ୍ୟରେ ୪କୁ ବୃଦ୍ଧି ପାଇଥିଲା। ୭ରୁ ୧୩ ତାରିଖ ସପ୍ତାହରେ ଏହା ୨.୨କୁ ହ୍ରାସ ପାଇଥିଲା। ଆଇଆଇଟି ମାଡ୍ରାସର ପ୍ରଫେସର ନଲେଶ ଏସ୍. ଉପାଧ୍ୟାୟ ଏବଂ ପ୍ରଫେସର ଏସ୍. ସୁନ୍ଦରଙ୍କ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ମୁମ୍ବାଇରେ ଆର୍-ଭାଲ୍ୟୁ ୦.୬୭କୁ ହ୍ରାସ ପାଇଥିବାବେଳେ ଦିଲ୍ଲୀରେ ୦.୯୮, ଚେନ୍ନାଇରେ ୧.୨ ଏବଂ କୋଲକାତାରେ ୦.୫୬ ରହିଛି। ଅର୍ଥାତ୍ ମୁମ୍ବାଇ ଓ କୋଲକାତାରେ ସଂକ୍ରମଣ ଶୀର୍ଷ ଛୁଇଁବା ପରେ ହ୍ରାସ ପାଇବା ଆରମ୍ଭ ହୋଇଛି। ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ ଫେବୃୟାରୀ ୬ ସୁଦ୍ଧା ଦେଶରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବ। ଫେବୃୟାରୀ ୧ରୁ ୧୫ ମଧ୍ୟରେ ତୃତୀୟ ଲହର ପିକ୍‌ରେ ପହଞ୍ଚିବ ବୋଲି ପୂର୍ବରୁ ଆକଳନ କରାଯାଇଥିଲା। ଆଇସିଏମ୍‌ଆର୍ ଗାଇଡ୍‌ଲାଇନ ଅନୁଯାୟୀ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଅଧିକ ବୟସ୍କ କିମ୍ବା ତାଙ୍କର ବହୁବିଧ ରୋଗ ନ ଥିଲେ ପରୀକ୍ଷା କରାଇବା ଆବଶ୍ୟକ ନାହିଁ।

## ପିଏଲ୍‌ଏ ପାଖରେ ନିଖୋଜ ବାଳକ

**ନୂଆଦିଲ୍ଲୀ, ୨୩।୧**

### ଫେରାଇ ଆଣିବାକୁ ପ୍ରକ୍ରିୟା ଜାରି

ପ୍ରକୃତ ନିୟନ୍ତ୍ରଣ ସୀମାରେଖା (ଏଲ୍‌ଏସି) ନିକଟରୁ ମଙ୍ଗଳବାରଠାରୁ ନିଖୋଜ ଥିବା ଅରୁଣାଚଳ ପ୍ରଦେଶର ୧୭ ବର୍ଷୀୟ ବାଳକ ମିରାମ ତାରୋନଙ୍କ ସନ୍ଧାନ ମିଳିଥିବା ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) କହିଛି। ତାଙ୍କ ପରିଚୟ ନିଶ୍ଚିତ କରିବା ପାଇଁ ପ୍ରକ୍ରିୟା ଚାଲିଛି। ଫଟୋ ଏବଂ ଅନ୍ୟାନ୍ୟ ପରିଚୟ ପତ୍ର ମାଧ୍ୟମରେ ମିରାମଙ୍କୁ ଚିହ୍ନଟ ପରେ ତାଙ୍କୁ ଭାରତ ଫେରାଇ ଅଣାଯିବ।

ଚାଇନା ସେନା ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରି ମିରାମଙ୍କୁ ଅପହରଣ କରି ନେଇଥିବା ସ୍ଥାନୀୟ ଭାଜପା ଏମ୍‌ପି ତାପିର ଗାଓ ଗତ ବୁଧବାର ଅଭିଯୋଗ ଆଣିଥିଲେ। ଏପରିକି ସେମାନଙ୍କ କବଳରୁ ମିରାମଙ୍କ ଜଣେ ସାଙ୍ଗ ଖସି ଆସିଥିବା ମଧ୍ୟ ତାପିର କହିଥିଲେ। ଭାରତୀୟ ସେନା ପକ୍ଷରୁ ମିରାମଙ୍କୁ ଖୋଜି ପ୍ରୋଟୋକଲ ଅନୁସାରେ ଭାରତକୁ ଫେରାଇ ଦେବାକୁ ପିଏଲ୍‌କୁ କୁହାଯାଇଥିଲା। ପରେ ପିଏଲ୍‌ଏ ପକ୍ଷରୁ ଯୋଗାଯୋଗ କରାଯାଇ ସେମାନଙ୍କୁ ଅରୁଣାଚଳ ପ୍ରଦେଶର ଜଣେ ନିଖୋଜ ବାଳକ ମିଳିଥିବା ସୂଚନା ଦିଆଯାଇଥିଲା। ସମ୍ପୃକ୍ତ ବାଳକଙ୍କୁ ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଜାରି ଥିବା ପ୍ରତିରକ୍ଷା ପିଆର୍‌ଓ ତେଜପୁର ଲ୍ୟୁଟନାଣ୍ଟ କଲୋନେଲ ହର୍ଷବର୍ଦ୍ଧନ ପାଣ୍ଡେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବରରେ ମଧ୍ୟ ପିଏଲ୍‌ଏ ଅପର ସୁବାନ୍‌ସିରି ଜିଲାର ୫ ବାଳକଙ୍କୁ ଅପହରଣ କରିନେଇଥିଲା। ଭାରତୀୟ ସେନାର ହସ୍ତକ୍ଷେପ ପରେ ପ୍ରାୟ ସପ୍ତାହେ ପରେ ଚାଇନା ସେନା ସେମାନଙ୍କୁ ମୁକ୍ତ କରିଥିଲା।

## ଦିନକରେ ୩.୩୩ ଲକ୍ଷ ମାମଲା

**ନୂଆଦିଲ୍ଲୀ,୨୩।୧ (ପି.ଟି.)**

### ୪,୮୯,୪୦୯ରେ ପହଞ୍ଚିଲା କୋଭିଡ୍ ମୃତ୍ୟୁସଂଖ୍ୟା

ଭାରତରେ ଗୋଟିଏ ଦିନରେ ୩,୩୩,୫୩୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୯୨,୩୭,୨୬୪ରେ ପହଞ୍ଚିଛି। ସେହିପରି ଦିନକରେ ୫୨୫ ମୃତ୍ୟୁକୁ ମିଶାଇ ଦେଶରେ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୯,୪୦୯ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୨୧,୮୭,୨୦୫ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୫.୫୭ ପ୍ରତିଶତ ହୋଇଥିବାବେଳେ ଆରୋଗ୍ୟ ହାର ୯୩.୧୮ ପ୍ରତିଶତକୁ ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ ସକ୍ରିୟ ମାମଲା ୭୩,୮୪୦ ବୃଦ୍ଧି ପାଇଛି। ଦୈନିକ ପଜିଟିଭିଟି ହାର ୧୭.୭୮ ପ୍ରତିଶତ ରହିଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୧୬.୮୭ ପ୍ରତିଶତ ଥିବା ଜଣାପଡ଼ିଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୧୬୧.୯୨ କୋଟି କୋଭିଡ୍ ଟିକା ଡୋଜ୍ ଦିଆଗଲାଣି।

## 'ସୁଭାଷ ବୋଷଙ୍କ ମୃତ୍ୟୁ ରହସ୍ୟରୁ ପରଦା ହଟୁ'

**ନୂଆଦିଲ୍ଲୀ,୨୩।୧ (ପି.ଟି.)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅନ୍ତର୍ଦ୍ଧାନ ଏବେ ଲୋକପ୍ରିୟ ଲୋକକଥାର ଅଂଶବିଶେଷ ହୋଇଗଲାଣି। ନେତାଜୀଙ୍କ ପ୍ରତିମୂର୍ତ୍ତି ନୁହେଁ ତାଙ୍କ ମୃତ୍ୟୁ ରହସ୍ୟରୁ ପରଦା ହଟାଯିବା ତାଙ୍କ ପରିବାର ଓ ତାଙ୍କ ଜୀବନୀ ଉପରେ ଗବେଷଣା ଚଳାଇଥିବା ଲୋକେ ଚାହାନ୍ତି। ତାଙ୍କ ସମାବେଶିତା ଓ ଧର୍ମନିରପେକ୍ଷତା ନୀତିକୁ ଅନୁସରଣ କରିବା ଏବଂ ତାଙ୍କ ମୃତ୍ୟୁ ରହସ୍ୟରୁ ପରଦା ହଟାଇବା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି ସେମାନେ ମତ ଦେଇଛନ୍ତି। ନେତାଜୀଙ୍କ ପ୍ରତି ଭାରତ ଋଣୀ। ଏହାର ପ୍ରତୀକ ସ୍ୱରୂପ ଇଣ୍ଡିଆ ଗେଟ୍‌ରେ ତାଙ୍କର ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ନେତାଜୀଙ୍କ ଝିଅ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଅନୀତା ବୋଷ-ଫାପ୍ କହିଛନ୍ତି, 'ମୋ ବାପା ସେହି ଭାରତର ସ୍ୱପ୍ନ ଦେଖିଥିଲେ, ଯେଉଁଠି ସବୁ ଧର୍ମର ଲୋକେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରୁଥିବେ। କେବଳ ପ୍ରତିମୂର୍ତ୍ତି ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ନୁହେଁ ବୋଲି ଅନୀତା କହିଛନ୍ତି। ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ନୀତି ଆଦର୍ଶକୁ ସରକାର ଦେଶରେ କାର୍ଯ୍ୟକାରୀ କରିବାକୁ ନେତାଜୀଙ୍କ ନାତି ଚନ୍ଦ୍ରକୁମାର ବୋଷ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ୭୦ ବର୍ଷ ପୂର୍ବରୁ ନେତାଜୀଙ୍କ ଦେହାନ୍ତ ହୋଇଥିବା ବିଶ୍ୱାସ କରାଯାଉଥିବାବେଳେ ପ୍ରକୃତରେ ସେ କେଉଁଠି, କିପରି ଓ କେତେବେଳେ ପ୍ରାଣ ହରାଇଲେ, ତାହାର ଠିକ୍ ତଥ୍ୟ କାହା ପାଖରେ ନାହିଁ। ୧୯୪୫ରେ ନେତାଜୀ ଅନ୍ତର୍ଦ୍ଧାନ ହେବା ସମୟର ଦସ୍ତାବିଜ୍‌କୁ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ଟିଏମ୍‌ସି ଦାବି କରିଛି। ଏଥିସହିତ ଜାପାନର ଏକ ମନ୍ଦିରରେ ସଂରକ୍ଷିତ ରଖାଯାଇଥିବା ଚିତାଭସ୍ମକୁ ଡିଏନ୍‌ଏ ପରୀକ୍ଷା ପାଇଁ ପଠାଇବାକୁ ଏହି ଦଳ କହିଛି।

# ନେତାଜୀଙ୍କ ହଲୋଗ୍ରାମ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୂଆଦିଲ୍ଲୀ,୨୩।୧ (ପି.ଟି.)**

ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରେ ତାଙ୍କର ଏକ ହଲୋଗ୍ରାମ ପ୍ରତିମୂର୍ତ୍ତିକୁ ଅନାବରଣ କରିଛନ୍ତି। ନେତାଜୀଙ୍କ ବିଶାଳ ଗ୍ରାନାଇଟ୍ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହେଲେ ତାହା ଉକ୍ତ ସ୍ଥାନରେ ସ୍ଥାପନ କରାଯିବ। ସେପର୍ଯ୍ୟନ୍ତ ଇଣ୍ଡିଆ ଗେଟ୍ ନିକଟରେ ନେତାଜୀଙ୍କ ହଲୋଗ୍ରାମ ପ୍ରତିମୂର୍ତ୍ତି ପ୍ରଦର୍ଶିତ ହେବ। ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତାଜୀଙ୍କ ଅବଦାନ ଅତୁଳନୀୟ। ଏହି ପ୍ରତିମୂର୍ତ୍ତି ତାଙ୍କ ଅବଦାନ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଏବଂ ତାଙ୍କ ନିକଟରେ ଦେଶ ଚିର ଋଣୀର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ହଲୋଗ୍ରାମ ପ୍ରତିମୂର୍ତ୍ତି ୩୦ ହଜାର ଲୁମିନସ୍ ୪କେ ପ୍ରୋଜେକ୍ଟର ଦ୍ୱାରା ଆଲୋକିତ ହେବ। ସେଠାରେ ଏକ ୯୦ ପ୍ରତିଶତ ସ୍ୱଚ୍ଛ ହଲୋଗ୍ରାଫିକ୍ ସ୍କ୍ରିନ୍ ଏଭଳି ଭାବେ ରଖାଯାଇଛି, ଯାହା ଦର୍ଶକଙ୍କୁ ଦୃଶ୍ୟ ହେବନାହିଁ। ହଲୋଗ୍ରାମର ଉଚ୍ଚତା ୨୮ ଫୁଟ ହୋଇଥିବାବେଳେ ଓସାର ୬ ଫୁଟ ରହିଛି।



ଇଣ୍ଡିଆ ଗେଟ୍ ନିକଟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ହଲୋଗ୍ରାମ୍ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନାବରଣ କରୁଛନ୍ତି।

ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାଧୀନତା ପରେ ବହୁ ମହାନ ବ୍ୟକ୍ତିଙ୍କ ଅବଦାନ ସମେତ ଦେଶର ସଂସ୍କୃତି ଓ ମୂଲ୍ୟବୋଧକୁ ଲିଭାଇଦେବା ପାଇଁ ଉଦ୍ୟମ ହୋଇଥିଲା। ଦେଶ ଏବେ ଅତୀତ ଭୁଲ୍‌ର ସଂଶୋଧନ କରୁଛି।

### ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ପ୍ରଦାନ

ବିଶ୍ୱର କୌଣସି ଶକ୍ତି ଦେଶକୁ ଏହାର ସ୍ୱାଧୀନତାର ଶତବାର୍ଷିକୀ ଅର୍ଥାତ୍ ୨୦୪୭ରେ 'ନୂଆ ଭାରତ' ନିର୍ମାଣ ଲକ୍ଷ୍ୟ ହାସଲରୁ ବିଚ୍ୟୁତ କରିପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନେତାଜୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହେବା ଲାଗି ସେ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୨୦୧୯, ୨୦୨୦, ୨୦୨୧ ଏବଂ ୨୦୨୨ ବର୍ଷ ନିମନ୍ତେ 'ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର' ପ୍ରଦାନ କରିଛନ୍ତି। ଗୁଜରାଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ (ଜିଆଇଡିଏମ୍) ଏବଂ ସିକ୍କିମ୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ବିନୋଦ ଶର୍ମା ବିପର୍ଯ୍ୟୟ ପରିଚାଳନାରେ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦୨୨ ବର୍ଷ ନିମନ୍ତେ ଏହି ପୁରସ୍କାର ପାଇଛନ୍ତି। ଉତ୍ସବରେ ମୋଟ ୭ଟି ପୁରସ୍କାର ପ୍ରଦାନ କରାଯାଇଥିଲା।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୂଲ୍ୟବାନ ଅବଦାନ ଏବଂ ବ୍ୟକ୍ତିବିଶେଷ ତଥା ଦେଶର ସଂଗଠନଗୁଡ଼ିକର ନିଃସ୍ୱାର୍ଥପର ସେବାକୁ ସ୍ୱୀକୃତି ଓ ସମ୍ମାନ ସ୍ୱରୂପ କେନ୍ଦ୍ର ସରକାର ଏହି ବାର୍ଷିକ ପୁରସ୍କାର ବ୍ୟବସ୍ଥା କରିଛନ୍ତି। ପୁରସ୍କାର ବାବଦରେ କୌଣସି ସଂସ୍ଥାକୁ ୫୧ ଲକ୍ଷ ଟଙ୍କା ସହ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା ରହିଥିବାବେଳେ ବ୍ୟକ୍ତିବିଶେଷଙ୍କୁ ୫ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଦିଆଯିବ। କେନ୍ଦ୍ରର ଏନ୍‌ଡିଏ ସରକାର ବିପର୍ଯ୍ୟୟ ପରିଚାଳନାକୁ ପ୍ରାଥମିକତା ଦେଉଛନ୍ତି। ସଂସ୍କାର ସମେତ ଉଦ୍ଧାର, ରିଲିଫ୍ ଓ ଥଇଥାନ ଉପରେ ଗୁରୁତ୍ୱ ଦିଆଯାଉଛି। ସାରା ଦେଶରେ ଏନ୍‌ଡିଆର୍‌ଏଫ୍‌କୁ ସୁଦୃଢ଼ ତଥା ଆଧୁନିକୀକରଣ କରାଯାଇଛି। ପ୍ରଯୁକ୍ତିଠାରୁ ଆରମ୍ଭ କରି ଯୋଜନା ଓ ପରିଚାଳନା କ୍ଷେତ୍ରରେ ସବୁଠୁ ଭଲ ପଦ୍ଧତି ଆପଣାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଅସୁସ୍ଥ ଦନ୍ତାର ମୃତ୍ୟୁ



ଦନ୍ତାହାତୀର ମୃତଦେହ ପଡ଼ିରହିଛି।

**ନାକଟିଦେଉଳ,୨୩।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ମାନକୁଣ୍ଡା ନିକଟରୁ ଏକ ଅସୁସ୍ଥ ଦନ୍ତାହାତୀ ଉଦ୍ଧାର ହେବାର ପ୍ରାୟ ୫ଘଣ୍ଟା ପରେ ମୃତ୍ୟୁ ଘଟିଛି। ରବିବାର ସକାଳୁ ମାନକୁଣ୍ଡା ନିକଟସ୍ଥ ମୁଣ୍ଡାସାହି କଟା ନିକଟରେ ଶୁଖିଲା ଧାନ କ୍ଷେତରେ ଦନ୍ତାହାତୀ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଏବଂ ବନପାଳ ସଞ୍ଜୟ କୁମାର ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହାତୀ ଦୀର୍ଘ ସମୟ ଧରି ସେହି ସ୍ଥାନର ଏକ ପାଳଗଦାରେ ପଡ଼ି ରହିଥିବାବେଳେ ବନ ବିଭାଗ ପକ୍ଷରୁ ପାଚିଲା କଦଳୀ କାନ୍ଧି ଖାଇବାକୁ ଦିଆଯାଇଥିଲା। ଏହା ପରେ ହାତୀ ସେଠାରୁ ଉଠି କିଛି ବାଟ ଚାଲି ପୁଣି ପଡ଼ିଯାଇଥିଲା। ବନବିଭାଗ ପକ୍ଷରୁ ପ୍ରାଣୀଧନ ଚିକିତ୍ସା କର୍ମଚାରୀଙ୍କ ଦ୍ୱାରା ଇଞ୍ଜେକ୍ସନ ଏବଂ ସାଲାଇନ ଦିଆଯାଇଥିଲା। ତେବେ ଏହାର ପ୍ରାୟ ୨ଘଣ୍ଟା ପରେ ହାତୀର ମୃତ୍ୟୁ ଘଟିଥିଲା। ହାତୀର ବୟସ ଆନୁମାନିକ ୪୫ ରୁ ୫୦ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ବ୍ୟବଚ୍ଛେଦ ପରେ ଏକ ଜେଶିବି ମେସିନ ସାହାଯ୍ୟରେ ସେଠାରେ ଗାତ ଖୋଳି ହାତୀର ମୃତଦେହ ପୋତି ଦିଆଯାଇଛି। ଦନ୍ତାର ଜିଭ ଏବଂ ପାଟିରେ ଘା' ହୋଇଯାଇଥିବାରୁ ହାରପିସ ରୋଗରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ବୋଲି ରେଢାଖୋଲ ବନଖଣ୍ଡ ଅଧିକାରୀ ରମାକାନ୍ତ ନାଏକ କହିଛନ୍ତି।

# ବିପଦରେ ଗଣ୍ଡାବଂଶ

## କେବଳ ଆଫ୍ରିକାରେ ଦଶନ୍ଧିରେ ୧୦,୦୦୦ ଶିକାର

**ଶାରୀରିକ ଗଠନ ପାଇଁ ସର୍ବଦା ପ୍ରାଣୀପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ସ୍ତନ୍ୟପାୟୀ ଜୀବ ଗଣ୍ଡା ଇତିହାସ ପାଲଟିଯିବେ। ଆଉ ମାତ୍ର କେଇ ଦଶନ୍ଧି ମଧ୍ୟରେ ଗଣ୍ଡାଶୂନ୍ୟ ହୋଇଯିବ ପୃଥିବୀ। ଶିଙ୍ଗ ପାଇଁ ଗଣ୍ଡାମାନଙ୍କୁ ଅତି ନିର୍ମମ ଭାବେ ଶିକାର କରାଯାଉଥିବାବେଳେ ବିରଳ ପ୍ରଜାତିର ଏହି ତୃଣଭୋଜୀ ପ୍ରାଣୀ ବଂଶ ଉପରେ ବିପଦ ଘନେଇବାରେ ଲାଗିଛି। ଉପଯୁକ୍ତ ସଂରକ୍ଷଣ, ଶିକାରୀଙ୍କ ପ୍ରାଦୁର୍ଭାବ ରୋକା ନ ଗଲେ ଗଣ୍ଡା କେବଳ ପାଠ୍ୟପୁସ୍ତକରେ ସୀମିତ ହୋଇ ରହିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବିଶେଷଜ୍ଞ।**



**ନୂଆଦିଲ୍ଲୀ, ୨୩।୧**

ଜୀବନ ରକ୍ଷା କରିବାକୁ ଗଣ୍ଡାଙ୍କ ସମ୍ମୁଖ ଭାଗରେ ପ୍ରକୃତି ଦେଇଛି ସୁନ୍ଦର ଶିଙ୍ଗ। ହେଲେ ଏହି ଶିଙ୍ଗ ହିଁ ଏବେ ସେମାନଙ୍କ ପ୍ରଜାତିକୁ ବିଲୁପ୍ତ ସ୍ଥିତିରେ ପହଞ୍ଚାଇଦେଇଛି। କାରଣ ଗଣ୍ଡାଙ୍କ ଦୁର୍ମୂଲ୍ୟ ଶିଙ୍ଗରୁ ପ୍ରସ୍ତୁତ ଔଷଧ ଅନ୍ତର୍ଜାତୀୟ ବଜାରରେ ବହୁ କୋଟି ଟଙ୍କାରେ ବିକ୍ରି ହେଉଛି। ଫଳରେ ଗଣ୍ଡାଙ୍କ ଅବୈଧ ଶିକାର ବଢ଼ିବାରେ ଲାଗିଛି। ବିଂଶ ଶତାବ୍ଦୀର ପ୍ରାରମ୍ଭ ଏସିଆ ଏବଂ ଆଫ୍ରିକା ମହାଦେଶରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗଣ୍ଡା ଥିଲେ। ୨୦୨୦ ବେଳକୁ ଏହି ସଂଖ୍ୟା ୩୦,୦୦୦କୁ ଖସି ଆସିଲାଣି। କେବଳ ଆଫ୍ରିକା ମହାଦେଶରେ ଗତ ଦଶନ୍ଧିରେ ୧୦,୦୦୦ ଗଣ୍ଡା ଶିକାର କରାଯାଇଛି। ଯଦି ପୃଥିବୀରୁ ଗଣ୍ଡା ନିଶ୍ଚିହ୍ନ ହେବେ, ତେବେ ଏଥିଲାଗି ମାନବିକ କାର୍ଯ୍ୟକଳାପ ହିଁ ମୁଖ୍ୟ କାରଣ ହେବ। ଏଥିଲାଗି ଭବିଷ୍ୟତ ପିଢ଼ି ସବୁବେଳେ ଜବାବ ମାଗିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

ଏସୀୟ ରାଷ୍ଟ୍ର ଚାଇନା ଏବଂ ଭିଏତ୍ନାମରେ ଗଣ୍ଡାଶିଙ୍ଗରୁ ପ୍ରସ୍ତୁତ ଔଷଧ ସେବନକୁ ଆଭିଜାତ୍ୟର ପ୍ରତୀକ ଭାବେ ବିବେଚନା କରାଯାଏ। ତେଣୁ ବିଭିନ୍ନ ଦେଶରେ ଏହି ପ୍ରାଣୀକୁ ଅବାଧରେ ଶିକାର କରାଯାଇ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣ କରାଯାଉଛି। ଗଣ୍ଡା ଶିକାର ରୋକିବା ଲାଗି ନିକଟରେ ଏକ ପ୍ରସ୍ତାବ ଚର୍ଚ୍ଚାକୁ ଆସିଥିଲା। ଶିଙ୍ଗ ପାଇଁ ଗଣ୍ଡାଙ୍କୁ ହତ୍ୟା ନ କରି ଜୀବିତ ଅବସ୍ଥାରେ ସେମାନଙ୍କ ଶିଙ୍ଗ କାଟିଦେଲେ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ। ଗଣ୍ଡା ଶିଙ୍ଗ ବ୍ୟବସାୟକୁ ଆଇନଗତ ମାନ୍ୟତା ପ୍ରଦାନ ଦ୍ୱାରା ଅବାଧ ଶିକାରକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଅନ୍ତର୍ଜାତୀୟସ୍ତରରେ ଗ୍ରାହକଙ୍କ ଚାହିଦା ମଧ୍ୟ ପୂରଣ ହୋଇପାରିବ। ଘରୋଇ ଭାବେ ଗଣ୍ଡା ପାଳନ ଲାଗି ଅନୁମତି ଦେବା, ଶିକାର ରୋକିବା ଲାଗି ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରଶିକ୍ଷଣ, ଆଞ୍ଚଳିକସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦ୍ୱାରା ଗଣ୍ଡାବଂଶର ସୁରକ୍ଷା କରାଯାଇପାରିବ ବୋଲି କେତେକ ଦେଶ ପ୍ରସ୍ତାବ ଦେଇଥିଲେ। ତେବେ ଅବୈଧ ଗଣ୍ଡା ଶିଙ୍ଗ ଚାଲାଣକୁ ଆଇନଗତ ମୋହର ବାଜିବା ଦ୍ୱାରା ବାସ୍ତବରେ ଗଣ୍ଡାବଂଶର ସୁରକ୍ଷା ହୋଇପାରିବ କି ନାହିଁ ତାହା ଏବେ ଉଭୟ ସପକ୍ଷ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ବିତର୍କ ସୃଷ୍ଟି କରିଛି। ଅନ୍ୟପଟେ ଗଣ୍ଡାଶିଙ୍ଗ ବ୍ୟବସାୟ ବୈଧିକରଣ କରାଯିବା ଦ୍ୱାରା ଯଦିଓ ଏହାର କଳାବଜାର ସମ୍ପୂର୍ଣ୍ଣ ରୋକାଯାଇପାରି ନାହିଁ, ତଥାପି ଏହାକୁ ଅନେକାଂଶରେ ହ୍ରାସ କରାଯାଇପାରିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ବେଆଇନ ହୋଇଥିଲେ ହେଁ, ରାତାରାତି କୋଟିପତି ହେବା ଲୋଭରେ ଗଣ୍ଡା ଶିଙ୍ଗ ବ୍ୟବସାୟ କରିଥାଆନ୍ତି ଶିକାରୀ। କଳାବଜାରରେ ଏସୀୟ ଗଣ୍ଡାଙ୍କ ଶିଙ୍ଗ କିଲୋଗ୍ରାମ୍ ପିଛା ୪,୦୦୦,୦୦ ଡଲାର ଏବଂ ଆଫ୍ରିକୀୟ ଗଣ୍ଡା ଶିଙ୍ଗ କେଜି ୨୦,୦୦୦ ଡଲାରରେ ବିକ୍ରି ହୋଇଥାଏ। ଚାଇନା, ଭିଏତ୍ନାମରେ ପାରମ୍ପରିକ ଔଷଧ ତିଆରିରେ ଏହାର ବହୁଳ ବ୍ୟବହାର କରାଯାଏ। ଯୌନକ୍ଷମତା ବୃଦ୍ଧି, ମାତ୍ରାଧିକ ଜ୍ୱରରେ ତାପମାତ୍ରା କମାଇବା, ଶରୀରକୁ ଫୂର୍ତ୍ତି ଦେବା ଭଳି ଔଷଧ ପ୍ରସ୍ତୁତିରେ ଏହା ବ୍ୟବହୃତ ହୁଏ। ତେଣୁ ମୁଖ୍ୟତଃ ଧନିକ ବ୍ୟକ୍ତି ହିଁ ଏଭଳି ଔଷଧର ପ୍ରମୁଖ ଗ୍ରାହକ। ସ୍ଥଳ ବିଶେଷରେ ସେମାନଙ୍କ ମଧ୍ୟରୁ ଅନେକେ ପରଦା ଆଢୁଆଳରେ ରହି ଗଣ୍ଡା ଶିକାରକୁ ପ୍ରୋତ୍ସାହିତ କରିଥାଆନ୍ତି। ତେଣୁ ଗଣ୍ଡାଶିଙ୍ଗ ବ୍ୟବହାର ନେଇ ରହିଥିବା ଧନିକ ଗୋଷ୍ଠୀର ମାନସିକତା, ଆବଶ୍ୟକତା, ଉପଲବ୍ଧତା ଅନୁଯାୟୀ ଗଣ୍ଡାବଂଶ ସଂରକ୍ଷଣ ନୀତି ପ୍ରସ୍ତୁତ କରିବା ଜରୁରୀ ବୋଲି 'ଡାଉନ୍ ଟୁ ଆର୍ଥ'ରେ ପ୍ରକାଶିତ ଏକ ସନ୍ଦର୍ଭରେ ବିଶେଷଜ୍ଞମାନେ କହିଛନ୍ତି।

### ଭାରତରେ ବଢୁଛି ସଂଖ୍ୟା

ଭାରତ ସରକାରଙ୍କ ନିରନ୍ତର ଉଦ୍ୟମ, ଶିକାର ନିୟନ୍ତ୍ରଣ ଏବଂ ସଂରକ୍ଷଣ ଲାଗି ନିଆଯାଇଥିବା ପଦକ୍ଷେପ ଫଳରେ ଦେଶରେ ଗଣ୍ଡାଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୧୯୦୫ରେ ଭାରତରେ ମାତ୍ର ୭୫ଟି ଏକ ଶିଙ୍ଗ ବିଶିଷ୍ଟ ଗଣ୍ଡା ଥିଲେ। ୨୦୨୦ ବେଳକୁ ଏହି ସଂଖ୍ୟା ୩,୭୦୦ରେ ପହଞ୍ଚିଛି। ଆସାମରେ ଦେଶର ସର୍ବାଧିକ ୨,୬୫୭ ଗଣ୍ଡା ଥିବାବେଳେ ପ୍ରସିଦ୍ଧ କାଜିରଙ୍ଗା ଜାତୀୟ ଉଦ୍ୟାନରେ ଏମାନଙ୍କ ସଂଖ୍ୟା ୨,୪୧୩। ୨୦୧୩ ଏବଂ ୨୦୧୪ରେ ଗଣ୍ଡା ଶିକାରକୁ ନେଇ ଦୁର୍ନାମ ମୁଣ୍ଡାଇଥିଲା ଆସାମ। ଏହି ଦୁଇବର୍ଷରେ ୨୭ ଲେଖାଏ ମୋଟ ୫୪ ଗଣ୍ଡାଙ୍କୁ ଶିକାରୀମାନେ ବିଭିନ୍ନ ଉପାୟରେ ଶିକାର କରିଥିଲେ। ୨୦୨୧ରେ ଏପ୍ରିଲ୍‌ରେ କାଜିରଙ୍ଗା ଜାତୀୟ ଉଦ୍ୟାନରେ ମାତ୍ର ଗୋଟିଏ ଗଣ୍ଡା ଶିକାର ହୋଇଥିଲା, ଯାହା ଗତ ୨୧ବର୍ଷ ଭିତରେ ସର୍ବନିମ୍ନ। ସେହିପରି ଦେଶର ବିଭିନ୍ନ ସଂରକ୍ଷିତ ଅଭୟାରଣ୍ୟରେ ୨୦୧୫ରେ ୧୭, ୨୦୧୬ରେ ୧୮, ୨୦୧୭ରେ ୬, ୨୦୧୮ରେ ୭, ୨୦୧୯ରେ ୩ ଏବଂ ୨୦୨୦ରେ ୨ଟି ଗଣ୍ଡା ଶିକାର ହୋଇଥିବା ଏକ ତଥ୍ୟରୁ ଜଣାପଡ଼ିଛି।

# ବିଶ୍ୱନାଥ ମୁଣ୍ଡିଆରୁ ଆସିଥିଲା ଅରୁଣସ୍ତମ୍ଭ ପାଇଁ ପଥର

## ପାଞ୍ଚଟି ପାହାଡ଼ଶ୍ରେଣୀକୁ ନେଇ ପରିଚିତ ଥିଲା ଜଗଦଳ ପାହାଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ନୀଳଗିରିର ନିଧି ପଟ୍ଟନାୟକ ଦାୟିତ୍ୱ ନେଇଥିଲେ ନୀଳଗିରିରୁ ପଥର ଆଣିବା ପାଇଁ। ଚାପରେ ଲଦି ସେ ପଥର ପହଞ୍ଚେଇବା ପରେ ଖର୍ଚ୍ଚ ବାବଦକୁ ସେକାଳରେ ଦିଆଯାଇଥିଲା ୧୦୨ ମାଢ଼ ସୁନା। ତେଣୁ ପଥର ପରିମାଣ, ପଥରକଟାଳି ଓ ପଥରବୁହାଳି ଅଧିକ ସଂଖ୍ୟକ ଥିଲେ ନିଶ୍ଚୟ। ନିଧି ପଟ୍ଟନାୟକ ପୂର୍ବରୁ ଚୁକ୍ତି କରିଥିଲେ ପଥର ଆଣି ଗଣ୍ଡରେ ପହଞ୍ଚାଇବେ। ଗଣ୍ଡରୁ ବୁହା ହେବାକୁ ପୁଣି ଖର୍ଚ୍ଚ ହୋଇଥିବ। ପଥର ଯୋଗାଇବା ପାଇଁ ସେ ୩୦୭୭ ମାଢ଼ ସୁନା ଅଗ୍ରିମ ନେଇଥିଲେ। ଏହାକୁ ମିଶାଇଲେ ବାରଥର କୋଣାର୍କକୁ ପଥର ଆସିଥିଲା।

ଅନୁସନ୍ଧାନରୁ ଜଣାପଡୁଛି ଶ୍ରୀମନ୍ଦିରର ସିଂହଦ୍ୱାରରେ ଶୋଭା ପାଉଥିବା ଶ୍ରୀ ଅରୁଣସ୍ତମ୍ଭ ନିର୍ମାଣ ପାଇଁ ବିଶ୍ୱନାଥ ମୁଣ୍ଡିଆରୁ ପଥର ଆସିଥିଲା। ଏବେ ଅରୁଣସ୍ତମ୍ଭ ସିଂହଦ୍ୱାରରେ ଶୋଭାପାଉଛି। ପ୍ରଥମେ ଶ୍ରୀପଦ୍ମକେଶର ମନ୍ଦିର, କୋଣାର୍କଠାରେ ଶ୍ରୀ ଅରୁଣସ୍ତମ୍ଭ ଶୋଭା ପାଉଥିଲେ। ୩୦ ହାତ ଲମ୍ବ ମୁଗୁନି ପଥର ଚାପରେ ଲଦାହୋଇ ଦୟାନଦୀରୁ ମହାନଦୀକୁ ଆସିଥିଲା। ମାତ୍ର ମୁଖ୍ୟ ଚାପଦଳେଇ ସିଧିଆ ଦଳାଇ ଚାପକୁ ନଈସୁଅରେ ସଳଖିବାରେ ବିଫଳ ହୋଇଗଲେ। ଚାପକୁ ସମ୍ଭାଳି ହେଲାନି। ବୁଡ଼ିଗଲା। ନିଜର ଭୁଲ ପାଇଁ ତାଙ୍କୁ ଜରିମାନା ଦେବାକୁ ପଡ଼ିଥିଲା। ତିନି ମାଢ଼ ସୁନା ଜରିମାନା ଦେଲେ ଏହି ଘଟଣା ଘଟିବାର ୫ମାସ ପରେ। ପାଇକ ଚଣ୍ଡସିଂହ ଜରିମାନା ଆଦାୟ କରି ମଣତି ଦେଇଥିଲେ ଭଣ୍ଡାରରେ।





ଆଜି ଦୃଶ୍ୟ ହେଉଥିବା ତାପଙ୍ଗମାଳର କିଛି ଅଂଶ।

ବର୍ତ୍ତମାନ ବିଶ୍ୱନାଥ ମୁଣ୍ଡିଆର କେତେକ ଅଂଶ ଆମେ ଅନୁସନ୍ଧାନ କରିଥିଲୁ। ମୁଗୁନିପଥର ଥିଲା ବୋଲି ମନ ମାନିଲାନି। ଜଗଦଳପୁର ଆସି ପଚରାପଚାରି କଲୁ। ବୁଢ଼ାମାନେ କହିଲେ, ଏବେ ତ ମୁଣ୍ଡିଆ ଦେଖୁଛନ୍ତି ଆପଣ, ଯେବେ ଜଗଦଳ ପାହାଡ଼ ଭାବରେ ପରିଚିତ ଥିଲା ସେବେ ପାହାଡ଼ ଶ୍ରେଣୀ ଲମ୍ବିଥିଲା। ଐତିହ୍ୟ ଅଛି, ବିଶ୍ୱନାଥ ମୁଣ୍ଡିଆର ପୂର୍ବ ଦିଗକୁ ଚାରୋଟି ପାହାଡ଼ ଶ୍ରେଣୀ ଥିଲା। ବିଶ୍ୱନାଥ ମୁଣ୍ଡିଆ ଉଚ୍ଚର। ଫିରିଙ୍ଗୀ ଶାସନ ବେଳେ ବୋମା ପକାଇ ପଥର ସବୁ ନିଲାମଧାରୀମାନେ ମନଇଚ୍ଛା ବୋହିନେଲେ। ହାଲି ଦେଢ଼ଶହରୁ ଦୁଇଶହ ବର୍ଷ ତଳେ ପଦା ହୋଇଗଲା ବୋଲି ଆମେ ଶୁଣିଛୁ। ଆମେ ତଥ୍ୟ ସଂଗ୍ରହ କରି ଜାଣିଲୁ ତାହା ଜଗଦଳ ପାହାଡ଼ ଶ୍ରେଣୀ ଥିଲା। ବିଶ୍ୱନାଥ ମୁଣ୍ଡିଆ ଜଗଦଳ ପାହାଡ଼ର ଅନ୍ୟତମ ମୁଣ୍ଡିଆ। ବାବା ବିଶ୍ୱନାଥ ବିଜେ କରିଥିବାରୁ ମୁଣ୍ଡିଆକୁ ଲୁଚିନେଇ ଜମିଦାର ବୋଲାଇବା ସମ୍ଭବ ହୋଇନାହିଁ। ଏଠାରୁ କୋଣାର୍କକୁ ପଥର ଆସିଥିଲା ୧୩ଥର। ପୋଥି ବର୍ଣ୍ଣନା ଅନୁଯାୟୀ କେବଳ ପଥର ବାଛିବାକୁ ଯାଇଥିଲେ ୩୪୨ ଜଣ। ସେମାନେ ୭ଟି ଦଳରେ ବିଭକ୍ତ ହୋଇ ୭ଟି ପାହାଡ଼କୁ ଯାଇଥିଲେ। ପ୍ରତି ଦଳରେ ଜଣେ ଦଳପତି ରହୁଥିଲେ। ସେମାନେ ଯାଇଥିଲେ- କେରାଣ୍ଡିମାଳ, ଅରାଗଡ଼, ବିଶ୍ୱନାଥ, ଜଗଦଳ, ତାପଙ୍ଗମାଳ, ବାଣେଶ୍ୱର ଓ ନୀଳଗିରି।

ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପରେ ସେଠାକାର ଗଡ଼ନାୟକ, ଖଣ୍ଡପାଳ ବା ରାଜା ମହାରାଜାମାନେ ସେମାନଙ୍କ ପାଇଁ ଶିବିର ବ୍ୟବସ୍ଥା କରୁଥିଲେ। ରହିବା ଓ ଖାଇବା ବ୍ୟବସ୍ଥା ଆଗ ହେଉଥିଲା। ଖର୍ଚ୍ଚ ଭରଣା ହେଉଥିଲା କୋଣାଦିତ୍ୟ ଭଣ୍ଡାରରୁ। ଉଦାହରଣ ସ୍ୱରୂପ କେବଳ କେରାଣ୍ଡିମାଳର ବ୍ୟବସ୍ଥା ଆମେ ଉପସ୍ଥାପନ କରୁଛୁ। ସେଠାରେ ଦାୟିତ୍ୱ ନେଇଥିଲେ ସେଠାକାର ଜମିଦାର 'କେରାଣ୍ଡିମାଳ ସୁବୁଦ୍ଧି'।

ଗୋଟିଏ ପାହାଡ଼ରୁ ପଥର ଆଣିବା ପାଇଁ ଖର୍ଚ୍ଚ ହେଲା ୧୧୦ ମାଢ଼ ସୁନା। ଏ ସବୁ ଗଜପତି ଯୋଗାଇଥିବା ଭଣ୍ଡାରରୁ ଦିଆଯାଇଥିଲା। ଆମେ ଏବେ ଆକଳନ କରିପାରିବା ପ୍ରାୟ (କିଛି କମିଥିବ, ନଇଲେ ବଢ଼ିଥିବ) ହାରାହାରି ସାତୋଟି ପାହାଡ଼ରୁ ପଥର ଆଣିବା ପାଇଁ ସେଇ ଅନୁପାତରେ ଖର୍ଚ୍ଚ ହୋଇଥିବ।

# ଭୁବନେଶ୍ୱରରେ ଆଉ ୨୧ ଅଞ୍ଚଳ କଣ୍ଟେନ୍‌ମେଣ୍ଟ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ତୃତୀୟ ଲହରର ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଛି। ଏହାକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନମେଣ୍ଟ କଟକଣା ଲଗାଯାଉଛି। ରବିବାର ସହରର ୧୭ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଓ ୪ଟିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଦକ୍ଷିଣ-ପଶ୍ଚିମ ଜୋନରୁ ୧୨ଟି ମାଇକ୍ରୋ କଣ୍ଟେନମେଣ୍ଟ ହୋଇଛି। ସେଗୁଡିକ ହେଲା ବରମୁଣ୍ଡା ଏଚ୍.ବି. କଲୋନୀସ୍ଥିତ ଗାୟତ୍ରୀ ବିହାର ପ୍ଲଟ ନଂ. ୬୯/୨୭୬୬, ଗଙ୍ଗାନଗର ଭବାନୀ ଶଙ୍କର ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.୨୦୩, ଖଣ୍ଡଗିରି ଜାଗମରାସ୍ଥିତ ଗ୍ରୀନ୍ ପାର୍କର ପ୍ଲଟ ନଂ.୬୩, ଖଣ୍ଡଗିରି ବାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟ ପ୍ଲଟ ନଂ. ୬୧୩/୨୨୦୦, କଳିଙ୍ଗ ବିହାରସ୍ଥିତ ଇଣ୍ଡିଆନ ବ୍ୟାଙ୍କ ନିକଟ ପ୍ଲଟ ନଂ. ଏଚ୍‌ଆଇଜି-୧୮୫କେ୬, ନୟାପଲ୍ଲୀ ଆରବିଆଇ କଲୋନୀର ପ୍ଲଟ ନଂ. ଜି-୫୦, ପୋଖରୀପୁଟ ଲିଙ୍ଗରାଜ ବିହାର ପ୍ଲଟ ନଂ. ବି୨-୧୧୭, ଗଣ୍ଡମୁଣ୍ଡା ଭକ୍ତମଧୁ ନଗର ଲେନ୍-୪ର ପ୍ଲଟ ନଂ. ୫୭୪/୨୫୬୫, ପୋଖରୀପୁଟ ତାରିଣୀ ବସ୍ତିର ପ୍ଲଟ ନଂ. ୧୯୬୫, ଫେଜ-୨ କୋକିଳା ଗାର୍ଡେନର ପ୍ଲଟ ନଂ. ୪୭୩/୭୭୬/୧୧୦୯, କୋଲଥିଆ ସତ୍ୟସାଇ ଏନକ୍ଲେଭର ଲେନ-୧୭ର ପ୍ଲଟ ନଂ.୧୭୫ ଓ ହାଉସିଂବୋର୍ଡ କୋଲୋନୀର ପ୍ଲଟ ନଂ. ଏଚଆଇଜି-୫୮। ଦକ୍ଷିଣ-ପୂର୍ବ ଜୋନ୍‌ର ୫ଟି ମାଇକ୍ରୋ କଣ୍ଟେନମେଣ୍ଟ ହେଲା, ଝାରପଡା ପ୍ଲଟ ନଂ. ଏଲ୍‌ବି ୨୭, ଏରୋଡ୍ରମ ଏରିଆ ଲେନ୍-୬ ପ୍ଲଟ ନଂ. ୨୪୬/୩୮, ୟୁନିଟ-୯ କ୍ୱାର୍ଟର ନଂ.୨ଆରଏ-୯/୨, ମଧୁସୂଦନ ନଗର ପ୍ଲଟ ନଂ. ୫୮୪ ଓ ସୁନ୍ଦରପଦା ପ୍ଲଟ ନଂ. ୧୩/୨୧। ସେହିପରି ଉତ୍ତର ଜୋନର ୱାର୍ଡ ନଂ.୧୪ ଅନ୍ତର୍ଗତ ନୀଳାଦ୍ରିବିହାର ସେକ୍ଟର ୩ର ପ୍ଲଟ ନଂ.୨୯, ହାଉସ୍ ନଂ. ୬୪୧, ସରକାରୀ ପଲିଟେକନିକର ବି-୧୬ ଓ ଜୟଦେବ ବିହାର ରେସିଡେନସିଆଲ କଲୋନୀକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି।

DADLS-67



|| ୨୪ ଜାନୁଆରୀ, ୨୦୨୨ ||

ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ
ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତି
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ସକାଳ ୮ ଘଟିକା –
ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ ଛକଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ କୋଭିଡ ମାର୍ଗଦର୍ଶିକା ଅନୁସାରେ ଶ୍ରଦ୍ଧାସୁମନ ଅର୍ପଣ ।

ଇତିହାସର ଘଟଣା ପ୍ରବାହରେ ଯେତେବେଳେ ଓଡ଼ିଶାର ସ୍ୱାଧୀନତା ଅବକ୍ଷୟମୁଖୀ, ସେତେବେଳେ ଓଡ଼ିଶାର ଶେଷ ସ୍ୱାଧୀନତା ବଜାୟ ରଖିବା ପାଇଁ ଉତ୍କଳ ଜନନୀଙ୍କ ଯେଉଁ କେତେଜଣ ବୀର ସନ୍ତାନ ଇଂରେଜମାନଙ୍କ ସହ ସଂଗ୍ରାମର ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ ଖୋର୍ଦ୍ଧାର ପାଇକବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଅନ୍ୟତମ । ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଗଣ ବିପ୍ଳବ ଓ ଜାତୀୟ ଜାଗରଣର ସେ ଥିଲେ କର୍ଣ୍ଣଧାର । ତାଙ୍କର ବଳିଷ୍ଠ ତ୍ୟାଗ, ଅପୂର୍ବ ସାହସ, ବୀରତ୍ୱ ତଥା ଆତ୍ମୋତ୍ସର୍ଗ ଓଡ଼ିଶା ଇତିହାସର ଏକ ଗୌରବପୂର୍ଣ୍ଣ ରକ୍ତରଞ୍ଜିତ ଅଧ୍ୟାୟ । ବିପ୍ଳବୀ ବୀର ବକ୍ସି ଜଗବନ୍ଧୁ ଓଡ଼ିଆ ଜାତିର ଶୌର୍ଯ୍ୟ ଓ ପରାକ୍ରମର ପ୍ରତୀକ ଭାବେ ଚିରସ୍ମରଣୀୟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0111/2122

## ଗୋଷ୍ଠୀ ସଂକ୍ରମଣ... 

ପ୍ରଥମ ପୃଷ୍ଠାରୁ...

ଏବେ ଏହା ବିଦେଶୀ ଯାତ୍ରୀଙ୍କଠାରୁ ନୁହେଁ, ବରଂ ଆଭ୍ୟନ୍ତରୀଣ ସଂକ୍ରମଣ ମାଧ୍ୟମରେ ବ୍ୟାପିବା ଆଶଙ୍କା କରାଯାଉଛି। ଗୋଷ୍ଠୀ ସଂକ୍ରମଣ ଅର୍ଥ ମହାମାରୀ ଏଭଳି ଦ୍ରୁତ ବେଗରେ ବ୍ୟାପୁଛି ଯେ, କାହାଠାରୁ ଏହା ଅନ୍ୟ ଜଣକ ଦେହକୁ ସଂକ୍ରମିତ ହେଲା, ତାହା ଖୋଜି ବାହାର କରିବା ସମ୍ଭବ ନୁହେଁ। ସଂକ୍ରମଣର ଉତ୍ସ ଓ ଶୃଙ୍ଖଳ ଖୋଜିବା ମୁସ୍କିଲ ହୋଇପଡ଼ିଛି। ପରୀକ୍ଷା ଏବଂ କଣ୍ଟେନମେଣ୍ଟ ନୀତି କାର୍ଯ୍ୟକାରୀ କରିବା ଲାଗି ସଂକ୍ରମଣ ଶୃଙ୍ଖଳ ଚିହ୍ନଟ କରିବା ଜରୁରୀ। କଣ୍ଟାକ୍ଟ ଟ୍ରେସିଂ, ଚିହ୍ନଟ, ପରୀକ୍ଷା ଏବଂ ସନ୍ଦିଗ୍ଧଙ୍କୁ ସଙ୍ଗରୋଧ ସବୁକିଛି ସଂକ୍ରମଣ ଶୃଙ୍ଖଳ ଚିହ୍ନଟ ଉପରେ ନିର୍ଭର କରେ। କୋଭିଡ୍‌ର ପୂର୍ବ ସମସ୍ତ ଭାରିଆଣ୍ଟ ତୁଳନାରେ ଓମିକ୍ରନ୍ ଦ୍ରୁତ ସଂକ୍ରମଣ ହେଉଛି। ପୂର୍ବ ଲହରରେ ଭାରତ ପ୍ରତି ୩୦ ସଂକ୍ରମିତଙ୍କ ମଧ୍ୟରୁ ଜଣକୁ ଚିହ୍ନଟ କରୁଥିଲା। ଓମିକ୍ରନ୍‌ରେ ଏହି ସଂଖ୍ୟା ଆହୁରି ଅଧିକ। ଏଭଳି ସ୍ଥିତିରେ ସଂକ୍ରମଣ ଶୃଙ୍ଖଳ ଖୋଜି ବାହାର କରିବାର ଉପାୟ ନାହିଁ। ପୂର୍ବ ଦୁଇବର୍ଷରେ ମହାମାରୀ ଗୋଷ୍ଠୀ ସଂକ୍ରମଣ ସ୍ତରରେ ନ ପହଞ୍ଚି ଅନେକ କ୍ଲଷ୍ଟର ସଂକ୍ରମଣ ହେଉଥିବା କୁହାଯାଉଥିଲା।

ତୃତୀୟ ଲହରରେ ହସ୍ପିଟାଲାଇଜେଶନ ଏବଂ ଆଇସିୟୁ ମାମଲା ବଢୁଥିବାବେଳେ ବିପଦ ସ୍ତର ଅପରିବର୍ତ୍ତିତ ରହିଛି। ବିଏ.୨ ଲାଇନେଜ୍ ଭାରତକୁ ଆସିଥିବାବେଳେ ଏସ୍-ଜିନ୍ ଡ୍ରପ୍‌ଆଉଟ୍ ଭିତ୍ତିକ ଯାଞ୍ଚ ବେଳେ ବହୁସଂଖ୍ୟାରେ ଭୁଲ୍ ନେଗେଟିଭ୍ ଫଳ ଦେଖାଇପାରେ ବୋଲି ବୁଲେଟିନ୍‌ରେ କୁହାଯାଇଛି। ନିକଟରେ ଚିହ୍ନଟ ହୋଇଥିବା ବି.୧.୬୪୦.୨ ଲାଇନେଜ୍ ଉପରେ ଅନୁଧ୍ୟାନ କରାଯାଉଛି। ଏହା ଦ୍ରୁତ ସଂକ୍ରାମକ ବୋଲି କୌଣସି ପ୍ରମାଣ ମିଳିନାହିଁ। ଏହାକୁ ଚିନ୍ତାଜନକ ଭାରିଆଣ୍ଟ ବିବେଚନା କରାଯାଉ ନାହିଁ। ଓମିକ୍ରନ୍‌ର ନୂଆ ସବ୍-ଷ୍ଟ୍ରେନ୍ ବିଏ.୨ ବର୍ତ୍ତମାନ ସୁଦ୍ଧା ୪୦ ଦେଶରେ ଚିହ୍ନଟ ହୋଇଥିବା ବ୍ରିଟେନ କହିଛି। ଆର୍‌ଟି-ପିସିଆର୍ ପରୀକ୍ଷାରେ ଏହା ଧରାପଡୁନାହିଁ। 'ଗୋପନ ଓମିକ୍ରନ୍' କୁହାଯାଉଥିବା ବିଏ.୨ ୟୁରୋପରେ ଜୋର୍‌ଦାର ଲହର ଆଣିବା ଆଶଙ୍କା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିବା ଅନୁଯାୟୀ ଓମିକ୍ରନ୍‌ର ୩ ସବ୍ ଭାରିଆଣ୍ଟ ରହିଛି। ତାହା ହେଲା ବିଏ.୧, ବିଏ.୨ ଏବଂ ବିଏ.୩। ସେଥିରୁ ବିଏ.୧ ସବ୍-ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଭିତରେ ପ୍ରଭାବୀ ରହୁଥିବାବେଳେ ବିଏ.୨ ଦ୍ରୁତ ସଂକ୍ରମଣ କରୁଛି।

## ୩ ବର୍ଷରେ ୯ ଲକ୍ଷ...

ପର୍ଯ୍ୟଟକ ଆସିଥିଲେ। କିନ୍ତୁ ୨୦୨୦ ମାର୍ଚ୍ଚରୁ ଆଜି ପର୍ଯ୍ୟନ୍ତ କରୋନା ମାଡ଼ରେ ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟଟକ ଶୂନ୍ୟ ହୋଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ(ଷ୍ଟାଟିଷ୍ଟିକ) ପ୍ରତାପଦେବ ରାଜଙ୍କ ତଥ୍ୟ ଅନୁସାରେ ୨୦୨୧ ଅକ୍ଟୋବରରେ ମାତ୍ର ୫,୬୬,୯୩୯ ଭାରତୀୟ ଏବଂ ୨୧୦ ବିଦେଶୀ ପର୍ଯ୍ୟଟକ ଓଡ଼ିଶାକୁ ଆସିଥିଲେ। ଏ ସଂକ୍ରାନ୍ତରେ ନିର୍ଦ୍ଦେଶକ ରାଜ ଗତ ୧୯ ତାରିଖରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଉକ୍ତ ତଥ୍ୟ ଅନୁସାରେ ପୁରୀରେ ସର୍ବାଧିକ ୧,୯୯,୮୨୬ ଭାରତୀୟ ଓ ୧୩ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିବାବେଳେ କୋଣାର୍କରେ ଯଥାକ୍ରମେ ୩୩୮୧ ଓ ୦୦, ଭୁବନେଶ୍ୱରରେ ୮୪୭୯୩ ଓ ୧୪୦, ବ୍ରହ୍ମପୁରରେ ୮୨୫୨ ଓ ୦୦, ଚିଲିକାରେ ୩୦୪୧, ସମ୍ବଲପୁରରେ ୧୫୧୯୨ ଓ ୦୦, ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ୧୮୫୬୭ ଓ ୦୦, ରାଉରକେଲାରେ ୧୩୨୩୩ ଓ ୩୧, କଟକ ଓ ଚୌଦ୍ୱାରରେ ୩୮୩୧୮ ଓ ୦୦, ଯାଜପୁର ଟାଉନରେ ୧୪୧୭ ଓ ୦୦, ଯାଜପୁର ରୋଡରେ ୭୦୩୪ ଓ ୬, ପାରାଦୀପରେ ୭୫୧୪ ଓ ୭, ବାଲେଶ୍ୱରରେ ୧୬୨୧୩ ଓ ୬, ଚାନ୍ଦିପୁରରେ ୭୧୮୫ ଓ ୦୦, ଭଦ୍ରକରେ ୮୯୬୭ ଓ ୭, ଅନୁଗୋଳରେ ୯୧୨୭, ବୁର୍ଲା ଓ ହୀରାକୁଦରେ ୮୪୨ ଓ ୦୦, ଚଣ୍ଡିଖୋଲରେ ୨୮୭, ମାଲକାନଗିରିରେ ୨୧୪୮ ପର୍ଯ୍ୟଟକ ଆସିଛନ୍ତି। ଏହି ରିପୋର୍ଟରେ ୭୫ଟି ପର୍ଯ୍ୟଟନ କ୍ଷେତ୍ରର ତଥ୍ୟ ରହିଛି। ତେବେ ଏହି ତଥ୍ୟରେ ଆହୁରି ନନ୍ଦନକାନନ, ଭଞ୍ଜନଗର, ଆସ୍କା, ପାଟଣାଗଡ଼, ନୃସିଂହନାଥ, ଖିଚିଂ, ଟିକରପଡ଼ା, ସୁନାବେଢ଼ା, ଗୁପ୍ତେଶ୍ୱର, ଧବଳେଶ୍ୱର, କପିଳାସ, ତାରାତାରିଣୀ, ପଥରାଜପୁର, ଦାରିଙ୍ଗବାଡ଼ି ଆଦି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଶୂନ ଦର୍ଶାଯାଇଛି। ଓଡ଼ିଶାରେ ପ୍ରାକ୍ ଐତିହାସିକ ଶିଳାଲିପିଠାରୁ ଆରମ୍ଭ କରି ବୌଦ୍ଧ ଯୁଗର ମଠ, ମନ୍ଦିର, ପ୍ରାକୃତିକ ଜଙ୍ଗଲ, ପ୍ରପାତ, ଐତିହାସିକ କୀର୍ତ୍ତିରାଜି ରହିଛି। ସେଥିରେ ପୁଣି ଯୋଡ଼ି ହୋଇଛି ହୀରାକୁଦ ଡ୍ୟାମ୍ ଭଳି ଆଧୁନିକ ନିର୍ମାଣ। ବିଭିନ୍ନ ଅଞ୍ଚଳର ବୟନ ଓ ଅନ୍ୟ ହସ୍ତକଳା ତଥା ଏହାର କଳାକାରମାନେ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯୋଗ୍ୟତା ରଖିଛନ୍ତି। ହେଲେ କେବଳ କରୋନା ନୁହେଁ ପ୍ରଶାସନିକ ଉଦାସୀନତା ମଧ୍ୟ ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶିଶୁକନ୍ୟାଙ୍କୁ ଉଠାଇନେଇ...

ଜଘନ୍ୟ କାଣ୍ଡ ଘଟାଇଥିବା ନେଇ ନାବାଳିକାଙ୍କ ପରିବାରବର୍ଗ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବଳାତ୍କାର ବେଳେ ମହେଶ୍ୱର ମଦ୍ୟପାନ କରିଥିଲେ ବୋଲି ସେମାନେ କହିଛନ୍ତି। ଝିଅକୁ ନ୍ୟାୟ ମିଳୁ ଏବଂ ଅଭିଯୁକ୍ତ କଠୋର ଦଣ୍ଡ ପାଆନ୍ତୁ ବୋଲି ପୀଡ଼ିତାଙ୍କ ମା' କୋହଭରା କଣ୍ଠରେ କହିଛନ୍ତି। ଏନେଇ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଅଭିଯୋଗ ମିଳିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଛି। ଏସ୍‌ପି କନଓ୍ୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ମିହିର ରଞ୍ଜନ ପଣ୍ଡା ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସେଠାରୁ ତଥ୍ୟ ସଂଗ୍ରହ ହୋଇଛି। ପୀଡ଼ିତାଙ୍କ ସମ୍ପର୍କୀୟ ଓ ସାହିପଡ଼ିଶାଙ୍କୁ ପଚରାଉଚରା କରାଯାଇଛି। ଫରେନ୍ସିକ୍ ଟିମ୍ ଘଟଣାସ୍ଥଳରୁ ତଥ୍ୟ ସଂଗ୍ରହ କରି ଫେରିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ମହେଶ୍ୱରଙ୍କ ପାଖରେ ମୋବାଇଲ ଫୋନ୍ ନାହିଁ। ତେଣୁ ମୋବାଇଲ ଫୋନ୍ ନମ୍ବର ଟ୍ରେସ୍ କରି ତାଙ୍କୁ ଧରିବା ସମ୍ଭବପର ହୋପାରିବନାହିଁ। ତଥାପି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ପୋଲିସ ଚଢାଉ କରୁଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୪ ଜାନୁୟାରୀ, ୨୦୨୨



## ଯୁବକଙ୍କୁ ଗୋଡାଇ ହାଣିବା ଘଟଣା, ୨ ଗିରଫ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ସହର ମାଳପଡାଠାରେ ଶୁକ୍ରବାର ରାତରେ ପିକୁନ୍ ଦଣ୍ଡସେନା ନାମକ ଜଣେ ଯୁବକଙ୍କୁ ୪ ଜଣ ଯୁବକ ଗୋଡାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବଲାଙ୍ଗୀର ସହର ମାଳପଡାର ରବିନାରାୟଣ ପାଣି (୨୧) ଓ କୁନୁ ଓରଫ୍ ରଞ୍ଜିତ ବାଗ (୨୨)। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଘଟଣା ଦିନ ରାତି ପ୍ରାୟ ୧୦ଟାରେ ପିକୁନ୍‌ଙ୍କୁ ଆକ୍ରମଣ କରାଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଥିଲା। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ଟାଉନ୍ ଥାନାରେ ଏକ ମାମଲା (୩୮/୨୨) ରୁଜୁ କରାଯାଇଥିଲା।

## ସଂକ୍ଷେପରେ

### ୧୮୫ ନାମାଙ୍କନ ନାକଚ, ୪୨୪୯ କାଏମ

**ସମ୍ବଲପୁର,୨୩।୧(ବ୍ୟୁରୋ):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ, ୱାର୍ଡ ସଭ୍ୟ ପଦ ପାଇଁ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ନାମାଙ୍କନ କରିଥିବା ୧୮୫ ଜଣ ପ୍ରାର୍ଥୀଙ୍କ ବିଭିନ୍ନ କାରଣରୁ ନାମାଙ୍କନପତ୍ର ନାକଚ କରାଯାଇଛି। ସେହିପରି ୪୨୪୯ ପ୍ରାର୍ଥିପତ୍ର କାୟମ ରହିଛି। ସେମାନଙ୍କ ମଧ୍ୟରେ ୮୮ ଜିଲା ପରିଷଦ ପ୍ରାର୍ଥୀ, ୭୪୯ ସରପଞ୍ଚ, ୩୦୨୦ ୱାର୍ଡ ସଭ୍ୟ, ୫୭୭ ସମିତି ସଭ୍ୟ ପ୍ରାର୍ଥୀ ରହିଛନ୍ତି। ରବିବାର ଠାରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ରହିଥିବା ବେଳେ କେହି ପ୍ରତ୍ୟାହାର କରି ନ ଥିବା ଜଣାପଡିଛି। ଆସନ୍ତା ୨୫ ତାରିଖ ଚୂଡାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇବ। ଜିଲାରେ ମୋଟ ୫ ଲକ୍ଷ ୨୯ ହଜାର ୫୧୨ ଭୋଟର ମତ ସାବ୍ୟସ୍ତ କରିବେ ବୋଲି ଜଣାପଡିଛି ।

### ଦୁଇ ବାଇକ୍ ମଧ୍ୟରେ ଧକ୍କା, ୩ ଗୁରୁତର

**ବାଉଁଶୁଣୀ,୨୩।୧(ଡି.ଏନ୍.ଏ.):** ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନମ୍ବର ଜାତୀୟ ରାଜପଥର କଲେଜ ଛକ ନିକଟ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ମଧ୍ୟାହ୍ନରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଜଣ ଆରୋହୀ ଗୁରୁତର ହୋଇଛନ୍ତି। ବୌଦ୍ଧ ଥାନା ନାରାୟଣ ନଗର ଗାଁର କ୍ଷୀରେନ୍ଦ୍ର ମେହେର ବାଇକ୍ (ନଂଓଡି ୨୭ ସି ୫୪୫୫) ଯୋଗେ ବାଉଁଶୁଣୀ ଆସୁଥିବା ବେଳେ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଗଲାବେଳେ ପଛରୁ ଅନ୍ୟ ଏକ ବାଇକ୍ (ନଂ ଓଡି ୩୧ ଜି ୬୮୯୬)ରେ ଆସୁଥିବା ସାହୁପଡ଼ା ଗ୍ରାମର ସିପୁନ ପୃଷ୍ଟି ଓ ଦେବାଶିଷ ପୃଷ୍ଟିଙ୍କ ସହ ଧକ୍କା ହୋଇଥିଲା। ଏଥିରେ ତିନିଜଣଯାକ ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବାଉଁଶୁଣୀ ଦମକଳ ବାହିନୀକୁ ଖବର ଦେଇ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ସେବାୟତ ମାଗୁଣି ଜୁଗୁନିଆଙ୍କ ପରଲୋକ

**ସୋନପୁର,୨୩।୧(ନି.ପ୍ର.):** ସୋନପୁର ପ୍ରସିଦ୍ଧ ବଳିଯାତ୍ରାର ଚାରଘରିଆ ମୁଖ୍ୟ ସେବାୟତ ମାଗୁଣି ଜୁଗୁନିଆଙ୍କ ରବିବାର ସକାଳେ ସହରର ଘୋଡ଼ାଘାଟପଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ମୁଖ୍ୟ ସେବାୟତଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି।



ସେବାୟତ ଜୁଗୁନିଆ ରାଜରାଜୁଡା ସମୟରୁ ପ୍ରତିବର୍ଷ ଦେବୀଙ୍କ ବଳିଯାତ୍ରାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ। ବାର୍ଦ୍ଧକ୍ୟ ସତ୍ତ୍ୱେ ମହାଳୟା ସମୟର ଚାରଘରିଆ ପୂଜା ବେଳେ ଖୁବ୍ ନିଷ୍ଠାର ସହିତ ଦାୟିତ୍ୱ ତୁଲାଉଥିଲେ। ବଳିଯାତ୍ରାର ନୀତିକାନ୍ତି ସମ୍ପର୍କରେ ତାଙ୍କର ବେଶ୍ ଅଭିଜ୍ଞତା ଥିଲା। ମହାନଦୀ କୂଳ ଗୋକର୍ଣ୍ଣେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଳିଯାତ୍ରା କମିଟିର ବରିଷ୍ଠ ସଭ୍ୟ ଶ୍ରୀବତ୍ସ ମଲ୍ଲିକ, ସମସ୍ତ ସଭ୍ୟ, ସେବାୟତ ଓ ଦେବୋତ୍ତର ବିଭାଗର କର୍ମଚାରୀ ଜୁଗୁନିଆଙ୍କ ଶେଷଦର୍ଶନ କରିଥିଲେ। ସାନପୁଅ ଯାଦବ ଜୁଗୁନିଆ ମୁଖାଗ୍ନି ଦେଇଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଅତାବିରା,୨୩।୧(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରାର ଧର୍ମପ୍ରାଣା ମହିଳା ଜୟକୁମାରୀ ଖମାରୀଙ୍କ ସ୍ଥାନୀୟ ଆରଏମ୍‌ସି ନିକଟ ବାସଭବନରେ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ ପୂର୍ବତନ ସମବାୟ ବ୍ୟାଙ୍କ ମ୍ୟାନେଜର କିରଣ ଚନ୍ଦ୍ର ଖମାରୀଙ୍କ ଧର୍ମପତ୍ନୀ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁଶଯ୍ୟାରେ ପୁଅ ସୁକୁମାର, ପୁତ୍ରବଧୂ ପୂର୍ଣ୍ଣିମା, ଝିଅ ସୁସ୍ମିତା, ଜ୍ୱାଇଁ ଶଙ୍କର ବେହେରା, ନାତି ଶ୍ରେୟାଂସ, ନାତୁଣୀ ସମୃଦ୍ଧି, ଦିବ୍ୟାଂଶୀ ଉପସ୍ଥିତ ଥିଲେ। ପୁଅ ସୁକୁମାର ମୁଖାଗ୍ନି ଦେଇଥିଲେ।



# ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

**ବରଗଡ଼ ଅଫିସ୍,୨୩।୧**

ବରଗଡ଼ ଜିଲା ଭଟଲି ଥାନା ଟୁକୁର୍ଲା(ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ) ଏକ ଭଡ଼ାଘରୁ ଶନିବାର ମେଲଛାମୁଣ୍ଡା ଥାନା ଖଲାବାହାଲ ଗ୍ରାମର ଶିଶୁପାଳ ଓରଫ ପିଛାଲୁ ରଣା(୩୫)ଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ରବିବାର ପୋଲିସ ହତ୍ୟା ଅଭିଯୁକ୍ତ ଭଟଲି ଥାନା ସୁକୁଡ଼ା ଗ୍ରାମର ଉପେନ ଓରଫ ଉପେନ୍ଦ୍ର ଭୋଇ(୩୬)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ ଜବତ ହୋଇଛି। ଏ ନେଇ ମୃତକଙ୍କ ସ୍ତ୍ରୀ ଲିଲିଙ୍କ ଏତଲା କ୍ରମେ ଭଟଲି ଥାନା ପୋଲିସ ଦଫା ୩୦୨ରେ ଏକ



ଜବତ କାଠ ଫାଳିଆ ସହିତ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

### ଘଟଣାରୁ ପରଦା ଘଟିଲା, ଅଭିଯୁକ୍ତ ଗିରଫ

ମାମଲା (ନଂ.୨୧/୨୨) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ପିଛାଲୁ ଓ ଉପେନ୍ଦ୍ର ବରଗଡ଼-ଭଟଲି ରାସ୍ତାପାର୍ଶ୍ୱସ୍ଥ ଆଇଆଇଏଚ୍‌ଟି (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ୍ ଟେକ୍ନୋଲୋଜି) ନିକଟ ଭଡ଼ାଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛିଦିନ ତଳେ ଉପେନ୍ଦ୍ର ପରିବାର ଧରି ସୁକୁଡ଼ା ଗ୍ରାମର ନିଜ ଘରକୁ ଯାଇଥିଲେ। ଗତ ୧୫ତାରିଖରେ ସେ ଭଡ଼ାଘରକୁ ଫେରିଥିଲେ ଏବଂ ଠିକାଦାରଙ୍କୁ ପୁଷପୁନି ପାଳନ ପାଇଁ ଟଙ୍କା ମାଗିଥିଲେ। ଗତ ୧୬ତାରିଖରେ ଠିକାଦାର ତାଙ୍କୁ ୫୦୦ ଟଙ୍କା ଏବଂ ପିଛାଲୁଙ୍କୁ ୨ହଜାର ଟଙ୍କା ଦେଇଥିଲେ। ଏହାପରେ ଅଭିଯୁକ୍ତ ଘରକୁ ଫେରିବା ପାଇଁ ଯୋଜନା କରିଥିଲେ। ମାତ୍ର ବସ୍ ନ ପାଇବାରୁ ଘରକୁ ଯାଇ ନ ପାରି ଭଡ଼ାଘରେ ରହିଥିଲେ। ଭଡ଼ାଘରେ ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାରୁ ବଚସା ହୋଇଥିଲା ଏବଂ ଅଭିଯୁକ୍ତ କାଠ ଫାଳିଆରେ ଆକ୍ରମଣ କରିବାରୁ ପିଛାଲୁଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ବାହାର ପଟୁ ତାଲା ପକାଇ ଫେରାର ହୋଇଯାଇଥିଲେ। ଘଟଣାର ୭ଦିନ ପରେ ଅର୍ଥାତ ଗତ ଶନିବାର ସେହି ଘରୁ ଦୁର୍ଗନ୍ଧ ବାହାରିବାରୁ ଘର ମାଲିକ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ତଦନ୍ତ କରିଥିଲା।

# ଭାଜପା ଜିଲା ପରିଷଦ ପ୍ରାର୍ଥିନୀଙ୍କୁ ଧମକ



ଲଇକେରା ୧ନଂ. ଜିଲା ପରିଷଦ ଜୋନ୍ ଭାଜପା ପ୍ରାର୍ଥିନୀ ସବ୍ୟାସିନୀ ପ୍ରଧାନ ଥାନାକୁ ଅଭିଯୋଗ କରିବା ପାଇଁ ଆସିଛନ୍ତି।

**ଝାରସୁଗୁଡା ଅଫିସ୍,୨୩।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଅନ୍ୟଦଳର ପ୍ରାର୍ଥୀଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଅର୍ଥ ପ୍ରଲୋଭନ ଦେଇ ନିର୍ବାଚନରୁ ଓହରି ଯିବା ପାଇଁ ଚାପ ସୃଷ୍ଟି କରୁଛନ୍ତି। ଏଥିରେ ରାଜି ନ ହେଲେ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଉଛନ୍ତି। ଲଇକେରା ବ୍ଲକ୍ ୧ନଂ ଜିଲା ପରିଷଦ ଜୋନ୍ ଭାଜପା ପ୍ରାର୍ଥୀନୀ ସବ୍ୟାସିନୀ ପ୍ରଧାନ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଗତ ୨୧ତାରିଖ ରାତି ୮ଟାରେ ପାକେଲଖୋଲ ଗ୍ରାମର ୨ଜଣ ବ୍ୟକ୍ତି ତାଙ୍କ ଘରକୁ ଆସି ଟଙ୍କା ଯାଚି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କହିଥିଲେ। ଏଥିରେ ରାଜି ନ ହେବାରୁ ତାଙ୍କ ଜାତିକୁ ଆକ୍ଷେପ କରି ଗାଳିଗୁଲଜକରି ଧମକ ଚମକ ଦେଇଥିଲେ। ଏଥିରେ ଭାଜପା ପ୍ରାର୍ଥୀନୀ ପ୍ରଧାନ ଭୟଭୀତ ହୋଇ ପୋଲିସ୍‌ରେ ଲିଖିତ ଅଭିଯୋଗକରି ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ଏହିପରି ପାକେଲପଡା ଭାଜପା ମଣ୍ଡଳ ସମ୍ପାଦକ ପ୍ରଦୀପ ପ୍ରଧାନ ରବିବାର ଲଇକେରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଗତ ୨୨ତାରିଖ ରାତି ୧ଟାରେ ୫ଜଣ ଅଜଣା ବ୍ୟକ୍ତି ଘର ଭିତରକୁ ପ୍ରବେଶକରି ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ରବିବାର ଝାରସୁଗୁଡା ଜିଲା ଲଇକେରା ଥାନାରେ ନଂ.୧୭/୨୨ ଓ ନଂ. ୧୮/୨୨ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ପୋଲିସ୍ ତରଫରୁ ଏହାର ତଦନ୍ତ ଆରମ୍ଭ ହୋଇଛି ବୋଲି ତଦନ୍ତକାରୀ ଥାନା ଅଧିକାରୀ ପ୍ରବୀର କେଶୋରୀ ତ୍ରିପାଠୀ କହିଛନ୍ତି।

# ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକଙ୍କ ଦେବଗଡ଼ ଗସ୍ତ

**ଦେବଗଡ,୨୩।୧(ଡି.ଏନ.ଏ)**

ଦେବଗଡ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟର ତଦାରଖ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଚନ୍ଦ୍ରମଣି ବଡ଼ନାୟକ ପହଞ୍ଚି ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ତର୍ଜମା ବୈଠକ କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୁଧାଂଶୁ ମୋହନ ସାମଲ ଓ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସହ ଏକ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ। ପରେ ପ୍ରଥମ ପର୍ଯ୍ୟାୟରେ ଫେବୃୟାରୀ ୧୬ରେ ଭୋଟଗ୍ରହଣ ହେବାକୁ ଥିବା ବ୍ଲକଗୁଡିକରେ ପହଞ୍ଚି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ଅଧିକାରୀ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ନିର୍ବାଚନ ପାଇଁ ବ୍ଲକ ମୁଖ୍ୟାଳୟରେ ସ୍ଥାପିତ ଷ୍ଟ୍ରଙ୍ଗରୁମ ପରିଦର୍ଶନ କରିବା ସହ ବଡନାୟକ ବିଭିନ୍ନ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ କହିଥିଲେ। ଧାର୍ଯ୍ୟ ଆଚରଣ ବିଧି ଓ କୋଭିଡ୍ ନିୟମ କଡାକଡି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ପାଇଁ ଭୋଟର ଦେବଗଡ଼ ସର୍କିଟ୍ ହାଉସଠାରେ ସକାଳ ୯ଟାଠାରୁ ୧୧ଟା ମଧ୍ୟରେ ଏବଂ ମୋବାଇଲ ନମ୍ବର ୭୯୭୮୭୫୯୭୨୯ରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ଆସନ୍ତା ୨୪ ତାରିଖ ଅପରାହ୍ଣ ୪ଟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ସାଧାରଣ ପର୍ଯ୍ୟବେକ୍ଷକ ଚନ୍ଦ୍ରମଣି ବଡନାୟକ ଓ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟଙ୍କ ଉପସ୍ଥିତିରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ।

# ସୁରେନ୍ଦ୍ର ସାଏ, ସୁଭାଷ ବୋଷଙ୍କ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୨୩।୧**

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ରବିବାର ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଉଭୟ ମହାପୁରୁଷଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଡାକ୍ତର ଭୋଇ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସରରେ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ରକ୍ଷାକାରୀ ବିଶି, କେଦାର ମିଶ୍ର, ପ୍ରଦୀପ ଦେବତା, ଦଧିବାମନ ଶତପଥି, ଲୁଲୁ ରବୀନ ଦାସ, ଡଃ ତପସ୍ୱିନୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ଚାଟଶାଳୀ କେନ୍ଦ୍ରରେ ବିଭିନ୍ନ ପ୍ରତିଯୋଗିତା



ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ।

**ଦେଓଗାଁ,୨୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡଖାପଲା ମୋ ଚାଟଶାଳୀ କେନ୍ଦ୍ରରେ ରବିବାର ଲୋକ ଉନ୍ନତି ସଂଗଠନ ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଦେଓଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର, ସମ୍ମାନିତ ଅତିଥି ମହିଳା ଶ୍ରମଜୀବୀ ମଞ୍ଚର ଓଡ଼ିଶା କର୍ମକର୍ତ୍ତା ଆଶିଷ ରାଜହଂସ ଯୋଗଦେଇ ମୋ ଚାଟଶାଳିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଉତ୍ତମ ସୁନା, ଜିତେନ୍ଦ୍ର କୁମ୍ଭାର, ସୁନୀଲ ସୁନା, ରୋଜି ସୁନା ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନେତାଜୀଙ୍କ ଜୟନ୍ତୀରେ ସୁଭାଷ ଚିନ୍ତନ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୨୩।୧**

ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ପରିସରରେ ରବିବାର ପରିଷଦର ୩୧ତମ ପ୍ରତିଷ୍ଠା ଦିବସ, ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ତ୍ରୈମାସିକ ସାମାଜିକ ଓ ସାହିତ୍ୟ ପତ୍ରିକା 'ସୁଭାଷ ଚିନ୍ତନ' ଉନ୍ମୋଚିତ ହୋଇଥିଲା । କୋଭିଡ କଟକଣା ପାଳନ କରି ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସୁଭାଷପ୍ରେମୀ ଯୋଗଦେଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ।



ନେତାଜୀ ଜୟନ୍ତୀରେ ସୁଭାଷ ଚିନ୍ତନ ପତ୍ରିକା ଉନ୍ମୋଚନ କରାଯାଉଛି।

ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଅଧ୍ୟାପକ ଡ. ଲକ୍ଷ୍ମଣ ମେହେର, ବୀରେନ୍ଦ୍ର ବନଛୋର, ପଦ୍ମଚରଣ ଆଚାର୍ଯ୍ୟ, ରାଜେନ୍ଦ୍ର ଶର୍ମା, ଅନୀଲ ମୋଦୀ, ସୁଧାଂଶୁ ପଟ୍ଟନାୟକ, କବି ରତ୍ନମୟ ତ୍ରିପାଠୀ, ରତନ ମହାରଣା, ରୁଦ୍ରଦେବ ପ୍ରଧାନ. ସଞ୍ଜୟ ଭୋଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ଦୀପ କୁମାର କୁଅଁର, ଜଗନ୍ନାଥ ମହାଣା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ଦାସ, ଗୋବିନ୍ଦ ସାହୁ, ପ୍ରଦୀପ ଭୋଇ, ରଜନୀକାନ୍ତ ମିଶ୍ର, ପ୍ରସନ୍ନ ମିଶ୍ର ଉପସ୍ଥିତ ଥିଲେ। ଶେଷରେ ସୁଭାଷ ଚିନ୍ତନ ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ରଘୁ ନନ୍ଦନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଏଫ୍‌ଓ ଅଫିସ ସିସିଟିଭି କ୍ୟାମେରା ଚୋରି ଘଟଣା, ଜଣେ ଗିରଫ

**ବଲାଙ୍ଗୀର ଅଫିସ,୨୩।୧**

ବଲାଙ୍ଗୀର ଡିଏଫ୍‌ଓ ଅଫିସରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଚୋରି କରିନେଇଥିଲେ। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ବୈଜନ୍ତ୍ରୀପଡାର ଘୁଣ୍ଟୁ ନାଏକ (୧୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ସିସିଟିଭି କ୍ୟାମେରା ଉଦ୍ଧାର କରାଯାଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା (୬୦୯/୨୧) ରୁଜୁ କରାଯାଇଛି।

# ଏବିଭିପିର କାର୍ଯ୍ୟକାରିଣୀ ବୈଠକ

**ରାଉରକେଲା ଅଫିସ,୨୩।୧**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରାଉରକେଲା ଶାଖା ପକ୍ଷରୁ ସେକ୍ଟର-୩ ସ୍ଥିତ ବିଏମ୍‌ଏସ୍ ଅଡିଟୋରିୟମ କକ୍ଷରେ ରବିବାର ରାଉରକେଲା ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ ସହ ସମ୍ପାଦକ ସୌଭାଗ୍ୟ ମହନ୍ତି ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ଯୁବକଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଧ୍ୟାପକ ନିହାର ରଞ୍ଜନ ମିଶ୍ର ସଭାପତି ଓ ଛାତ୍ରନେତା ସ୍ୱଦେଶ ପଣ୍ଡା ମହାନଗର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସଦସ୍ୟ ସ୍ୱପ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଅଭିଷେକ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ରାଜ୍ୟ ଉପସଭାପତି ଅଧ୍ୟାପକ ଅକ୍ଷୟ ରଥ, ବିଭାଗ ସଂଯୋଜକ ଆଶିଷ ଦାସ, ବିଭାଗ ସହ ପ୍ରମୁଖ ସମୀର ରାଉତ, ଜିଲା ସଂଯୋଜିକା ଅଙ୍କିତା ନାୟକ, ବିକାଶ କୁମାର ନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ନାଗରିକ କମିଟି ନୂତନ କର୍ମକର୍ତ୍ତାଙ୍କ ବୈଠକ

**ବଲାଙ୍ଗୀର ଅଫିସ,୨୩।୧**

ବଲାଙ୍ଗୀର ଜେଏସ୍‌ଏମ୍ କଲେଜଠାରେ ରବିବାର ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତାଙ୍କ ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନେତାଜୀ ସୁଭାଷ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଥିଲା। କମିଟି ସଭାପତି ବେଲାରସିଂ ଭୋଇ ମହାନ ସଂଗ୍ରାମୀଦ୍ୱୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଦସ୍ୟମାନେ ଉଭୟ ସଂଗ୍ରାମୀଙ୍କ ଜୀବନୀ ସ୍ମୃତିଚାରଣ କରିଥିଲେ। ସଭାପତି ଭୋଇଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନୂତନ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ ସମ୍ବନ୍ଧରେ ନୂତନ ସବ୍ କମିଟି ଗଠନ ଏବଂ ନୂତନ ସଭ୍ୟ ଗ୍ରହଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସହସମ୍ପାଦକ ଚକ୍ରପାଣି ଦାଶ, କୋଷାଧ୍ୟକ୍ଷ ତ୍ରିଭୁନଦାସ ଭମର, ସଭ୍ୟ ପଙ୍କଜିନୀ ପଣ୍ଡା, ବୃନ୍ଦାବନ ବରାଳ, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଜୟରାମ ମିଶ୍ର, ପର୍ଶୁରାମ ନାୟକ, ବ୍ରଜରାଜ ପୁରୋହିତ, ବିମଳ କୁମାର ଚୋପଦାର, ଦିବାକର ହୋତା, ଗୋପବନ୍ଧୁ ପୁରୋହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସହସମ୍ପାଦକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ୨ ମହାପୁରୁଷଙ୍କ ଜୟନ୍ତୀ

**ଝାରସୁଗୁଡ଼ା ଅଫିସ୍,୨୩।୧**

ଝାରସୁଗୁଡା ଜିଲାର ବିଭିନ୍ନ ଅନୁଷ୍ଠାନ ତରଫରୁ ୨ଜଣ ମହାପୁରୁଷ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୪ତମ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ବନ୍ଦର ନିର୍ଦ୍ଦେଶକ ପବନ ଜୁଡସୋଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣବନ୍ତ ଦୋରା, ବନାନୀ ନନ୍ଦ, ସୁଜିତ କୁମାର, ସୁବାସ ଚନ୍ଦ୍ର ଭୋଇ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମିଳିତ ଆଦିବାସୀ ସମାଜ ତରଫରୁ ସଭାପତି ମାଧବ ସିଂନାୟକଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଗୋଣ୍ଡଓନା ଗୋଣ୍ଡ ମହାସଭାର ଜିଲା ସଭାପତି ଡମ୍ବରୁଧର ନାୟକ, ସୁବଳ ଧୁରୁଆ, ତ୍ରିଲୋଚନ ଡନସନା, ଗୋଲବଦନ କୁମୁରା, ବିନୋଦ ବିହାରୀ ବାଗ୍, ଫକିର ମୋହନ କିଷାନ ପ୍ରମୁଖ ଉପସ୍ଥିତରହି ବିମାନ ବନ୍ଦର ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହିପରି ବେଲପାହାଡ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ତରଫରୁ ବୀରଭୂମିଠାରେ ଉଭୟ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଭାପତି ତେଜେରାମ ପ୍ରଧାନ, ସାଧାରଣ ସମ୍ପାଦକ ଇରସାଦ ହୁସେନ୍, କୋଷାଧକ୍ଷ ଥବୀର କାଲୋ, ସାନ୍ତନୁ ସିଂହ, ପିତାମ୍ବର ମେହେର, ଭଦ୍ର ବିଶ୍ୱାଳ, ବ୍ରଜବନ୍ଧୁ ଶତପଥି, ପୂର୍ବତନ ନଗରପାଳ କୈଳାଶ ନାୟକ, ଅଭିଜିତ୍ ସେନ୍‌ଗୁପ୍ତା, ଗୋକୁଳାନନ୍ଦ ପ୍ରଧାନ ପ୍ରମୁଖ ଉଭୟ ନେତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଝାରସୁଗୁଡା ଡିଏଭି ପବ୍ଲିକ୍ ସ୍କୁଲ୍ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ପ୍ରମୋଦ କୁମାର ନାଥ, ଡ. ମଞ୍ଜୁଶ୍ରୀ ବେଦୁଲା, ମନୀକା ଶ୍ରୀବାସ୍ତବ, ସୁବାସ ଚନ୍ଦ୍ର ମିଶ୍ର, ବିଜୟ କୁମାର ଦାସ, ଅଲେଖ ବିହାରୀ ସାହୁ, ଦେବଦତ ମିଶ୍ର, ସୁମନ୍ତ ବେହେରା, ରାହାସ ବିହାରୀ ଦାସ, ଅକ୍ଷୟ କୁମାର ପାଣି, ପବିତ୍ର ମୋହନ କବି, ଚନ୍ଦନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ।



ଡିଏଭି ସ୍କୁଲ୍ ତରଫରୁ ଜୟନ୍ତୀ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

# ସମାଜଧର୍ମୀ ସଙ୍ଗୀତ ଲୁହାଶିକୁଳି ଲୋକାର୍ପିତ

**ବଲାଙ୍ଗୀର ଅଫିସ,୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ପତିତପାବନ ଏକାଡେମୀ ପରିସରରେ ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ରଚିତ ସମାଜଧର୍ମୀ ସଙ୍ଗୀତ ଲୁହାଶିକୁଳୀ ଓ କମ୍ପାନୀ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ କବି ବୀରକିଶୋର ଦାସଙ୍କ ଭାରତର ଭାଗ୍ୟ ଫେରିବକି, ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କ ରଚିତ କହ କହ କେଉଁ ଜାତି ପାଇଛି ମୁକତି ଆଦି ସମୁଦାୟ ୪ଟି ସଙ୍ଗୀତ ଲୋକାର୍ପିତ ହୋଇଥିଲା। ଏଥିରେ ଦିଲୀପ କୁମାର ସିଂଦେଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଓମ୍‌ପ୍ରକାଶ ସାହୁ ଓ ଭାଗ୍ୟବତୀ ବାଗ କଣ୍ଠଦାନ କରିଛନ୍ତି। ପ୍ରବୀର ପୁରୋହିତ ସଙ୍ଗୀତ ସଂଯୋଜନା କରିଛନ୍ତି। ବରଗଡର ଷ୍ଟୁଡିଓ ଝଙ୍କାରରେ ଗୀତଗୁଡିକ ରେକର୍ଡିଂ କରାଯାଇଛି। ଲୋକାର୍ପଣ ଉତ୍ସବରେ ଗଣସାଂସ୍କୃତିକ ମଞ୍ଚର ଆବାହକ ସଞ୍ଜୟ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜୀବ ଲୋଚନ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ରସରାଜ ଅଚ୍ୟୁତ ପୁରୋହିତ, ମୁଖ୍ୟବକ୍ତା ସାମାଜିକ କର୍ମୀ ଅଶୋକ ମିଶ୍ର ଯୋଗଦେଇ ସାମାଜିକ ଆନ୍ଦୋଳନରେ ସଙ୍ଗୀତର ଭୂମିକା ଉପରେ କହିଥିଲେ। ସଭାରେ ରାଜେନ୍ଦ୍ର ରଣା, ଅଂଶୁମାନ ସା ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ।

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

**କୁଆଁରମୁଣ୍ଡା,(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଆଧୁନିକ ମେଟାଲିକ୍ସ ସମ୍ମୁଖ ୧୪୩ ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ଏକ ଟ୍ରେଲର ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଯୋଗେ ମୃତାହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୯ଟା) ମୃତାହତଙ୍କ ପରିଚୟ ମିଳିପାରିନାହିଁ। ଟ୍ରେଲର ଚାଳକ ଓ ଖଲାସୀ ଫେରାର ଅଛନ୍ତି। ପୋଲିସ ଟ୍ରେଲର (ନଂ.ଓଡି୧୪ସି/୯୪୫୭ ଓ ବାଇକ୍ (ନଂ.ଓଡି୧୪କେ/୨୩୯୭)କୁ ଜବତ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ସୁନ୍ଦରଗଡ ଜିଲା: ନାକଚ ହେଲା ୪୧୫ ନାମାଙ୍କନ

**ସୁନ୍ଦରଗଡ,୨୩।୧(ଡି.ଏନ୍.ଏ):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ଆସନ ପାଇଁ ଦାଖଲ ହୋଇଥିବା ନାମାଙ୍କନପତ୍ର ଗୁଡିକର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ଜିଲାରେ ୪୧୫ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ମୋଟ୍ ୭୭୩୨ ନାମାଙ୍କନପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୪୧୫ଜଣଙ୍କ ନାମାଙ୍କନପତ୍ର ନାକଚ ହେବା ପରେ ବର୍ତ୍ତମାନ ୭୩୧୭ ଜଣଙ୍କ ନାମାଙ୍କନପତ୍ର କାଏମ ରହିଛି। ନାକଚ ହୋଇଥିବା ନାମାଙ୍କନପତ୍ର ମଧ୍ୟରେ ୨ ଜିଲା ପରିଷଦ ସଭ୍ୟ, ୩୬ ସରପଞ୍ଚ, ୫୫ ସମିତିସଭ୍ୟ ଓ ୩୨୨ ୱାର୍ଡସଭ୍ୟ ପ୍ରାର୍ଥୀ ରହିଛନ୍ତି। ଆସନ୍ତା ୨୫ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ଦିବସ ରହିଛି। ଏହାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

### ଲେଫ୍ରିପଡା ବ୍ଲକ: ୪୨୮ ପ୍ରାର୍ଥିପତ୍ର କାଏମ

**ଲେଫ୍ରିପଡା,୨୩।୧(ଡି.ଏନ.ଏ ):** ଚଳିତ ପଞ୍ଚାୟତ ନିର୍ବାଚନରେ ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକରେ ୱାର୍ଡ ମେମ୍ବର, ସରପଞ୍ଚ ଏବଂ ସମିତି ସଭ୍ୟ ଆସନ ପାଇଁ ମୋଟ ୪୨୮ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ୪୮୮ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସେଥିରୁ ୫୨ଜଣଙ୍କ ନାକଚ ହୋଇଛି। ୱାର୍ଡ ମେମ୍ବର ପାଇଁ ୩୧୧ ଜଣଙ୍କ ନାମାଙ୍କନପତ୍ର ମଧ୍ୟରୁ ୩୨ଜଣଙ୍କ ନାକଚ ହୋଇଥିବା ବେଳେ ୨୭୯ଜଣଙ୍କ କାଏମ ରହିଛି। ସରପଞ୍ଚ ପଦବୀ ପାଇଁ ୮୮ନାମାଙ୍କନରୁ ୧୧ଜଣଙ୍କ ନାକଚ ଏବଂ ୭୭ଜଣଙ୍କ କାଏମ ହୋଇଛି। ସମିତି ସଭ୍ୟ ପାଇଁ ୮୮ଜଣଙ୍କ ମଧ୍ୟରୁ ୯ଜଣଙ୍କ ନାକଚ ଏବଂ ୭୨ଜଣଙ୍କ ନାମାଙ୍କନ କାଏମ ରହିଛି।

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ରାଉରକେଲା ଅଫିସ,୨୩।୧:** ସୁନ୍ଦରଗଡ଼ ଜିଲା ବିଶ୍ରା ଷ୍ଟେସନ ନିକଟରେ ଶନିବାର ରାତିରେ ଟ୍ରେନରୁ ଖସି ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଅରଜିତ ମାଝୀ(୩୨)। ଅରଜିତ ଝାରସୁଗୁଡ଼ାରୁ ଗୀତାଞ୍ଜଳି ଏକ୍ସପ୍ରେସ ଟ୍ରେନ ଯୋଗେ ନିଜ ଘରକୁ ଯାଉଥିବାବେଳେ ବିଶ୍ରା ରେଳ ଷ୍ଟେଶନ ନିକଟରେ କୌଣସି କାରଣରୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯।୧୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସ୍କାନ୍ ଷ୍ଟିଲ ଦୁର୍ଘଟଣା: ସହାୟତା ଅନୁକମ୍ପା ରାଶିରେ ସୀମିତ

**କୁତ୍ରା,୨୩।୧(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଧୀନ ଗଙ୍ଗାଜଳ ସ୍ଥିତ ସ୍କାନ୍ ଷ୍ଟିଲ କାରଖାନାରେ ଗତ ଶୁକ୍ରବାର ବ୍ଲାଷ୍ଟ ଫର୍ନେସରେ ବିସ୍ଫୋରଣ ଘଟି ୩ ଜଣ ଶ୍ରମିକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ଶ୍ରମିକ ମୁକୁନ୍ଦ ସିଂଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅଛନ୍ତି। ତେବେ ମୃତକଙ୍କ ପରିବାରକୁ ସହାୟତା କେବଳ ଅନୁକମ୍ପା ରାଶିରେ ସୀମିତ ରହିଛି। ମୃତ କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ମାତ୍ର ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଏବଂ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ହୋଇଥିବା ସୂଚନା ଦେଇଛନ୍ତି କୁତ୍ରା ଥାନାଧିକାରୀ ସୁଶାନ୍ତ କୁମାର ପରିଡା। ଅନ୍ୟପକ୍ଷେ ରବିବାର ସୁନ୍ଦରଗଡରୁ ସାଇଣ୍ଟିଫିକ ଟିମ୍ ଆସି କାରଖାନାରେ ତଦନ୍ତ କରିଥିବା ଜଣାପଡିଛି।

### ରାଜଗାଙ୍ଗପୁରରେ ନେତାଜୀ ଜୟନ୍ତୀ ପାଳିତ

**ରାଜଗାଙ୍ଗପୁର,୨୩।୧(ଡି.ଏନ.ଏ):** ରାଜଗାଙ୍ଗପୁରରେ ସୁଭାଷ ଚନ୍ଦ୍ର ବୋଷ କମିଟି ପକ୍ଷରୁ ନେତାଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ଇଡି ଚେତନ ଶ୍ରୀବାସ୍ତବ ମୁଖ୍ୟଅତିଥି, ପୂର୍ବତନ ବିଜେଡି ଟାଉନ ସଭାପତି ଅମରେଶ ପଣ୍ଡା ମୁଖ୍ୟବକ୍ତା, ଟାଉନ କଂଗ୍ରେସ ସଭାପତି ଇଫତାର ଅହମ୍ମଦ, ଡାକ୍ତର ହରେକୃଷ୍ଣ ପଣ୍ଡା, କମିଟି ସଭାପତି ଇନ୍ଦରଜିତ ସିଂ ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ନେତାଜୀଙ୍କ ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ କରୋନା ଯୋଦ୍ଧାମାନଙ୍କୁ କରୋନା ୱାରିୟର୍ସ ଭାବେ ସମ୍ମାନୀତ କରାଯାଇଥିଲା। କମିଟିର ଉପସଭାପତି ଏମ.ଡି ଇରଫାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଜଗାଙ୍ଗପୁରର ଏସ୍‌ୟୁସିଆଇ କମ୍ୟୁନିଷ୍ଟ କାର୍ଯ୍ୟାଳୟରେ ଆଞ୍ଚଳିକ ସମ୍ପାଦକ ଲେଲିଲ ଟେଟେଙ୍କ ନେତୃତ୍ୱରେ ସୁବାଷ ବୋଷ ଜୟନ୍ତୀ ପାଳିତ ହୋଇଛି।

# ଦଳୀୟ ପ୍ରାର୍ଥୀଙ୍କୁ ବିଜୟ ମନ୍ତ୍ର ଦେଲେ ପର୍ଯ୍ୟବେକ୍ଷକ

**ସୁନ୍ଦରଗଡ,୨୩।୧(ଡି.ଏନ୍.ଏ)**

ସୁନ୍ଦରଗଡ ଓ ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥୀମାନଙ୍କୁ ବିଜୟର ମନ୍ତ୍ର ଦେଇଛନ୍ତି ଜିଲା ମୁଖ୍ୟ ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ଇଂ ପ୍ରୀତିରଞ୍ଜନ ଘଡେଇ। ରବିବାର ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ସ୍ଥାନୀୟ ଏକ ହୋଟେଲରେ ଉଭୟ ନିର୍ବାଚନ ମଣ୍ଡଳୀର ବିଜେଡିର କର୍ମକର୍ତ୍ତା ଓ ୧୪ଟି ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପର୍ଯ୍ୟବେକ୍ଷକ ଘଡେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଲୋକାଭିମୁଖି ଯୋଜନାଗୁଡିକୁ ଆଧାର କରି ଚଳିତ ନିର୍ବାଚନରେ ଟିକେଟ ପାଇଥିବା ଜିଲା ପରିଷଦ ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହୋଇ ବିଜୟୀ ହେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ଡାଃ ପ୍ରଫୁଲ୍ଲ କୁମାର ମାଝୀ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ସହପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ରାଜ୍ୟ ପରିଷଦ ସଭ୍ୟ ହରଜେନ୍ଦ୍ର ସିଂ, ଜିଲା ଉପସଭାପତି ଲଲାଟେନ୍ଦୁ ପରିଡା, ଜିଲା ବିଜୁ ମହିଳା ଜନତାଦଳ ସଭାନେତ୍ରୀ ରଞ୍ଜନା ପଣ୍ଡା, ଆଇନଜୀବୀ ସାମ୍ମୁଖ୍ୟ ଜିଲା ଆବାହକ ଅଶୋକ କୁମାର ସ୍ୱାଇଁ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝୀ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶେହେବାଜ୍ ହୁସେନ୍, ଟାଉନ ସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଯୋଗେଶ ସିଂଙ୍କ ବଡଭାଇ ତଥା କଂଗ୍ରେସର ଟାଣୁଆ ନେତା ନରେଶ ପ୍ରତାପ ସିଂ ଓ ତାଙ୍କ ସମର୍ଥକମାନେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ଭାଜପା ଜିଲା ଉପସଭାପତି ବସନ୍ତ ସାହୁ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିଲେ। ମୁଖ୍ୟ ପର୍ଯ୍ୟବେକ୍ଷକ ଘଡେଇ ସମସ୍ତଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ।


ବିଜେଡିରେ ନୂତନ ଭାବେ ଯୋଗ ଦେଇଥିବା ଅନ୍ୟ ଦଳର ନେତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଉଛି।

**ବିଜେଡିରେ ଯୋଗଦେଲେ କଂଗ୍ରେସ, ଭାଜପା ନେତା**

## 'ଇସ୍ପାତ ବର୍ଣ୍ଣାଳି' ଉଦ୍‌ଯାପିତ

**ରାଉରକେଲା ଅଫିସ,୨୩।୧**

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଚାରୁକଳା କର୍ମଶାଳା 'ଇସ୍ପାତ ବର୍ଣ୍ଣାଳି' ସେକ୍ଟର-୨୦ ସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଆରଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟଅତିଥି, ସିଇଓଙ୍କ ସଚିବାଳୟ ଜିଏମ୍ ଟି.ପି ଶିବଶଙ୍କର, ପ୍ରୋଟକଲ ଓ ସମାଜ ମଙ୍ଗଳ ବିଭାଗ ଜିଏମ୍ ବି. କେ. ରାଉତ ଓ ଲୋକସମ୍ପର୍କ ବିଭାଗର ଡିଜିଏମ୍ ଅର୍ଚ୍ଚନା ଶତପଥୀ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଇସ୍ପାତ ସହରର ୧୫ ଜଣ ପ୍ରତିଷ୍ଠିତ କଳାକାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାରତ ସ୍ୱାଧୀନତାର ୭୫ ବର୍ଷ ଓ ଏହାର ଲୋକ, ସଂସ୍କୃତି ଓ ସଫଳତାର ଇତିହାସକୁ ସ୍ମରଣ କରିବା ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଛାୟାକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

**କୁଚିଣ୍ଡା,୨୩।୧(ଡି.ଏନ.ଏ)**

କୁଚିଣ୍ଡା,ଜମନକିରା ଓ ବାମରା ବ୍ଲକର ୬ଟି ଜିଲା ପରିଷଦ ଆସନ ପାଇଁ ଦାଖଲ ହୋଇଥିବା ମୋଟ ୨୨ଟି ନାମାଙ୍କନପତ୍ର ଶନିବାର ଯାଞ୍ଚ ବେଳେ କାଏମ ରହିଥିବା ଉପଜିଲାପାଳ ପ୍ରକାଶ କରିଛନ୍ତି। ସେହିପରି କୁଚିଣ୍ଡା ବ୍ଲକରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ହୋଇଥିବା ନାମାଙ୍କନ ଯାଞ୍ଚ ବେଳେ ପାରୁଆଭାଡି ପଞ୍ଚାୟତରୁ ସମିତି ସଭ୍ୟ ପାଇଁ ପୁଷ୍ପକାନ୍ତ ସୁନାନୀ ଓ କୁନ୍ତରା ପଞ୍ଚାୟତର ଦିଲୀପ କିଷାନଙ୍କ ନାମାଙ୍କନ ଖାରଜ ହୋଇ ଏବେ ୧୭ ପଞ୍ଚାୟତ ପାଇଁ ୬୧ଜଣଙ୍କ ନାମାଙ୍କନ କାଏମ ରହିଛି। ସେହିପରି ସରପଞ୍ଚ ପାଇଁ ହାଡିପାଲି ପଞ୍ଚାୟତର ୩ଜଣଙ୍କ ନାମାଙ୍କନ ଖାରଜ ହୋଇଥିବାବେଳେ ୧୭ ପଞ୍ଚାୟତରୁ ଏବେ ୫୯ଜଣଙ୍କ ନାମାଙ୍କନ କାଏମ ରହିଛି। ୱାର୍ଡ ସଭ୍ୟ ପାଇଁ ୩୫୨ ଜଣଙ୍କ ନାମାଙ୍କନରୁ ୨୯ଟି ଖାରଜ ହୋଇ ବ୍ଲକରେ ଏବେ ୩୨୪ ନାମାଙ୍କନ କାଏମ ରହିଥିବା ଜଣାଯାଇଛି। ଅନ୍ୟ ପକ୍ଷରେ କୁନ୍ତରା ପଞ୍ଚାୟତ ସମିତି ସଭ୍ୟ ପାଇଁ ଭୁବନେଶ୍ୱର କିଷାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାଯାଇଛି।

# ନେତାଜୀ, ସୁରେନ୍ଦ୍ର ସାଏ ଥିଲେ ବୀର ପୁରୁଷ

**ସୁନ୍ଦରଗଡ,୨୩।୧(ଡି.ଏନ୍.ଏ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ ସହର ରଙ୍ଗାଢିପା ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କରୋନା କଟକଣାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମରେ ସୀମିତ ସଂଖ୍ୟକ ଅଧ୍ୟାପକ, ବିଦ୍ୟାର୍ଥୀ ଓ ପରିଷଦର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପରିଷଦର ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧରୁଆ, ଜିଲା ପ୍ରମୁଖ ସଞ୍ଜୀବ କୁମାର ନାଏକ, ସୁନ୍ଦରଗଡ ସଙ୍ଗଠନ ସମ୍ପାଦକ ବିଜୟ କଲତା, ବିଶାଳ ପଟେଲ, ନଗର ସଭାପତି ସୁମିତ ନାଏକ ପ୍ରମୁଖ ନେତାଜୀ ଓ ସୁରେନ୍ଦ୍ରଙ୍କ ବୀରଗାଥା ଉପରେ ଆଲୋକପାତ କରି ଯୁବପିଢି ଓ ବିଦ୍ୟାର୍ଥୀମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ ନଗର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସୁମିତ ନାଏକ ନଗର ସଭାପତି, ଶୁଭ୍ରାଂଶୁ ସାମନ୍ତରାୟ ଉପସଭାପତି, ବାପୁନ ପଶାୟତ ନଗର ସମ୍ପାଦକ, ପଲ୍ଲବ କ୍ରିଷ୍ଣା ଚକ୍ରବର୍ତ୍ତୀ ସହ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନରେ ଉପସ୍ଥିତ ଏବିଭିପି କର୍ମକର୍ତ୍ତା।

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**କୁଚିଣ୍ଡା,୨୩।୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକର ପତ୍ରାପାଲିଠାରେ ଚାଇଲ୍ଡ ଲାଇନ ଓ ନେତାଜୀ ସଂଘର ମିଳିତ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବାମାନୀ ହେମ୍ରମଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ନେତାଜୀ ହିଁ ପ୍ରଥମେ ଗାନ୍ଧୀଙ୍କୁ ଜାତିର ଜନକ ଭାବେ ଅଭିହିତ କରିଥିଲେ ବୋଲି କହିଥିଲେ। ସାମାଜିକ କର୍ମୀ ସରୋଜ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଚାଇଲ୍ଡ ଲାଇନର କର୍ମୀ ସ୍ୱେତାଙ୍ଗିନି ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଲୁମ୍ବିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି


ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ସମ୍ବଲପୁର,୨୩।୧(ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଓଡିଶା ସାଂସ୍କୃତିକ ସମାଜ ମିଳିତ ଅନୁକୂଲ୍ୟରେ ଜେଲଛକ ଠାରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସଏମ୍‌ସି କମିଶନର ପ୍ରଦୀପ ସାହୁ ଯୋଗଦେଇଥିଲେ। ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା ଗ୍ରାମକୁ ଆହୁରି ବିକାଶ କରି ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିବାକୁ ରହିଥିବା ପ୍ରସ୍ତାବ ତ୍ୱରାନିତ କରାଯିବ ବୋଲି ଜିଲାପାଳ ପରିଡା କହିଥିଲେ। ସେହିପରି ବିଧାୟକ ପୂଜାରୀ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀମାନ ଅନେକ ସ୍ୱପ୍ନ ଦେଖିଥିଲେ। ମିଳିମିଶି ସ୍ୱପ୍ନକୁ ପୂରା କରିବାକୁ ହେବ। ଅନ୍ୟପଟେ ଭାଜପା ପକ୍ଷରୁ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀଙ୍କ ସହ ବିଭିନ୍ନ ରାଜନୈତିକ, ସାମାଜିକ, ଶିକ୍ଷା, ସଂସ୍କୃତି, କ୍ରୀଡା ଅନୁଷ୍ଠାନ ସଭ୍ୟମାନେ ପୃଥକ ପୃଥକ ଭାବେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ରକ୍ତତୀର୍ଥ କୁଦୋପାଲି ଗ୍ରାମରେ ମଧ୍ୟ ଜୟନ୍ତୀ ପାଳନ କରାଯାଇଥିଲା।

## ଜନ୍ମ ମାଟିରେ ଜୟନ୍ତୀ ପାଳିତ

**ସମ୍ବଲପୁର/ରେଙ୍ଗାଲି,୨୩।୧(ବ୍ୟୁରୋ/ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାରେ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ଜନ୍ମମାଟିରେ ଜୟନ୍ତୀ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ କାର୍ଯ୍ୟକ୍ରମଗୁଡିକ ବାତିଲ କରାଯାଇଥିଲା। କେବଳ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୁଣଗାନ କରାଯାଇଥିଲା।

## ଏନ୍‌ଟିପିସି ଅଧିକାରୀଙ୍କ ଶ୍ରଦ୍ଧାସୁମନ

**ସୁନ୍ଦରଗଡ, ୨୩।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପ ପକ୍ଷରୁ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଏନଟିପିସି ଦର୍ଲିପାଲି ଟାଉନସିପ୍‌ରେ ପ୍ରକଳ୍ପର ଚିଫ ଜେନେରାଲ ମ୍ୟାନେଜର ଅଭୟ କୁମାର ସାମେୟାର ଓ ଅଭିଳାଷା ଲେଡିସ କ୍ଲବର ସଭାନେତ୍ରୀ ମନୀଷା ସାମେୟାର ନେତାଜୀ ସୁବାଷ ଆଜାଦ୍ କ୍ଲବ ପ୍ରାଙ୍ଗଣରେ ନେତାଜୀଙ୍କ ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ଦେଶ ଗଠନରେ ନେତାଜୀଙ୍କ ବଳିଷ୍ଠ ଅବଦାନ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କ୍ଲବ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏକ ଅନ୍‌ଲାଇନ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।

## ୧୦୮ ଦିନ ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

**ପଡିଆବାହାଲ,୨୩।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ନୂଆଡିହୁରା ପଞ୍ଚାୟତ ଅନ୍ତର୍ଗତ ହଳଦିବାହାଲ ଗ୍ରାମ ନିକଟ ନିର୍ମାଣାଧୀନ ମହାଲକ୍ଷ୍ମୀ ମନ୍ଦିର ପରିସରରେ ଗତ ୮।୧୦।୨୦୨୧ରୁ ଧରାମଦାସ ବାବା ଓ ଗ୍ରାମବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଅଖଣ୍ଡ ନାମଯଜ୍ଞ ରବିବାର ୧୦୮ତମ ଦିବସରେ ପୂର୍ଣ୍ଣାହୁତି ହୋଇଛି। କୋଭିଡ୍ କଟକଣା ହେତୁ ସରକାରଙ୍କ ନୀତି ନିୟମ ପାଳନ ପୂର୍ବକ ପ୍ରତିଦିନ ଜଣେ ନୂତନ ବ୍ୟକ୍ତି ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଥିଲେ। ଅଖଣ୍ଡ ନାମ କୀର୍ତ୍ତନରେ ସମ୍ବଲପୁର ଜିଲାର ୧୩୦ଟି ଦଳ, ବରଗଡ଼ ଜିଲାର ୧୮ଟି ଦଳ, ଝାରସୁଗୁଡା ଜିଲାର ୪୩ଟି ଦଳ ଭାଗ ନେଇଥିଲେ। କମିଟି ତରଫରୁ ମାସ୍କ ଓ ସାନିଟାଇଜର ସହ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦେଇ ସଚେତନ କରାଯାଇଥିଲା। ସେଠାରେ ନିର୍ମାଣ ହେବାକୁ ଯାଉଥିବା ମହାଲକ୍ଷ୍ମୀ ମନ୍ଦିର ପରିସର ତପୋଭୂମି ଅନୁଭୂତ ହେଉଥିଲା।

## ଭାଜପାରେ ମିଶିଲେ ବିଜେଡିର ୨୧ କାର୍ଯ୍ୟକର୍ତ୍ତା

**କୁଚିଣ୍ଡା,୨୩।୧(ଡି.ଏନ.ଏ)**

କୁଚିଣ୍ଡା ନିର୍ବାଚନମଣ୍ଡଳୀ ବାମରା ବ୍ଲକ ଜିଲା ପରିଷଦ ଜୋନ-୧ ମହୁଲପାଲି ଗ୍ରାମ ପଞ୍ଚାୟତରେ ରବିବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ ଏବଂ ଜିଲା ପରିଷଦ ପ୍ରାର୍ଥୀ ସୁନୀଲ ଦାସଙ୍କ ଉପସ୍ଥିତିରେ ବିଜେଡିର ୨୧ଜଣ ନେତା ଭାଜପାର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିବା ଦଳୀୟ ସୂତ୍ରରୁ ପ୍ରକାଶ। ରାଜ୍ୟ ସାଧାରଣ ସମ୍ପାଦକ ନାଏକ ଓ ଜିଲା ପରିଷଦ ପ୍ରାର୍ଥୀ ଦାସ ଏହି ନବାଗତମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ଅନ୍‌ଲାଇନ ମାଧ୍ୟମରେ ବକ୍ତୃତା ପ୍ରତିଯୋଗିତା

**ଦେବଗଡ଼,୨୩।୧(ଡି.ଏନ.ଏ)**

ଦେବଗଡ଼ସ୍ଥିତ ଡାଏଟର ପୁରାତନ ଛାତ୍ର କଲ୍ୟାଣ ସଂଘ, ରିନେସାଁ ଆର୍ଟିଷ୍ଟସ୍ ଏଣ୍ଡ ରାଇଟର୍ସ୍ ଆସୋସିଏସନ (ରାୱା) ଆନୁକୂଲ୍ୟରେ ରବିବାର ନେତାଜୀ ସୁବାସ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂଘର ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାୱାର ସଭାପତି ଦିଲୀପ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଡାଏଟ୍‌ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତ ଚନ୍ଦ୍ର ସେଠ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କଲ୍ୟାଣୀ ଶର୍ମା, ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ପ୍ରଧାନ, ରାୱା ସଂଯୋଜିକା ପଦ୍ମା ଦେବୀ ଯୋଗ ଦେଇଥିଲେ। ଉଭୟ ମହାନାୟକଙ୍କର ଜୀବନୀ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନଲାଇନ ମାଧ୍ୟମରେ କଲେଜ ଓ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ନେତାଜୀଙ୍କ ସ୍ୱପ୍ନର ଭାରତ ଏବଂ ଯୁବକଙ୍କ ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଲରମ୍ଭା କଲେଜର ଛାତ୍ରୀ ସୁଭସ୍ମିତା ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦେବଗଡ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ର ଅରମାନ ପ୍ରଧାନ ଦ୍ୱିତୀୟ ସ୍ଥାନ ଓ କୁଚିଣ୍ଡା କଲେଜ ଛାତ୍ର ରାଜୁ କିଷାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ପ୍ରଧାନ, ସୁଧାଂଶୁ ଦାଶ ଓ ସମ୍ପାଦକ ଧୀରେନ ଦେହୁରୀ ଯୋଗ ଦେଇଥିଲେ। ଡାଏଟର ଛାତ୍ରୀ ସସ୍ମିତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଆୱାଡର ସଂଯୋଜକ ଦିନେଶ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଛାତ୍ର ସିପନ ଜେନା, ମନୋଜ କିଷାନ, ରାଜା ଭୋଇ, ଚନ୍ଦନ ନେଡୁର, କୋଦଣ୍ଡ ମେହେର, ସୀମାଲତା ପଲେଇ ଓ ସିଲ୍‌ପା ପ୍ରିୟଦର୍ଶୀନୀ ବରାଳ ଓ ଡାଏଟର ବହୁ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ କୁନି କଳାକାର କୋଶଳିକା ଭାରତୀ, ଚେତନା ଦେବୀ, କମଳେନ୍ଦୁ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।


ଜୟନ୍ତୀ ସଭାରେ ଉପସ୍ଥିତ କର୍ମକର୍ତ୍ତା।

**ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ**

# ମଣିଷଠାରେ ଘୁଷୁରି ହୃତ୍‌ପିଣ୍ଡ ପ୍ରତିରୋପଣ


ପ୍ର.ରମେଶ ଚନ୍ଦ୍ର ପରିଡ଼ା

*"ମଣିଷଠାରେ ଭିନ୍ନ ଜୀବର ଅଙ୍ଗ ପ୍ରତିରୋପଣ ଚିନ୍ତାଧାରା ବେଶ୍ ପୁରାତନ। ସମ୍ଭବତଃ ଏ ଦିଗରେ ପ୍ରଥମ ଉଦ୍ୟମ ଆରମ୍ଭ ହୋଇଥିଲା ସପ୍ତଦଶ ଶତାବ୍ଦୀରେ। ସେତେବେଳେ ଇଂଲଣ୍ଡର ଜନ୍ ବାପ୍ଟିଷ୍ଟେ ଡେନ୍ସ ମଣିଷଠାରେ ବିଭିନ୍ନ ପଶୁମାନଙ୍କର ରକ୍ତ ପ୍ରତିରୋପଣ କରି ବ୍ୟାପକ ପରୀକ୍ଷାନିରୀକ୍ଷା ଚଳାଇଥିଲେ। ସେ ସମୟରେ ଜିନୀୟ ବିଜ୍ଞାନ ବିକଶିତ ହୋଇ ନ ଥିଲା। ତେଣୁ ସେ ଭାବୁଥିଲେ ହୁଏତ କୌଣସି ଗୋଟିଏ ପଶୁର ରକ୍ତ ମଣିଷ ଦେହରେ କାମ କରିପାରିବ।"*





ଚଳିତବର୍ଷ ପ୍ରାରମ୍ଭରୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆରମ୍ଭ ହୋଇଛି ଏକ ନୂଆ ଅଧ୍ୟାୟ। ଜାନୁୟାରୀ ୭ ତାରିଖରେ ପ୍ରଥମ ଥର ପାଇଁ ୱାଶିଂଟନ୍ ନିକଟସ୍ଥ 'ୟୁନିଭର୍ସିଟି ଅଫ୍ ମେରିଲ୍ୟାଣ୍ଡ ସ୍କୁଲ ଅଫ୍ ମେଡିସିନ୍'ର ଡାକ୍ତରମାନେ ଜଣେ ୫୭ ବର୍ଷ ବୟସ୍କ ହୃଦ୍‌ରୋଗୀଠାରେ ଏକ ଜିନ୍ ସମ୍ପାଦିତ ଘୁଷୁରିର ହୃତ୍‌ପିଣ୍ଡ ପ୍ରତିରୋପଣ କରିବାରେ ସଫଳତା ଅର୍ଜନ କରିଛନ୍ତି। ଏହାର ତିନି ଦିନ ପରେ ଅର୍ଥାତ୍, ଜାନୁୟାରୀ ୧୦ ତାରିଖରେ ସର୍ବସାଧାରଣଙ୍କୁ ଏ ସମ୍ପର୍କରେ ସୂଚନା ଦେବା ଅବସରରେ ଏହାର ଡାକ୍ତରୀ ଦଳର ମୁଖ୍ୟ ଡା. ବାର୍‌ଟଲେ ଗ୍ରିଫିଥ୍ ରୋଗୀଟିର ହୃତ୍‌ସ୍ପନ୍ଦନ ହାର ଏବଂ ରକ୍ତଚାପ ସ୍ଥିର ଥିବାର କହିଥିଲେ। ପୁନଶ୍ଚ ଅଙ୍ଗ ପ୍ରତିରୋପଣରେ ଦେଖାଦେଉଥିବା ମୁଖ୍ୟ ସମସ୍ୟା 'ପ୍ରତ୍ୟାଖ୍ୟାନ' (rejection)ର କୌଣସି ସଙ୍କେତ ଏଥିରେ ଦେଖାଦେଇ ନାହିଁ। ଅତଏବ ତାଙ୍କ ମତରେ ଭବିଷ୍ୟତରେ କେବଳ ହୃତ୍‌ପିଣ୍ଡ କାହିଁକି, ଅନ୍ୟସବୁ ଅଙ୍ଗମାନଙ୍କର ପ୍ରତିରୋପଣ ଲାଗି ବିଭିନ୍ନ ଜୀବମାନଙ୍କୁ ଅଙ୍ଗଦାତା ରୂପେ ବ୍ୟବହାର କରିବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ରୂପେ କାର୍ଯ୍ୟ କରିବ।

ବିଭିନ୍ନ ପ୍ରଜାତିର ଜୀବମାନଙ୍କଠାରୁ ପ୍ରତିରୋପଣକ୍ଷମ ଅଙ୍ଗ ଆହରଣକୁ ଇଂଲିଶ୍‌ରେ 'ଜେନୋ ଟ୍ରାନ୍ସପ୍ଲାଣ୍ଟେସନ୍' (xeno transplantation) ବୋଲି କୁହାଯାଉଛି। ଏ ଦିଗରେ ୨୦୧୪ରେ ଏକ ସଫଳ ପଦକ୍ଷେପ ନେଇଥିଲେ ଜର୍ମାନୀ, ସ୍ୱିଡେନ୍ ଏବଂ ସ୍ୱିଜରଲାଣ୍ଡର କିଛି ବୈଜ୍ଞାନିକ। ସେମାନେ ଏକ ମାଙ୍କଡ଼ ଦେହରେ ଘୁଷୁରିର ହୃତ୍‌ପିଣ୍ଡକୁ ପ୍ରତିରୋପଣ କରି ତାକୁ ଛଅ ମାସରୁ ଊର୍ଦ୍ଧ୍ୱ କାଳ ଧରି ବଞ୍ଚାଇ ରଖିବାରେ ସକ୍ଷମ ହୋଇଥିଲେ। ଅତଏବ ପରବର୍ତ୍ତୀ ସମୟରେ ଏହା ମଣିଷଠାରେ କରାଯାଇପାରିବ ବୋଲି ଆଶା ସଞ୍ଚାର ହୋଇଥିଲା।

ମଣିଷଠାରେ ଭିନ୍ନ ଜୀବର ଅଙ୍ଗ ପ୍ରତିରୋପଣ ଚିନ୍ତାଧାରା ବେଶ୍ ପୁରାତନ। ସମ୍ଭବତଃ ଏ ଦିଗରେ ପ୍ରଥମ ଉଦ୍ୟମ ଆରମ୍ଭ ହୋଇଥିଲା ସପ୍ତଦଶ ଶତାବ୍ଦୀରେ। ସେତେବେଳେ ଇଂଲଣ୍ଡର ଜନ୍ ବାପ୍ଟିଷ୍ଟେ ଡେନ୍ସ ମଣିଷଠାରେ ବିଭିନ୍ନ ପଶୁମାନଙ୍କର ରକ୍ତ ପ୍ରତିରୋପଣ କରି ବ୍ୟାପକ ପରୀକ୍ଷାନିରୀକ୍ଷା ଚଳାଇଥିଲେ। ସେ ସମୟରେ ଜିନୀୟ ବିଜ୍ଞାନ ବିକଶିତ ହୋଇ ନ ଥିଲା। ତେଣୁ ସେ ଭାବୁଥିଲେ ହୁଏତ କୌଣସି ଗୋଟିଏ ପଶୁର ରକ୍ତ ମଣିଷ ଦେହରେ କାମ କରିପାରିବ। ଏହାପରେ ଊନବିଂଶ ଶତାବ୍ଦୀ ବେଳକୁ ୟୁରୋପରେ ବିଭିନ୍ନ ପଶୁଙ୍କ ଅଙ୍ଗ ବିଶେଷକରି ବେଙ୍ଗ ଚର୍ମକୁ ମଣିଷଠାରେ ପ୍ରତିରୋପଣ ଲାଗି ବହୁଳ ଭାବରେ ଉଦ୍ୟମ ହୋଇଥିଲା। କିନ୍ତୁ ତାହା ସମ୍ଭବ ହୋଇପାରି ନ ଥିଲା। ଇତିମଧ୍ୟରେ ଜଣେ ବ୍ରିଟିଶ୍ ସର୍ଜନ ଡା. ଜନ୍ ବ୍ରାଉନ୍ ମଣିଷଠାରେ ଘୁଷୁରିର କର୍ଣ୍ଣିୟ ପ୍ରତିରୋପଣ କରିଥିଲେ। ମଣିଷରୁ ମଣିଷ କ୍ଷେତ୍ରରେ ଏହା ସଫଳ ହେବାର ୬୫ବର୍ଷ ପୂର୍ବେ ତାଙ୍କ ଦ୍ୱାରା ଏହି ଉଦ୍ୟମ ହୋଇଥିଲା। କିନ୍ତୁ ଖୁବ୍‌ଶୀଘ୍ର ତାହା ଅକାମୀ ହୋଇପଡ଼ିଥିଲା। ୧୯୨୦ରେ ରୁଷିଆର ବୈଜ୍ଞାନିକ ସର୍ଜ ଭୋରୋନିଫ ଏକ ଅନୁରୂପ ପଦକ୍ଷେପ ନେଇଥିଲେ। ସେ ବୟସ୍କ ଲୋକଙ୍କଠାରେ ସିମ୍ପାଞ୍ଜିର ଅଣ୍ଡକୋଷମାନ ପ୍ରତିରୋପଣ ଆରମ୍ଭ କରିଦେଇଥିଲେ। ତାଙ୍କର ଲକ୍ଷ୍ୟ ଥିଲା ଏହାଦ୍ୱାରା ସେମାନଙ୍କୁ ପୁନର୍ବାର ଯୌନକ୍ଷମ କରାଇବା। ତେବେ ଏହାକୁ ନୈତିକତା-ବିରୋଧୀ ରୂପେ ଗଣନା କରାଯାଇ ତାଙ୍କୁ ସେଥିରୁ ନିବୃତ୍ତ କରାଯାଇଥିଲା। ଅନ୍ୟପକ୍ଷରେ, ଆମେରିକୀୟ ଡାକ୍ତର କେଇଥ୍ ରିମଟସ୍ମା ୧୯୬୩-୬୪ରେ ୧୩ ଜଣ ରୋଗୀଙ୍କଠାରେ ସିମ୍ପାଞ୍ଜିର କିଡ୍‌ନୀ ପ୍ରତିରୋପଣ କରିଥିଲେ। କିନ୍ତୁ ୪-୮ ସପ୍ତାହ ମଧ୍ୟରେ ସେଗୁଡ଼ିକ ଅଚଳ ହୋଇପଡ଼ିଥିଲା। କେବଳ ମାତ୍ର ଜଣେ ୯ ମାସ ପର୍ଯ୍ୟନ୍ତ ବଞ୍ଚିବାରେ ସକ୍ଷମ ହୋଇଥିଲେ। ସେହିପରି, ଆଉ ଜଣେ ଆମେରିକୀୟ ସର୍ଜନ ଟମ୍ ଷ୍ଟାରଜୀ ମଣିଷଠାରେ ସିମ୍ପାଞ୍ଜିର ଲିଭରକୁ ପ୍ରତିରୋପଣ କରି ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ସେହି ଦେଶର ଲେଓନାର୍ଡ ବଇଲେ ୧୯୮୩ରେ ବାବୁନ୍‌ର ହୃତ୍‌ପିଣ୍ଡକୁ ଜଣେ ବାଳିକାଠାରେ ପ୍ରତିରୋପଣ କରିଥିଲେ ଏବଂ ସେହି ବାଳିକା ୨୦ ଦିନ ପର୍ଯ୍ୟନ୍ତ ବଞ୍ଚିଥିଲା।

ଏହା ପରେ ଷ୍ଟାରଜୀ ଏ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ୧୯୯୨ ମସିହାରେ। ସେ ଗୋଟିଏ ବାବୁନ୍‌ର ଯକୃତକୁ ମଣିଷଠାରେ ପ୍ରତିରୋପଣ କରି ରୋଗୀଟିକୁ ୭୦ ଦିନ ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ ସମର୍ଥ ହୋଇଥିଲେ। ପୁନଶ୍ଚ ୧୯୯୭ ମସିହାରେ ଭାରତୀୟ ସର୍ଜନ ଡା. ଧନୀରାମ ବରୁଆ ମଣିଷ ଦେହରେ ଘୁଷୁରି ହୃତ୍‌ପିଣ୍ଡ ପ୍ରତିରୋପଣରେ ସଫଳକାମୀ ହୋଇପାରିଥିଲେ। ତେବେ, ଏଥର ରୋଗୀଟି ମାତ୍ର ଏକ ସପ୍ତାହ ବଞ୍ଚିଥିଲା ଏବଂ ତାଙ୍କର ଏ କାର୍ଯ୍ୟ ଆଇନ ବିରୋଧୀ ହୋଇଥିବାରୁ ତାଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା।

ବିଗତ ଡିସେମ୍ବର ୨୦୧୮ରେ ମ୍ୟୁନିକ୍‌ସ୍ଥିତ ଲୁଡ୍‌ୱଇଗ୍ ମାକ୍ସମିଲାନ୍ ବିଶ୍ୱବିଦ୍ୟାଳୟଠାରେ ବ୍ରୁନୋ ରେଇଚାର୍ଟଙ୍କ ଦିଗ୍‌ଦର୍ଶନରେ ଗବେଷଣା ଚଳାଇଥିବା ଜର୍ମାନୀ, ସ୍ୱିଡେନ୍, ସ୍ୱିଜର୍‌ଲାଣ୍ଡର ବୈଜ୍ଞାନିକମାନେ ଏ ପ୍ରକାର ବିଫଳତା ଏଡ଼ାଇବା ପାଇଁ ଏକ ଆଧୁନିକ ବିଜ୍ଞାନର ସମ୍ମତ ପଦକ୍ଷେପ ନେଲେ।

କୌଣସି ଜୀବଠାରେ ଏ ପ୍ରକାର ଜିନୀୟ ପରିବର୍ତ୍ତନ ଆଣିବାକୁ କହନ୍ତି 'ଜିନ୍ ସଂପାଦନା'। ଘୁଷୁରି କ୍ଷେତ୍ରରେ ଏହା ସଫଳ ପ୍ରୟୋଗ କରିବାର କଥା ପ୍ରଥମେ ସୂଚିତ କରିଥିଲେ କଲମ୍ବିଆ ବିଶ୍ୱବିଦ୍ୟାଳୟର 'ଦ ଲାର୍ଜ ଆନିମଲ୍ ଜେନୋଟ୍ରାନ୍ସ ପ୍ଲାଣ୍ଟେଶନ୍ ଲାବୋରାଟାରୀ'ଠାରେ କାର୍ଯ୍ୟରତ ଡା. ଆଡାମ୍ ଗ୍ରୀଏସନାର ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସାଇନ୍ସ'ର ୯ ଅଗଷ୍ଟ, ୨୦୧୭ ସଂଖ୍ୟାରେ ପ୍ରକାଶିତ ଏକ ନିବନ୍ଧ ଜରିଆରେ ଏ ବିଷୟରେ ପ୍ରକାଶିତ ହୋଇଥିଲା। ଫଳରେ ସେମାନେ ଭୂତାଣୁମୁକ୍ତ ଅଂଶବିଶିଷ୍ଟ ଘୁଷୁରି ଉତ୍ପାଦନ କରିବାକୁ ସମର୍ଥ ହୋଇଥିଲେ। ବିଭିନ୍ନ ଜୀବଙ୍କଠାରେ ପରୀକ୍ଷା କଲା ପରେ ମଣିଷଠାରେ ତାହା କରିବା ମଧ୍ୟ ଥିଲା ତାଙ୍କର ଲକ୍ଷ୍ୟ।

ମଣିଷ ହେଉ ଅବା ବାବୁନ୍, ସେମାନେ ଘୁଷୁରିଠାରୁ ଭିନ୍ନ ପ୍ରକାର ଜୀବ। ଏଣୁ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଅଲଗା ପ୍ରକାର ପ୍ରୋଟିନ୍ ଓ ଶର୍କରା ପ୍ରକଟିତ କରନ୍ତି। ଅନେକ ସମୟରେ ଏହି ପ୍ରଭେଦତା ଗ୍ରହୀତାଠାରୁ ଶକ୍ତିଶାଳୀ ପ୍ରତିରକ୍ଷିତ ପ୍ରତିକ୍ରିୟା ସୃଷ୍ଟି କରେ ଏବଂ ରୋପିତ ଅଂଶକୁ ତା' ରକ୍ତ ସହିତ ତ୍ରୁଟିଶୂନ୍ୟ ଭାବେ ଆନ୍ତଃକ୍ରିୟା କରିବାରେ ବାଧାଦିଏ। ଫଳରେ ତାହା ପ୍ରତ୍ୟାଖ୍ୟାନର କାରଣ ହୋଇପାରେ। ସେଥିପାଇଁ ମ୍ୟୁନିକ୍ ବୈଜ୍ଞାନିକମାନେ ଘୁଷୁରିଠାରୁ କ୍ଷତିକାରକ ପ୍ରୋଟିନ୍ ଯୋଗ କରିବା ଉପରେ ଲକ୍ଷ୍ୟ କେନ୍ଦ୍ରିଭୂତ କରିଛନ୍ତି। ସେମାନେ ଏବଂ ଅନ୍ୟ କେତେକ ଗବେଷକ ଏବେ ଜିନ୍ ସମ୍ପାଦନା ପଦ୍ଧତିର ଉପଯୋଗ କରି ଘୁଷୁରିଠାରେ ଥିବା ରେଟ୍ରୋ ଭୂତାଣକୁ ସମ୍ପୂର୍ଣ୍ଣ ରୂପେ ନିଷ୍କାସିତ କରିବାକୁ ସମର୍ଥ ହୋଇଛନ୍ତି। ଏହାର ଲକ୍ଷ୍ୟ ହେଲା ପ୍ରତିରୋପଣରେ ଜୀବଟିର ଅଂଶଗ୍ରହଣକାରୀଠାରେ ସଂକ୍ରମଣ ଉତ୍ପନ୍ନ ହେବାର ସମ୍ଭାବନା ହ୍ରାସ କରିବା।

- ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭

# ଏସିଡିଟି ପାଇଁ ଯୋଗ


ମାର୍ଜରୀ ଆସନ

**ଦୈନନ୍ଦିନ ଜୀବନରେ ଖାଇବା ପିଇବା ସମୟରେ ପରିବର୍ତ୍ତନ ଯୋଗୁଁ ଏସିଡିଟି ବା ଗ୍ୟାସ୍ଟ୍ରିକ ସମସ୍ୟା ଦେଖାଯାଏ। ଅତ୍ୟଧିକ ତେଲ ଏବଂ ମସଲାଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ନିଶାଦ୍ରବ୍ୟ ସେବନ ଏବଂ ଖାଇବା ସଙ୍ଗେ ସଙ୍ଗେ ଶୋଉଥିଲେ ତାହା ଏସିଡିଟି ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେବେ କେତୋଟି ଯୋଗ ମାଧ୍ୟମରେ ଆପଣ ଏହାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବେ। ତେବେ ଏସବୁ ବିଷୟରେ ଯୋଗ ବିଶେଷଜ୍ଞ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।**

**ମାର୍ଜରୀ ଆସନ :** ମାର୍ଜରୀ ଆସନ ଅଭ୍ୟାସ କରିବା ଦ୍ୱାରା ଏସିଡିଟି ସମସ୍ୟାରୁ ମୁକ୍ତି ପାଇପାରିବେ। ଶରୀରରେ ରକ୍ତ ସଞ୍ଚାଳନ ସମସ୍ୟା ଦୂର କରିବା ସହ ହଜମ ଶକ୍ତି ବଢ଼ାଇଥାଏ। ଏଥିସହ ଆପଣଙ୍କ ପେଟରେ ଚର୍ବି ବଢୁଥିଲେ ସେହି ସମସ୍ୟା ମଧ୍ୟ ଦୂର ହେବ।

**ପବାମୁକ୍ତାସନ :** ଏହି ଆସନ କରିବା ଦ୍ୱାରା ପାକସ୍ଥଳୀରୁ ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ପଦାର୍ଥ ବାହାରିଥାଏ। ଏହାଦ୍ୱାରା ବଦହଜମି, ଗ୍ୟାସ୍ଟ୍ରିକ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ତା'ସହ ହଜମକ୍ରିୟା ସନ୍ତୁଳିତ ରହିଥାଏ।

**ବଜ୍ରାସନ :** ଏହି ଆସନ କରିବା ଦ୍ୱାରା ଅନ୍ତନଳୀରେ ରକ୍ତ ସଞ୍ଚାଳନ ହେବା ସହ ଖାଦ୍ୟ ହଜମ ହେବାରେ ସାହାଯ୍ୟ କରେ। ଗ୍ୟାସ୍ଟ୍ରିକ ସମସ୍ୟାରେ ପୀଡ଼ିତ ଲୋକମାନେ ଏହାକୁ ନିୟମିତ ଅଭ୍ୟାସ କରିପାରନ୍ତି। ଏହାବ୍ୟତୀତ ପିଠି ଯନ୍ତ୍ରଣା ଏବଂ ନିଦ୍ରାହୀନତାରୁ ମଧ୍ୟ ଉପଶମ ମିଳିଥାଏ।



# ଶୋଇବା ସମୟରେ ଜ୍ଞାନ ଆହରଣ

**ଶୋ**ଇବା ସମୟରେ ଅର୍ଥାତ୍ ନିଦ୍ରାବସ୍ଥାରେ କ'ଣ ଜଣେ ଜ୍ଞାନ ଆହରଣ କରିପାର? ଏକଥାକୁ ନେଇ ଅନେକ ହୁଏତ ଆଶ୍ଚର୍ଯ୍ୟ ପ୍ରକାଶ କରିପାରନ୍ତି। ହେଲେ ଏହା ପଛରେ ସତ୍ୟତା ରହିଛି।



'ଶୋଇବା ସମୟରେ ଜ୍ଞାନ ଆହରଣ' ଶୀର୍ଷକ ବିଷୟକୁ ନେଇ ୟୁନିଭରସିଟି ଅଫ୍ ସଲ୍ଜବର୍ଗର ସୋସାଇଟି ଫର୍ ନ୍ୟୁରୋସାଇନ୍ସ ପକ୍ଷରୁ ଏକ ସଦ୍ୟତମ ଗବେଷଣାରୁ ଏପରି ତଥ୍ୟ ଜଣାପଡ଼ିଛି। ଗବେଷଣା ଅନୁସାରେ, ଶୋଇଥିବା ସମୟରେ ଆମ ମସ୍ତିଷ୍କ ଜାଣିଥିବା ଶବ୍ଦ ଅପେକ୍ଷା ଅଜଣା ଶବ୍ଦକୁ ବେଶି ଗ୍ରହଣ କରେ। ମସ୍ତିଷ୍କରେ ଥିବା ହାଇପୋଥାଲାମସ୍ ନାମକ ତତ୍ତ୍ୱ ନିଦକୁ ନିୟନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ, ପରିବେଶରେ ସୃଷ୍ଟି ହେଉଥିବା କେତେକ ଶବ୍ଦକୁ ମସ୍ତିଷ୍କ ଭିତରକୁ ଯିବାରେ ସହାୟତା କରିଥାଏ। ଯେଉଁ ପରିବେଶ ସହ ବ୍ରେନ୍ ପରିଚିତ ନ ଥାଏ କିମ୍ବା କିଛି ନୂଆ ଶବ୍ଦ ତା' ଚାରିପାଖେ ସୃଷ୍ଟି ହୁଏ, ସେଠାରୁ 'କେ-କମ୍ପ୍ଲେକ୍ସ' ନାମକ ଏକ ପଦାର୍ଥ କ୍ଷରଣ ହୁଏ, ଯାହା ମସ୍ତିଷ୍କକୁ ବାହ୍ୟ ପରିବେଶରୁ ଆସୁଥିବା ଶବ୍ଦ ସହ ବେଶି ପରିଚିତ କରାଏ। ଏହାଦ୍ୱାରା ଶୋଇଥିଲେ ମଧ୍ୟ କାନ ଏବଂ ଆଖି ପୂର୍ବାପେକ୍ଷା ଆହୁରି ସକ୍ରିୟ ହୋଇଥାଆନ୍ତି। ଫଳରେ ବ୍ୟକ୍ତିଜଣକ ଶୋଇଥିବା ସମୟରେ ନୂଆ ଶବ୍ଦ ସହ ପରିଚିତ ହୁଏ ଓ ଜ୍ଞାନାର୍ଜନ କରିବାକୁ ସକ୍ଷମ ହୁଏ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ପାଟିର ଦୁର୍ଗନ୍ଧ ହୋଇପାରେ ଡାଇବେଟିସ୍‌ର ଲକ୍ଷଣ

**ଖା**ଇବା ପରେ ଆମେ ଭଲ ଭାବରେ କୁଳି କରି ପାଟି ଧୋଇବା ଦରକାର। କାରଣ ପାଟି ଭିତରେ ଖାଦ୍ୟର ଅବଶିଷ୍ଟାଂଶ ଜମି ରହି କେତେକ ରୋଗର କାରଣ ସାଜିଥାଏ। କେତେକ ଲୋକଙ୍କର ପାଟିରୁ ଦୁର୍ଗନ୍ଧ ବାରି ହୋଇଥାଏ। ଏପରି ସମସ୍ୟା ଦୀର୍ଘଦିନ ଲାଗି ରହିଲେ ତାହା ଡାଇବେଟିସ୍‌ର କାରଣ ହୋଇପାରେ। ଡାଇବେଟିସ୍‌ର ଅନ୍ୟ ଏକ ଲକ୍ଷଣ ପାଟିରୁ ଗନ୍ଧ ବାହାରିବା। ଡାଇବେଟିସ୍ ରୋଗୀଙ୍କ ପାଟି ଅତିଶୟ ଦୁର୍ଗନ୍ଧ ହେବା ଦ୍ୱାରା ପେରିଓଡେଣ୍ଟାଲ୍ ରୋଗ ଆଶଙ୍କା ସୃଷ୍ଟି ହେବା ସହ ରକ୍ତରେ କେଟୋନ୍ ତତ୍ତ୍ୱ ବଢ଼ି ଯାଇଥାଏ। ଏହି ରୋଗରେ ଜୀବାଣୁ ଦାନ୍ତକୁ ମଜଭୁତ କରୁଥିବା ଟିସୁ ଏବଂ ହାଡ଼କୁ ଦୁର୍ବଳ କରିଥାଏ। ଉକ୍ତ ରୋଗ ହେଲେ ପାଟିରୁ ଖରାପ ଦୁର୍ଗନ୍ଧ ବାହାରିବା ସହ ମାଢ଼ି ଲାଲ୍ ପଡ଼ିଯାଏ, ରକ୍ତ ବାହାରେ ଏବଂ ଦାନ୍ତ ଦୁର୍ବଳ ହୋଇପଡ଼େ। ତେଣୁ ପ୍ରତିଦିନ ଦୁଇ ଥର (ସକାଳେ ଏବଂ ରାତ୍ରଭୋଜନ କରିବା ପରେ) ବ୍ରସ କରନ୍ତୁ।



ଜିଭକୁ ମଧ୍ୟ ଭଲଭାବରେ ସଫା କରିବାକୁ ଭୁଲନ୍ତୁ ନାହିଁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ରକ୍ତରେ ଯେପରି ଶର୍କରା (ସୁଗାର) ନିୟନ୍ତ୍ରଣରେ ରହେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।

# ଜାଣିରଖନ୍ତୁ

- ଆମେ ଭିଟାମିନଯୁକ୍ତ ଖାଦ୍ୟ ଖାଇବା ସହ ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଇବା ଦରକାର। ନିୟମିତ ଉଷୁମ ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।
- ଦୈନିକ ଅତିକମ୍‌ରେ ୮-୧୦ ଗ୍ଲାସ ପାଣି ପିଅନ୍ତୁ। ରକ୍ତଚାପରେ ପୀଡିତ ରୋଗୀମାନେ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇପାରନ୍ତି।
- ଆବଶ୍ୟକ ମୁତାବକ ପାଣି ନ ପିଇଲେ ମୁଣ୍ଡବିନ୍ଧା, ମାନସିକ ଚାପ ଇତ୍ୟାଦି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଆବଶ୍ୟକ ପରିମାଣରେ ପାଣି ପିଇବା ଦ୍ୱାରା ଶରୀରରୁ ଅପରିଷ୍କାର ଜିନିଷ ବାହାରିଯାଏ।
- ଆମ ଶରୀରରେ ପାଣି ଅଭାବରେ ଡିହାଇଡ୍ରେସନ ସମସ୍ୟା ଦେଖାଦେଇଥାଏ। ତେଣୁ ଶରୀରରେ ଜଳୀୟ ଅଂଶ ଯେପରି ସବୁବେଳେ ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।
- ପାଣି ନ ପିଇଲେ ଶରୀରରେ କୋଲେଷ୍ଟରଲ ବଢ଼ିବା ସହ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।



# ଗ୍ରୀନ୍ ମଟରର ଉପକାରିତା

*ଗ୍ରୀନ୍ ମଟରରେ ପ୍ରଚୁର ପରିମାଣର ଭିଟାମିନ୍ସ ଓ ମିନେରାଲ୍ସ ଭରିରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଜାଣନ୍ତୁ ସେ ସମ୍ପର୍କରେ...*

➤ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ବେଶି ରହିଛି। ଖାସ୍ କଥା ହେଲା ମେଦବହୁଳତା ପରି ସମସ୍ୟାର ସମାଧାନ କରିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ।

➤ଖାଲି ପ୍ରୋଟିନ୍ ନୁହେଁ, ବରଂ ଏଥିରେ ଆଇରନ୍, ଫସ୍‌ଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ୍ୟ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।





➤ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ରକ୍ତରେ ସୁଗାର ଲେଭଲ୍‌କୁ ଗ୍ରୀନ୍ ମଟର ସନ୍ତୁଳିତ ରଖେ। ତା' ସହ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ।

➤ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ରହିଛି। ତେଣୁ ଏହାକୁ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଏ।

➤ଆଣ୍ଠୁଗଣ୍ଠିଜନିତ ସମସ୍ୟା, ଇନ୍‌ଫ୍ଲାମେଟୋରୀ ଡିଜିଜ୍, କନ୍‌ଷ୍ଟିପେସନ୍ ଆଦି ରୋଗଠାରୁ ଏହା ଅନେକାଂଶରେ ଦୂରେଇ ରଖିଥାଏ।

➤ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ୍ ଓ ପଟାସିୟମ୍ ଶରୀର ପାଇଁ ବେଶ୍ ଉପକାରୀ, ଯାହା ଗ୍ରୀନ୍ ମଟରରୁ ଆମେ ପାଇଥାଉ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରାଏ।

➤ଏଥିରେ ଲୁଟେଇନ୍ ନାମକ ଏକ କାରୋଟିନଏଡ୍ ପିଗ୍‌ମେଣ୍ଟ ରହିଛି, ଯାହା ଚକ୍ଷୁକୁ ସୁରକ୍ଷିତ ରଖିଥାଏ। କୋଲାଜେନ୍ ପିଗ୍‌ମେଣ୍ଟ ପାଇଁ ତ୍ୱଚା ସତେଜ ରହିବା ସହ ଫ୍ରି ରାଡିକାଲ୍ସରୁ ମଧ୍ୟ ଏହା ରକ୍ଷା କରିଥାଏ।

# ସ୍ୱାସ୍ଥ୍ୟ ସୂଚନା

- ବେଳେବେଳେ ପାଠ ପଢ଼ା ପାଇଁ ଆମକୁ ଆବଶ୍ୟକତାଠାରୁ ଅଧିକ ପରିଶ୍ରମ କରିବାକୁ ପଡେ, ଯାହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଘରର କିଛି ଛୋଟମୋଟ କାମ କରିପାରନ୍ତି କିମ୍ବା ବାହାରେ ଯାଇ କିଛି ସମୟ ବୁଲାବୁଲି କରିପାରନ୍ତି। ଏହାଦ୍ୱାରା ମସ୍ତିଷ୍କକୁ ଆରାମ ମିଳିଥାଏ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କଲାବେଳେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ତାକୁ ମଧ୍ୟ ଜଣାନ୍ତୁ।



- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଭଲ।
- ବୟସ ବଢ଼ିବା ସହ ତାହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେଣୁ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ନିଜ ଶରୀର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।
- ଅଧିକ ସମୟ ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଟାବ୍‌ଲଏଡ୍ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସିଲେ ଏହା ଆଖି ଉପରେ ଅଧିକ ଖରାପ ପ୍ରଭାବ ପକାଇଥାଏ। ତେଣୁ ଅତିକମ୍‌ରେ ଅଧଘଣ୍ଟାଏ ବ୍ୟବଧାନରେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ। ତା'ସହ ମୁହଁକୁ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ଲାଗିଥାଏ, ଯଦ୍ୱାରା ଆପଣ ନିଜ କାମକୁ ସୁରୁଖୁରୁରେ କରିପାରିବେ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ନିକଟସ୍ଥ ହସ୍ପିଟାଲ୍ ଏବଂ ପରିଚିତ ଡାକ୍ତରଙ୍କର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। କାରଣ ଆବଶ୍ୟକ ସମୟରେ ଏହା ଆପଣଙ୍କର କାମରେ ଆସିବ।

## ସଂକ୍ଷେପରେ

### ଅଟୋମୋବାଇଲ କ୍ଷେତ୍ରକୁ ଆପଣାଇବେ ଆଦାନୀ

**ଭୁବନେଶ୍ୱର,୨୩।୧:** ବର୍ତ୍ତମାନ ସମୟରେ ଯେଉଁ କେତେଜଣ ଭାରତୀୟ ବ୍ୟବସାୟୀ ଉଭୟ ଦେଶ ଓ ବିଦେଶରେ ଚର୍ଚ୍ଚାରେ ରହି ଆସିଛନ୍ତି ସେମାନଙ୍କ ମଧ୍ୟରୁ ଆଦାନୀ ଗ୍ରୁପର ମୁଖ୍ୟ ଗୌତମ ଆଦାନୀ ଅନ୍ୟତମ। ସେ ଦେଶର ୨ୟ ଧନୀ ବ୍ୟକ୍ତି ଭାବେ ଜଣାଶୁଣା, ଏବେ ତାଙ୍କର ଆଦାନୀ ବନ୍ଦର, ବିମାନବନ୍ଦର, ଖଣି, ଶକ୍ତି କ୍ଷେତ୍ର ଭଳି ପ୍ରମୁଖ ବ୍ୟବସାୟ ରହିଛି। ହେଲେ ଆଦାନୀ ଖୁବ୍‌ଶୀଘ୍ର ଅଟୋମୋବାଇଲ ବଜାରକୁ ଆପଣାଇବେ ବୋଲି ଚର୍ଚ୍ଚା ହେଉଛି। ଗୌତମଙ୍କ ଦ୍ୱାରା ପରିଚାଳିତ ଆଦାନୀ ଗ୍ରୁପ୍ କମ୍ପାନୀ ଏସ୍ ବି ଆଦାନୀ ଟ୍ରଷ୍ଟ ନିକଟରେ ଏଥିପାଇଁ ଆଦାନୀ ଟ୍ରେଡମାର୍କ ପାଇଛି। ସ୍ଥଳ ଏବଂ ଜଳଭାଗରେ ଚାଲିବାକୁ ଥିବା ଗାଡ଼ିଗୁଡ଼ିକ ଆଦାନୀ ବ୍ରାଣ୍ଡରେ ଆସିବ ବୋଲି କୁହାଯାଉଛି। କମ୍ପାନୀ ମୁଖ୍ୟତଃ ସବୁଜ ଶକ୍ତିକୁ ପ୍ରାଧାନ୍ୟ ଦେଉଛି,ଏଥିପାଇଁ କମ୍ପାନୀ ଇ-ଯାନ କ୍ଷେତ୍ରରେ ପ୍ରବେଶ କରିପାରେ ବୋଲି ଆକଳନ କରାଯାଉଛି। କମ୍ପାନୀ ବାଣିଜ୍ୟିକ ବିଦ୍ୟୁତ୍ ଯାନ- କୋଚ୍, ବସ୍ ଏବଂ ଟ୍ରକ୍ ଆଦି ପ୍ରଥମେ ଆଣିପାରେ ବୋଲି ଯୋଜନା କରୁଛି।

### ଚଳିତ ଆର୍ଥିକବର୍ଷରେ ଅଭିବୃଦ୍ଧି ୭.୬% ହେବ

**ଭୁବନେଶ୍ୱର,୨୩।୧:** କୋଭିଡ୍ ସଂକ୍ରମଣର ଭୟ ଏବେ ମଧ୍ୟ ସାରା ଦେଶବାସୀଙ୍କୁ କବଳିତ କରି ରଖିଛି। ଏପରି କି ସରକାର ମଧ୍ୟ ଆଶା ଓ ଆଶଙ୍କାରେ ରହିଛନ୍ତି। ଏହାରି ମଧ୍ୟରେ ଚଳିତ ଆର୍ଥିକବର୍ଷ (୨୦୨୨-୨୩)ରେ ଭାରତର ଜିଡିପି ଅଭିବୃଦ୍ଧି ୭.୬% ରହିବ ବୋଲି ଇଣ୍ଡିଆ ରେଟିଙ୍ଗ୍‌ସ ପକ୍ଷରୁ ଆକଳନ କରାଯାଇଛି। ଦୀର୍ଘଦିନ ପରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଧାରା ଉଲ୍ଲେଖନୀୟ ସ୍ତରରେ ରହିବ ବୋଲି ଇଣ୍ଡିଆ ରେଟିଙ୍ଗ୍‌ସ ଆଣ୍ଡ୍ ରିସର୍ଚ୍ଚର ବରିଷ୍ଠ ଅର୍ଥନୀତିଜ୍ଞ ସୁନୀଲ କୁମାର ସିହ୍ନା ମତବ୍ୟକ୍ତ କରିଛନ୍ତି। ଭାରତୀୟ ଅର୍ଥନୀତିର ଦୃଶ୍ୟପଟ ସମ୍ପର୍କରେ ଆକଳନ କରି କୁହାଯାଇଛି ଯେ, ଏବେ ବି ଚାହିଦା ମନ୍ଥର ରହିଛି, ତେଣୁ ଉଭୟ ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଭିବୃଦ୍ଧିକୁ ସହାୟତା କରିବା ଭଳି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ସରକାରୀ ସମ୍ପତ୍ତି ଗ୍ରହଣ ପାଇଁ ବେଦାନ୍ତର ଲକ୍ଷ୍ୟ

**ଭୁବନେଶ୍ୱର,୨୩।୧**

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ହାସଲ କରିବା ପାଇଁ ବେଦାନ୍ତ ରିସୋର୍ସ ଲିମିଟେଡ ପ୍ରାୟ ୧୦ ବିଲିୟନ ଡ଼ଲାରର ଏକ ପାଣ୍ଠି ପ୍ରତିଷ୍ଠା ପାଇଁ ଯୋଜନା କରୁଛି। ବେଦାନ୍ତ ରିସୋର୍ସେସର ଏହି ଉଦ୍ୟମରେ ସୋଭରେନ ୱେଲଥ୍ ଫଣ୍ଡ ବେଶ୍ ରୁଚି ଦେଖାଉଛି। ଭାରତ ସରକାର ଯେବେ ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଓ ସିପିଙ୍ଗ କର୍ପୋରେସନ ଅଫ ଇଣ୍ଡିଆ (ଏସସିଆଇ) ଲାଗି ପ୍ରାଇସ କୋଟ୍ କରିବେ, ସେତେବେଳେ ଉକ୍ତ ପାଣ୍ଠିକୁ କାର୍ଯ୍ୟକାରୀ କରାଯିବ ବୋଲି ବେଦାନ୍ତ ରିସୋର୍ସେସର ଅଧ୍ୟକ୍ଷ ଅନିଲ



ଅଗ୍ରୱାଲ କହିଛନ୍ତି। ମାଇନ୍ସ ଓ ମିନେରାଲ କ୍ଷେତ୍ରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅନିଲ ଅଗ୍ରୱାଲ ବିପିସିଏଲ ଓ ଏସସିଆଇରେ ଥିବା ସରକାରଙ୍କ ୧୨ ବିଲିୟନ ଡଲାରରୁ

### ୧୦ବିଲିୟନ ପାଣ୍ଠି ସ୍ଥାପନ କରୁଛନ୍ତି ଅନିଲ

ଅଧିକ ଅଂଶଧନ ହାସଲ କରିବାକୁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଅଗ୍ରୱାଲ ଏକ ସାକ୍ଷାତକାରରେ କହିଛନ୍ତି ଯେ ଆମେ ୧୦ ବିଲିୟନ ଡଲାରର ଏକ ପାଣ୍ଠି ସୃଷ୍ଟି କରୁଛୁ। ଏହି ପାଣ୍ଠିକୁ ସେ ବେଦାନ୍ତର ନିଜସ୍ୱ ଉତ୍ସ ଏବଂ ବାହ୍ୟ ବିନିଯୋଗ ମାଧ୍ୟମରେ ଗଢିବେ ବୋଲି ଅନିଲ ଅଗ୍ରୱାଲ କହିଥିବା ବେଳେ ଏଥିଲାଗି ତାଙ୍କୁ ଏବେ ସୋଭରେନ ୱେଲଥ ଫଣ୍ଡରୁ ବେଶ୍ ପ୍ରତିକ୍ରିୟା ମିଳୁଥିବାର ସୂଚିତ କରିଛନ୍ତି। ତେବେ ତାଙ୍କର ଏହି ପାଣ୍ଠି ୧୦ ବର୍ଷ ଅବଧିର ହେବ ଯେଉଁଥି ପାଇଁ ପ୍ରାଇଭେଟ ଇକ୍ୱିଟି ରଣନୀତି ଅବଲମ୍ବନ କରିବେ ବୋଲି ସେ କହିଛନ୍ତି। ଏହି ପାଣ୍ଠି ବିଭିନ୍ନ କମ୍ପାନୀରେ ନିବେଶ କରିବ ଓ ନିବେଶକଙ୍କ ଲାଭ ବଢାଇବ ଏବଂ ପରେ କମ୍ପାନୀରୁ ବାହାରିଯିବ। ଅଗ୍ରୱାଲ ପୂର୍ବରୁ କହିଥିଲେ ଯେ ବେଦାନ୍ତ ଲଣ୍ଡନ ସ୍ଥିତ ଫାର୍ମ ସେଣ୍ଟ୍ରିକ୍ସ ସହିତ ମିଳିତ ଭାବେ ୧୦ ବିଲିୟନ ଡ଼ଲାରର ଏକ ପାଣ୍ଠି ସୃଷ୍ଟି କରିବ, ଯାହା ସରକାରୀ କ୍ଷେତ୍ରର ଅଂଶଧନ ବିକ୍ରିରେ ବିନିଯୋଗ ହେବ। ଯାହାକୁ ସେ ସାର୍ବଜନିକ କ୍ଷେତ୍ରର ଉପକ୍ରମର ଭାଗିଦାରୀ କ୍ରୟରେ ନିବେଶ କରିବେ। ତେବେ ଇତିମଧ୍ୟରେ ବେଦାନ୍ତ ବିପିସିଏଲ କ୍ରୟ ଲାଗି ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିସାରିଥିବା ଜଣାପଡିଛି। ଏଥିଲାଗି କମ୍ପାନୀର ଲୋକେ ବିପିସିଏଲର ଯାଞ୍ଚ ସମ୍ପର୍କିତ କାର୍ଯ୍ୟ ଶେଷ କରିଛନ୍ତି। ତେବେ ସରକାର ବିପିସିଏଲ ଓ ଏସସିଆଇ ଲାଗି କେବେ ମୂଲ୍ୟ ବୋଲି ଡାକିବେ ସେ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଘୋଷଣା କରିନାହାନ୍ତି। ଚଳିତମାସରେ ଏସସିଆଇ ଲାଗି ପ୍ରାଇସ୍ କୋଟ ଡକାଯିବାର ଥିଲା, ତେବେ ସରକାର ଏହାକୁ ଘୁଞ୍ଚାଇ ଦେଇଛନ୍ତି। ତେବେ ସରକାର ଯେବେ ବି ତାଙ୍କର ବିନିବେଶ କାର୍ଯ୍ୟ ଆରମ୍ଭ କରିବେ ଆମେ ତତ୍କାଳ ଆମର ପାଣ୍ଠି ଉପଯୋଗ କରିବୁ ବୋଲି ଅନିଲ ଅଗ୍ରୱାଲ କହିଛନ୍ତି। ଏକ ଛୋଟ ସ୍କ୍ରାପ୍ ଧାତୁ ବ୍ୟବସାୟକୁ ଲଣ୍ଡନ-ମୁଖ୍ୟାଳୟ ବେଦାନ୍ତ ସମ୍ବଳରେ ପରିଣତ କରିଥିବା ଅଗ୍ରୱାଲ୍ ପୂର୍ବରୁ ଅନେକବାର ସରକାରୀ କମ୍ପାନୀମାନଙ୍କରେ ନିବେଶ କରିବା ସହ ଲାଭ ଅର୍ଜନ ମଧ୍ୟ କରିଛନ୍ତି। ୨୦୦୧ରେ ଏହା ଭାରତ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ବାଲକୋ) ଅର୍ଜନ କରିଥିଲା ଏବଂ ପରେ ୨୦୦୨-୦୩ ରେ କ୍ଷତିଗ୍ରସ୍ତ ହିନ୍ଦୁସ୍ତାନ ଜିଙ୍କ ଅଧିଗ୍ରହଣ କରିଥିଲା। ସେହିଭଳି ୨୦୦୭ ରେ ବେଦାନ୍ତ ମିତ୍ସୁଇ ଆଣ୍ଡ କୋ ଠାରୁ ସେସା ଗୋଆ ଲିମିଟେଡର ୫୧% କଣ୍ଟ୍ରୋଲ୍ ଅଂଶଧନ ହାସଲ କରିଥିଲା। ୨୦୧୮ରେ ବେଦାନ୍ତ ଟାଟା ଷ୍ଟିଲକୁ ପଛରେ ପକାଇ ଇଲେକ୍ଟ୍ରୋଷ୍ଟାଲ୍ ଷ୍ଟିଲ୍ସ ଲିମିଟେଡ୍ (ଇଏସଏଲ) କୁ ଅଧିଗ୍ରହଣ କରିବାରେ ମଧ୍ୟ ସଫଳ ହୋଇଥିଲା।

## ସ୍କୋଡା ପକ୍ଷରୁ ସ୍ଲାଭିଆର ଉତ୍ପାଦନ ଆରମ୍ଭ

**ଭୁବନେଶ୍ୱର,୨୩।୧**

ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ୨୦୨୧ଠାରୁ ଇଣ୍ଡିଆ ୨.୦ ପ୍ରୋଜେକ୍ଟ ଅନ୍ତର୍ଗତ ପୁଣେର ଚକାନଠାରେ ସ୍ଲାଭିଆର ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତୀୟ ବଜାରକୁ ଦୃଷ୍ଟିରେ ରଖି ଅଲ୍ ନ୍ୟୁ ସେଡାନ୍ ଗୁଣବତ୍ତା ବଜାୟ ରଖି ଉତ୍ପାଦନ ଆରମ୍ଭ କରିଛି। ଏଥିରେ ୧.୦ ଲିଟର ୩ ସିଲିଣ୍ଡର ଟୁର୍ବୋ ପେଟ୍ରୋଲ ଇଞ୍ଜିନ ୮୫ କିଲୋୱାଟ୍ ପାୱାର ଉତ୍ପାଦନ କରିବାକୁ ସକ୍ଷମ। ଏହା ୧୧୫ପିଏସ୍ ଯୁକ୍ତ। ସେହିପରି ଏହାର ୧.୫ ଲିଟରେ ୪ ସିଲିଣ୍ଡର ଟୁର୍ବୋ ପେଟ୍ରୋଲ ଇଞ୍ଜିନ୍ ୧୧୦ କିଲୋୱାଟ୍ ପାୱାର ଉତ୍ପାଦନ କରିବା ସହିତ ୧୫୦ପିଏସ୍ ସୃଷ୍ଟି କରିବାକୁ ସକ୍ଷମ। ସାଲାଭିଆ ୬-ସ୍ପିଡ୍ ମାନୁଆଲ, ୬-ସ୍ପିଡ୍ ଅଟୋମେଟିକ୍ ଅବା ୭-ସ୍ପିଡ୍ ଡିଏସ୍‌ଜି ଟ୍ରାନ୍ସମିଶନ ଭାରିଆଣ୍ଟରେ ଉପଲବ୍ଧ। ସ୍ଲାଭିଆର ଆକର୍ଷଣୀୟ ଡିଜାଇନିଂ ଏବଂ ନିର୍ମାଣ ଶୈଳୀ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିପାରିବ। ଏହା ସୁରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳୀ ହେବା ସହିତ ଡ୍ରାଇଭିଂ ଡାଇନାମିକ୍ସ ଏବଂ କମ୍ଫର୍ଟ ଦେବାକୁ ସକ୍ଷମ ହେବ।




ଏ ସମ୍ପର୍କରେ ସ୍କୋଡା ଅଟୋ ଭୋଲକାସ୍‌ୱାଗେନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ କ୍ରିଷ୍ଟିଆନ୍ ଚ୍ୟାନ୍ ଭୋନ୍ ସିଲେନ୍ କହିଥିଲେ, ଗତ ୪ ବର୍ଷ ତଳେ ଆମେ କରିଥିବା ପ୍ରତିଶ୍ରୁତି ଅନୁସାରେ ଇଣ୍ଡିଆ ୨-୦ ପ୍ରୋଜେକ୍ଟ ଅନ୍ତର୍ଗତ ବିଶ୍ୱସ୍ତର ତଥା ଭାରତରେ ନୂତନ ପ୍ରୟାସ ଆରମ୍ଭ କରିଛୁ। ଇତିମଧ୍ୟରେ ୨ଟି ଏସ୍‌ୟୁଭିର ବଜାର ପ୍ରବେଶ ସହ ସ୍କୋଡା ସ୍ଲାଭିଆର ଉତ୍ପାଦନ ଆରମ୍ଭ ହୋଇଛି। ସେହିଭଳି ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜ୍ୟାକ୍ ହୋଲିସ କହିଥିଲେ,ଏହାର ଡିଜାଇନିଂ ଏବଂ ଆକର୍ଷଣୀୟ ନିର୍ମାଣ ଶୈଳୀ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସ୍ଲାଭିଆ ଭାରତରେ ଆମ ପୋର୍ଟଫୋଲିଓକୁ ଏକ ନୂତନ ଦିଗ ଦେବାରେ ସହାୟକ ହୋଇଛି। ସମ୍ପ୍ରତି ଏସ୍‌ୟୁଭିର ଚାହିଦା ବୃଦ୍ଧି ପାଉଥିବାବେଳେ ସ୍ଲାଭିଆ ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ହୋଇପାରିବ।

ଏହାର ଓସାର ୧,୭୫୨ ମିଲିମିଟର ରହିଛି। ସ୍ଲାଭିଆ ଏହି ସେଗମେଣ୍ଟର ସର୍ବାଧିକ ଓସାର ଯାନ। ଏହା ୫ ଜଣଙ୍କ ପାଇଁ ସ୍ପେସ୍ ଯୋଗାଇ ଦେବ। ଏହାର ବୁଟ୍ କାପାସିଟି ୫୨୧ ଲିଟର ରହିଛି।

## ଫେବୃୟାରୀ ପହିଲାରୁ ବଦଳିବ ବ୍ୟାଙ୍କ ସୁବିଧା

**ଭୁବନେଶ୍ୱର,୨୩।୧**

ଚଳିତବର୍ଷ ଫେବୃୟାରୀ ପହିଲାରୁ ଦେଶର ପ୍ରମୁଖ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ), ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି) ଓ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭଳି ଆଉ କେତେକ ବ୍ୟାଙ୍କର ବିଭିନ୍ନ ଗ୍ରାହକ ସୁବିଧା ନିୟମରେ ପରିବର୍ତ୍ତନ ହେବାକୁ ଯାଉଛି। ବିଓବି ଫେବୃୟାରୀ ୧ରୁ ଚେକ୍ କ୍ଲିୟରାନ୍ସ ସହ ଜଡ଼ିତ କିଛି ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଫେବୃୟାରୀ ପହିଲାରୁ ଚେକ୍ ପେମେଣ୍ଟ ପାଇଁ କନ୍‌ଫର୍ମେସନ୍ ଅନିବାର୍ଯ୍ୟ ହେବ। କନ୍‌ଫର୍ମେସନ୍ ନ ମିଳିଲେ ଚେକ୍‌କୁ ଫେରାଇ ଦିଆଯିବ ବୋଲି କୁହାଯାଇଛି। ସେହିପରି ଏସ୍‌ବିଆଇ ଗ୍ରାହକଙ୍କୁ ଏବେ ଟଙ୍କା ଟ୍ରାନ୍ସଫର କରିବା ମହଙ୍ଗା ପଡ଼ିବ,ଏସ୍‌ବିଆଇର ୱେବ୍‌ସାଇଟ୍ ଅନୁସାରେ ବ୍ୟାଙ୍କ ଫେବୃୟାରୀ ପହିଲାରୁ ଆଇଏମ୍‌ପିଏସ ଟ୍ରାଞ୍ଜାକ୍ସନରେ ଏକ ନୂଆ ସ୍ଲାବ୍ ଯୋଡ଼ିବାକୁ ଯାଉଛି। ଏହା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାର ସ୍ଲାବ୍ ରହିବ ବୋଲି ସୂଚନା ମିଳିଛି।

## ଟିପିସିଓଡିଏଲ୍‌ର ମିଟର୍ ଟେଷ୍ଟିଂ ଲାବୋରେଟୋରି ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୧**

ଗ୍ରାହକ କୈନ୍ଦ୍ରିକତାକୁ ମୂଳରେ ରଖିଥିବା ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭାରତୀୟ ମାନକ ଅନୁସାରେ ମିଟରର କାଲିବ୍ରେସନ୍ ଓ ପରୀକ୍ଷଣ ପାଇଁ ଭୁବନେଶ୍ୱରରେ ଏହାର ମିଟର୍ ଟେଷ୍ଟିଂ ଲାବୋରେଟୋରିକୁ ଉଦ୍‌ଘାଟନ କରାଯାଇଛି। ସିଙ୍ଗଲ୍ ଫେଜ୍ ଓ ଥ୍ରି ଫେଜ୍ ମିଟର୍‌ଗୁଡ଼ିକର ପରୀକ୍ଷଣ କରିବା ଲାଗି କମ୍ପାନୀ ପକ୍ଷରୁ ସ୍ୱୟଂକ୍ରିୟ ଟେଷ୍ଟ ବେଞ୍ଚକୁ ସଂଗ୍ରହ କରାଯାଇଛି। ପ୍ରତି ଟେଷ୍ଟ ବେଞ୍ଚ୍ ମାଧ୍ୟମରେ ଏକକାଳୀନ ୨୦ଟି ମିଟରର ପରୀକ୍ଷା କରାଯାଇପାରିବ। ପ୍ରତିଦିନ ମୋଟ୍ ୩୦୦ଟି ମିଟର ଯାଞ୍ଚ କରାଯାଇପାରିବ। କୌଣସି ମାନବ ହସ୍ତକ୍ଷେପ ବିନା କମ୍ପ୍ୟୁଟର୍ ଭିତ୍ତିକ ପ୍ରାକ୍-ନିର୍ଦ୍ଧାରିତ ପ୍ରୋଗ୍ରାମ୍ ଜରିଆରେ ସମସ୍ତ ସେଟ୍‌ର ପରୀକ୍ଷା ହେବ ; ଫଳରେ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଘଟିବ। ଭୁବନେଶ୍ୱରର ମିଟର ଟେଷ୍ଟ ବେଞ୍ଚ୍ ପାଇଁ କମ୍ପାନୀ ଏନ୍‌ଏବିଏଲ୍ ଆକ୍ରିଡେସନ୍ ହାସଲ କରିବାକୁ ପ୍ରସ୍ତୁତ ହୋଇ ରହିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ଆକ୍ରିଡେସନ୍ ପାଇଁ ଦରକାର ହେଉଥିବା ଧୂଳିକଣାମୁକ୍ତ ପରିବେଶ, ଉପଯୁକ୍ତ ତାପମାତ୍ରା, ଉପଯୁକ୍ତ ଆର୍ଥିଂ ଆଦି ସୁବିଧାର ବ୍ୟବସ୍ଥା କରାଯାଇ ସାରିଲାଣି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି ଯେ, ଆମର ଗ୍ରାହକମାନଙ୍କୁ ଉଦାହରଣ ସୃଷ୍ଟିକାରୀ ସେବା ପ୍ରଦାନ କରିବାଲାଗି ଆମେ ନିରନ୍ତର ଉଦ୍ୟମ କରୁଛୁ। ମିଟର୍ ଟେଷ୍ଟିଂ ଲାବୋରେଟୋରି ସହିତ ଆମେ ମିଟର୍ ସଠିକତା ସମସ୍ୟା ପାଇଁ ପ୍ରଯୁକ୍ତି ଭିତ୍ତିକ ଦର୍ଶନ ଗ୍ରହଣ କରିଛୁ। ଏହା କେବଳ ସ୍ୱଚ୍ଛ ପରୀକ୍ଷଣକୁ ନିଶ୍ଚିତ କରିବ ନାହିଁ, ଯାହା ସୁରକ୍ଷିତ ବରଂ ମାନବ ହସ୍ତକ୍ଷେପ ଯୋଗୁ ହେଉଥିବା ତ୍ରୁଟିକୁ ମଧ୍ୟ ଏଡ଼ାଇବ ଏବଂ ଆମ ମୂଲ୍ୟବାନ ଗ୍ରାହକମାନଙ୍କୁ ଉପଯୁକ୍ତ ଠିକ୍ ମାନର ମିଟର୍ ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଫୁର୍‌ସତ୍

# ଘରୁ ମହାକାଶ ଯାଏ ସବୁଠି ସଫଳ

**ଝି**ଅ ଏବଂ ପୁଅ ଉଭୟ ସମାନ। ଦୁହିଙ୍କ ମଧ୍ୟରେ ପାର୍ଥକ୍ୟ ଆଣିବା ଭାରତୀୟ ସମ୍ବିଧାନର ଉଲ୍ଲଂଘନ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବାଳିକା ଶିଶୁଙ୍କ ବିକାଶରେ ଦେଶର ବିକାଶ ସ୍ଲୋଗାନ୍ ଦିଆଯାଉଛି। ତେଣୁ ପ୍ରତିବର୍ଷ ଜାନୁୟାରୀ ୨୪ରେ ଭାରତରେ ଜାତୀୟ ବାଳିକା ଶିଶୁ ଦିବସ ପାଳନ କରାଯାଏ। ଭାରତୀୟ ସମାଜରେ ଝିଅମାନେ ସମ୍ମୁଖୀନ ହେଉଥିବା ଅସମାନତା ବିଷୟରେ ଜନସଚେତନ ସୃଷ୍ଟି କରିବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଦ୍ୱାରା ୨୦୦୮ ରେ ଏହା ଆରମ୍ଭ



କରାଯାଇଥିଲା। ବାଳିକାମାନଙ୍କ ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ

### ଜାତୀୟ ବାଳିକା ଶିଶୁ ଦିବସ

ସୃଷ୍ଟି ବିଷୟରେ ସଚେତନତା ଅଭିଯାନ ଅନ୍ତର୍ଗତ ଏହି ଦିନ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଶିକ୍ଷା, ପୁଷ୍ଟିକର ଖାଦ୍ୟ, ବାଲ୍ୟବିବାହ, ଆଇନଗତ ଅଧିକାର ଏବଂ ଚିକିତ୍ସା ସେବା, ସୁରକ୍ଷା, ସମ୍ମାନ ଭଳି ଭାରତରେ ବାଳିକା ଶିଶୁ ସମ୍ମୁଖୀନ ହେଉଥିବା ନାନା ସମସ୍ୟା ନେଇ ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ବାଳିକା ଶିଶୁଙ୍କୁ ଶିକ୍ଷା ସୁଯୋଗ ଯୋଗାଇଦେବା ସହିତ ବିଭିନ୍ନ କ୍ଷେତ୍ରରେ ସମାନ ସୁଯୋଗ ଉପଲବ୍ଧ କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏବେ ସରକାରଙ୍କ ନୂତନ ଯୋଜନା ଅନ୍ତର୍ଗତ ବାଳିକା ବଡ଼ ହୋଇ ଦେଶ ସୁରକ୍ଷା କ୍ଷେତ୍ରରେ ଯୋଗ ଦେଇପାରୁଛନ୍ତି। ଫଳରେ ଏବେ ଘର କାମଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟନ୍ତ ସବୁଠି ବାଳିକାଙ୍କ ଯୋଗଦାନ ଦେଶକୁ ସମୃଦ୍ଧି ପଥରେ ଅଗ୍ରସର କରାଇପାରୁଛି।

# ଶିକ୍ଷା ହିଁ ଆଣେ ବିକାଶ

**ଶି**କ୍ଷା ହେଉଛି ଏକ ମାନବିକ ଅଧିକାର। ସମସ୍ତେ କିଭଳି ଲେଖିବା, ପଢ଼ିବା ଜାଣିବେ ତାହା ପୃଥିବୀର ପ୍ରତି ଦେଶ ସରକାରଙ୍କ ଦାୟିତ୍ୱ। ଯେକୌଣସି ଦେଶର ବିକାଶ ଏହାର ସମୃଦ୍ଧ ମାନବ ସମ୍ବଳ ଉପରେ ହିଁ ନିର୍ଭର କରିଥାଏ। ସମୃଦ୍ଧ ମାନବ ସମ୍ବଳ ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁୟାରୀ ୨୪ରେ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଥାଏ। ଏହି ଦିନଟି ସମ୍ପୂର୍ଣ୍ଣ ଭାବେ ଶିକ୍ଷା ପାଇଁ ଉତ୍ସର୍ଗୀକୃତ। ୩ ଡିସେମ୍ବର ୨୦୧୮ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ଲାଗି ଏକ ସଂକଳ୍ପ ଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ଶିକ୍ଷା ଦିବସ ଭାବେ ଘୋଷଣା କରାଯାଇ ବିଶ୍ୱ ଶାନ୍ତି ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ଶିକ୍ଷାର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାର ଉଦ୍ୟମ ଅବ୍ୟାହତ ରହିଛି। ସମାନ ଗୁଣାତ୍ମକ ଶିକ୍ଷା ଏବଂ ସମସ୍ତଙ୍କ ପାଇଁ ଆଜୀବନ ସୁଯୋଗ ବିନା ଲିଙ୍ଗଗତ ସମାନତା ହାସଲ କରିବା ସଫଳ




ହେବ ନାହିଁ ଏବଂ ଦାରିଦ୍ର୍ୟତା ଶେଷ ହେବ ନାହିଁ ବୋଲି ଏହି ଦିବସ ପାଳନ ଅବସରରେ ସଚେତନ କରାଯାଇଥାଏ।

ଆଜି ମଧ୍ୟ ପୃଥିବୀର ୨୫୮ ନିୟୁତ ଶିଶୁ ଏବଂ ଯୁବକ ପାଠ ପଢ଼ିବା ଜାଣିନାହାନ୍ତି। ସେମାନଙ୍କ ଲାଗି ସ୍କୁଲ ଯିବା ସୁବିଧା ନାହିଁ। ସେହିପରି ୬୧୭ ନିୟୁତ ଶିଶୁ ଏବଂ କିଶୋର ପଢ଼ି ଜାଣନ୍ତି ନାହିଁ। ମୌଳିକ ଗଣିତ ସମ୍ପର୍କରେ ସେମାନେ କିଛି ବି ଜାଣିନାହାନ୍ତି। ଆଫ୍ରିକାର ସାହାରା ଅଞ୍ଚଳରେ ୪୦ ପ୍ରତିଶତରୁ କମ୍ ବାଳିକା ନିମ୍ନ ମାଧ୍ୟମିକ ବିଦ୍ୟାଳୟରେ ପଢ଼ା ଶେଷ କରିଥାନ୍ତି ଏବଂ ପ୍ରାୟ ଚାରି ନିୟୁତ ଶିଶୁ ଏବଂ ଯୁବ ଶରଣାର୍ଥୀ ବିଦ୍ୟାଳୟକୁ ଯାଇନାହାନ୍ତି। ଏହାଦ୍ୱାରା ସେମାନଙ୍କର ଶିକ୍ଷା ଅଧିକାର ଉଲ୍ଲଂଘନ ହେଉଛି। ଏହା କେବେ ମଧ୍ୟ ଏକ ସୁସ୍ଥ ତଥା ବିକାଶଶୀଳ ସମାଜ ପାଇଁ ଗ୍ରହଣୀୟ ନୁହେଁ। ଏ ସମ୍ପର୍କରେ ଅନ୍ତର୍ଜାତୀୟ ଶିକ୍ଷା ଦିବସରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ।

**CLASSIFIED DISPLAY**

ALL EDITION - B/W (Everyday)

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହୁସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ପ୍ରଶଂସକଙ୍କୁ ଶାହରୁଖଙ୍କ ସ୍ୱତନ୍ତ୍ର ଉପହାର

**ମୁମ୍ବାଇ:** ବଲିଉଡ ବାଦଶାହା ଶାହରୁଖ ଖାନ୍‌ଙ୍କର ଦେଶ ବିଦେଶରେ ରହିଛନ୍ତି ଅନେକ ପ୍ରଶଂସକ । ନିକଟରେ ତାଙ୍କର ଜଣେ ବିଦେଶୀ ପ୍ରଶଂସକଙ୍କୁ ସେ ଏକ ବିଶେଷ ଉପହାର ପଠାଇଛନ୍ତି । ପ୍ରଶଂସକ ଜଣଙ୍କ ଜଣେ ଭାରତୀୟ ମହିଳାଙ୍କୁ ସାହାଯ୍ୟ କରିଥିଲେ । ସୂଚନାଯୋଗ୍ୟ, ଇଜିପ୍ଟ ମିଶରର ଜଣେ ନାଗରିକ ଅସୁବିଧାରେ ପଡିଥିବା ଜଣେ ଭାରତୀୟ ମହିଳାଙ୍କୁ ସାହାଯ୍ୟ କରିଥିଲେ। ମହିଳା ଜଣଙ୍କ ବୈଷୟିକ ତ୍ରୁଟି ଯୋଗୁ ଟଙ୍କା ଟ୍ରାନ୍ସଫର କରିପାରୁ ନ ଥିବାରୁ ତାଙ୍କ ଟିକେଟ ବୁକ ହେବାରେ ଅସୁବିଧା ହୋଇଥିଲା। ଇଜିପ୍ଟର ଜଣେ ଏଜେଣ୍ଟ ଉକ୍ତ ମହିଳାଙ୍କୁ ସାହାଯ୍ୟ କରିଥିଲେ । ସେ କହିଥିଲେ ତୁମେ ଶାହାରୁଖ ଖାନ୍‌ଙ୍କ ଦେଶର, ସେଥିପାଇଁ ତୁମ ଉପରେ ଭରସା କରୁଛି । ଏବେ କିଙ୍ଗ୍ ଖାନ ତାଙ୍କର ଏହି ଇଜିପ୍ଟିଆନ ପ୍ରଶଂସକଙ୍କ ପାଇଁ ନିଜର ଦସ୍ତଖତ ଥିବା ଏକ ଫଟୋ ଓ ଏକ ପର୍ସନାଲ ନୋଟ ଲେଖି ପଠାଇଛନ୍ତି । ଅଶ୍ୱିନୀ ଦେଶପାଣ୍ଡେ ନାମକ ମହିଳା ପ୍ରଫେସର ଜଣଙ୍କ ଶନିବାର ଟୁଇଟ କରି ଏହି ସୂଚନା ଦେଇଛନ୍ତି । ମହିଳା ଲେଖିଛନ୍ତି ଶାହାରୁଖ ଖାନ୍ ଘଟଣାକୁ ଗୁରୁତ୍ୱ ଦେବା ସହ ଉକ୍ତ ପ୍ରଶଂସକଙ୍କ ନିକଟକୁ ଅଟୋଗ୍ରାଫ ଥିବା ଏକ ଫଟୋ ଓ ଏକ ହ୍ୟାଣ୍ଡ ରିଟିନ ନୋଟ ପଠାଇଛନ୍ତି ।

## ନୁଡଲ୍ସରେ କଳା

**ନୂଆଦିଲ୍ଲୀ:** ନୁଡଲ୍ସରେ ବୁଣିବା କଳା ଦେଖିଛନ୍ତି କି! ଦୁଇଟି କଣ୍ଟା ସାହାଯ୍ୟରେ ଉଲ୍‌ରେ ଶୀତ ପୋଷାକ ତିଆରି ହେଉଥିବାର ଅନେକେ ଦେଖିଥିବେ। ହେଲେ ଏମିତି ବୁଣିବା ପାଇଁ ନୁଡୁଲ୍ସକୁ ମଧ୍ୟ ବ୍ୟବହାର କରି ହେବା କଥା ନିଶ୍ଚୟ କୌତୁହଳ ପୂର୍ଣ୍ଣ। ଏମିତି ଏକ ଭିଡ୍ଓିଆଲ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଟିକ୍‌ଟକରୁ ଆରମ୍ଭ ହୋଇଥିବା ଏହି ଭିଜୁଆଲ ଏବେ ପ୍ରାୟ ସବୁ ସୋସିଆଲ ସାଇଟ୍‌ରେ ଶେୟାର କରାଯାଉଥିବା ଦେଖିବାକୁ ମିଳିଛି। ଭିଜୁଆଲରେ ଜଣେ ନୁଡୁଲ୍ସକୁ ଉଲ୍ ପରି କରି ବୁଣିବାର ପ୍ରୟାସ କରୁଛନ୍ତି। ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ଏବଂ ସେ ଏପରି କାହିଁକି କରୁଛନ୍ତି ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଏହି ଭିଜୁଆଲକୁ ନେଇ ଅନେକ ପ୍ରକାରର କମେଣ୍ଟ ମିଳୁଛି। ଏହାକୁ ୭ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।



## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦେବଯାନୀ ମହାପାତ୍ର (ଟୁନୁ)
ସୌଭାଗ୍ୟନଗର, ଭୁବନେଶ୍ୱର
ଆବିର୍ଭାବ : ୨୭.୦୭.୧୯୬୯
ତିରୋଧାନ : ୧୪.୦୧.୨୦୨୨

ଆମମାନଙ୍କୁ ଶୋକ ସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଚିରସ୍ମରଣୀୟ ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :- ସ୍ୱାମୀ- ଲକ୍ଷ୍ମୀଧର, ଝିଅ- ମୁନୁ, ଲିପି, ଭାଇ- ରସାନନ୍ଦ, ଭାଉଜ- କୁନି, ଆରତୀ, ପ୍ରମିଳା, ନଣନ୍ଦ- କମା, ପୁତୁରା- ବୁବୁ, ଚନ୍ଦନ, ସିଲୁ, ମିଲୁ, ଦୀଲୁ, ଭଣଜା- ପ୍ରତାପ, ଝିଆରି- ମାମା, ଚ୍ଛେଜୀ, ବେବୀ, ବିଷ୍ଣୁପ୍ରିୟା, ରାହୁଲ ବାବୁ।

ଧ-୭୧୯୩୪

DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୨୪ ଜାନୁୟାରୀ, ୨୦୨୨ Sambalpur, Monday, January 24/2022

# ସିନ୍ଧୁଙ୍କୁ ମହିଳା ସିଙ୍ଗଲ୍ସ ଟାଇଟଲ



ମ୍ୟାଚ ଜିତିବାପରେ ପି.ଭି. ସିନ୍ଧୁ ଏବଂ ଇଶାନ ଭଟନାଗର ଓ ତନିଶା କ୍ରାଷ୍ଟୋ।

### ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ

**ଲକ୍ଷ୍ନୌ, ୨୩।୧(ପି.ଟି.)**

ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ନିଜ ଦେଶର ମାଳବିକା ବନସୋଦ୍‌ଙ୍କୁ ୨୧-୧୩, ୨୧-୧୬ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଫଳରେ ସେ ଏହି ଟୁର୍ନାମେଣ୍ଟ ଦ୍ୱିତୀୟ ଥର ଜିତିବାରେ ସମର୍ଥ ହୋଇଛନ୍ତି। ବନସୋଦ୍‌ଙ୍କୁ ପରାସ୍ତ କରିବା ଲାଗି ସିନ୍ଧୁଙ୍କୁ ମାତ୍ର ୩୫ ମିନିଟ ସମୟ ଲାଗିଥିଲା। ଏହା ପୂର୍ବରୁ ସେ ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଇଭେଣ୍ଟ ୨୦୧୭ରେ ଜିତିଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲ ପୂର୍ବରୁ ୭ମ ସିଡ୍ ଭାରତୀୟ ଯୋଡ଼ି ଇଶାନ ଭଟନାଗର ଓ ତନିଶା କ୍ରାଷ୍ଟୋ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ଫାଇନାଲରେ ସେମାନେ ନିଜ ଦେଶର ଅଣସିଡ୍ ଟି. ହେମା ନରେନ୍ଦ୍ର ବାବୁ ଓ ଶ୍ରୀବେଦ୍ୟ ଗୁରାଜାଦାଙ୍କ ବିପକ୍ଷରେ ୨୧-୧୬, ୨୧-୧୨ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଥିଲେ। ଏହି ମ୍ୟାଚ ମାତ୍ର ୨୯ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଅନ୍ୟପକ୍ଷରେ ଜଣେ ଫାଇନାଲିଷ୍ଟ କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ଆର୍ନଡ ମର୍କେଲ ଓ ଲୁକାସ କ୍ଲେର୍‌ବୋଟ୍‌ଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲକୁ 'ନୋ ମ୍ୟାଚ' ଘୋଷଣା କରାଯାଇଥିଲା।

## କୋହଲିଙ୍କ ପାଇଁ ପରୀକ୍ଷାର ବେଳ

**ମସ୍କଟ, ୨୩।୧ (ପି.ଟି.)**

ବିରାଟ କୋହଲିଙ୍କ ଅଧିନାୟକତ୍ୱ ଶେଷ ହେବା ପରେ ଭାରତୀୟ କ୍ରିକେଟ ବର୍ତ୍ତମାନ 'ଦୋଛକି'ରେ ଅଛି। ଏହି ପରିସ୍ଥିତିରେ ଦଳକୁ କିପରି ଆଗେଇ ନେବାକୁ ହେବ ଜଣେ କୋଚ୍ ହିସାବରେ ରାହୁଲ ଦ୍ରାବିଡଙ୍କୁ ତାଙ୍କ ଦକ୍ଷତା ପ୍ରତିପାଦନ କରିବାକୁ ପଡ଼ିବ। ପାକିସ୍ତାନର ପୂର୍ବତନ ପେସ୍ ବୋଲର ଶୋଏବ ଅଖତର ଏକଥା କହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ପଦବୀରୁ କୋହଲି ବହିଷ୍କୃତ ହେବାର କିଛି ସପ୍ତାହ ପରେ ଟେଷ୍ଟ ଅଧିନାୟକ ପଦବୀରୁ କୋହଲିଙ୍କ ଇସ୍ତଫା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅଖତର କହିଛନ୍ତି, କେତେଜଣ ବନ୍ଧୁଙ୍କ ଜରିଆରେ ଭାରତୀୟ କ୍ରିକେଟ ଦଳର ଡ୍ରେସିଂରୁମ୍‌ରୁ ଖବର ତାଙ୍କୁ ମିଳିଯାଏ। ଟି୨୦ ବିଶ୍ୱକପ୍ ବେଳେ ଭାରତୀୟ ଡ୍ରେସିଂରୁମ୍‌ରେ ବିଭାଜନ ଦେଖିବାକୁ ମିଳିଥିଲା। କୋହଲିଙ୍କର କେତେଜଣ ବିରୋଧୀ ଅଛନ୍ତି। ତେଣୁ ତାଙ୍କ ଅଧିନାୟକ ପଦ ତ୍ୟାଗ ନିଷ୍ପତ୍ତିରେ ସେ ବିସ୍ମିତ ନୁହନ୍ତି। କୋହଲିଙ୍କ ପାଇଁ ବର୍ତ୍ତମାନ ପରୀକ୍ଷାର ସମୟ ଉପନୀତ ହୋଇଛି। ତାଙ୍କୁ ଅଧିକ ସୁଦୃଢ଼ ହେବାକୁ ପଡ଼ିବ। ପଛକଥାକୁ ହାଲୁକା ଭାବେ ନେବାକୁ ପଡ଼ିବ। କଠିନ ପରିଶ୍ରମ ସହ ତାଙ୍କୁ ତାଙ୍କ ସ୍ୱାଭାବିକ କ୍ରିକେଟ ଖେଳିବାକୁ ପଡ଼ିବ।

# କେ.ଡି. ପିଲାଇ ସ୍ମାରକୀ ଚେସ୍: ସୌମ୍ୟ ବିଜେତା

**ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)**

୧୯୬୦ରୁ ୧୯୮୨ ମଧ୍ୟରେ ୧୧ ଥର ରାଜ୍ୟ ଚାମ୍ପିୟନ ହୋଇଥିବା କେ.ଡି. ପିଲାଇଙ୍କ ସ୍ମୃତିରେ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟପ୍‌ସିଡ୍ ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଫିଡେ ମାଷ୍ଟର ଟାଇଟଲଧାରୀ ସୌମ୍ୟ ୭ ପଏଣ୍ଟ ପାଇଥିଲେ। ଆନ୍ଧ୍ର ପ୍ରଦେଶର ମହେନ୍ଦ୍ର ତେଜା ମେକଲା, କଟକର ରବୀନ୍ଦ୍ର ଓଝା ଓ ହର୍ଷିତ ରଞ୍ଜନ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫକୀର ମାଝି, ଦକ୍ଷରାଜ ସଦାନନ ବୋଲେ, ଗୁରୁନାଥ ପ୍ରଧାନ, ଏନ. ସୁନ୍ଦର ରାଜନ (ସମସ୍ତେ ୫.୫), ସତ୍ୟମ ସରବଜିତ ମିଶ୍ର, କର୍ତ୍ତବ୍ୟ ଅନାଡକଟ, ଦାଶରଥି ସାହୁ ଓ ଶ୍ରୀହନ ସବତ (ସମସ୍ତେ ୫ ପଏଣ୍ଟ ଲେଖାଏ) ଟପ୍-୧୨ ଫିନିଶ୍ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶିବମ ସବତ, ଭିନିତ ମହାପାତ୍ର, ଅକ୍ଷଜ ନାୟକ, ମନୀଷ ମିଶ୍ର, ଅଦିତି ମୁଖାର୍ଜୀ, ସାନ୍‌ଭି ମହାନ୍ତି, ସିଦ୍ଧାର୍ଥ ମିଶ୍ର, ଉଦୟ ପରିଡ଼ା, ମନସିଜ ସାମଲ, ସାହାନା ଲେଙ୍କା, ପି. ନନ୍ଦିନୀ, ତମନ୍ନା ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଗୁଗ୍‌ଲ ମିଟ୍‌ରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରତିଯୋଗିତାରେ ଅତିରିକ୍ତ ପରିଚାଳକ (ଅର୍ଥ ବିଭାଗ) ଶ୍ରୁତିକାନ୍ତ ମିଶ୍ର ମୁଖ୍ୟ ଅତିଥି ଏବଂ ଏମ୍‌ଆରପି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଶ୍ୟାମଳ କୁଣ୍ଡୁ, ସୀତେନ୍ଦୁ ରାଜଗୁରୁ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ଟାଇଟଲ ବିଜୟୀ ସୌମ୍ୟ ରଞ୍ଜନ ମିଶ୍ର।

## ଆଇପିଏଲ୍ ନିଲାମରେ ୫ ଓଡ଼ିଆ

**ଭୁବନେଶ୍ୱର, ୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନିଲାମ ତାଲିକାରେ ଓଡ଼ିଶାର ୫ କ୍ରିକେଟରଙ୍କ ନାମ ସ୍ଥାନ ପାଇଛି। ସେମାନେ ହେଲେ ଶୁଭ୍ରାଂଶୁ ସେନାପତି, ଅଭିଷେକ ରାଉତ, ବିକାଶ ରାଉତ, ଜୟନ୍ତ ବେହେରା ଓ ରାଜେଶ ମହାନ୍ତି। ଏହି ସମସ୍ତ ଖେଳାଳି ସୟଦ ମୁସ୍ତାକ ଅଲି ଟ୍ରଫି ଓ ବିଜୟ ହଜାରେ ଟ୍ରଫି ୨୦୨୨ରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସେମାନଙ୍କ ନାମ ସୁପାରିସ କରାଯାଇଥିଲା। ଆବଶ୍ୟକ ଯାଞ୍ଚ ପରେ ସେମାନଙ୍କ ନାମ ଆଇପିଏଲ ନିଲାମ ତାଲିକାରେ ସ୍ଥାନ ପାଇଛି।

## ପାରାମାଉଣ୍ଟ ପ୍ରିମିୟର ଲିଗ୍ ଆଜିଠାରୁ

**ଭୁବନେଶ୍ୱର, ୨୩।୧(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ୪ଟି ଦଳ ପାରାମାଉଣ୍ଟ ସ୍ପୋର୍ଟିଂ, ଭୁବନେଶ୍ୱର ୱାରିୟର୍ସ, ଭୁବନେଶ୍ୱର ଷ୍ଟ୍ରାଇକର୍ସ ଓ କଟକ ଜାଗୁଆର୍ସ ଭାଗନେବେ। ଧଳା ବଲ୍‌ରେ ମ୍ୟାଚ ଗୁଡ଼ିକ ଖେଳାଯିବ ଏବଂ ଖେଳାଳିମାନେ ରଙ୍ଗୀନ ଜର୍ସି ପରିଧାନ କରିବେ। ୩୦ରେ ଫାଇନାଲ ଅନୁଷ୍ଠିତ ହେବ।

# ମେଟାକାନୀ କ୍ରିକେଟ: ଫାଇନାଲରେ ବିଶାଳପାଲି



ମେଟାକାନୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଖେଳାଳି ଓ ଅତିଥିମାନେ।

**ଅମରପାଲି, ୨୩।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଘିଚପଲି ଗ୍ରାମରେ ମା'ମେଟାକାନୀ ନବମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଲୁତୁରପଙ୍କ ଓ ବିଶାଳପାଲି ମଧ୍ୟରେ ହୋଇଥିଲା। ବିଶାଳପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ଉଇକେଟ ହରାଇ ୧୦୧ରନ୍ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୯ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସାହାଜଲଥା ଓ ଘିଚାପାଲି ମଧ୍ୟରେ ହୋଇଥିଲା। ସାହାଜଲଥା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୯୬ରନ୍ କରିଥିଲା। ଜବାବରେ ଘିଚାପାଲି ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ୍ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚ୍ ବିଜେତା ବିଶାଳପାଲି ଓ ଦ୍ୱିତୀୟ ମ୍ୟାଚ୍ ବିଜେତା ସାହାଜଲଥା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା। ବିଶାଳପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ଉଇକେଟ ହରାଇ ୧୦୦ରନ୍ କରିଥିଲା। ସାହାଜଲଥା ୮ ଓଭରରେ ୩ ଉଇକେଟ ହରାଇ ୯୦ରନ୍ କରି ପରାସ୍ତ ହୋଇଥିଲା। ଫଳରେ ବିଶାଳପାଲି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ଗୁଡ଼ିକରେ ପ୍ରଣବ କିଶୋର ନନ୍ଦ ଓ ଚନ୍ଦ୍ରଶେଖର ଲୁହା ଅମ୍ପାୟର, ସୁଶାନ୍ତ ଜଗଦଳା ସ୍କୋରର ଏବଂ କୃତ୍ତିବାସ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଖରିଆର ରୋଡ, ପାଇକମାଳ କ୍ୱାର୍ଟରରେ

**ନୂଆପଡ଼ା ଅଫିସ,୨୩।୧**



ଅତିଥିଙ୍କଗହଣରେ ଖେଳାଳିମାନେ।

### ନ୍ୟୁ ଇୟର କପ୍ କ୍ରିକେଟ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜିବ ଗାନ୍ଧୀ ମିନି ଷ୍ଟାଡିୟମରେ ଗଜିନ୍ଦ୍ର ଓ ସୁଦେସେନା ଦଣ୍ଡସେନାଙ୍କ ସ୍ମୃତିରେ ଚାଲିଥିବା ୧୫ତମ ନ୍ୟୁ ଇୟର କପ କ୍ରିକେଟ ଟୁର୍ନାମେଣ୍ଟରେ ଖରିଆର ରୋଡ ଓ ପାଇକମାଲ କ୍ୱାର୍ଟରରେ ପ୍ରବେଶ କରିଛି।

ପ୍ରଥମ ମ୍ୟାଚ ଖରିଆର ରୋଡ ଓ ସିଆଲଲଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଆଲଲଟି ପ୍ରଥମେ ବ୍ୟାଟିଂ କରି ୮୦ ରନ ସଂଗ୍ରହ କରିଥିଲା। ଜବାବରେ ଖରିଆର ରୋଡ ୬ ଓଭରରେ ୪ ଉଇକେଟ ହରାଇ ୮୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖରିଆର ରୋଡ ଓ ବଡମହେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖରିଆର ରୋଡ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ବଡମହେଶ୍ୱର ୮ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଖରିଆର ରୋଡ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ ପାଇକମାଳ ଓ ଦେସୀ ବୟଜ (ଖ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାଇକମାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ଦେସୀ ବୟଜ (ଖ) ୭୫ ରନ କରି ପରାଜୟ ହୋଇଥିଲା। ଖରିଆର ରୋଡ ଓ ପାଇକମାଲ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନନ୍ତ ବେମାଲ, ହେମନ୍ତ ଚିରାଙ୍ଗୁଲ, ବୁଲୁ ବନଛୋର, ଅର୍ଜ୍ଜୁନ ଭୋଇ ଖେଳ ପରିଚାଳନା କରିଥିବା ବେଳେ ଚିତ ଚିରାଙ୍ଗୁଲ ସ୍କୋର ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟଅତିଥି ଭାବେ ଜିଲା କ୍ରିକେଟ ସଂଘ ମ୍ୟାନେଜର ବିଶିକେଶନ ଯାଦବ, ବିଜୁ ଯୁବ ଜନତା ଦଳ ଜିଲା ସମ୍ପାଦକ ପ୍ରଦୀପ ଦଳପତି, ବ୍ଲକ ଉପସଭାପତି ବିଜୁ ଛାତ୍ର ଜନତା ଦଳ ଧିରେନ୍ଦ୍ର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ଅଜୟ ଗହିର, ସୁମିତ ଶେଖର ଦୁରିଆ, ଦିପକ ଦଣ୍ଡସେନା, ନିର୍ମଳ ଗହିର, ବିକି ମହାରଥା, ଗୁରୁ ବନଛୋର, ଲୋକେଶ ଚିରାଙ୍ଗୁଲ, ଦେବାଶିଷ ଗହିର ପ୍ରମୁଖ ସହଯୋଗ କରିଥିଲେ।

# ଭାରତର ସର୍ବବୃହତ୍ ବିଜୟ

**ଟାରୋବା (ତ୍ରିନିଦାଦ୍), ୨୩।୧ (ପି.ଟି.)**

ଅଙ୍ଗରିଶ ରଘୁବଂଶୀ ଓ ରାଜ୍ ବାୱାଙ୍କ ବିସ୍ଫୋରକ ଶତକ ସହାୟତାରେ ୪ଥର ଚାମ୍ପିୟନ ଭାରତ ଚଳିତ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଉଗାଣ୍ଡାକୁ ୩୨୬ ରନରେ ପରାସ୍ତ କରିଛି। ଟୁର୍ନାମେଣ୍ଟ ଇତିହାସରେ ଭାରତର ଏହା ହେଉଛି ସର୍ବବୃହତ୍ ବିଜୟ। ଏହି ବିଜୟ ଦ୍ୱାରା ଭାରତ ଗ୍ରୁପ୍ ବି' ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ୪୫ ରନ ଏବଂ ଆୟର୍ଲାଣ୍ଡକୁ ୧୭୪ରନରେ ପରାସ୍ତ କରିଛି। ଶନିବାର ବ୍ରାଏନ ଲାରା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବାୱା (୧୦୮ବଲ୍‌ରୁ ୧୬୨*) ଏବଂ ଓପନର ରଘୁବଂଶୀ (୧୨୦ବଲ୍‌ରୁ ୧୪୪ରନ)ଙ୍କ ଆକର୍ଷଣୀୟ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୪୦୫ରନ କରିଥିଲା। ଚଳିତ ସଂସ୍କରଣରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ଉଗାଣ୍ଡାକୁ ଭାରତ ୧୯.୪ ଓଭରରେ ମାତ୍ର ୭୯ ସ୍କୋରରେ ଅଲଆଉଟ କରିଦେଇଥିଲା। ଜାନୁୟାରୀ ୨୯ରେ ଭାରତ କ୍ୱାର୍ଟରଫାଇନାଲରେ ବାଂଲାଦେଶକୁ ଭେଟିବ।

# ସୁରେଶ ସଭାପତି, ସୌର୍ଯ୍ୟରଞ୍ଜନ ସମ୍ପାଦକ

### ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସାଧାରଣ ବୈଠକ

**ଭୁବନେଶ୍ୱର, ୨୩।୧(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ସଭାପତି ଏବଂ ସୌର୍ଯ୍ୟରଞ୍ଜନ ପରିଜା ସମ୍ପାଦକଭାବେ ସର୍ବସମ୍ମତିକ୍ରମେ ପୁନଃ ନିର୍ବାଚିତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ନୂଆ କାର୍ଯ୍ୟକାରୀ କମିଟି ଗଠନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। କିଛି ଅନୁବନ୍ଧିତ କ୍ଲବରେ ଆଭ୍ୟନ୍ତରୀଣ ସମସ୍ୟା ରହିଥିବାରୁ ଏ ସମ୍ପର୍କରେ ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ଏକ ରିପୋର୍ଟ ଦେବା ପାଇଁ ସୁଦାମ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ମିହିର କୁମାର ମହାନ୍ତି ଓ ମଧୁମାଧବ ଜେନା ଉକ୍ତ କମିଟିର ଅନ୍ୟତମ ସଦସ୍ୟ ଅଛନ୍ତି। ଏହି କମିଟିର ରିପୋର୍ଟ ଭିତ୍ତିରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ ସହ ଅନ୍ୟ କର୍ମକର୍ତ୍ତା ମନୋନୟନ କରାଯିବାକୁ ସଭାପତି ଏବଂ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ସଭାପତି ସୁରେଶ ରାଉତରାୟ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ବିଗତ ବର୍ଷଗୁଡ଼ିକର କାର୍ଯ୍ୟାବଳୀ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ।



ସୁରେଶ କୁମାର ରାଉତରାୟ ଏବଂ ସୌର୍ଯ୍ୟରଞ୍ଜନ ପରିଜା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ଯୁବକଙ୍କୁ ଗୋଡାଇ ହାଣିବା ଘଟଣା, ୨ ଗିରଫ**

ବଲାଙ୍ଗୀର ଅଫିସ: ବଲାଙ୍ଗୀର ସହର ମାଳପଡାଠାରେ ଶୁକ୍ରବାର ରାତରେ ପିଙ୍କୁନ୍ ଦଣ୍ଡସେନା ନାମକ ଜଣେ ଯୁବକଙ୍କୁ ୪ ଜଣ ଯୁବକ ଗୋଡାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବଲାଙ୍ଗୀର ସହର ମାଳପଡାର ରବିନାରାୟଣ ପାଣି (୨୧) ଓ କୁନୁ ଓରଫ୍ ରଞ୍ଜିତ ବାଗ (୨୨)। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଘଟଣା ଦିନ ରାତି ପ୍ରାୟ ୧୦ଟାରେ ପିଙ୍କୁନ୍‌ଙ୍କୁ ଆକ୍ରମଣ କରାଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଥିଲା। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ଟାଉନ୍ ଥାନାରେ ଏକ ମାମଲା (୩୮/୨୨) ରୁଜୁ କରାଯାଇଥିଲା।

## ସଂକ୍ଷେପରେ

### ସରିଲା ଯାଞ୍ଚ: ୪୨୩ ପ୍ରାର୍ଥିପତ୍ର ନାକଚ

**କଳାହାଣ୍ଡି ଜିଲା**

ଭବାନୀପାଟଣା,୨୩।୧(ସ୍ୱ.ପ୍ର.): ପଞ୍ଚାୟତ ନିର୍ବାଚନ ପାଇଁ କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ପାଇଁ ସମୁଦାୟ ୮୮୮୮ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଏଥିରେ ୱାର୍ଡମେମ୍ବର ୫୭୧୮, ସରପଞ୍ଚ ୧୫୯୨, ସମିତିସଭ୍ୟ ୧୪୨୦, ଜିଲା ପରିଷଦ ୧୫୮ ରହିଥିଲା। ଶନିବାର ନାମାଙ୍କନପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ନାମାଙ୍କନ କରିଥିବା ସମୁଦାୟ ୮୮୮୮ଜଣଙ୍କ ମଧ୍ୟରୁ ବିଭିନ୍ନ କାରଣରୁ ୪୨୩ଜଣ ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି। ଏଥିରେ ୱାର୍ଡମେମ୍ବର ୨୬୯, ସରପଞ୍ଚ ୮୧, ସମିତି ସଭ୍ୟ ୬୧ ଓ ଜିଲା ପରିଷଦ ୨ ରହିଛି। ଫଳରେ ଜିଲାରେ ବର୍ତ୍ତମାନ ୮୪୬୫ ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାୟମ ରହିଛି।

### ଦୁଇ ବାଇକ୍ ମଧ୍ୟରେ ଧକ୍କା, ୩ ଗୁରୁତର

ବାଉଁଶୁଣୀ,୨୩।୧(ଡି.ଏନ୍.ଏ.): ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନମ୍ବର ଜାତୀୟ ରାଜପଥର କଲେଜ ଛକ ନିକଟ ଭାରତ ପେଟ୍ରୋଲ ପମ୍ପ୍ ସମ୍ମୁଖରେ ରବିବାର ମଧ୍ୟାହ୍ନରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଜଣ ଆରୋହୀ ଗୁରୁତର ହୋଇଛନ୍ତି। ବୌଦ୍ଧ ଥାନା ନାରାୟଣ ନଗର ଗାଁର କ୍ଷୀରେନ୍ଦ୍ର ମେହେର ବାଇକ୍ (ନଂଓଡି ୨୭ ସି ୫୪୫୫) ଯୋଗେ ବାଉଁଶୁଣୀ ଆସୁଥିବା ବେଳେ ପେଟ୍ରୋଲ ପମ୍ପ୍‌କୁ ତେଲ ପକାଇବାକୁ ଗଲାବେଳେ ପଛରୁ ଅନ୍ୟ ଏକ ବାଇକ୍ (ନଂ ଓଡି ୩୧ ଜି ୬୮୯୬)ରେ ଆସୁଥିବା ସାହୁପଡ଼ା ଗ୍ରାମର ସିପୁନ ପୃଷ୍ଟି ଓ ଦେବାଶିଷ ପୃଷ୍ଟିଙ୍କ ସହ ଧକ୍କା ହୋଇଥିଲା। ଏଥିରେ ତିନିଜଣଯାକ ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବାଉଁଶୁଣୀ ଦମକଳ ବାହିନୀକୁ ଖବର ଦେଇ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ସେବାୟତ ମାଗୁଣି ଜୁଗୁନିଆଙ୍କ ପରଲୋକ

ସୋନପୁର,୨୩।୧(ନି.ପ୍ର.): ସୋନପୁର ପ୍ରସିଦ୍ଧ ବଳିଯାତ୍ରାର ଚାରଘରିଆ ମୁଖ୍ୟ ସେବାୟତ ମାଗୁଣି ଜୁଗୁନିଆଙ୍କ ରବିବାର ସକାଳେ ସହରର ଘୋଡ଼ାଘାଟପଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ



ହୋଇଥିଲା। ମୁଖ୍ୟ ସେବାୟତଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି। ସେବାୟତ ଜୁଗୁନିଆ ରାଜରାଜୁଡା ସମୟରୁ ପ୍ରତିବର୍ଷ ଦେବୀଙ୍କ ବଳିଯାତ୍ରାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ। ବାର୍ଦ୍ଧକ୍ୟ ସତ୍ତ୍ୱେ ମହାଳୟା ସମୟର ଚାରଘରିଆ ପୂଜା ବେଳେ ଖୁବ୍ ନିଷ୍ଠାର ସହିତ ଦାୟିତ୍ୱ ତୁଲାଉଥିଲେ। ବଳିଯାତ୍ରାର ନୀତିକାନ୍ତି ସମ୍ପର୍କରେ ତାଙ୍କର ବେଶ୍ ଅଭିଜ୍ଞତା ଥିଲା। ମହାନଦୀ କୂଳ ଗୋକର୍ଣ୍ଣେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଳିଯାତ୍ରା କମିଟିର ବରିଷ୍ଠ ସଭ୍ୟ ଶ୍ରୀବତ୍ସ ମଲ୍ଲିକ, ସମସ୍ତ ସଭ୍ୟ, ସେବାୟତ ଓ ଦେବୋତ୍ତର ବିଭାଗର କର୍ମଚାରୀ ଜୁଗୁନିଆଙ୍କ ଶେଷଦର୍ଶନ କରିଥିଲେ। ସାନପୁଅ ଯାଦବ ଜୁଗୁନିଆ ମୁଖାଗ୍ନି ଦେଇଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଅତାବିରା,୨୩।୧(ଡି.ଏନ.ଏ): ବରଗଡ଼ ଜିଲା ଅତାବିରାର ଧର୍ମପ୍ରାଣା ମହିଳା



ଜୟକୁମାରୀ ଖମାରୀଙ୍କ ସ୍ଥାନୀୟ ଆରଏମ୍‌ସି ନିକଟ ବାସଭବନରେ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ ପୂର୍ବତନ ସମବାୟ ବ୍ୟାଙ୍କ ମ୍ୟାନେଜର କିରଣ ଚନ୍ଦ୍ର ଖମାରୀଙ୍କ ଧର୍ମପତ୍ନୀ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁଶଯ୍ୟାରେ ପୁଅ ସୁକୁମାର, ପୁତ୍ରବଧୂ ପୂର୍ଣ୍ଣିମା, ଝିଅ ସୁସ୍ମିତା, ଜ୍ୱାଇଁ ଶଙ୍କର ବେହେରା, ନାତି ଶ୍ରେୟାଂସ, ନାତୁଣୀ ସମୃଦ୍ଧି, ଦିବ୍ୟାଂଶୀ ଉପସ୍ଥିତ ଥିଲେ। ପୁଅ ସୁକୁମାର ମୁଖାଗ୍ନି ଦେଇଥିଲେ।

# ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

**ବରଗଡ଼ ଅଫିସ୍,୨୩।୧**

ବରଗଡ଼ ଜିଲା ଭଟଲି ଥାନା ଟୁକୁର୍ଲା(ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ) ଏକ ଭଡ଼ାଘରୁ ଶନିବାର ମେଲଛାମୁଣ୍ଡା ଥାନା ଖଲାବାହାଲ ଗ୍ରାମର ଶିଶୁପାଳ ଓରଫ ପିଛାଲୁ ରଣା(୩୫)ଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ରବିବାର ପୋଲିସ ହତ୍ୟା ଅଭିଯୁକ୍ତ ଭଟଲି ଥାନା ସୁକୁଡ଼ା ଗ୍ରାମର ଉପେନ ଓରଫ ଉପେନ୍ଦ୍ର ଭୋଇ(୩୬)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ ଜବତ ହୋଇଛି। ଏ ନେଇ ମୃତକଙ୍କ ସ୍ତ୍ରୀ ଲିଲିଙ୍କ ଏତଲା କ୍ରମେ ଭଟଲି ଥାନା ପୋଲିସ ଦଫା ୩୦୨ରେ ଏକ



ଜବତ କାଠ ଫାଳିଆ ସହିତ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ଘଟଣାରୁ ପରଦା ଘଟିଲା, ଅଭିଯୁକ୍ତ ଗିରଫ**

ମାମଲା (ନଂ.୨୧/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ପିଛାଲୁ ଓ ଉପେନ୍ଦ୍ର ବରଗଡ଼-ଭଟଲି ରାସ୍ତାପାର୍ଶ୍ୱସ୍ଥ ଆଇଆଇଏଚ୍‌ଟି (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ୍ ଟେକ୍ନୋଲୋଜି) ନିକଟ ଭଡ଼ାଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛିଦିନ ତଳେ ଉପେନ୍ଦ୍ର ପରିବାର ଧରି ସୁକୁଡ଼ା ଗ୍ରାମର ନିଜ ଘରକୁ ଯାଇଥିଲେ। ଗତ ୧୫ତାରିଖରେ ସେ ଭଡ଼ାଘରକୁ ଫେରିଥିଲେ ଏବଂ ଠିକାଦାରଙ୍କୁ ପୁଷପୁନି ପାଳନ ପାଇଁ ଟଙ୍କା ମାଗିଥିଲେ। ଗତ ୧୬ତାରିଖରେ ଠିକାଦାର ତାଙ୍କୁ ୫୦୦ ଟଙ୍କା ଏବଂ ପିଛାଲୁଙ୍କୁ ୨ହଜାର ଟଙ୍କା ଦେଇଥିଲେ। ଏହାପରେ ଅଭିଯୁକ୍ତ ଘରକୁ ଫେରିବା ପାଇଁ ଯୋଜନା କରିଥିଲେ। ମାତ୍ର ବସ୍ ନ ପାଇବାରୁ ଘରକୁ ଯାଇ ନ ପାରି ଭଡ଼ାଘରେ ରହିଥିଲେ। ଭଡ଼ାଘରେ ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାରୁ ବଚସା ହୋଇଥିଲା ଏବଂ ଅଭିଯୁକ୍ତ କାଠ ଫାଳିଆରେ ଆକ୍ରମଣ କରିବାରୁ ପିଛାଲୁଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ବାହାର ପଟୁ ତାଲା ପକାଇ ଫେରାର ହୋଇଯାଇଥିଲେ। ଘଟଣାର ୭ଦିନ ପରେ ଅର୍ଥାତ ଗତ ଶନିବାର ସେହି ଘରୁ ଦୁର୍ଗନ୍ଧ ବାହାରିବାରୁ ଘର ମାଲିକ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ତଦନ୍ତ କରିଥିଲା।

## ମୋ ଚାଟଶାଳୀ କେନ୍ଦ୍ରରେ ବିଭିନ୍ନ ପ୍ରତିଯୋଗିତା



ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ।

**ଦେଓଗାଁ,୨୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡଖାପଲା ମୋ ଚାଟଶାଳୀ କେନ୍ଦ୍ରରେ ରବିବାର ଲୋକ ଉନ୍ନତି ସଂଗଠନ ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଦେଓଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର, ସମ୍ମାନିତ ଅତିଥି ମହିଳା ଶ୍ରମଜୀବୀ ମଞ୍ଚର ଓଡ଼ିଶା କର୍ମକର୍ତ୍ତା ଆଶିଷ ରାଜହଂସ ଯୋଗଦେଇ ମୋ ଚାଟଶାଳିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଉତ୍ତମ ସୁନା, ଜିତେନ୍ଦ୍ର କୁମ୍ଭାର, ସୁନୀଲ ସୁନା, ରୋଜି ସୁନା ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନେତାଜୀଙ୍କ ଜୟନ୍ତୀରେ ସୁଭାଷ ଚିନ୍ତନ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୨୩।୧**

ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ପରିସରରେ ରବିବାର ପରିଷଦର ୩୧ତମ ପ୍ରତିଷ୍ଠା ଦିବସ, ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ତ୍ରୈମାସିକ ସାମାଜିକ ଓ ସାହିତ୍ୟ ପତ୍ରିକା 'ସୁଭାଷ ଚିନ୍ତନ' ଉନ୍ମୋଚିତ ହୋଇଥିଲା। କୋଭିଡ କଟକଣା ପାଳନ କରି ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସୁଭାଷପ୍ରେମୀ ଯୋଗଦେଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଅବଦାନ ଉପରେ



ନେତାଜୀ ଜୟନ୍ତୀରେ ସୁଭାଷ ଚିନ୍ତନ ପତ୍ରିକା ଉନ୍ମୋଚନ କରାଯାଉଛି।

ବକ୍ତାମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଅଧ୍ୟାପକ ଡ. ଲକ୍ଷ୍ମଣ ମେହେର, ବୀରେନ୍ଦ୍ର ବନଛୋର, ପଦ୍ମଚରଣ ଆଚାର୍ଯ୍ୟ, ରାଜେନ୍ଦ୍ର ଶର୍ମା, ଅନୀଲ ମୋଦୀ, ସୁଧାଂଶୁ ପଟ୍ଟନାୟକ, କବି ରତ୍ନମୟ ତ୍ରିପାଠୀ, ରତନ ମହାରଣା, ରୁଦ୍ରଦେବ ପ୍ରଧାନ. ସଞ୍ଜୟ ଭୋଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ଦୀପ କୁମାର କୁଅଁର, ଜଗନ୍ନାଥ ମହାଣା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ଦାସ, ଗୋବିନ୍ଦ ସାହୁ, ପ୍ରଦୀପ ଭୋଇ, ରଜନୀକାନ୍ତ ମିଶ୍ର, ପ୍ରସନ୍ନ ମିଶ୍ର ଉପସ୍ଥିତ ଥିଲେ। ଶେଷରେ ସୁଭାଷ ଚିନ୍ତନ ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ରଘୁ ନନ୍ଦନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରେନ୍ଦ୍ର ସାଏ, ସୁଭାଷ ବୋଷଙ୍କ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୨୩।୧**

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ରବିବାର ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଉଭୟ ମହାପୁରୁଷଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଡାକ୍ତର ଭୋଇ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସରରେ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ରକ୍ଷାକାରୀ ବିଶି, କେଦାର ମିଶ୍ର, ପ୍ରଦୀପ ଦେବତା, ଦଧିବାମନ ଶତପଥି, ଲୁଲୁ ରବୀନ ଦାସ, ଡଃ ତପସ୍ୱିନୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗରିକ କମିଟି ନୂତନ କର୍ମକର୍ତ୍ତାଙ୍କ ବୈଠକ

**ବଲାଙ୍ଗୀର ଅଫିସ,୨୩।୧**

ବଲାଙ୍ଗୀର ଜେଏସ୍ଏମ୍ କଲେଜଠାରେ ରବିବାର ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତାଙ୍କ ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନେତାଜୀ ସୁଭାଷ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଥିଲା। କମିଟି ସଭାପତି ବେଲାରସିଂ ଭୋଇ ମହାନ ସଂଗ୍ରାମୀଦ୍ୱୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଦସ୍ୟମାନେ ଉଭୟ ସଂଗ୍ରାମୀଙ୍କ ଜୀବନୀ ସ୍ମୃତିଚାରଣ କରିଥିଲେ। ସଭାପତି ଭୋଇଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନୂତନ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ ସମ୍ବନ୍ଧରେ ନୂତନ ସବ୍ କମିଟି ଗଠନ ଏବଂ ନୂତନ ସଭ୍ୟ ଗ୍ରହଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସହସମ୍ପାଦକ ଚକ୍ରପାଣି ଦାଶ, କୋଷାଧ୍ୟକ୍ଷ ତ୍ରିଭୂନଦାସ ଭମର, ସଭ୍ୟ ପଙ୍କଜିନୀ ପଣ୍ଡା, ବୃନ୍ଦାବନ ବରାଳ, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଜୟରାମ ମିଶ୍ର, ପର୍ଶୁରାମ ନାୟକ, ବ୍ରଜରାଜ ପୁରୋହିତ, ବିମଳ କୁମାର ଚୋପଦାର, ଦିବାକର ହୋତା, ଗୋପବନ୍ଧୁ ପୁରୋହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରେନ୍ଦ୍ର ସାଏଙ୍କ ତ୍ୟାଗର ପଟାନ୍ତର ନାହିଁ

**ସୋନପୁର,୨୩।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ନାଟ୍ୟ ଓ ନୃତ୍ୟ ଅନୁଷ୍ଠାନ ନାଟ୍ୟଚକ୍ର ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମନୋଜ କୁମାର ବାରିକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟଶ୍ରୀ ଗଦାଧର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଟାଭାଡି ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୌମ୍ୟକାନ୍ତ ମିଶ୍ର, ପଦ୍ମଲୋଚନ ମହଲା, ରମେଶ ନନ୍ଦ, ପୀତାମ୍ବର ସୁନା ଓ ଉମେଶ କୁମ୍ଭାର ଯୋଗଦାନ କରି ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ସୋନପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ



ସୋନପୁରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ମାଙ୍ଗୁ ସେଠୀଙ୍କ ସମେତ ଜୟଦ୍ରଥ ଜଗଦଳା, ରଶ୍ମିରଞ୍ଜନ ଦାଶ, ରାଜେଶ ସିଂ, ଆନନ୍ଦ ସାହୁ ଓ ରତୁରାଜ ମେହେର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦେଶମାତୃକାର ସୁରକ୍ଷା ପାଇଁ ସୁରେନ୍ଦ୍ର ସାଏଙ୍କ ତ୍ୟାଗର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## ଡିଏଫ୍‌ଓ ଅଫିସ ସିସିଟିଭି କ୍ୟାମେରା ଚୋରି ଘଟଣା, ଜଣେ ଗିରଫ

**ବଲାଙ୍ଗୀର ଅଫିସ,୨୩।୧**

ବଲାଙ୍ଗୀର ଡିଏଫ୍‌ଓ ଅଫିସରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଚୋରି କରିନେଇଥିଲେ। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ବୈଜନ୍ତୀପଡାର ଘୁଣ୍ଟୁ ନାଏକ (୧୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ସିସିଟିଭି କ୍ୟାମେରା ଉଦ୍ଧାର କରାଯାଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା (୬୦୯/୨୧) ରୁଜୁ କରାଯାଇଛି।

## ସମାଜଧର୍ମୀ ସଙ୍ଗୀତ ଲୁହାଶିକୁଳି ଲୋକାର୍ପିତ



ଅତିଥିମାନେ ସାମାଜିକ ସଙ୍ଗୀତ ଲୁହାଶିକୁଳି ଲୋକାର୍ପିତ କରୁଛନ୍ତି।

**ବଲାଙ୍ଗୀର ଅଫିସ,୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ପତିତପାବନ ଏକାଡେମୀ ପରିସରରେ ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ରଚିତ ସମାଜଧର୍ମୀ ସଙ୍ଗୀତ ଲୁହାଶିକୁଳୀ ଓ କମ୍ପାନୀ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ କବି ବୀରକିଶୋର ଦାସଙ୍କ ଭାରତର ଭାଗ୍ୟ ଫେରିବ କି, ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କ ରଚିତ କହ କହ କେଉଁ ଜାତି ପାଇଛି ମୁକତି ଆଦି ସମୁଦାୟ ୪ଟି ସଙ୍ଗୀତ ଲୋକାର୍ପିତ ହୋଇଥିଲା। ଏଥିରେ ଦିଲୀପ କୁମାର ସିଂଦେଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଓମ୍‌ପ୍ରକାଶ ସାହୁ ଓ ଭାଗ୍ୟବତୀ ବାଗ କଣ୍ଠଦାନ କରିଛନ୍ତି। ପ୍ରବୀର ପୁରୋହିତ ସଙ୍ଗୀତ ସଂଯୋଜନା କରିଛନ୍ତି। ବରଗଡର ଷ୍ଟୁଡିଓ ଝଙ୍କାରରେ ଗୀତଗୁଡିକ ରେକର୍ଡିଂ କରାଯାଇଛି। ଲୋକାର୍ପଣ ଉତ୍ସବରେ ଗଣସାଂସ୍କୃତିକ ମଞ୍ଚର ଆବାହକ ସଞ୍ଜୟ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜୀବ ଲୋଚନ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ରସରାଜ ଅଚ୍ୟୁତ ପୁରୋହିତ, ମୁଖ୍ୟବକ୍ତା ସାମାଜିକ କର୍ମୀ ଅଶୋକ ମିଶ୍ର ଯୋଗଦେଇ ସାମାଜିକ ଆନ୍ଦୋଳନରେ ସଙ୍ଗୀତର ଭୂମିକା ଉପରେ କହିଥିଲେ। ସଭାରେ ରାଜେନ୍ଦ୍ର ରଣା, ଅଂଶୁମାନ ସା ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ।

## ସିଜିନାରେ ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ

**ପଦ୍ମପୁର,୨୩।୧(ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁରର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସିଜିନା ତରଫରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଭାସୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ରାଧାମୋହନ ପୂଜାହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ପ୍ରମୋଦ ପାଢୀ ମୁଖ୍ୟଅତିଥି ଓ ଆଦିତ୍ୟ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନରେନ୍ଦ୍ର ପଟେଲ, ଯଶୋବନ୍ତୀ ବାରିକ, ସନ୍ତୋଷ ଅଦାବର, ଭାରତୀ ପଣ୍ଡା, ରାଧାମୋହନ ପୂଜାହାରୀ, ପ୍ରମୋଦିନୀ ପଣ୍ଡା, ସବିତା ହୋତା, ଆହ୍ଲାଦିନୀ ପାଣିଗ୍ରାହୀ ଦାସ, ଭକ୍ତବନ୍ଧୁ ସାହୁ, ଆଶୁତୋଷ ଠାକୁର, ସରୋଜ ଆଚାର୍ଯ୍ୟ, ଆଖଣ୍ଡଳ ଦାଶ, ପ୍ରତିମା ବାରିକ, ନରୋତ୍ତମ ଦାଶ, ଚନ୍ଦନା ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ଭୋଇ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ମହାନ୍ତି ପାଠକୀୟ ଅଭିମତ ରଖିଥିଲେ। କବି ରାଧାମୋହନ ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବି ବେଦବ୍ୟାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ସନ୍ତାନର ମା' ନିର୍ବାଚନ ଲଢୁଥିବା ଅଭିଯୋଗ

**ନୂଆପଡ଼ା ଅଫିସ,୨୩।୧**

ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୩ଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏ ନେଇ ସ୍କ୍ରୁଟିନି ସମୟରେ ପ୍ରାର୍ଥୀମାନଙ୍କ ମଧ୍ୟରେ ଅଭିଯୋଗ ଆଣିଥିଲେ। ହେଲେ ଦାୟୀତ୍ୱରେ ଥିବା ଅଧିକାରୀ ପ୍ରାର୍ଥୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରି ନ ଥିଲେ। ସେ କଥା ବିଡିଓ ବୁଝିବେ ବୋଲି କହିଥିଲେ। ଶେଷରେ ଆଶାୟୀ ପ୍ରାର୍ଥୀନୀ ସ୍ନେହାମୟୀ ଦାସ ରବିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ କୋମନା ବ୍ଲକ ଠିକପାଲି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୩ଜଣ ପ୍ରାର୍ଥୀନୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ସ୍ନେହାମୟୀ ଅବିବାହିତା ହୋଇଥିବା ବେଳେ ପବିତ୍ରା ପାଣିଗ୍ରାହୀଙ୍କ କୌଣସି ପିଲାଛୁଆଁ ନାହିଁ। ଅନ୍ୟ ଜଣେ ପ୍ରାର୍ଥିନୀ



ସନ୍ତୋଷିନୀ ତାଣ୍ଡିଙ୍କ ୩ଟି ଛୁଆ ରହି ନିର୍ବାଚନ ଲଢୁଛନ୍ତି। ଝିଅ ଅନୁପମା ତାଣ୍ଡି, ଦୁଇ ପୁଅ ଦିଶାକ୍ଷ ଓ ରଶ୍ମି ରଞ୍ଜନ। ୩ ଛୁଆ ଥିବା ପ୍ରାର୍ଥୀ ନିର୍ବାଚନ ଲଢିପାରିବ ନାହିଁ ବୋଲି ସରକାରଙ୍କ ନିୟମ ଥିବା ବେଳେ ସେ କେମିତି ନିର୍ବାଚନ ଲଢୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ହେଲେ ଅଭିଯୋଗକୁ ଦାୟିତ୍ୱରେ ଥିବା ଅଧିକାରୀ କର୍ଣ୍ଣପାତ କରି ନ ଥିବାରୁ ରବିବାର କୋମନା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହାର ବିଧିବଧ ତଦନ୍ତ କରିବା ପାଇଁ ଆଶାୟୀ ପ୍ରାର୍ଥୀନୀମାନେ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ଭେଟ୍‌ଘାଟ୍

**ବରଗଡ଼ ଅଫିସ୍,୨୩।୧**

ବରଗଡ଼ ଜିଲା ଭେଡ଼େନ ନିକଟ ଖଗସିପାଲି କଲ୍ୟାଣ ମଣ୍ଡପ ପରିସରରେ ରବିବାର ମନୋହର ସାଂସ୍କୃତିକ ସଂସଦ ପକ୍ଷରୁ ୫୨ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭେଟଘାଟ୍ ଆୟୋଜିତ ହୋଇଥିଲା। ସମାବେଶରେ ଗ୍ରାମଦେବୀ ଗର୍ଜନ ପାଟ୍, ଦେବୀ ସମଲେଇଙ୍କ ଆବାହନ ସହିତ ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ବୋଷଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଙ୍ଗାଲୋର ଜୁହାର ପରିବାରର ଉଦ୍ୟୋକ୍ତା ବିଶ୍ୱଜିତ ପ୍ରଧାନ ମୁଖ୍ୟଅତିଥି, କଥାକାର ନରେନ୍ଦ୍ର ମହାନ୍ତି, ସଙ୍ଗଠକ ଦିଲୀପ କୁମାର ଦେବତା,



ସମ୍ବଲପୁରୀ ଭେଟ୍‌ଘାଟ୍‌ରେ କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

କ୍ରାନ୍ତିକବି ହରିଲାଲ ସାହୁ, ରାମପ୍ରସାଦ ବାଗ, ବିକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ଡଃ ସତ୍ୟନାରାୟଣ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସମ୍ବଲପୁରୀ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। କଥାକାର ତେଜରୁ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ନାରାୟଣ ଭୋଇଙ୍କ ସଂଯୋଜନାରେ କବି ସମ୍ମିଳନୀରେ ଉମେଶ ପ୍ରଧାନ, ସୁବାଷ ଚନ୍ଦ୍ର ଭୁଏ, ଆଶିଷ ସାହୁ, ସୁରେନ୍ଦ୍ର ଚନ୍ଦ୍ର ଭୋଇ, ଗୁଣନିଧି ଭୋଇ, ଲକ୍ଷ୍ମଣ ମଲ୍ଲିକ, ଯଦୁମଣି ପଟେଲ, ବିନୋଦ ବୈକାର, ଗୋପାଳ ଭେସ୍ରା, ଆଦିତ୍ୟ ସାହୁ ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ବିନୋଦ ବୈକାର ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୪ ଜାନୁୟାରୀ, ୨୦୨୨



## ଭୋଟର ତାଲିକାରେ ନାହିଁ ୩୦ପରିବାରର ନାମ

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତର ସଦର ଗାଁରେ ୯୦ ଭୋଟର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମତଦାନରୁ ବଞ୍ଚିତ ହେବେ। ଭୋଟର ତାଲିକାରେ ନାମ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ନଅଗାଁ(ଖ) ଗାଁର ୮ ନଂ ୱାର୍ଡ ରାମ୍‌ଜୀ ମନ୍ଦିର ଗଳିରେ ରହୁଥିବା ୩୦ ପରିବାରର ପ୍ରାୟ ୯୦ ଭୋଟରଙ୍କ ନାମ ତାଲିକାରେ ନାହିଁ। ତାଲିକା ସଂଶୋଧନ ପାଇଁ ବ୍ଲକ ଜିପିଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଅସହାୟ ପ୍ରକାଶ କରିଥିବା ଶିଶୁପାଳ ସାହୁ, ମକରଧ୍ୱଜ ସାହୁ, ଶ୍ରୀକାନ୍ତ ବାରିକ, ଶଙ୍କର ସାହୁ ଓ ଶିବ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ନାମାଙ୍କନପତ୍ର କାଏମ ରଖିବାକୁ ନେଇ ଅସନ୍ତୋଷ

**ଟିଟିଲାଗଡ଼,୨୩।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଖୋଲାନ ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ୭ଜଣ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ସମୟରେ ଦୁଇଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରରେ ଦେଇଥିବା ସତ୍ୟପାଠରେ ତ୍ରୁଟି ରହିଥିବା ଅଭିଯୋଗ କରିଥିଲେ ଅନ୍ୟ ପ୍ରାର୍ଥୀମାନେ। ତେଣୁ ସେମାନଙ୍କ ନାମାଙ୍କନ ପତ୍ରକୁ ନାକଚ କରିବାକୁ ଦାବି କରିଥିଲେ। ପଞ୍ଚାୟତ ଅଫିସ ପରିସରରେ ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ହସ୍ତକ୍ଷେପ କରିଥିଲା। ଖବର ପାଇ ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଟିଟିଲାଗଡ଼ ଥାନା ଅଧିକାରୀ ରଞ୍ଜନ ବରିହା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ନିର୍ବାଚନ ଅଧିକାରୀ ସୁରେନ୍ଦ୍ର ମିଶ୍ର ବିଡିଓଙ୍କ ଉପସ୍ଥିତିରେ ଅଭିଯୋଗ ଆସିଥିବା ଉକ୍ତ ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରକୁ କାଏମ ରଖିଛନ୍ତି। ନିର୍ବାଚନ ଅଧିକାରୀଙ୍କ ଏହି ନିଷ୍ପତ୍ତି ପରେ ସରପଞ୍ଚ ପ୍ରାର୍ଥୀ ନରେଶ ଅଗ୍ରୱାଲ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

### ବୌଦ୍ଧ ଜିଲା: ୪୦ ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

**ବୌଦ୍ଧ,୨୩।୧(ସ୍ୱ.ପ୍ର):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୌଦ୍ଧ ଜିଲାରେ ଶନିବାର ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଜିଲାର ୩ ବ୍ଲକରେ ଥିବା ୯ ଜିଲାପରିଷଦ ଜୋନ, ୬୯ ପଞ୍ଚାୟତ ପାଇଁ ସରପଞ୍ଚ ଓ ସମିତି ସଭ୍ୟ ଏବଂ ୯୫୫ ୱାର୍ଡସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ୬୯ ପଞ୍ଚାୟତ ପାଇଁ ୧୫୧୧ ୱାର୍ଡସଭ୍ୟ ପାର୍ଥୀ ପାଇଁ ନାମାଙ୍କନ ଦାଖଲ କରିଥିବା ବେଳେ ୩୩ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ସରପଞ୍ଚ ପଦବୀ ପାଇଁ ୩୪୪ ଜଣ ନାମାଙ୍କନ କରିଥିବା ବେଳେ ୭ ଜଣଙ୍କ ନାକଚ ହୋଇଛି। ସମିତି ସଭ୍ୟ ପାଇଁ ୩୩୬ ନାମାଙ୍କନ କରିଥିବା ବେଳେ ୧୪ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ଜିଲାର ୯ ଜିଲା ପରିଷଦ ଆସନ ପାଇଁ ୪୧ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଯାଞ୍ଚରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ସମୟରେ ନାକଚ ହୋଇଥିବା ବେଳେ ୪୦ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଜିଲା ପରିଷଦ ପାଇଁ ତିନି ପମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସମସ୍ତ ୯ ଜୋନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସିପିଆଇ ୫ ନଂ ଜୋନରେ ସୌଦାମିନି ବଳିଆରଏବଂ ୯ ନଂ ଜୋନ ପାଇଁ ରଞ୍ଜନ ଦଲେଇଙ୍କୁ ମଦାନକୁ ଓହ୍ଲାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ଥିବା ବେଳେ ଆଉ କେତେ ଜଣ ପ୍ରତିଦ୍ୱନ୍ଦ୍ୱିତାରୁ ଓହରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

### ୪ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଟିଟିଲାଗଡ ବ୍ଲକ**

- ଜଗୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ବି ନିର୍ଦ୍ୱନ୍ଦ୍ୱ

**ଟିଟିଲାଗଡ,୨୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକରେ ଥିବା ୨୪ ଗ୍ରାମ ପଞ୍ଚାୟତରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ଏବେ ନିର୍ବାଚନ ମୈଦାନରେ ୪୨୦ ୱାର୍ଡସଭ୍ୟ, ୧୨୦ ସରପଞ୍ଚ, ୬୮ଜଣ ସମିତି ସଭ୍ୟ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ୪ ପଞ୍ଚାୟତରେ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ମନିଗାଁ ପଞ୍ଚାୟତରୁ ସଂଯୁକ୍ତା ନାୟକ, ଘୋଡାର ପଞ୍ଚାୟତରୁ ଲତା ମାଝି, ବିଜେପୁର ପଞ୍ଚାୟତରୁ ରୀତା ମଲ୍ଲିକ, ସୁରଡ଼ା ପଞ୍ଚାୟତର କମଳେଶ ସୁନା ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଜଗୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ମୀନା ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଟିଟିଲାଗଡ଼ ବ୍ଲକ ନିର୍ବାଚନ ଅଧିକାରୀ ନବୀନ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ସେହିପରି ପ୍ରାର୍ଥିପତ୍ର ଯାଞ୍ଚ ପରେ ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୧୩ ଜିଲା ପରିଷଦ ଆସନ ପାଇଁ ୪୫ ଜଣ ପ୍ରାର୍ଥୀ ରହିଲେ। ନାମାଙ୍କନ ପତ୍ର ଦାଖଲ କରିଥିବା ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ଅନ୍ୟ ଦଳର ଛଅଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପର୍ଯ୍ୟବେକ୍ଷକ ବିଶ୍ୱନାଥ ସାହୁ, ଟିଟିଲାଗଡ଼ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ନାମାଙ୍କନ ପତ୍ର ଯାଞ୍ଚ ପରେ ଏହି ସୂଚନା ଦେଇଛନ୍ତି।

# ରାସ୍ତା ନାହିଁ, ଭୋଟ ବର୍ଜନ କରିବେ ଗ୍ରାମବାସୀ

**ଦେଓଗାଁ,୨୩।୧(ଡି.ଏନ୍.ଏ.)**



ଭୋଟ ବର୍ଜନ ନିଷ୍ପତ୍ତିରେ ମହିଳା ଗୋଷ୍ଠୀ ପ୍ଲାକାର୍ଡ ଧରି ବାହାରିଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ମୁଖ୍ୟାଳୟକୁ ବହଲି ଗାଁରୁ ସ୍ଥାୟୀ ରାସ୍ତା ନାହିଁ। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦ କରିଛନ୍ତି ବହଲି ଗ୍ରାମବାସୀ। ଚଳିତ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ରବିବାର ଗାଁରେ ମହିଳା ଗୋଷ୍ଠୀ ପ୍ଲାକାର୍ଡ ଧରି ପଞ୍ଚାୟତକୁ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ନାରା ଦେଇଛନ୍ତି।

ତିନିୱାର୍ଡ ବିଶିଷ୍ଟ ଏହି ଗାଁକୁ ୨୬ନଂ ଜାତୀୟ ରାଜପଥରୁ ପକ୍କାରାସ୍ତା ରହିଛି। ହେଲେ ବହଲି ଗାଁରୁ କୁତୁର୍ଲା ପଞ୍ଚାୟତ ମୁଖ୍ୟାଳୟକୁ ରାସ୍ତା ନାହିଁ। ଜମିହିଡ଼ ଦେଇ ଗ୍ରାମବାସୀ ଦୀର୍ଘବର୍ଷ ହେଲା ଯା'ଆସ କରୁଛନ୍ତି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ସୁଦ୍ଧା ପଞ୍ଚାୟତ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଉକ୍ତ ଗାଁର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କୁତୁର୍ଲା ହାଇସ୍କୁଲ ଓ କଲେଜକୁ ଯିବାଲାଗି ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହାସହ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ ସମୟରେ ଗାଁ ଲୋକ ଏହି ରାସ୍ତା ଦେଇ ପିଡିଏସ୍, ଭତ୍ତା ଆଣିବା ପାଇଁ ଯାଇଥାନ୍ତି। ଏଣୁ ବହଲି ପାଇଁ ଏହି ରାସ୍ତା ନିତାନ୍ତ ଜରୁରୀ। ଏହି ପରିସ୍ଥିତିରେ ରାସ୍ତାର ଉନ୍ନତୀକରଣ ନ ହେବା ପର୍ଯ୍ୟନ୍ତ ଭୋଟ ବର୍ଜନ କରିବା ପାଇଁ ଗାଁର ପ୍ରତାପ ଚନ୍ଦ୍ର ଭୋଇ, ସବିତା ପୋଡ଼, ରୀନା ପୋଡ଼, ସସ୍ମିତା ବାଗ, ରଶ୍ମିରାଣୀ ନାଏକ, ସୁକାନ୍ତି ପୋଡ଼ ଓ ଗ୍ରାମବାସୀ ଏବେ ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ଉପରଝର ପଞ୍ଚାୟତ କୁହିମୁଣ୍ଡା ଗାଁକୁ ମଧ୍ୟ ସ୍ଥାୟୀ ରାସ୍ତା ଦାବି ନେଇ ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟ୍ ବର୍ଜନ ସହ ଗାଁରେ କୌଣସି ନେତା ଓ ପ୍ରାର୍ଥୀଙ୍କୁ ପୂରାଇ ନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ୨ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଅପହରଣ ଅଭିଯୋଗ

**ସଇଁତଲା,୨୩।୧ (ଡି.ଏନ.ଏ.)**

**ଖବରଦାତା ସମ୍ମିଳନୀରେ ବର୍ଷିଲା ବ୍ଲକ ଆଦିବାସୀ ସଂଘ**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ଦୁଇଜଣ ଆଶାୟୀ ଆଦିବାସୀ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଅପହରଣ କରାଯାଇଛି। ଏଭଳି ଅଭିଯୋଗ ଆଣିଛି ବ୍ଲକ ଆଦିବାସୀ ସଂଘ। ଶାସକ ଦଳ ଏହି ଅପହରଣ ପଛରେ ରହିଛି ବୋଲି ରବିବାର ସନ୍ଧ୍ୟାରେ ଆଦିବାସୀ ସଂଘ ସଭାପତି ସନ୍ତୋଷ ପୁଟା ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅପହୃତ ଦୁଇ ଆଦିବାସୀ ଆମ୍ବପାଲି ପଞ୍ଚାୟତର। ଚଳିତବର୍ଷ ଏହି ପଞ୍ଚାୟତର ସମିତି ସଭ୍ୟ ପଦ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଅଛି। ଏହି ପଦବୀ ପାଇଁ କୁଶମାଲ ଗ୍ରାମର ମୃଗ ଭୋଇ ଏବଂ ଭେରୁଆଁଭଟାର ବିଭୀଷଣ ମାଝି ନାମାଙ୍କନ କରିଥିଲେ। ଉଭୟ ପ୍ରାର୍ଥୀଙ୍କ ଶନିବାରଠାରୁ କୌଣସି ଖୋଜ୍ ଖବର ମିଳୁନାହିଁ। ସୋମବାର ସୁଦ୍ଧା ଉଭୟ ପ୍ରାର୍ଥୀ ଘରକୁ ନ ଫେରିଲେ ଟିଟିଲାଗଡ଼ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ବାସଭବନକୁ ଆଦିବାସୀମାନେ ଘେରାଉ କରିବେ। ଏହା ସହ ଦୁଇ ପ୍ରାର୍ଥୀଙ୍କ ପରିବାର ତରଫରୁ ପୋଲିସରେ ଲିଖିତ ଅଭିଯୋଗ କରାଯିବ ବୋଲି ସଭାପତି ପୁଟା କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ଉପଦେଷ୍ଟା ପ୍ରେମାନନ୍ଦ ଭୋଇ, ବ୍ଲକ ସଂଯୋଜିକା ପ୍ରମିଳା ଭୋଇ, ନାରୀନେତ୍ରୀ ପଦ୍ମିନୀ ମାଝି, ରୁନୁ ଭୋଇ, ପ୍ରମିଳା ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ମନ୍ତ୍ରୀ ସାହୁଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଏହା ନିର୍ବାଚନୀ ଚାଲ୍ ବୋଲି କହିଛନ୍ତି।

# ୧୨୫ଜଣଙ୍କ ପ୍ରାର୍ଥିପତ୍ର କାଏମ, ୩ ନାକଚ

**ବଲାଙ୍ଗୀର ଅଫିସ,୨୩।୧**

**ପ୍ରକାଶ ପାଇଲା ଜିଲା ପରିଷଦ ସଦସ୍ୟ ପ୍ରାର୍ଥୀ ତାଲିକା**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶନିବାର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ କରାଯାଇ ପରେ ରବିବାର ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଜିଲାର ୩୪ ଜିଲା ପରିଷଦ ଜୋନ୍ ପାଇଁ ୧୨୮ ଜଣ ପ୍ରାଥି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ୧୨୫ ଜଣ ଯୋଗ୍ୟ ବିବେଚିତ ହୋଇଥିବାବେଳେ ୩ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଯାଇଛି। ନାକଚ୍ ହୋଇଥିବା ୩ ଜଣ ଜିଲା ପରିଷଦ ପ୍ରାର୍ଥୀ ହେଲେ ୧୩ ନମ୍ବର ଜିଲା ପରିଷଦ ଜୋନ୍ ଦେଓଗାଁ-୨ ଆସନର ଭାଜପା ପ୍ରାର୍ଥୀ ଜୟକୁମାରୀ ସେଠ୍, ୫ ନମ୍ବର ଜୋନ୍ ଗୁଡଭେଲା-୧ ଆସନର ନିର୍ଦ୍ଦଳୀୟ ପ୍ରାର୍ଥୀ ଫକୀର ଭୋଇ ଓ ୧୮ ନମ୍ବର ଜିଲା ପରିଷଦ ଜୋନ୍ ପୁଇଁତଲା-୨ ଆସନର ନିର୍ଦ୍ଦଳୀୟ ପ୍ରାର୍ଥୀ ଦଶମୁ ସୁନା। ଉପରୋକ୍ତ ତିନିଜଣ ପ୍ରାର୍ଥୀଙ୍କ ନାମ ଭୋଟର ତାଲିକାରେ ନଥିବାରୁ ସେମାନଙ୍କ ପ୍ରାର୍ଥୀପତ୍ରକୁ ନାକଚ୍ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାର ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଯାଇଥିବାରୁ ଏବେ ୩୪ ବିଶିଷ୍ଟ ଜିଲା ପରିଷଦ ଆସନରୁ ୩୩ଟି ଆସନରେ ଭାଜପା ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କାଏମ ରହିଛି। ଭୋଟର ତାଲିକାରେ ନାମ ନଥିବା ସତ୍ତ୍ୱେ ଜୟକୁମାରୀ ସେଠ୍‌ଙ୍କୁ କିଭଳି ଦଳୀୟ ପ୍ରାର୍ଥୀ କରାଗଲା ବୋଲି ଭାଜପା ନେତା ଓ କର୍ମୀ ମହଲରେ ପ୍ରଶ୍ନ ଉଠିଛି। ଏସମ୍ପର୍କରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କୁ ପଚରାଯିବାରୁ ଜୟକୁମାରୀ ସେଠ୍‌ଙ୍କ ନାମ ଦେଓଗାଁ ବ୍ଲକ ଉପରଝରଠାରେ ଥିବା ଜଣାଇଥିଲେ। ତେବେ ଦୁଷରା ଏନ୍‌ଏସି ଅଞ୍ଚଳ ଭୋଟର ତାଲିକାରେ ତାଙ୍କ ନାମ ରହିଥିବାରୁ ତାଙ୍କ ପ୍ରାର୍ଥୀପତ୍ର ନାକଚ୍ ହୋଇଯାଇଛି ବୋଲି ସେ କହିଛନ୍ତି। ୧୩ ନମ୍ବର ଜିଲା ପରିଷଦ ଜୋନ୍‌ରେ ଏବେ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଯିବା ଫଳରେ ଏଠାରେ ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀ ମୁହାଁମୁହିଁ ହେବେ ବୋଲି ଆକଳନ ଆରମ୍ଭ ହୋଇଯାଇଛି। ଅନ୍ୟ ଦୁଇ ନିର୍ଦ୍ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ପଞ୍ଚାୟତ ଭୋଟର ତାଲିକାରେ ନଥିବାରୁ ଉଭୟଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଛି। ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ଓ ନିର୍ବାଚନୀ ପ୍ରଚାର ଜୋରଦାର ହେବ।

## ବରଗଡ଼ ଜିଲା: ୭୦୪୫ ନାମାଙ୍କନ କାଏମ

**ବରଗଡ଼ ଅଫିସ,୨୩।୧**

ବରଗଡ଼ ଜିଲାରେ ୩୪ ଜିଲା ପରିଷଦ ସଭ୍ୟ, ୨୫୩ ସରପଞ୍ଚ, ୨୫୩ ସମିତିସଭ୍ୟ ଏବଂ ୩୩୭୧ ୱାର୍ଡ଼ସଭ୍ୟ ଆସନ ପାଇଁ ନିର୍ବାଚନୀ ପ୍ରକ୍ରିୟା ଚାଲିଛି। ୱାର୍ଡ଼ସଭ୍ୟ ଆସନ ପାଇଁ ସର୍ବାଧିକ ୪୮୮୪ ନାମାଙ୍କନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୮୭ଟି ନାକଚ ହେବା ପରେ ୪୬୯୭ଟି ନାମାଙ୍କନ କାଏମ ରହିଛି। ସେହିପରି ସରପଞ୍ଚ ଆସନ ପାଇଁ ୧୩୬୩ ନାମାଙ୍କନ ଦାଖଲ ହୋଇଥିବାବେଳେ ୪୫ଟି ନାକଚ ହୋଇଛି ଏବଂ ଅବଶିଷ୍ଟ ୧୩୧୮ ନାମାଙ୍କନ କାଏମ ରହିଛି। ସମିତିସଭ୍ୟ ଆସନ ପାଇଁ ୯୩୧ ନାମାଙ୍କନ ପଡ଼ିଥିଲା। ସେଥିରୁ ୨୨ଟି ନାକଚ ହୋଇଛି ଏବଂ ୯୦୯ ନାମାଙ୍କନ କାଏମ ରହିଛି। ଜିଲା ପରିଷଦ ଆସନରେ ପଡ଼ିଥିବା ୧୨୩ ନାମାଙ୍କନ ମଧ୍ୟରୁ ୨ଟି ନାକଚ ହୋଇଛି ଏବଂ ଅବଶିଷ୍ଟ ୧୨୧ ନାମାଙ୍କନ କାଏମ ରହିଛି।

ନାମାଙ୍କନପତ୍ର ଯାଞ୍ଚ ସରିବା ପରେ ୱାର୍ଡ଼ସଭ୍ୟଠାରୁ ଆରମ୍ଭ କରି ଜିଲା ପରିଷଦ ପ୍ରାର୍ଥୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନ ଜିତିବା ପାଇଁ ଯୋଜନା ଆରମ୍ଭ କରି ଦେଇଛନ୍ତି। ରାଜନୈତିକ ଦଳ ଗୁଡ଼ିକ ଜିଲା ପରିଷଦ ଏବଂ ପଞ୍ଚାୟତ ସମିତିକୁ ନିଜ କବ୍‌ଜାକୁ ନେବା ପାଇଁ ମୁଖ୍ୟତଃ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତ ତଥା ସରପଞ୍ଚଙ୍କ ଭୂମିକା ରହିଥିବାରୁ ଏହି ପଦବୀରେ ମଧ୍ୟ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ରାଜନୈତିକ ଦଳଗୁଡ଼ିକ ଅଙ୍କକଷା ଆରମ୍ଭ କରି ଦେଇଛନ୍ତି। ଏହି କ୍ରମରେ ଅଧିକ ପ୍ରାର୍ଥୀ ଥିବା ଆସନ ଗୁଡ଼ିକ ଉପରେ ସବୁଦଳ ନଜର ରଖିଛନ୍ତି। ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇ ଯୋଜନା ଚାଲିଥିବା ଦେଖାଯାଇଛି। ଅପରପକ୍ଷେ ବିଦ୍ରୋହୀଙ୍କ ଭୋଟ୍ କମାଇବା ପାଇଁ କିଛି ଦଳ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଥିବା ଚର୍ଚ୍ଚା ହେଉଛି ଏବଂ ଏହାକୁ ନେଇ ଏବେଠାରୁ ଗାଁ ଗହଳିରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି।

# ଆଦିବାସୀ ସଂଘର ନିୟମ ଖିଲାପକାରୀଙ୍କୁ ବହିଷ୍କାର


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଦିବାସୀ ବୃନ୍ଦ।

**ନୂଆପଡ଼ା ଅଫିସ,୨୩।୧**

ସଂଘ ନିୟମକୁ ଖିଲାପ କରି ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝି ୮ ନମ୍ବର ଜୋନରେ ବିଜେଡି ପକ୍ଷରୁ ଜିଲା ପରିଷଦ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହାକୁ ନୂଆପଡା ଆଦିବାସୀ କଲ୍ୟାଣ ସଂଘ ବିରୋଧ କରିରାଜ୍ୟ ଆଦିବାସୀ ମହାସଂଘଙ୍କ ନିର୍ଦ୍ଦେଶକ୍ରମେ ସଭାପତି ପଦରୁ ମାଝିଙ୍କୁ ବହିଷ୍କାର କରାଯାଇଛି ବୋଲି ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ଗଣ୍ଡୱାନ ମହାସଂଘ ଅଧ୍ୟକ୍ଷ ଖାମସିଂ ମାଝିଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ନିର୍ବାଚନ ଶେଷ ପରେ ନୂତନ ଭାବେ ସଂଘ ଗଠନ କରାଯିବ ବୋଲି ସମ୍ମିଳନୀରେ ଭାମସିଂ ମାଝି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଆଦିବାସୀମାନଙ୍କ ପ୍ରତି ବୈମାତୃକ ମନୋଭାବ କରି ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି। ସରକାର ଆଦିବାସୀମାନଙ୍କ ପ୍ରତି ଯେଉଁ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ତାହାର ଜବାବ ଭୋଟ ମାଧ୍ୟମରେ ଦିଆଯିବ ବୋଲି କୁହାଯାଇଛି। ସଂଘ ନିୟମକୁ ଯେଉଁମାନେ ଖିଲାଫ କରିଛନ୍ତି, ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସଂଘରୁ ବହିଷ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମାଜରୁ ବାସନ୍ଦ କରାଯିବ କି ନାହିଁ ତାହା ନିର୍ବାଚନ ସରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର, ଲଭିତ ଶବର, ଜୟରାମ ଶବର, ଖଡିଆଳ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକ, ନୂଆପଡା ସଭାପତି ଭକ୍ତ ବନ୍ଧୁ ଧରୁଆ, ଫୁଲେଶ୍ୱର ଭୋଇ, ଦୁର୍ଯ୍ୟୋଧନ ଶବର, ଗୋବର୍ଦ୍ଧନ ମାଝି, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଁ ଦଳରେ ଥାଇ ମଧ୍ୟ ସରକାରଙ୍କ ସହ ଲଢେଇ କରି ଆଦିବାସୀଙ୍କୁ ନ୍ୟାୟ ଦେବି ବୋଲି ନାମାଙ୍କନପତ୍ର ଦାଖଲ ସମୟରେ ଭାନୁପ୍ରତାପ ସିଂ ମାଝି କହିଥିଲେ। ସଂଘ ପକ୍ଷରୁ ରବିବାର ପରିଷ୍କାର କରିବା ପରେ ତାଙ୍କୁ ଏ ସମ୍ପର୍କରେ ପଚାରିବା ଲାଗି ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରୁ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କାଏମ ରହିଲା ୫୨୩ ପ୍ରାର୍ଥିପତ୍ର


ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଯାଞ୍ଚ ହେଉଛି।

**ଅମରପାଲି,୨୩।୧(ଡି.ଏନ୍.ଏ.)**

**ବୀରମହାରାଜପୁର ବ୍ଲକ**

- ୩ ସମିତି ସଭ୍ୟ, ୧୩ ସରପଞ୍ଚ,୧୧ ୱାର୍ଡସଭ୍ୟଙ୍କ ପ୍ରାର୍ଥିପତ୍ର କାଟ୍ ଖାଇଲା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ୫୨୩ ଜଣ ରହିଲେ। ବିଭିନ୍ନ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନାମାଙ୍କନ କରିଥିବା ୫୫୦ ପ୍ରାର୍ଥିପତ୍ର ମଧ୍ୟରୁ ୨୭ ଜଣଙ୍କର ଖାରଜ ହୋଇଯାଇଛି। ସେମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତରୁ ୧୩ ସରପଞ୍ଚ, ୩ ସମିତି ସଭ୍ୟ ଓ ୧୧ ୱାର୍ଡସଭ୍ୟ ରହିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବ୍ଲକର ସୁବଳୟା, ମୁର୍ଷୁଣ୍ଡି ଓ ସଂଗ୍ରାମପୁର ପଞ୍ଚାୟତରେ ସମିତି ସଭ୍ୟ ପାଇଁ ଗୋଟିଏ ଲେଖାଏ ପ୍ରାର୍ଥିପତ୍ର ଖାରଜ ହୋଇଛି। ସେହିପରି ସରପଞ୍ଚ ପଦ ପାଇଁ ଦାଖଲ ହୋଇଥିବା ପ୍ରାର୍ଥିପତ୍ର ମଧ୍ୟରୁ ଦୁର୍ଜନତୈଲାରେ ୨, କମିରାରେ ୫, ଖଣ୍ଡହତା, ଜଟେସିଙ୍ଘା, ଉଫୁଲା ଓ ମୁର୍ଷୁଣ୍ଡିରେ ଗୋଟିଏ ଲେଖାଏ, ସଂଗ୍ରାମପୁରରେ ଦୁଇଟି ପ୍ରାର୍ଥିପତ୍ର ଖାରଜ ହୋଇଛି। କାଏମ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପରେ ବୀରମହାରାଜପୁର ବ୍ଲକରେ ଏବେ ନିର୍ବାଚନୀ ମାହୋଲ ସରଗରମ ହୋଇଛି।

# ସୁପ୍ରିମକୋର୍ଟରେ ଅପିଲ ପାଇଁ ଚାନ୍ଦା ସଂଗ୍ରହ

**ଲୋଇସିଂହା,୨୩।୧(ଡି.ଏନ.ଏ)**

**ଆଦିବାସୀଙ୍କ ଆସନ ସଂରକ୍ଷଣ ମାମଲା**

ବଲାଙ୍ଗୀର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାମ୍ବିଧାନିକ ବ୍ୟବସ୍ଥା ଓ ପଞ୍ଚାୟତ ଆଇନ ଅନୁସାରେ ଅନୁସୂଚିତ ଜନଜାତି(ଏସ୍‌ଟି)ଙ୍କ ପାଇଁ ଆସନ ସଂରକ୍ଷଣ କରାଯାଇନାହିଁ। ଆଦିବାସୀ ସଂଘ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସୁଫଳ ପାଇପାରିନାହିଁ। ଏହାକୁ ନେଇ ଲୋଇସିଂହା ବ୍ଲକ ଆଦିବାସୀ ସଂଘ କାର୍ଯ୍ୟକାରୀ ସଭାପତି ଦଶରଥ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନକୁ ଚ୍ୟାଲେଞ୍ଜ କରି ଆଦିବାସୀ ସଂଘ ଆଦିବାସୀମାନଙ୍କ ସଂରକ୍ଷଣ ସୁରକ୍ଷିତ ରଖାଯିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସର୍ବସମ୍ମତିକ୍ରମେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ଘର ପିଛା ୫୦ ଟଙ୍କା ଓ ଚାକିରି କରୁଥିବା ବ୍ୟକ୍ତି ୫ ଶହ ଟଙ୍କା ଚାନ୍ଦା ଦେବାକୁ ବୈଠକରେ ସ୍ଥିରୀକୃତ ହୋଇଛି। ଏହା ବ୍ୟତୀତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଅଣସଂରକ୍ଷିତ ସ୍ଥାନରେ ବିଭିନ୍ନ ପଦବୀ ଲାଗି ନାମାଙ୍କନ ଭରିଥିବା ଆଦିବାସୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆବଶ୍ୟକ ସ୍ଥଳେ ନିର୍ବାଚନକୁ ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଆର୍ଥିକ କ୍ଷମତାପ୍ରାପ୍ତ ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷ ପଦରୁ ଆଦିବାସୀଙ୍କୁ ବାଦ୍ ଦିଆଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି।

# ଏଥର ପଡ଼ିଆ ହେବ ୧୬ ପଞ୍ଚାୟତର ଚାଷ ଜମି

**ଜୁନାଗଡ,୨୩।୧(ଡି.ଏନ.ଏ.)**


ଆଟିଗାଁକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ମୁଖ୍ୟ କେନାଲ ଶୁଖିଲା ପଡ଼ିଛି।

**ଶାସକ ଦଳ ପାଇଁ ବୁମେରାଂ ସାଜିପାରେ କେନାଲ ପାଣି**

ଚଳିତ ରବି(ଡାଲୁଅ) ଚାଷ ପାଇଁ ଗତ ୭ ତାରିଖଠାରୁ ଇନ୍ଦ୍ରାବତୀ କୁସୁମଖୁଣ୍ଟି ବାମ କେନାଲରେ ଜଳସେଚନ ଆରମ୍ଭ ହୋଇଛି। ସେହିପରି ଚଳିତବର୍ଷ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ପାଣି ଅଭାବରୁ କେବଳ ବାମ କେନାଲରେ ୪୧ କି.ମି. ପୋଡବେଡା ଗେଟ୍ ପର୍ଯ୍ୟନ୍ତ ଜଳଯୋଗାଣ ହେଉଥିବା ଜଣାପଡିଛି। ଏଥିରେ କଳାହାଣ୍ଡି ଜିଲାର ଜୟପାଟଣା, କଲମପୁର, କୋକସରା ଓ ଧର୍ମଗଡ ବ୍ଲକର ଚାଷ ଜମିଗୁଡିକ ରହିଛି। ତେବେ ତଳମୁଣ୍ଡରେ ଥିବା ଜୁନାଗଡ ବ୍ଲକକୁ ଏଥର ଜଳସେଚନରୁ ବାଦ୍ ଦିଆଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାତରଅନ୍ତର ତଥା ସ୍ଥାନୀୟ ନେତାଙ୍କ ଇଚ୍ଛା ଶକ୍ତିର ଅଭାବରୁ ଜୁନାଗଡ ବ୍ଲକର ହାବସପୁର ଓ ଆଟିଗାଁ ୨ଟି ଜୋନ୍‌କୁ ସଂଯୋଗ କରୁଥିବା ବାମ କେନାଲରେ ଏଥର ଜଳ ଯୋଗାଣ ହେଉନାହିଁ। ଫଳରେ ଏହି ୨ଟି ଜୋନ୍‌ର ୧୭ଟି ପଞ୍ଚାୟତର ଚାଷ ଜମି ଚଳିତ ରବି (ଡାଲୁଅ) ଚାଷ ସମୟରେ ପଡିଆ ହେବ ବୋଲି ଏକ ପ୍ରକାର ନିଶ୍ଚିତ ହୋଇଛି। ବର୍ତ୍ତମାନ ଏହି ପଞ୍ଚାୟତରେ ଅଧିକାଂଶ ଚାଷୀ ଖରିଫ୍ ଧାନ ବିକ୍ରି କରି ନ ପାରି ମଣ୍ଡିରେ ପଡିରହିଛନ୍ତି। ଏପରିସ୍ଥଳେ ରବିରେ କେନାଲ ପାଣି ଆସୁ ନ ଥିବା ଶୁଣି ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। କାରଣ ଖରିଫ ସମୟର ଚାଷକୁ ସ୍ଥାନୀୟ ନିଜ ପରିବାର ପ୍ରତିପୋଷଣ ପାଇଁ ବ୍ୟବହାର କରୁଥିବାବେଳେ ରବି ସମୟର ଚାଷକୁ ଅନ୍ୟାନ କାମ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଲଗାଇଥାନ୍ତି। ରବି ଚାଷ ପାଇଁ କେନାଲ ପାଣି ଆସୁ ନ ଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଯାହାକି ଆଗକୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡିପାରେ ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି କେନାଲ ପାଣି ପାଇଁ ରାଜ୍ୟ ଶାସକ ଦଳ ଓ କେନ୍ଦ୍ର ଶାସକ ଦଳ ପାଇଁ ବୁମେରାଂ ସାଜିପାରେ ବୋଲି ଜଣାପଡିଛି। ସେହିପରି ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଦଳ ପାଇଁ ମଧ୍ୟ ଫରକ ପଡିବାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।